


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.129, Friday, 28 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୯, ଶୁକ୍ରବାର, ୨୮ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol.13, Issue.129, Friday, 28 August 2026, Puri, Pages - 22, Rs. 9/-

■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୯, ଶୁକ୍ରବାର, ୨୮ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol.13, Issue.129, Friday, 28 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୯, ଶୁକ୍ରବାର, ୨୮ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


## ଆଜି ମିଳିବ ସୁଭଦ୍ରାର ୫ମ କିସ୍ତି

- କୋଟିଏରୁ ଅଧିକ ମହିଳା ପାଇବେ ଟଙ୍କା
- ୫,୧୬୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ଖାତାକୁ ଯିବ
- ନୟାଗଡ଼ ସମାବେଶରୁ ପଠାଇବେ ସିଏମ୍



ଭୁବନେଶ୍ୱର(ବ୍ୟୁରୋ)

ଆସନ୍ତା ୨୮ ଅଗଷ୍ଟ ଶୁକ୍ରବାର ୨୦୨୬ ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବ । ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ଏ ନେଇ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଏବଂ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ । ବୈଠକରେ ୫ମ କିସ୍ତିର ଡିବିଟି ପ୍ରଦାନ, ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ । ୫ମ କିସ୍ତି ପ୍ରଦାନ ପାଇଁ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି । ରାଖୀ ପୂର୍ଣ୍ଣିମା ଅବସରରେ ଏହି ହିତାଧିକାରୀମାନଙ୍କୁ ୫ମ କିସ୍ତି ବାବଦରେ ୫,୧୬୦କୋଟିରୁ ଅଧିକ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ୫ମ କିସ୍ତିର ସୂଚାରୁ ଓ ନିର୍ବିଘ୍ନ ବଣ୍ଟନ ପାଇଁ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିବିଟି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଏବଂ ହିତାଧିକାରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### ନେପାଳ ଜଳପ୍ରଳୟ : ବଢୁଛି ମୃତ୍ୟୁସଂଖ୍ୟା

# କାଦୁଅ ପଙ୍କରୁ ଖୋଜାଚାଲିଛି ଜୀବନ

- ଧ୍ୱଂସାବଶେଷ ତଳୁ ମିଳୁଛି କୁଢ଼କୁଢ଼ ଶବ
- ୩୬୦ଜଣଙ୍କ ମୃତଦେହ ହେଲାଣି ଉଦ୍ଧାର
- ମାଟି ତଳେ ପୋତି ହୋଇଗଲା ତ୍ରିଶୁଳୀ ବଜାର
- ୨୮୮ ଭାରତୀୟଙ୍କ ପତ୍ତା ମିଳୁନି; ୨୧ ଉଦ୍ଧାର
- ନେପାଳ ବିଭୀଷିକାରେ ଓଡ଼ିଆ ଦମ୍ପତି ନିଖୋଜ

ନୂଆଦିଲ୍ଲୀ

ନେପାଳ ଜଳ ପ୍ରଳୟର ସମୟ ଯେତିକି ଗଡୁଛି ମୃତ୍ୟୁସଂଖ୍ୟା ସେତିକି ବଢ଼ିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା କାଦୁଆ ମିଶା ମାଟି ତଳୁ ମିଳାଣି ୩୬୦ଜଣଙ୍କ ମୃତଦେହ । ଏହାବାଦ ଅନେକ ସ୍ଥାନରୁ ମିଳିଛି ଲୋକଙ୍କ କଟା ଗୋଡ଼ ଓ ହାତ ।ଉଦ୍ଧାରକାରୀ ଟିମ ଚିତୱାନରୁ ସର୍ବାଧିକ ୧୦୮ଟି ମୃତଦେହ ଉଦ୍ଧାର କରିଥିବା ବେଳେ ନାୱାଲପାରାସିରୁ ୬୨ଟି, ଧାଡ଼ିଙ୍ଗରୁ ୨୭ଟି ଓ ପଶ୍ଚିମ ନାୱାଲପାରାସିରୁ ୧୫ଟି ମୃତଦେହ ଠାବ କରିଛନ୍ତି । ଏଥିସହ ଗୋର୍ଖାରୁ ୧୭, ରସୁୱାରୁ ୧୨, ନୁୱାକୋଟରୁ ୧୨ଟି ଓ ତାନାହୁନରୁ ୯ ଜଣଙ୍କ ମୃତଦେହ ମିଳିଛି ।କାଦୁଅ ମିଶା ମାଟି ତଳେ ପୋତି ହୋଇ ରହିଥିବା ୫୨ ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ମଧ୍ୟରୁ ୨୬ ଜଣ ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲ ଓ ୨୦ ଜଣ ଟ୍ରମା ସେଣ୍ଟରରେ ଚିକିତ୍ସିତ ହେଉଥିବା ପୁଲିସ୍ ସୂଚନା ଦେଇଛି । ଏପଟେ ଭାରତୀୟଙ୍କ ସ୍ଥିତାବସ୍ଥା ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ବିଧିବଦ୍ଧ ଭାବେ ସୂଚନା ଦେଇଛି । ମନ୍ତ୍ରଣାଳୟର ମୁଖପାତ୍ର ସ୍ପଷ୍ଟ କରିଛନ୍ତି ଯେ ନେପାଳ ଜଳ ପ୍ରଳୟ ପରେ ୨୮୮ ଜଣ ଭାରତୀୟଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏମାନଙ୍କ ମଧ୍ୟରେ ତ୍ରିଶୁଳୀ ପାୱାର ପ୍ରୋଜେକ୍ଟରେ କାମ କରୁଥିବା ୭୩ ଜଣ ଭାରତୀୟ ରହିଛନ୍ତି । ତାମିଲନାଡୁରୁ ଦୁଇଟି ଗ୍ରୁପରେ ଯାଇଥି ୩୭ ଓ

■ ପୃଷ୍ଠା-୧୫



## ଗ୍ଲେସିୟର ଧସିବାରୁ ପ୍ରଳୟଙ୍କରୀ ବନ୍ୟା

ନେପାଳ-ତିବ୍ବତ ସୀମାବର୍ତ୍ତୀ ରସୁୱା ଅଞ୍ଚଳରେ ୨୬ ଅଗଷ୍ଟରେ ଘଟିଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ପଛରେ ପ୍ରକୃତ କାରଣ ଭୂକମ୍ପ ନୁହେଁ, ବରଂ ଏକ ବିଶାଳ ଗ୍ଲେସିୟର ଓ ପଥରଖଣ୍ଡ ଧସିବାରୁ ସୃଷ୍ଟି ହୋଇଥିବା ମହାଭୂସ୍ଖଳନ ବୋଲି ସ୍ପଷ୍ଟ ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ୟୁଏସ୍‌ଜିଏସ୍ ପ୍ରଥମେ ଏହି ଘଟଣାର କାରଣ ୪.୪ ତୀବ୍ରତାର ଭୂକମ୍ପ ବୋଲି ଦର୍ଶାଇଥିଲେ ମଧ୍ୟ ପରବର୍ତ୍ତୀ ତଦନ୍ତରେ ତାହା ଭୂସ୍ଖଳନଜନିତ କମ୍ପନ ବୋଲି ଜଣାପଡ଼ିଛି । ୨୬ ଅଗଷ୍ଟ ସକାଳେ ରସୁୱା ଅଞ୍ଚଳରେ ପ୍ରବଳ ବର୍ଷାର କୌଣସି ସୂଚନା ନଥିଲା । ତଥାପି ସକାଳ ପ୍ରାୟ ୯ଟାରେ ଭୋଟେ କୋଶୀ ନଦୀର

■ ପୃଷ୍ଠା-୧୫

## ସ୍ତ୍ରୀକୁ ମାରି ସ୍ୱାମୀର ଆତ୍ମହତ୍ୟା

ଭଦ୍ରକ(ଅମୃତ ମିଡ଼ିଆ)

ପାରିବାରିକ କଳହରୁ ଏକ ଦମ୍ପତିଙ୍କ ଜୀବନ ଯାଇଛି । ପତ୍ନୀଙ୍କୁ ହାଣି ନିଜେ ଫାଶି ହୋଇ ଆତ୍ମହତ୍ୟା କରିଛନ୍ତି । ଭଦ୍ରକ ପୁରୁଣାବଜାର ଥାନା ଅଧିନ ନଙ୍ଗଆମହଲା ଗାଁରେ ସେକ୍ ମୁସ୍ତାଫା ରଜା ଓ ସୋନୁ ବିବି ରହୁଥିଲେ । ଅନେକ ଦିନ ଧରି ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ପୂର୍ବରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ପରିବାର ଲୋକେ ଅନେକ ଚେଷ୍ଟା କରିଥିଲେ । କିନ୍ତୁ ସେମାନଙ୍କ ବିବାଦର ସମାଧାନ କିଛି ହୋଇପାରି ନଥିଲା । ଆଜି (ଗୁରୁବାର) ଘରେ କେହିନଥିଲା ବେଳେ ମୁସ୍ତାଫା ସୋନୁଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ହିଁ ସୋନଙ୍କ ମୃତ୍ୟୁ ଘଟିଥିଲା । ସେହି ପ୍ରକୋଷ୍ଠରେ ହିଁ ସେ ନିଜେ ଫାଶିରେ ଝୁଲିପଡ଼ି ଆତ୍ମହତ୍ୟା କରିଥିଲେ । ପାଖପଡ଼ୋଶୀ ଘଟଣା ସମ୍ପର୍କରେ ଜାଣି ଭଦ୍ରକ ପୁରୁଣାବଜାର ପୁଲିସକୁ ସୂଚିତ କରିଥିଲେ । ଖବର ପାଇ ପୁଲିସ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡ଼ିକାଲକୁ ପଠାଇଛି ।

### ଗୋଲାବନ୍ଧ ବିସ୍ଥାପିତଙ୍କ ୪ ଦଶନ୍ଧି ଅପେକ୍ଷାର ଅନ୍ତ

# ୧୩୭୧ ପରିବାର ପାଇଁ ୭୫.୬୦ କୋଟିର ପ୍ୟାକେଜ୍

- ବିସ୍ଥାପିତ ପ୍ରତି ପରିବାରକୁ ମିଳିବ ୫ ଲକ୍ଷ ଟଙ୍କା କ୍ଷତିପୂରଣ
- ଛେଳିଗଡ଼ ବିସ୍ଥାପିତ ପରିବାରକୁ ଘରବାରି ଓ ଚାଷଜମି ପଟ୍ଟା
- ଅର୍ଜିପଲ୍ଲୀ ବନ୍ଦର ନବୀକରଣ ସହ ହେବ ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର
- ଆଗାମୀ ୨ ବର୍ଷରେ ରାଜ୍ୟରେ ମିଳିବ ୫ ଲକ୍ଷ ନିଯୁକ୍ତି

ଭୁବନେଶ୍ୱର(ବ୍ୟୁରୋ)

ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଲାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କ ଅପେକ୍ଷାର ଅନ୍ତ ଘଟିଛି । ଗଞ୍ଜାମ ଜିଲ୍ଲା ଗୋଲାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଲାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି । ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଲାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ । ୧୯୮୪ ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି । ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ । ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି,



ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି । ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଦୀର୍ଘ ବର୍ଷ ଧରି ଅଟକି ରହିଥିବା ଏହି ପୁନର୍ବାସ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଇଛି ।

### ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

## ଖୁରାନିଆଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

### ୭ ଦିନ ଭିତରେ ରଖିବେ ଜବାବ

କଟକ(ବ୍ୟୁରୋ)



ରାଜ୍ୟର ପୂର୍ବତନ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ହାଇକୋର୍ଟ । ବାରମ୍ବାର ସୁଯୋଗ ଦିଆଯିବା ସତ୍ତ୍ୱେ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା ଓ ମାମଲାରେ ବିଭ୍ରାନ୍ତିମୂଳକ ସତ୍ୟପାଠ ଦାଖଲ କରିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ସାଗରିକା ପରିଡ଼ାଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ୨୦୨୫, ସେପ୍ଟେମ୍ବର ୨୫ ଆଦେଶକୁ ଜାଣିଶୁଣି ଉଲ୍ଲଂଘନ ପାଇଁ କାହିଁକି ତାଙ୍କ ବିରୋଧରେ ଅଦାଲତ ଅବମାନନା ଆଇନର ଧାରା ୧୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେ ନେଇ କାରଣ ଦର୍ଶାଇବାକୁ ଶ୍ରୀ ଖୁରାନିଆଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ଯୋଗେଶ ବାହାଦୂର ଖୁରାନିଆ ଅବସର ନେଇ ସାରିଥିବାରୁ ପୁଲିସ ଆଇଜି (ପର୍ସୋନେଲ) ତାଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିବେ । କାରଣ ଦର୍ଶାଅ ନୋଟିସ ପାଇବାର ୭ ଦିନ ଭିତରେ ପୂର୍ବତନ ଡିଜିପି ଜବାବ ରଖିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଯୋଗେଶ ବାହାଦୂର ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେଇ ସାରିଥିଲେ ମଧ୍ୟ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏହା ସହିତ ୪ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଚାକିରିରେ ପୁନଃସ୍ଥାପିତ ସଂପର୍କିତ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ସୁନିଶ୍ଚିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏଥିରେ ଅବହେଳା ହୁଏ, ତା'ହେଲେ ଭାରପ୍ରାପ୍ତ ଡିଜିପି ଓ ଆଇଜି (ପର୍ସୋନେଲ) ସେପ୍ଟେମ୍ବର ୨୮ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି ।

### ସେ କହିଲେ...



ରାଜ୍ୟ ମାନ୍ୟତା ପୁନରୁଦ୍ଧାର ହେଉଛି ଦଳର ନୀତିଗତ ଦୃଷ୍ଟିକୋଣ ଏବଂ ଏହା ଏଥିରେ କୌଣସି ପ୍ରକାର ସାଲିସ କରିବ ନାହିଁ । ଯଦି ବିଜେପି ସରକାରଙ୍କୁ ଅସ୍ଥିର କରିବାକୁ ଚେଷ୍ଟା କରେ, ତେବେ ଏନସି କଂଗ୍ରେସକୁ ସମର୍ଥନ କରିବ । କଂଗ୍ରେସ ଗତ ବର୍ଷ ଧରି ତା'ର ନୀତିଗତ ଦୃଷ୍ଟିକୋଣ ବଜାୟ ରଖିଛି ଏବଂ କେନ୍ଦ୍ର ସରକାର ଜମ୍ମୁ କାଶ୍ମୀର ଲୋକଙ୍କ ଠାରୁ ଛଡ଼ାଇ ନିଆଯାଇଥିବା ଅଧିକାରକୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ କ୍ୟାବିନେଟରେ ଯୋଗ ଦେବ ନାହିଁ ।

**ତାରିକ ହମିଦ କରରା**

ଜାମ୍ମୁ କାଶ୍ମୀର ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ

### ରାଜ୍ୟ ସରକାରଙ୍କ ଜେନ୍-ଜିଙ୍କୁ ଅବହେଳା

# ୮ ବର୍ଷ ଧରି କ୍ୟାମ୍ପସ୍ ରାଜନୀତି ଠପ୍

**ଯୁବବର୍ଗ ଓ ଜେନ୍-ଜିଙ୍କୁ ନିଜ ସହ ଯୋଡ଼ିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା କହୁଛନ୍ତି । ତେଣେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଏବେ ବି ଅନିଶ୍ଚିତତା ଜାରି ରହିଛି । ୨୦୧୮ ପରଠାରୁ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ । ଚଳିତବର୍ଷ ନିର୍ବାଚନ ହେବ କି ନାହିଁ, ଉଚ୍ଚଶିକ୍ଷା ବିଭାଗ ଏଯାଏଁ ସ୍ପଷ୍ଟ କରିନାହିଁ । ଛାତ୍ର ସଂସଦ ନିର୍ବାଚନ କେବଳ କ୍ୟାମ୍ପସ ପ୍ରତିନିଧି ବାଛିବାର ମାଧ୍ୟମ ନୁହେଁ, ବରଂ ଏହା ରାଜ୍ୟ ତଥା ଦେଶ ପାଇଁ ଭବିଷ୍ୟତର ରାଜନୈତିକ ନେତୃତ୍ୱ ଗଢ଼ିବାର ପ୍ରଥମ ପାହାଚ ଅଟେ । ଦୀର୍ଘ ୮ ବର୍ଷ ଧରି ନିର୍ବାଚନ ବନ୍ଦ ରହିବା ଫଳରେ କ୍ୟାମ୍ପସଗୁଡ଼ିକରୁ ନୂତନ ଛାତ୍ରନେତା ସୃଷ୍ଟି ହେବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ଫଳରେ ଗଣତାନ୍ତ୍ରିକ ଚର୍ଚ୍ଚାରୁ ବଞ୍ଚିତ ହେଉଥିବା ଛାତ୍ରସମାଜ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।**





- ନୂତନ ଛାତ୍ରନେତା ବାହାରିବା ରାସ୍ତା ବନ୍ଦ
- ତେଜିବାରେ ଲାଗିଛି ଛାତ୍ର ଆନ୍ଦୋଳନ
- ଅସହାୟ ଅବସ୍ଥାରେ ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର (ବ୍ୟୁରୋ)

ସରକାର ଯୁବପିଢ଼ି ତଥା ଜେନ୍-ଜିଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ଏବଂ ଘନ ଘନ ବୈଠକ କରୁଛନ୍ତି । ମାତ୍ର ବିଡ଼ମ୍ବନାର ବିଷୟ ହେଉଛି, ଯୁବସମାଜର ଗଣତାନ୍ତ୍ରିକ ଅଧିକାର ତଥା ନୂଆ ନେତୃତ୍ୱ ସୃଷ୍ଟି କରୁଥିବା ମୁଖ୍ୟ ପ୍ରସଙ୍ଗ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାର ଏବେ ବି ଟାଳଟୁଳ ନୀତି ଆପଣାଉଛନ୍ତି । ଗତ ସରକାର ସମୟରୁ ବନ୍ଦ ରହିଥିବା ଏହି ନିର୍ବାଚନ କେବେ ହେବ, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ନାହିଁ । ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଛାତ୍ର ସଂସଦ ନିର୍ବାଚନ ସମୟ କ୍ରମଶଃ ପାଖେଇ ଆସୁଥିଲେ ହେଁ ଉଚ୍ଚଶିକ୍ଷା ବିଭାଗ କୌଣସି ଠୋସ୍ ନିଷ୍ପତ୍ତି ନେଇପାରିନାହିଁ । ନିର୍ବାଚନ ଆୟୋଜନକୁ ନେଇ ବିଭାଗ ଭିତରେ ଏବେ ବି ଦ୍ୱନ୍ଦ୍ୱ ଓ ସଂଶୟ ଲାଗି ରହିଛି । ବିଭାଗୀୟ ମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସରକାର ଏ ଦିଗରେ ସକରାତ୍ମକ ଅଛନ୍ତି ଏବଂ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନିଆଯିବ । ତେବେ ଲଗାତାର ତୃତୀୟ ବର୍ଷ ପାଇଁ ମନ୍ତ୍ରୀଙ୍କ ଏଭଳି ଗତାନୁଗତିକ ଉତ୍ତର ଆସୁଥିବାରୁ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମନରେ ନିର୍ବାଚନକୁ ନେଇ ଥିବା ଆଶା ଧୀରେ ଧୀରେ ମଉଳିବାରେ ଲାଗିଛି । ରାଜ୍ୟରେ ୨୦୧୮ ମସିହାରେ ଶେଷ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବିଗତ ୮ ବର୍ଷ ଧରି ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନ ବାରମ୍ବାର ନିର୍ବାଚନ କରାଇବାକୁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କେବେ ଆଇନଶୃଙ୍ଖଳା ତ ପୁଣି କେବେ କୋଭିଡ୍ ମହାମାରୀର ଦୁହାଇ ଦେଇ ଏହାକୁ ବନ୍ଦ ରଖାଯାଇଛି । ପୂର୍ବ ସରକାରଙ୍କ ଏହି ନୀତିକୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ମଧ୍ୟ ଗତ ଦୁଇବର୍ଷ ଧରି ଅବ୍ୟାହତ ରଖିଛନ୍ତି । ନିର୍ବାଚନ ହେବ ବୋଲି ବୟାନ ଦିଆଯାଉଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ବାସ୍ତବ ପ୍ରସ୍ତୁତି କିମ୍ବା ତତ୍ପରତା ପ୍ରକାଶ ପାଉନାହିଁ । ସରକାର ଏଭଳି ଜେନ୍ ଜିଙ୍କୁ ଅବହେଳା ପ୍ରଦର୍ଶନ କରିବା ଫଳରେ ଗଣତାନ୍ତ୍ରିକ ଚର୍ଚ୍ଚାରୁ ବଞ୍ଚିତ ହେଉଥିବା ଛାତ୍ରସମାଜ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।



ଏମ୍ଏମ୍ଡିଆର ସଂଶୋଧନ ବିଲ୍‌କୁ ନେଇ ଓଡ଼ିଶା ରାଜନୀତି ପଡୁଛି ଉଠୁଛି। କେନ୍ଦ୍ରର ଏଭଳି ନୀତିକୁ ପ୍ରଦେଶ ବିଜେପି ମଥାପାତି ସହି ନେଇଥିବା ବେଳେ ବିଜେଡି ଓ କଂଗ୍ରେସ ତୀବ୍ର ବିରୋଧ କରିଛନ୍ତି। ଅଳ୍ପଦିନ ପୂର୍ବେ ସଂସଦର ଉଭୟ ଗୃହରେ ଖଣିଜ ସମ୍ପଦ ସମ୍ପର୍କିତ ଏକ ସଂଶୋଧନ ବିଲ୍ ପାସ୍ ହୋଇଛି। ଏହି ସଂଶୋଧନ ଦ୍ୱାରା କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କର ଖଣିଜ ସମ୍ପଦ ସମ୍ପର୍କିତ ଅଧିକାରକୁ ହରଣ କରିବା ଲାଗି ପ୍ରୟାସ କରିଛନ୍ତି। ଏ ବିଷୟରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ପ୍ରଦେଶ ମୁଖିଆ ଭକ୍ତ ଚରଣ ଦାସ ସ୍ୱର ଉତ୍ତୋଳନ କରିଛନ୍ତି। କଂଗ୍ରେସ ପ୍ରତିନିଧି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏନେଇ ଅବଗତ କରାଇଛନ୍ତି। ଖଣିଜ ସମ୍ପଦ ସମ୍ପର୍କିତ ଏହି ସଂଶୋଧନ ବିଲ୍‌କୁ ସେମାନେ ତୀବ୍ର ବିରୋଧ କରି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆଲୋଚନା କରିବାକୁ ଦାବି କରିଛନ୍ତି। ରାଜ୍ୟସ୍ୱାର୍ଥ ବିରୋଧୀ କୌଣସି ପ୍ରୟାସକୁ ସମର୍ଥନ କରାଯିବ ନାହିଁ ଓ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବିରୋଧୀ ଦଳ କହିଛନ୍ତି।

# ଖଣି ଖାଦାନକୁ ନେଇ କେଁ

**ସୁଶାନ୍ତ କୁମାର ଦାସ**







ଦ୍ୱନ୍ଦ୍ୱ ବଢୁଛି ଓ ରାଜନୀତି ତେଜିବାରେ ଲାଗିଛି। ବିରୋଧୀଙ୍କ ଦାବିକୁ ମାନିବାକୁ ଶାସକ ବିଜେପି ପ୍ରସ୍ତୁତ ହେଉନି କି ଏଭଳି ଦ୍ୱନ୍ଦ୍ୱ ଦୂର କରିବାରେ ସହଯୋଗ କରୁନାହାନ୍ତି। ସେମିତି ଖଣିକୁ ନେଇ ଚାଲିଛି ବାକ୍‌ଯୁଦ୍ଧ। କେନ୍ଦ୍ରରେ ମାତ୍ର କିଛି ସମୟ ମଧ୍ୟରେ ବାଚନିକ ଭୋଟ ଦ୍ୱାରା ବିଲ୍‌ଟିକୁ ପାସ୍ କରିଦିଆଗଲା। ସେଭଳି ବଡ଼ ଧରଣର ଆଲୋଚନା ହେଲାନି। ଏମ୍ଏମ୍ଡିଆର୍ ବିଲ୍ ପାସ୍ ବେଳେ ରାଜ୍ୟସଭାରେ ପ୍ରବଳ ବିରୋଧ କରାଯାଇଥିଲା। ଲୋକସଭାରେ ଯେନତେନ ବିନା ଆଲୋଚନାରେ ଏହାକୁ ପାସ୍ କରାଗଲା। ରାଜ୍ୟ ବିଜେପିର ୨୦ ସାଂସଦ ଚୁପ୍ ରହିଲେ। ଡବଲ ଇଞ୍ଜିନ ସରକାରର ଏଭଳି ରାଜ୍ୟସ୍ୱାର୍ଥ ବିରୋଧୀ ଆଭିମୁଖ୍ୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବିଗତ କିଛିଦିନ ହେଲା ଏହି ପ୍ରସଙ୍ଗ ଚର୍ଚ୍ଚାର ପରିସରରେ ରହିଆସିଛି। ବିଜେପି ଏହି ବିଲ୍‌କୁ ସମର୍ଥନ କରୁଥିବା ବେଳେ ଓଡ଼ିଶାର ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ତୀବ୍ର ସମାଲୋଚନା କରି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି।

## ଲଘୁ ଖଣିଜ ପଦାର୍ଥ ଓ ଗୁରୁ ଖଣିଜ ପଦାର୍ଥ

ଏ ବିଷୟରେ ଜନସାଧାରଣ କେତେକ ତଥ୍ୟ ଜାଣିବାର ଆବଶ୍ୟକତା ରହିଛି। ଦେଶର ଖଣିଜ ସମ୍ପଦ ଦୁଇ ଭାଗରେ ବିଭକ୍ତ: ଲଘୁ ଖଣିଜ ପଦାର୍ଥ ଓ ଗୁରୁ ଖଣିଜ ପଦାର୍ଥ। ଲଘୁ ଖଣିଜ ପଦାର୍ଥ କହିଲେ ବାଲି, ମୋରମ, ଚିପ୍‌ସ ଆଦିକୁ ବୁଝାଏ। ଗୁରୁ ଖଣିଜ ପଦାର୍ଥ କହିଲେ ଲୁହା ପଥର, ବକ୍ସାଇଟ, କୋଇଲା, କ୍ରୋମାଇଟ୍ ଆଦିକୁ ବୁଝାଏ। ଲଘୁ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଓ ଅନ୍ୟାନ୍ୟ ନୀତି ପ୍ରଣୟନ କରିବାର ଅଧିକାର ହେଉଛି ରାଜ୍ୟମାନଙ୍କର। ଗୁରୁ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଓ ଅନ୍ୟାନ୍ୟ ନିୟମ ପ୍ରଣୟନ କରିବାର ଅଧିକାର ହେଉଛି କେନ୍ଦ୍ର ସରକାରଙ୍କର। ଏହା ହିଁ ସାମ୍ବିଧାନିକ ବ୍ୟବସ୍ଥା। ଏଭଳି ସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପକୃତ ହୋଇପାରିବେ। ହେଲେ ଖଣିଜ ପଦାର୍ଥ ଥିବା ଜମି ଉପରେ ଟିକସ ବସାଇବା ଅଧିକାର ରାଜ୍ୟର ରହିଛି। ଏନେଇ ବହୁ ବାଦବିବାଦ ଓ ଆଲୋଚନା କରାଯାଇଛି। ଏମିତିକି ଲମ୍ବା ଆଇନଗତ ଯୁଦ୍ଧ ହେବା ପରେ ଓଡ଼ିଶାର ଯୁକ୍ତିକୁ ସର୍ବୋଚ୍ଚ ଅଦାଲତ ଯଥାର୍ଥ ବୋଲି ଦର୍ଶାଇଥିଲେ।

## ୨୦ ବର୍ଷର ଆଇନଗତ ଲଢ଼େଇ

୨୦୦୪ ମସିହାରେ ଓଡ଼ିଶା ସରକାର ଏକ ନିୟମ ପ୍ରଣୟନ କରି ରାଜ୍ୟରେ ଖଣିଜ ପଦାର୍ଥ ଗଚ୍ଛିତ ଥିବା ଜମି ଉପରେ ଏକ ଟିକସ ବସାଇଲେ। ଏହି ଆଇନକୁ ବିରୋଧ କରି କେତେକ ଶିଳ୍ପ ସଂସ୍ଥା କୋର୍ଟର ଆଶ୍ରୟ ନେଲେ। ସେମାନଙ୍କର ଯୁକ୍ତି ଥିଲା ଯେ ଗୁରୁ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଅଧିକାର ରାଜ୍ୟମାନଙ୍କର ନାହିଁ, ତେଣୁ ଓଡ଼ିଶା ସରକାରଙ୍କର ଆଇନଟି ଅସାମ୍ବିଧାନିକ। ଓଡ଼ିଶା ସରକାରଙ୍କର ଯୁକ୍ତି ଥିଲା ଯେ, ଗୁରୁ ଖଣିଜ ପଦାର୍ଥ ଉତ୍ତୋଳନ ଉପରେ ଓଡ଼ିଶା ସରକାରଙ୍କର ଅଧିକାର ନ ଥାଇପାରେ, କିନ୍ତୁ ଖଣିଜ ପଦାର୍ଥ ଥିବା ଜମି ଉପରେ ଟିକସ ବସାଇବା ଅଧିକାର ରାଜ୍ୟ ସରକାରଙ୍କର ଅଛି। ଘଟଣାଟି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଗଲା। ୨୦ ବର୍ଷର ଆଇନଗତ ଲଢ଼େଇ ପରେ ୨୦୨୪ ମସିହାରେ ଉଚ୍ଚତମ ନ୍ୟାୟାଳୟର ୯ ଜଜ୍ ବିଶିଷ୍ଟ ସାମ୍ବିଧାନିକ ବେଞ୍ଚ ତାଙ୍କର ନିଷ୍ପତ୍ତି ଶୁଣାଇଲେ ଯେ, ରାଜ୍ୟ ସରକାରଙ୍କର ସବୁ ପ୍ରକାର ଜମି ଉପରେ ଖଜଣା ସ୍ଥିର କରିବାର ଅଧିକାର ରହିଛି। ପ୍ରକାଶ ଥାଉ କି, ସମଗ୍ର ଭାରତ ବର୍ଷରେ ଯେଉଁଠାରେ ଜମି ଅଛି ତାହା କୌଣସି ନା କୌଣସି ରାଜ୍ୟ ସରକାରଙ୍କର। ଯଦି ଭାରତ ସରକାରଙ୍କ ନାଁରେ କିଛି ଜମି ଥାଏ ତାହା ସମ୍ପୃକ୍ତ ରାଜ୍ୟ ସରକାର ହିଁ ଭାରତ ସରକାରଙ୍କୁ ଦେଇଥାନ୍ତି। ଯେହେତୁ ସବୁ ଜମି ରାଜ୍ୟ ସରକାରଙ୍କର, ତେଣୁ ତାହା ଉପରେ ଖଜଣା ଆଦାୟ କରିବାର କ୍ଷମତା ମଧ୍ୟ ରାଜ୍ୟ ସରକାରଙ୍କର। ଯେଉଁଭଳି ଭାବରେ ଜଣେ ସାଧାରଣ ଚାଷୀର ଚାଷ ଜମି ବା ଘରବାରି ଜମି ଉପରେ ଖଜଣା ଦିଆଯାଏ ସେହିଭଳି ଭାବରେ ଜଣେ ଖଣି ପଟ୍ଟାଦାର ମଧ୍ୟ ତାଙ୍କର ଜମି ଉପରେ ରାଜ୍ୟ ସରକାରଙ୍କୁ ଖଜଣା ଦେବେ।

## ବିଲ୍ ପାସ୍ ଦ୍ୱାରା ଭୟଙ୍କର କ୍ଷତି ସହିବ ଓଡ଼ିଶା

ମାମଲାର ନିଷ୍ପତ୍ତି ହେବାରେ ୨୦ ବର୍ଷ ବିତି ଯାଇଥିବାରୁ ଏକାଥରେ ପିଛିଲା ଟଙ୍କା ପଇଠ କରିବା ଖଣି ମାଲିକମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ପାରେ। ତେଣୁ ପିଛିଲା ଦେୟକୁ ୧.୨.୨୦୨୬ ତାରିଖ ଠାରୁ ୧୨ଟି କିସ୍ତିରେ ରାଜ୍ୟ ସରକାର ଆଦାୟ କରିପାରିବେ ବୋଲି ସୁପ୍ରିମ କୋର୍ଟ କହିଥିଲେ। ଏହା ଛଡ଼ା ଆଗାମୀ ବର୍ଷମାନଙ୍କରେ ପ୍ରତି ବର୍ଷର ଦେୟ ଖଣି ମାଲିକମାନେ ଦେବାକୁ ବାଧ୍ୟ। ଓଡ଼ିଶା କ୍ଷେତ୍ରରେ ପ୍ରତି ବର୍ଷର ଦେୟ ହେବ ୧୨,୦୦୦ କୋଟି ଟଙ୍କା ଓ ପିଛିଲା ଦେୟ ହେବ ଏକ ଲକ୍ଷ କୋଟି ଟଙ୍କା। ୨୦ ବର୍ଷର ତପସ୍ୟା ପରେ ଓଡ଼ିଶାକୁ ମିଳିଥିବା



ଧନରାଶିକୁ ଲୋକସଭା ୧୦ ମିନିଟର ଆଲୋଚନାରେ ଉଡ଼ାଇଦେଲେ। ସଦ୍ୟ ପାରିତ ସଂଶୋଧିତ ଆଇନରେ ଉଲ୍ଲେଖ ଅଛି ଯେ, ରାଜ୍ୟ ସରକାରମାନେ ଖଣିଜ ଦ୍ରବ୍ୟ ଥିବା ଜମି ଉପରେ କୌଣସି ଟିକସ ବସାଇ ପାରିବେ ନାହିଁ। କେବଳ ତାହା ନୁହେଁ, ପିଛିଲା ଦେୟ ମଧ୍ୟ ଆଦାୟ କରି ପାରିବେ ନାହିଁ।

## ବାଟବଣା ହେବ ରାଜ୍ୟ ବିକାଶ

ଯଦି ଏଇ ଅର୍ଥ ଓଡ଼ିଶାକୁ ମିଳିଥାନ୍ତା, ତେବେ ସୁଭଦ୍ରା ଯୋଜନାରେ ହୁଏତ ମହିଳାମାନେ ବାର୍ଷିକ ୧୦,୦୦୦ ଟଙ୍କା ବଦଳରେ ୨୦,୦୦୦ ଟଙ୍କା ପାଇପାରି ଥାଆନ୍ତେ। ୧୦,୦୦୦ ନୂତନ ଶିକ୍ଷକ ନିଯୁକ୍ତ ହୋଇ ପାରିଥାଆନ୍ତେ। ସବୁ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ହେଉଥିବା କୋଠରି ନିର୍ମିତ ହୋଇପାରିଥାନ୍ତା। ସବୁ ଗାଁକୁ ରାସ୍ତା ଓ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିଥାନ୍ତା। ହେଲେ ଏଭଳି ବିକାଶ ବାଟବଣା ହେବ ବୋଲି କୁହାଯାଉଛି। ତେବେ ଏହି ସଂଶୋଧନ ବିଲ୍‌ଟି କାହା ସ୍ୱାର୍ଥରେ? ଲୋକସଭାରେ ଓଡ଼ିଶାର ୨୧ ଜଣ ସାଂସଦଙ୍କ ମଧ୍ୟରୁ ୨୦ ଜଣ ହେଉଛନ୍ତି ବିଜେପି ଦଳର। ସେମାନେ ଓଡ଼ିଶାବାସୀଙ୍କୁ ଉତ୍ତର ଦେବା ଉଚିତ ଯେ, ସେମାନେ ଏଭଳି ଏକ ଓଡ଼ିଶାର ସ୍ୱାର୍ଥବିରୋଧୀ ବିଲ୍‌କୁ କିଭଳି ପାରିତ କଲେ? ଅନ୍ତତଃ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଯାଇ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇପାରିଥାନ୍ତା। ତାହା ହେଲା ନାହିଁ। ଏ କ୍ଷତି ଭରଣା କରିବା ପାଇଁ ସେମାନେ କ'ଣ ପଦକ୍ଷେପ ନେବେ? ତାହା ହେଲେ ଖଣି ଅଞ୍ଚଳରେ ହେଉଥିବା ବ୍ୟାପକ ପରିବେଶ ପ୍ରଦୂଷଣ କ'ଣ ସେଠାକାର ଗରିବ ଅଧିବାସୀମାନଙ୍କର ଏକମାତ୍ର ପ୍ରାପ୍ୟ? ଖଣି ଦ୍ୱାରା ଲାଭବାନ ହେବ କେନ୍ଦ୍ର ଓ କାଣିଚାଏ ବି ଓଡ଼ିଶା ପାଇବନି। ହେଲେ ଖଣି ଅଞ୍ଚଳରେ ବସବାସ କରୁଥିବା ଲୋକ ଏହା ଦ୍ୱାରା ଅନେକ କ୍ଷତି ସହିବେ। ରୋଗରେ ପଡ଼ି ପ୍ରାଣ ହରାଇବେ। କମ୍ପାନୀଗୁଡ଼ିକର ଲୋଭ ବଢ଼ିବ। ପରିବେଶ ଦୂଷିତ ହେବ। ଏଭଳି ଅନେକ ଘଟଣା ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି।

## ଆଲୋଚନା ସହ ବାହାରୁ ସମାଧାନର ବାଟ

ବାଦବିବାଦ ଭିତରେ ଖଣି ଖାଦାନ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ପ୍ରଦେଶ ବିଜେପି କେନ୍ଦ୍ରର ନିଷ୍ପତ୍ତିକୁ ସମର୍ଥନ କରୁଥିବା ବେଳେ ବିଜେଡି ଓ ପ୍ରଦେଶ କଂଗ୍ରେସର ନେତାମାନେ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ଏନେଇ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ବିସ୍ତୃତ ଆଲୋଚନା କରାଯିବା ଉଚିତ। ବିରୋଧୀ ଦଳଗୁଡ଼ିକ ଉଠାଉଥିବା ପ୍ରସଙ୍ଗକୁ ସହୃଦୟର ସହ ବିଚାର କରାଯିବା ଉଚିତ। ରାଜ୍ୟର ସ୍ୱାର୍ଥହାନୀ ହେବା ଭଳି ଯେକୌଣସି ପଦକ୍ଷେପକୁ ସମୂହ ବିରୋଧ କରାଯିବା ନିହାତି ଆବଶ୍ୟକ। ରାଜ୍ୟରେ ଅନେକ ସମସ୍ୟା। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ ଲାଗି ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ରହିଛି।



ଓଡ଼ିଶା ଖଣି ଖାଦାନରେ ପରିପୂର୍ଣ୍ଣ ଥିବା ବେଳେ ଏସବୁରୁ ମିଳୁଥିବା ଅର୍ଥ ଯଦି କେନ୍ଦ୍ର ହଡ଼ପ କରିବ, ତେବେ ବିକାଶ ଠପ୍ ହୋଇଯିବ। ଏନେଇ ଝାଡ଼ଖଣ୍ଡ ବି ସ୍ୱର ଉଠାଇଛି। ଏନେଇ ସର୍ବଦଳୀୟ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ନହେଲେ ଯଦି ଆମେ ଚୁପ୍ ହୋଇ ବସିରହିବା, ତେବେ ଭବିଷ୍ୟତ ପିଢ଼ି କେବେହେଲେ କ୍ଷମା ଦେବେନି, ଏହା ନିଃସନ୍ଦେହରେ କୁହାଯାଇପାରେ।






# ୧୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

## ଅବକାରୀ ବିଭାଗ ଚଢ଼ଉକୁ ପ୍ରଶଂସା ତଥାପି ଉଠିଲା ଅନେକ ପ୍ରଶ୍ନ



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ଗଞ୍ଜେଇ ଚୋରାଚାଲାଣ ବିରୋଧରେ ଖପ୍ରାଖୋଲ ଅବକାରୀ ବିଭାଗର ଚଢ଼ାଉ ଜାରି ରହିଥିବା ବେଳେ ବୁଧବାର ଏକ ବଡ଼ ସଫଳତା ମିଳିଛି। ଖପ୍ରାଖୋଲ ଥାନା ଅନ୍ତର୍ଗତ ଭାଲୁଡୁଙ୍ଗରି ଉଚ୍ଚ ବିଦ୍ୟାଳୟ ନିକଟରେ ଚଢ଼ାଉ କରି ଅବକାରୀ ବିଭାଗ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଓଡ଼ି-୦୩-ଏସି-୬୬୮୭ ନମ୍ବରର ଏକ ମୋଟରସାଇକେଲ ମଧ୍ୟ ଜବତ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୯ଟା ସମୟରେ ଖପ୍ରାଖୋଲ ଅବକାରୀ ଅଧିକାରୀ ବସନ୍ତ ବିଶି ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ସୂଚନା ପାଇଥିଲେ। ଏକ ମୋଟରସାଇକେଲରେ ଦୁଇଜଣ ବ୍ୟକ୍ତି ଗଞ୍ଜେଇ ନେଇ ଯାଉଥିବା ଖବର ପାଇ ଅବକାରୀ ଟିମ୍ ଭାଲୁଡୁଙ୍ଗରି ଗ୍ରାମ ନିକଟରେ ଛକି ରହିଥିଲା। ବାଇକ୍‌ଟି ଭାଲୁଡୁଙ୍ଗରି ଉଚ୍ଚ ବିଦ୍ୟାଳୟ ନିକଟରେ ପହଞ୍ଚିବା ପରେ ଟିମ୍ ଚଢ଼ାଉ କରି ତାହାକୁ ଅଟକାଇଥିଲା। ଅବକାରୀ ବିଭାଗର ଚଢ଼ାଉ ସମୟରେ ଜଣେ ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟଜଣଙ୍କୁ ଅବକାରୀ କର୍ମଚାରୀମାନେ କାବୁ କରିଥିଲେ। ଗିରଫ ଅଭିଯୁକ୍ତ ବେଲପଡ଼ା ଥାନା ଅନ୍ତର୍ଗତ ବୁଦାମୁଡ଼ା ଗ୍ରାମର ପ୍ରକାଶ ଦୀପ (୩୮) ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ୧୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ପିଆର୍ ନଂ. ୫୬/୨୦୨୬-୨୭ରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଅବକାରୀ ଅଧିକାରୀ ବସନ୍ତ ବିଶି ସୂଚନା ଦେଇଛନ୍ତି। ଗଞ୍ଜେଇ ଭଳି ନିଶାଦ୍ରବ୍ୟର ଚୋରାଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗର ଏହି ଚଢ଼ାଉ ନିଶ୍ଚିତ ଭାବେ ପ୍ରଶଂସନୀୟ। ବିଶେଷକରି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତୁରନ୍ତ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ଓ ଚାଲାଣରେ ବ୍ୟବହୃତ ବାଇକ୍ ଜବତ କରିବା ବିଭାଗର ସକ୍ରିୟତାକୁ ପ୍ରମାଣ କରୁଛି। ଏପରି କାର୍ଯ୍ୟାନୁଷ୍ଠାନ ନିଶା କାରବାର ସହ ଜଡ଼ିତ ଲୋକଙ୍କ ମଧ୍ୟରେ ନିଶ୍ଚିତ ଭାବେ ଭୟ ସୃଷ୍ଟି କରିବ। ତେବେ ଏହି ଘଟଣାକୁ ନେଇ ଏବେ ଜନସାଧାରଣଙ୍କ ମନରେ କିଛି ଅସୁବିଧାଜନକ ପ୍ରଶ୍ନ ମଧ୍ୟ ଉଠୁଛି। ଯଦି ଅବକାରୀ ବିଭାଗ ପୂର୍ବରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ସୂଚନା ପାଇଥିଲା, ତେବେ ଜଣେ ଅଭିଯୁକ୍ତ ଅବକାରୀ ଟିମ୍‌ର ହାତରୁ ଖସି ଫେରାର ହେବାରେ କିପରି ସଫଳ ହେଲେ ଏହା ସହ ଅଭିଯୁକ୍ତଙ୍କ କୌଣସି ଫଟୋ ବିଭାଗ ନିକଟରେ ନଥିବା ନେଇ ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିବା ସୂଚନା ମଧ୍ୟ ଲୋକଙ୍କ ମନରେ ଅନ୍ୟ ଏକ ପ୍ରଶ୍ନ ସୃଷ୍ଟି କରୁଛି। ଯେଉଁଠାରେ ଚୋରା ଚାଲାଣକାରୀଙ୍କୁ ଧରିବା ପାଇଁ ଗୁପ୍ତ ସୂଚନା ଆଧାରରେ ଅଭିଯାନ କରାଯାଉଛି, ସେଠାରେ ଫେରାର ଅଭିଯୁକ୍ତଙ୍କ ପରିଚୟ ଚିହ୍ନଟ ଓ ଗିରଫ ପାଇଁ କେତେଦୂର ତଦନ୍ତ କରାଯିବ, ତାହା ମଧ୍ୟ ଏବେ ଗୁରୁତ୍ୱପୂର୍ଣ୍ଣ। ଘଟଣାଟିକୁ ନେଇ ଆଉ ଏକ ବିଷୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର କାରଣ ହୋଇଛି। ଏଭଳି ବଡ଼ ପରିମାଣର ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ତୁରନ୍ତ ସୂଚନା ଦିଆଯାଇନଥିବା ନେଇ ପ୍ରଶ୍ନ ଉଠୁଛି। ୧୦ କେଜି ଗଞ୍ଜେଇ ଜବତ ଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ସାଧାରଣ ଲୋକଙ୍କ ସାମ୍ନାକୁ ଆଣିବାରେ ବିଳମ୍ବ କାହିଁକି ହେଲା ? ଏହା ପଛରେ କୌଣସି ପ୍ରଶାସନିକ କାରଣ ଥିଲା କି, ନା ଘଟଣାଟିକୁ ନେଇ ଅନ୍ୟ କୌଣସି କାରଣରୁ ସୂଚନା ସୀମିତ ରଖାଯାଇଥିଲା ଏହା ସ୍ପଷ୍ଟ ହେବା ଆବଶ୍ୟକ। କାରଣ ସରକାରୀ ବିଭାଗର ପ୍ରତ୍ୟେକ କାର୍ଯ୍ୟକଳାପରେ ପାରଦର୍ଶିତା ରହିବା ଜନସାଧାରଣଙ୍କ ଅଧିକାର। ଅବକାରୀ ବିଭାଗର ଚଢ଼ାଉକୁ ପ୍ରଶଂସା କରିବା ସହ ଏହି ପ୍ରଶ୍ନଗୁଡ଼ିକର ମଧ୍ୟ ନିରପେକ୍ଷ ଉତ୍ତର ମିଳିବା ଆବଶ୍ୟକ। ଜଣେ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହେବା ନିଶ୍ଚିତ ଭାବେ ବିଭାଗର ସଫଳତା; କିନ୍ତୁ ଫେରାର ଅଭିଯୁକ୍ତଙ୍କୁ ଧରିବା, ଗଞ୍ଜେଇର ଉତ୍ସ ଓ ଗନ୍ତବ୍ୟ ଖୋଜିବା ଏବଂ ଏହି ଚୋରାଚାଲାଣ ଚକ୍ର ପଛରେ କିଏ ରହିଛି ତାହା ଉଜାଗର କରିବା ହିଁ ହେବ ଅବକାରୀ ବିଭାଗ ପାଇଁ ପ୍ରକୃତ ପରୀକ୍ଷା। ଏବେ ଦେଖିବାକୁ ବାକି ରହିଲା, ଘଟଣାସ୍ଥଳରୁ ଫେରାର ହୋଇଥିବା ଦ୍ୱିତୀୟ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ କେବେ ଗିରଫ କରୁଛି ଏବଂ ଏହି ଗଞ୍ଜେଇ ଚାଲାଣ ପଛର ସମ୍ପୂର୍ଣ୍ଣ ଚକ୍ରକୁ କେବେ ସାମ୍ନାକୁ ଆଣୁଛି। ଜନସାଧାରଣ ମଧ୍ୟ ଏହି ମାମଲାରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଉପରେ ନଜର ରଖିଛନ୍ତି।

# ପବିତ୍ର ଇଦ୍-ଏ-ମିଲାଦୁନ୍-ନବୀ ପାଳିତ



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ ବୁଧବାର ପବିତ୍ର ଇଦ୍-ଏ-ମିଲାଦୁନ୍-ନବୀ ଅର୍ଥାତ୍ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ସ୍ଥାନୀୟ ମସଜିଦରୁ ଏକ ବିଶାଳ ଓ ଶୃଙ୍ଖଳିତ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ମହିଳା, ପୁରୁଷଙ୍କ ସମେତ ବହୁ ସଂଖ୍ୟକ ଶିଶୁ ମଧ୍ୟ ଉତ୍ସାହର ସହ ସାମିଲ ହୋଇଥିଲେ। ଏହା ଫଳରେ ସମଗ୍ର ବାଞ୍ଜିପାଲି ଗ୍ରାମ ଧାର୍ମିକ ଉତ୍ସାହ ଓ ଭାଇଚାରାର ପରିବେଶରେ ମୁଖରିତ ହୋଇଉଠିଥିଲା। ଶୋଭାଯାତ୍ରା ସମୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ପବିତ୍ର ଅବସରରେ ହାଜି ଅବଦୁଲ ମଜିଦ, ମହମ୍ମଦ ଇଲିଆସ, ମହମ୍ମଦ ସଲିମ, ସେକ୍ ଆମଜାଦ, ମହମ୍ମଦ ନଜୀର, ଇନ୍ତିଆଜ, ଅନିଶ, ଗୁଲାମ ମୁସ୍ତଫା, ମହମ୍ମଦ ଆସିଫ୍, ଏମେଡି ଇବ୍ରାହିମ, ମୌଲାନା ରଜା ଉଲ୍ଲାଙ୍କ ସମେତ ମୁସଲିମ ସମ୍ପ୍ରଦାୟର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ଖ୍ୟାତନାମା ମୂତ୍ରରୋଗ ବିଶେଷଜ୍ଞ ଡା. ଦଣ୍ଡେଶ୍ୱର ହୋତାଙ୍କ ଚିକିତ୍ସା କେନ୍ଦ୍ର



**ବଲାଙ୍ଗୀର (ଅମୃତ ମିଡିଆ) :** ଓଡିଶା ତଥା ଜାତୀୟସ୍ତରର ଖ୍ୟାତନାମା ୟୁରୋଲୋଜିଷ୍ଟ, ଆଣ୍ଡ୍ରିଓଲୋଜିଷ୍ଟ କିଡ଼ନୀ ପ୍ରତ୍ୟାରୋପଣ ବିଶେଷଜ୍ଞ ତଥା ରାଜ୍ୟର ଚିକିତ୍ସା ବିଜ୍ଞାନର ପ୍ରତିଷ୍ଠାତା କୁଳପତି ଡା. ଦଣ୍ଡେଶ୍ୱର ହୋତା ବଲାଙ୍ଗିର ରାଧାରାଣୀପଡା ଠାରେ ଏକ ନିଃଶୁଳ୍କ ଚିକିତ୍ସା କେନ୍ଦ୍ର ଖୋଲିଛନ୍ତି। ଯାହାକି ଏ ଅଂଚଳର ରୋଗୀମାନଙ୍କ ପାଇଁ ବରଦାନ ସଦୃଶ ହେବ। ଏଠାରେ ଗତ ରବିବାର ଦିନ ପଚାଶରୁ ଅଧିକ ରୋଗୀ ନିଃଶୁଳ୍କ ପରାମର୍ଶ ପାଇଥିଲେ। ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାରରେ ଏହି ଚିକିତ୍ସାଳୟ ଖୋଲାରହିବା ସହ ଅନ୍ୟାନ୍ୟ ଚିକିତ୍ସା ସମ୍ବନ୍ଧୀୟ ସୁବିଧା ମଧ୍ୟ କରାଯାଇଛି। ଚିକିତ୍ସା କେନ୍ଦ୍ରରେ ଅନେକ ରୋଗୀ ଓ ବୁଦ୍ଧିଜୀବୀଙ୍କ ସହ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ସଭ୍ୟମାନେ ଉପସ୍ଥିତ ଥିଲେ। ସିଭିଲ ସୋସାଇଟି ତରଫରୁ ଡାକ୍ତର ଓ ତାଙ୍କ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରକାଶଥାଉ କି ଡା. ହୋତା ତାଙ୍କ ଟ୍ରଷ୍ଟ ତରଫରୁ ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତି ବର୍ଷ ସମସ୍ତ ପ୍ରକାର ରୋଗର ଚିକିତ୍ସାପାଇଁ ଖ୍ୟାତନାମା ବିଶେଷଜ୍ଞଙ୍କୁ ନେଇ ମୁକ୍ତ ଚିକିତ୍ସା ଶିବିର ଖୋଲିଥାନ୍ତି।

# ଗୋମାତା ସୁରକ୍ଷା ଅଭିଯାନ

## ୧୦୦ରୁ ଉର୍ଦ୍ଧ୍ୱ ବୁଲା ଗୋରୁଙ୍କୁ ଲଗାଗଲା ରେଡିୟମ ବ୍ୟାଣ୍ଡ



**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀର ନଗରରେ ରାତ୍ରିକାଳୀନ ସଡ଼କ ଦୁର୍ଘଟଣାରୁ ବୁଲା ଗୋରୁ ଏବଂ ଯାତ୍ରୀଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ବଲାଙ୍ଗିର ପୌରାଞ୍ଚଳରେ 'ଗୋମାତା ସୁରକ୍ଷା ଅଭିଯାନ' ଅଧୀନରେ ରେଡିୟମ ବ୍ୟାଣ୍ଡ (ପ୍ରତିଫଳକ ପଟି) ବନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ, ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ଏହି ସଚେତନତା ଓ ସୁରକ୍ଷାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ରାସ୍ତାରେ ବୁଲୁଥିବା ଗୋରୁମାନେ ଅନ୍ଧାରରେ ସ୍ପଷ୍ଟ ଭାବେ ଦୃଶ୍ୟମାନ ନ ହେବା ଯୋଗୁଁ ପ୍ରାୟତଃ ମାରାତ୍ମକ ଦୁର୍ଘଟଣା ଘଟିଥାଏ। ଏହି ସମସ୍ୟାର ସମାଧାନ ପାଇଁ ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତାକଡ଼ରେ ବୁଲୁଥିବା ପ୍ରାୟ ୧୦୦ଟି ଗୋରୁଙ୍କ ବେକ ଏବଂ ଶିଙ୍ଗରେ ଉଚ୍ଚ ପ୍ରତିଫଳନ କ୍ଷମତା ବିଶିଷ୍ଟ ରେଡିୟମ ବ୍ୟାଣ୍ଡ ବନ୍ଧାଯାଇଛି। ଫଳରେ ରାତି ସମୟରେ ଯାନବାହନର ଆଲୋକ ପଡ଼ିବା କ୍ଷଣି ଗୋରୁମାନେ ଦୂରରୁ ସ୍ପଷ୍ଟ ଜଣାପଡ଼ିବେ ଏବଂ ଦୁର୍ଘଟଣାକୁ ରୋକାଯାଇପାରିବ। ଏହି ଅଭିଯାନରେ ବଲାଙ୍ଗିର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମୋହନ ମାଣିଆ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ?ର ଭି.ଏ.ଏସ୍. ଡାକ୍ତର ମୋନାଲି ଦାଶ ଏବଂ ଭି.ଏ.ଏସ୍. ଡାକ୍ତର ସୁରମ୍ୟା ପ୍ରିୟଦର୍ଶିନୀ ପଣ୍ଡା ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହା ସହିତ ଏମଭିୟୁ ଓଏଅଚଏଲ ର କର୍ମଚାରୀ, ଲକ୍ଷ୍ମୀଜୋର ଫାଣ୍ଡି/ଥାନାର ପୋଲିସ ଅଧିକାରୀ ଏବଂ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଏହି ସେବା କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ପ୍ରାଣୀ ସମ୍ପଦ ବିଭାଗ ଏବଂ ପୋଲିସ ପ୍ରଶାସନର ଏହି ମହତ୍ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ବେଶ୍ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ମଧ୍ୟ ପୌରାଞ୍ଚଳର ବାକି ଅଞ୍ଚଳରେ ଏହି ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଦୋକାନଘର ସାଜିଛି ଅଙ୍ଗନବାଡି କେନ୍ଦ୍ର

## ୫ ବର୍ଷ ହେଲା ପିଲା ପଢୁଛନ୍ତି ଦୋକାନ ଗୃହରେ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଛୋଟ ଛୋଟ କୋମଳମତି ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୋଷଣର ଭିତ୍ତି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ସଦର ଚଲାନପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର ଅବ୍ୟବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଭଡ଼ା ଦୋକାନ ଗୃହରେ ଶିଶୁ ମାନଙ୍କୁ ପ୍ରାକ୍- ପ୍ରାଥମିକ ଶିକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, କେତେବେଳେ ଦୋକାନ ଗୃହ ଏବଂ ଅନ୍ୟ ସମୟରେ ଉପଲବ୍ଧ ସାଧାରଣ ଗୃହରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିବା କୁହାଯାଉଛି। ଫଳରେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ଶିକ୍ଷା ଅନୁକୂଳ ପରିବେଶ ନିଶ୍ଚିତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ଏକା ସ୍ଥାନରେ ଶିଶୁମାନଙ୍କ ପାଠପଢ଼ା ସହ ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ କାର୍ଯ୍ୟ ହେଉଥିବାରୁ ଅସୁବିଧା ସୃଷ୍ଟି ହେଉଥ?ବା ଅଭିଯୋଗ ରହିଛି। ଶିଶୁମାନଙ୍କ ଶିକ୍ଷା ପରିବେଶ, ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ପାଠପଢ଼ା ସ୍ଥାନ ଓ ରୋଷେଇ ବ୍ୟବସ୍ଥା ପୃଥକ ରହିବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ କଥା ହେଉଛି, ଏହି କେନ୍ଦ୍ର ପାଇଁ ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ପାଣ୍ଠି ଆସିଥିବା କୁହାଯାଉଥିବା ବେଳେ ମଧ୍ୟ ଜମି ଚିହ୍ନଟ ହୋଇନଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇପାରୁନାହିଁ। ଜମି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଶିଶୁମାନଙ୍କୁ ଏଭଳି ଅସ୍ଥାୟୀ ବ୍ୟବସ୍ଥାରେ ରହିବାକୁ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଦୀର୍ଘଦିନ ଧରି ସମସ୍ୟା ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ହୋଇନ?ଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନୱାଡ଼ି କେନ୍ଦ୍ର ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ସହ ପୋଷଣ ଓ ଯତ୍ନ ର ଏକ ଗୁରୁତ୍ୱପୂର୍ଣ କେନ୍ଦ୍ର ହୋଇଥିବାରୁ ଏହାର ଭିତ୍ତିଭୂମି ସୁବିଧା ଉପରେ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଦାବି ହୋଇଛି। ତେଣୁ ଜମି ଚିହ୍ନଟ ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରି ଅନୁମୋଦିତ ପାଣ୍ଠିରେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ସହିତ ଶିଶୁମାନଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଓ ଶିକ୍ଷା ଅନୁକୂଳ ଅସ୍ଥାୟୀ ବ୍ୟବସ୍ଥା କରିବାକୁ ମଧ୍ୟ ସେମାନେ ଅନୁରୋଧ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହାକୁ ନେଇ ଏବେ ଅଭିଭାବକ ଓ ଅଞ୍ଚଳବାସୀଙ୍କ ନଜର ପ୍ରଶାସନ ଉପରେ ରହିଛି।

# ଓଜେଇଇ ପରୀକ୍ଷାରେ ପ୍ରଥମ ପ୍ରୟାସରେ ଜସ୍ମିନଙ୍କ ସଫଳତା

**ବରଗଡ(ଅମୃତ ମିଡ଼ିଆ) :** ସଂପ୍ରତି ଅନୁଷ୍ଠିତ ହୋଇଥିବା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୬ ର ଫଳାଫଳ ପ୍ରକାଶିତ ହୋଇଯାଇଥିବା ବେଳେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କେବଳ ସରକାରୀ ସ୍କୁଲରେ ପାଠ ପଢ଼ି ଗତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନିଲାଥର ଗ୍ରାମର ଜଣେ ମେଧାବୀ ଝିଅ ଜସ୍ମିନ ଧରୁଆ ବିନା କୌଣସି ଟ୍ୟୁସନ ଓ କୋଚିଂ ରେ ପ୍ରଥମ ପ୍ରୟାସରେ ଏହି ଡାକ୍ତରୀ ପରୀକ୍ଷାରେ ରାଜ୍ୟ ସ୍ତରରେ ୨୫୧ ରେଙ୍କରେ ପାଶ କରି ଭବାନୀପାଟଣାର ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇବା ଘଟଣା ସମଗ୍ର ବରଗଡ଼ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ ମାଣ୍ଡୋସିଲ ପଞ୍ଚାୟତର ଡୁମ୍ବେରବାହାଲ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା କାଂସଡ଼ା ପଞ୍ଚାୟତର ନିଲାଥର ଗ୍ରାମ ନିବାସୀ ବାବୁଲାଲ ଧରୁଆ ଙ୍କ ଝିଅ ଜସ୍ମିନ ସଦ୍ୟ ପ୍ରକାଶିତ ଓଜେଇଇ ପରୀକ୍ଷାର ଚୁଡ଼ାନ୍ତ ଫଳାଫଳରେ ରାଜ୍ୟସ୍ତରରେ ୨୫୧ ରେଙ୍କ ହାସଲ କରିଛନ୍ତି। ସେ ମାଣ୍ଡୋସିଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓ ଷଷ୍ଠ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଇକମାଲ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ପାଠ ପଢ଼ି ଗତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୮୮ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ଓଜେଇଇ ପରୀକ୍ଷାରେ ମଧ୍ୟ ପ୍ରଥମ ପ୍ରୟାସରେ ସଫଳ ହୋଇ ଭବାନୀପାଟଣାର ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ ହୋଇଥିବାରୁ ପୂର୍ବରୁ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ସଫଳତା ପାଇଥିବା ବେଳେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୮୭ ପ୍ରତିଶତ ମାର୍କ ରଖିଥିଲେ। ଜସ୍ମିନଙ୍କ ଭାଇ ନବଜିତ ଧରୁଆ ମଧ୍ୟ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କେବଳ ସରକାରୀ ସ୍କୁଲ ଓ କଲେଜରେ ପାଠପଢ଼ି ଚିପିଲିମା ସ୍ଥିତ ଓୟୁଏଟିରେ ସଂପ୍ରତି ସଫଳତାର ସହ ଉଦ୍ଭିଦ ବିଜ୍ଞାନ ଶିକ୍ଷା ସମାପ୍ତ କରିସାରିଛନ୍ତି। ବିନା ଟ୍ୟୁସନ ଓ କୋଚିଂ ରେ କେବଳ ସରକାରୀ ସ୍କୁଲରେ ପାଠ ପଢ଼ି ନିଜର ଅଧ୍ୟବସାୟ ବଳରେ ପ୍ରଥମ ପ୍ରୟାସରେ ଡାକ୍ତରୀ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବାରୁ କୃତି ଛାତ୍ରୀ ଜସ୍ମିନ ଓ ତାଙ୍କ ପିତା ସହକାରୀ ଶିକ୍ଷକ ବାବୁଲାଲ ଧରୁଆ ଓ ମାତା ଦମୟନ୍ତୀ ଧରୁଆଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି ।

# 'ରକ୍ଷାବନ୍ଧନ ହେଉଛି ପ୍ରେମ ଓ ବିଶ୍ୱାସର ପର୍ବ'



**କଳାହାଣ୍ଡି (ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା) :** ରାକ୍ଷୀ ବନ୍ଧନ ହେଉଛି ହିନ୍ଦୁ ମାନଙ୍କ ଏକ ପବିତ୍ର ପର୍ବ। ଭାଇର ହାତରେ ଭଉଣୀ ସ୍ନେହର ଡୋରି ବାନ୍ଧିଥାଏ । ଭାଇଟିଏ ଭଉଣୀକୁ ପ୍ରତିଶୃତି ଦେଇଥାଏ ସବୁ ବିପଦ ଆପଦରୁ ତାକୁ ରକ୍ଷା କରିବାକୁ। ସେଥିପାଇଁ ଭଉଣୀ ଏହି ଦିନଟିକୁ ଖୁବ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଏ। ଶ୍ରାବଣ ମାସ ଶୁକ୍ଳ ପକ୍ଷ ପୂର୍ଣିମା ତିଥିରେ ରକ୍ଷା ବନ୍ଧନ ପାଳନ କରାଯାଇଥାଏ। ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୁର୍ଣିମା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ। ଏହି ପର୍ବ ଭାଇ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧି ଥାଏ ଓ ତାଙ୍କର ଉଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ। ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ କରିଥାଏ। ଏହି ପର୍ବ ଆମ ରାଜ୍ୟରେ ଶ୍ରାବଣ ମାସ ପୂର୍ଣିମି ଦିନ ପାଳନ କରାଯାଇଥାଏ। ତେବେ ଅନ୍ୟ ରାଜ୍ୟରେ ଗୋଆ, ଗୁଜୁରାଟ, ମହାରାଷ୍ଟ୍ର, କର୍ଣାଟକ ଆଦି ରାଜ୍ୟ ମାନଙ୍କରେ ଭିନ୍ନ ରୀତିରେ ଏହି ରାକ୍ଷୀ ପର୍ବ ପାଳନ ହୋଇଥାଏ। ପୁରାଣ ଓ ଇତିହାସ ରେ ରହିଛି ରକ୍ଷା ବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ। ରକ୍ଷା ବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି। ଅସୁର ସମ୍ରାଟ ବଳି ଭଗବାନ ବିଷ୍ଣୁଙ୍କର ଜଣେ ବଡ ଭକ୍ତ ଥିଲେ। ତାଙ୍କ ଉପରେ କୌଣସି ବିପଦ ଆସୁ ଏହା ବିଷ୍ଣୁ ଚାହୁଁ ନ ଥିଲେ। ତେଣୁ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗ କରି ବଳିର ରାଜପ୍ରସାଦରେ ଅବସ୍ଥାନ କଲେ। ତେଣୁ ମହା ଲକ୍ଷ୍ମୀ ଏହା ଚାହୁଁ ନ ଥିଲେ। ସେ ଚାହୁଁ ଥିଲେ ବିଷ୍ଣୁ ତାଙ୍କ ସହ ବୈକୁଣ୍ଠ ରେ ଅବସ୍ଥାନ କରନ୍ତୁ। ଏହାର ଉପାୟ ଚିନ୍ତା କରି ଲକ୍ଷ୍ମୀ ବ୍ରାହ୍ମଣୀ ବେଶରେ ବଳିକୁ ଭେଟିଲେ। ଶ୍ରାବଣ ପୂର୍ଣମିରେ ସେ ବଳି ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ। ଏହା ପରେ ଜଣେ ଭାଇ ହିସାବରେ ଲକ୍ଷ୍ମୀଙ୍କ କଥା ବୁଝିବା ବଳିଙ୍କର କର୍ତ୍ତବ୍ୟ ଥିଲା। ଲକ୍ଷ୍ମୀ କଣ ଚାହୁଁଛନ୍ତି ଜାଣିବା ପରେ ସେ ବିଷ୍ଣୁଙ୍କୁ ବୈକୁଣ୍ଠ ରେ ରହିବାକୁ ଅନୁରୋଧ କରିଥିଲେ। ମହାଭାରତ ରେ ମଧ୍ୟ ଏପରି କାହାଣୀ ରହିଛି। କାହାଣୀ ଟି କୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ। ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟି ଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ପଣତ କାନି ଚିରି ଶ୍ରୀକୃଷ୍ଣଙ୍କ ଅଙ୍ଗୁଳି ରେ ଗୁଡ଼ାଇ ଦେଇଥିଲେ। ଫଳରେ ରକ୍ତ ବନ୍ଦ ହୋଇ ଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀ କୃଷ୍ଣ ଭଉଣୀର ସ୍ନେହ ପାଇଥିଲେ। ସେତେବେଳେ କୁରୁ ସଭାରେ ଦ୍ରୌପଦୀଙ୍କୁ କୌରବ ମାନେ ବିବାସନା କରିବାକୁ ଉଦ୍ୟତ ହେଲେ। ସେତେବେଳେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ। ଇତିହାସ ରେ ମଧ୍ୟ ରହିଛି ରକ୍ଷା ବନ୍ଧନ। ଯଦି ଓ ଏହା ପଛରେ ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ଆଲେକଜାଣ୍ଡାର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ। ପ୍ରଥମ ଥର ପୁରୁଙ୍କଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ। ସେତେବେଳେ ଆଲେକ ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ଭଉଣୀ ଭାବେ ଗ୍ରହଣ କରିଥିଲେ। ରକ୍ଷା ବନ୍ଧନ ହେଉଛି ପ୍ରେମ ଓ ବିଶ୍ୱାସର ପର୍ବ। ସ୍ନେହ, ଶ୍ରଦ୍ଧା, ସମ୍ମାନର ପ୍ରତୀକ ରକ୍ଷା ବନ୍ଧନ ସମଗ୍ର ଭାରତ ବର୍ଷରେ ଏକ ସମୃଦ୍ଧ ଉତ୍ସବ। ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବେ ବିଶ୍ୱାସ କରୁଥିବା ଭାରତୀୟ ସଂସ୍କୃତିର ରକ୍ଷା ବନ୍ଧନ ପର୍ବର ଗୁରୁତ୍ୱ ବେଶ ପ୍ରଭାବଶାଳୀ। ଶ୍ରାବଣ ପୂର୍ଣ୍ଣିମାରେ ଶୁଭ ଅବସରରେ ପାଳିତ ହେଉଥିବା ଏହି ଉତ୍ସବଟି କେବଳ ଭାଇ ଭଉଣୀର ପବିତ୍ର ସ୍ନେହର ବନ୍ଧନ ନୁହେଁ ବରଂ ଦୁଇଟି ଆତ୍ମା, ଦୁଇଟି ହୃଦୟ ଏବଂ ପ୍ରାଣ ମଧ୍ୟରେ ପରସ୍ପର ପ୍ରତି ଘନିଷ୍ଠତା ଆବେଗ ଓ ସମ୍ମାନର ପ୍ରତୀକ।

# କଳାହାଣ୍ଡିରେ ୮୩,୩୮୦ ଚାଷୀ ପଞ୍ଜୀକୃତ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** କଳାହାଣ୍ଡି ଜିଲାରେ ଖରିଫ ଧାନବିକ୍ରି ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ସରିବାକୁ ଆଉ ମାତ୍ର ୪ ଦିନ ବାକି ରହିଛି। ହେଲେ ପଞ୍ଜୀକରଣ ପାଇଁ ବହୁବିଧ ସମସ୍ୟା ଅସମାହିତ ହୋଇ ରହିଛି। ଫଳରେ ଅନେକ ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ କରିପାରି ନ ଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ସର୍ଭର ଡାଉନ ଯୋଗୁ ଚାଷୀ ପଞ୍ଜୀକରଣ ବିଳମ୍ବିତ ହୋଇଛି। ଏଥିପାଇଁ ଚାଷୀମାନେ ଦୀର୍ଘ ସମୟ ଧରି ପାକ୍ସରେ ଛିଡା ହେବା ସହ ୨ରୁ ୩ ଦିନ ଦୌଡୁଥିବା ଜଣାପଡିଛି। ଚାଷୀ ପଞ୍ଜୀକରଣ ୩ଟି ପୋର୍ଟାଲ ଯଥା ଭୁଲେଖ, ଏନ୍?ପିସିଆଇ ଓ ଆଧାରରେ କାମ ହେଉଛି ଓ ଏହି ୩ ପୋର୍ଟାଲ ଖୋଲିବା ବେଳେ ସର୍ଭର ଡାଉନ ହୋଇଗଲେ ପଞ୍ଜିକରଣ ମଧ୍ୟ ବିଳମ୍ବିତ ହୋଇଯାଉଛି। ଗତ ୬ତାରିଖରୁ ଜିଲାରେ ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ୭୪ ପାକ୍ସ ଓ ଲ୍ୟାମ୍ପସରେ ଏହି ପ୍ରକ୍ରିୟା ଚାଲିଛି। ବୁଧବାର ସୁଦ୍ଧା ଜିଲାରେ ୮୩,୩୮୦ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଥିବା ସୂଚନା ମିଳିଛି। ଯାହାକି ଗତବର୍ଷ ତୁଳନାରେ ୬୬% ରହିଛି। ଆସନ୍ତା ୩୧ ତାରିଖ ପଞ୍ଜିକରଣର ଡେଡ ଲାଇନ ଥିବାବେଳେ ଏହା ଗତବର୍ଷର ଟାର୍ଗେଟ ୧୦୦% ଛୁଇଁବ ନା ନାହିଁ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରକାଶ ଯେ, ଚଳିତ ଖରିଫ ପଞ୍ଜିକରଣ ପାଇଁ ସରକାରଙ୍କ ନୂଆ ଗାଇଡ୍‌ଲାଇନ ଆରମ୍ଭରୁ ସମସ୍ୟା ଦେଖାଦେଇଥିଲା। ପ୍ରଥମେ ଏଗ୍ରିଷ୍ଟାକ ଆଇଡ଼ିକୁ ନେଇ ଚାଷୀମାନେ ହଟହଟା ହୋଇଥିଲେ। ତେବେ ଆନ୍ଦୋଳନ ପରେ ସରକାର ଏହାକୁ ପ୍ରତ୍ୟାହାର କରି ନେଇଥିଲେ। ଏହା ପରେ ଦେବୋତ୍ତର ଜମିରେ ଧାନବିକ୍ରି ପଞ୍ଜୀକରଣକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଯାହା ଅଦ୍ୟାବଧି ସମାଧାନ ହୋଇନାହିଁ। ଜିଲାର ବିଭିନ୍ନ ଦେବଦେବୀଙ୍କ ନାମରେ ଅନେକ ଜମି ରହିଛି। ଦେବୋତ୍ତର ବିଭାଗ ଅଧୀନରେ ସେବାୟତମାନେ ସେହି ଜମିରେ ଧାନଚାଷ କରି ଆସୁଛନ୍ତି। ସେଥିରୁ ଅମଳ ଧାନରେ ଦେବଦେବୀଙ୍କ ଭୋଗ ପ୍ରସ୍ତୁତ ହେଉଥିବାବେଳେ ବଳକା ଧାନକୁ ବିକ୍ରି କରି ମନ୍ଦିରର ଅନ୍ୟ କାମରେ ବିନିଯୋଗ ହୋଇଆସୁଛି ପୂର୍ବରୁ ପ୍ରତିବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ସେହି ଜମିରେ ଧାନବିକ୍ରି ପଞ୍ଜୀକରଣ ହୋଇଆସୁଥିଲା। ଗତବର୍ଷ ପଞ୍ଜୀକରଣ ପାଇଁ ପ୍ରଥମରୁ ମନା କରିଥିଲେ ସୁଦ୍ଧା ଶେଷ ମୁହୂର୍ତ୍ତରେ ପୁଣି ସେହି ଜମି ଧାନବିକ୍ରି ପାଇଁ ପଞ୍ଜୀକରଣ ହୋଇଥିଲା ଏବଂ ସେବାୟତମାନେ ମଣ୍ଡିରେ ଧାନବିକ୍ରି କରିବାର ସୁଯୋଗ ପାଇଥିଲେ। କିନ୍ତୁ ଏଥର ଆଗମ୍ଭରୁ ଦେବୋତ୍ତର ଜମିରେ ଧାନବିକ୍ରି ପଞ୍ଜୀକରଣକୁ ଅଧିକାରୀମାନେ ମନା କରିଦେବା ଯୋଗୁ ସେବାୟତମାନେ ଚିନ୍ତାରେ ପଡ଼ିଛନ୍ତି। ଯେଉଁ ସେବାୟତଙ୍କ ପଟ୍ଟାରେ ନାମ ଅଛି ସେମାନେ ପଞ୍ଜୀକରଣ କରିପାରୁଥିବାବେଳେଯେଉଁମାନଙ୍କ ନାମ ନାହିଁ ସେମାନେ ବଞ୍ଚ ହେଉଛନ୍ତି। ଜିଲାର ପ୍ରାୟ ୮୦% ସେବାୟତଙ୍କ ନାମ ପଟ୍ଟାରେ ନ ଥିବାବେଳେ କାହାର ବାପା, କାହାର ଜେଜେବାପାଙ୍କ ନାମ ରହିଛି ଓ ଯେଉଁଥିରେ କିଅଧିକାଂଶ ମୃତ ମଧ୍ୟ ହୋଇ ସାରିଲେଣି। ବିଗତ ବର୍ଷ ଭଳି ଏଥର ମଧ୍ୟ ଦେବୋରର ଜମିରେ ଧାନବିକ୍ରି ପଞ୍ଜୀକରଣ କରାଯାଉ ବୋଲି ସେବାୟତମାନେ ଦାବି କରିଛନ୍ତି। ଏ ନେଇ ଡିଆ?ସିଏସ୍ ସ୍ୱରୂପ କୁମାର କରଙ୍କୁ ପଚାରିବାରୁ ପଞ୍ଜିକରଣ ପାଇଁ ୩ ଟି ପୋର୍ଟାଲ ଖୋଲାଯାଉଥିବାରୁ ଗୋଟିଏ ସର୍ଭର ସ୍ଲୋ ହୋଇଗଲେ ପଞ୍ଜିକରଣ କରିବାରେ ବିଳମ୍ବିତ ହେଉଛି। ତଥାପି ଧାର୍ଯ୍ୟ ସମୟ ଭିତରେ ସମସ୍ତ ଚାଷୀଙ୍କ ପଞ୍ଜିକରଣ କରିବାକୁ ପ୍ରୟାସ କରୁଛୁ ବୋଲି କହିଥିଲେ। ଅନ୍ୟପକ୍ଷରେ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ବରୱାନଙ୍କୁ ଦେବୋରର ଜମିରେ ଧାନବିକ୍ରି ପଞ୍ଜୀକରଣ ନ ହେବା ବିଷୟରେ ପଚାରିବାରୁ ଦେବୋତ୍ତର ଜମିରେ ପଟ୍ଟା ନ ଥିବା ସେବାୟତଙ୍କ ଧାନ ବିକ୍ରି ପଞ୍ଜିକରଣ କରାଯିବା ପାଇଁ ଡିଆରସିଏସ୍‌ଙ୍କୁ କହିଛି ବୋଲି କହିଥିଲେ।

ସମ୍ପାଦକୀୟ...

# ବନ୍ୟା ବିଭୀଷିକା

ପ୍ରତିବର୍ଷ ବନ୍ୟା ଆସୁଛି। ବନ୍ୟା ଆସି ପୁଣି ଚାଲିଯାଉଛି। ଯାହା ପ୍ରକୃତିର ଧରାବନ୍ଧା ନିୟମ। ଯାହାକୁ ସ୍ୱୟଂ ଭଗବାନ୍ ବି ରୋକିପାରିବେ ନାହିଁ। କାରଣ ତାହା ହିଁ ପ୍ରକୃତି, ଏବଂ ସେହି ପ୍ରକୃତିର ନିୟମରେ ସେ ନିଜେ ହିଁ ବନ୍ଧା। ସେ ବା କ'ଣ କରିପାରିବେ ? ସେଣୁ ତାଙ୍କୁ ଡାକି କିଛି ଲାଭନାହିଁ। ସକାଳୁ ତାଙ୍କୁ ଡାକି ଚେଇଁବେ .ସନ୍ଧ୍ୟାରେ ହୁଏତ ଜୀବନ ନଥିବ କି ଧନ ସମ୍ପତ୍ତି ବି ନଥିବ। ସନ୍ଧ୍ୟାରେ ପ୍ରଭୁଙ୍କୁ ଡାକି ଶୋଇବେ, ସକାଳୁ ହୁଏତ ଜୀବନ ନ ଥାଇପାରେ କି ଧନ ସମ୍ପତ୍ତି। ଧନ ସମ୍ପତ୍ତିକୁ କିଏ ପଚାରେ .. ଯେଉଁଠି ଜୀବନ ବାଜିରେ ଲାଗିଯାଉଛି, ଯେଉଁଠି ଜୀବନ ହାରିଯାଉଛି , ଯେଉଁଠି ଜୀବନ ମରିଯାଉଛି, ସେଠି ଆଉ କାହାକୁ କିଏ ପଚାରେ ? ଯେଉଁଠି ଜୀବନ ଫସିଯାଉଛି ମହା ବିପତ୍ତିରେ ..ବନ୍ୟା ବିପତ୍ତିରେ ସେଠାରେ କି ମୂଲ୍ୟ ଧନ ସମ୍ପତ୍ତି ଅବା ପ୍ରତିପତ୍ତିରେ ଜୀବନକୁ ନେଇ ତ ସବୁକିଛି। ଯଦି ଜୀବନ ନାହିଁ, ତେବେ ଆଉ କିଛି ନାହିଁ। ସବୁବର୍ଷ ସେହିଭଳି ବନ୍ୟା ଆସୁଛି ଯାହାକି ତା'ର ସାଙ୍ଗରେ ଗୋଟାଏ ବଡ଼ ଧରଣର ବିପତ୍ତି ବି ନେଇ ଆସୁଛି ଏବଂ ସେହି ବିପତ୍ତି ପ୍ରତିବର୍ଷ ଲକ୍ଷ ଲକ୍ଷ କୋଟି କୋଟି ଲୋକଙ୍କ ଜୀବନ ନଷ୍ଟ କରିଦେଉଛି। ତା' ସହିତ କେତେ ଯେ ଧନ ଜୀବନ ନଷ୍ଟ ହେଉଛି, ତା'ର କିଛି ଠିକଣା ନାହିଁ । ହେଲେ ଅତି ଆଶ୍ଚର୍ଯ୍ୟର ବିଷୟ ଯେ ବନ୍ୟା ବହିଗଲା ପରେ ସବୁକିଛି ଭୁଲିଯାଉଛନ୍ତି ସମସ୍ତେ। ଏପରିକି ଦେଶର ସରକାର ଏବଂ ରାଜ୍ୟର ସରକାର। ଯାହାକି ସମାଜ ପାଇଁ, ଦେଶ ପାଇଁ ଅତି ଚିନ୍ତାର ବିଷୟ , ଅତି ପରିତାପର ବିଷୟ ; ଅତି ଲଜ୍ଜାର ବିଷୟ ଏବଂ ଅତି ଦୁଃଖର ବିଷୟ। ତଥାପି ହେଜୁନାହାଁନ୍ତି ସରକାର, ତଥାପି ତେଜୁ ନାହାଁନ୍ତି ସରକାର। ପ୍ରତିବର୍ଷ ଭାରତରେ ବନ୍ୟା ଆସୁଛି. ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ..ସବୁଆଡ଼େ ବନ୍ୟା ବିଭୀଷିକା, ସବୁଆଡ଼େ ବନ୍ୟାା ବିପର୍ଯ୍ୟୟ , ସବୁଆଡ଼େ ବନ୍ୟା ଭୟ । ସବୁଆଡ଼େ ବନ୍ୟା ବିପତ୍ତି ଏବଂ ସବୁଆଡ଼େ ବନ୍ୟା କ୍ଷୟକ୍ଷତି। ଦକ୍ଷିଣରେ ଯଦିଓ ସ୍ଥିତି ସେତେ ସଙ୍ଗୀନ ହୋଇନପାରେ ଯେହେତୁ ନଦୀ ବହୁଳ ନୁହେଁ ଦକ୍ଷିଣ ଭାରତ କିମ୍ବା ସେଭଳି ବୃହତ୍ ନଦୀ ଦକ୍ଷିଣ ଭାରତରେ ପ୍ରବହମାନ ନ ହେଉଥିବା କାରଣରୁ ସେଭଳି ବନ୍ୟାବହୁଳ ନୁହେଁ ତଥାପି ୧୯୨୪ ମସିହାରେ କେରଳରେ ହୋଇଥିଲା ଏକ ବଡ଼ ଧରଣର ବନ୍ୟା ଯାହାକି ପ୍ରଭୂତ କ୍ଷତିସାଧନ କରିଥିଲା ସଂପୃକ୍ତ ରାଜ୍ୟର। ତାହାପରେ ଉତ୍ତର ଭାରତରେ ୧୯୭୯ରେ ଏବଂ ୨୦୧୩ରେ ମଧ୍ୟ ସେହିଭଳି ଏକ ବଡ଼ ଧରଣର ବନ୍ୟା ଆସିଥିଲା ଯାହାକି ଆଧୁନିକ ଭାରତ ଇତିହାସରେ ତତ୍କାଳୀନ ସମୟରେ ଯେଉଁ ବନ୍ୟା ବିଭୀଷିକା ସୃଷ୍ଟି କରିଥିଲା, ତାହା କୌଣସ ମହା ଜଳପ୍ରଳୟ ଠାରୁ କିଛି କମ୍ ନୁହେଁ। ତେବେ ଭାରତର ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ପ୍ରତିବର୍ଷ ଯେଭଳି ଭାବରେ ବନ୍ୟା ଆସୁଛି ତାହା ପଛରେ ଅବଶ୍ୟ ବିଭିନ୍ନ କାରଣ ରହିଛି । ଖାଲି ସେତିକି ନୁହେଁ, ବନ୍ୟାରେ ଯାହା ବି କ୍ଷୟକ୍ଷତି ହେଉଛି, ସେ ସବୁର ଆକଳନ ବି କୋଟିକୋଟି। ଯାହାର ଭରଣା କରିବା ମଧ୍ୟ ଅସମ୍ଭବ । ବନ୍ୟାର ପ୍ରଳୟରେ ଯେଉଁଠି ଶହ ଶହ ଜୀବନଦୀପ ଲିଭିଯାଉଛି , ସେ କ୍ଷେତ୍ରରେ ବି ସରକାର ମଧ୍ୟ ନୀରବ । ବନ୍ୟା ତ ଆସିବ ପ୍ରତିବର୍ଷ। ଏବେ ଭାରତର ପୂର୍ବାଞ୍ଚଳ ରାଜ୍ୟ ଆସାମ ଏବଂ ଓଡ଼ିଶାରେ ମଧ୍ୟ ବନ୍ୟା ବିଭୀଷିକା । ଭାରତର ପଡ଼ୋଶୀ ନେପାଳର ସ୍ଥିତି ଅତି ଗମ୍ଭୀର। ସେଠାରେ ତ ଜଳ ପ୍ରଳୟ। ସେହି ଜଳ ପ୍ରଳୟ ଦୃଶ୍ୟ ଟିଭି ପରଦାରେ ଦେଖିଲେ ଲାଗୁଛି ଯେମିତି ହଲିଉଡ୍ ର ଚଳଚ୍ଚିତ୍ର ଭଳି। ଯାହାର କ୍ଷୟକ୍ଷତିର ଆକଳନ କରିବା ହୁଏତ ସମ୍ଭବ ନୁହେଁ। ତେବେ ଭାରତ ସରକାର ଆପଣା ଦେଶରେ ବନ୍ୟା ବିଭୀଷିକା ପରେ ବି ସାହାଯ୍ୟ ଏବଂ ସହଯୋଗର ହାତ ବଢ଼ାଇବା ପାଇଁ ପ୍ରସ୍ତୁତ ହେଉଛି ନେପାଳ ପାଇଁ .. ତାହା ହିଁ ଅତି ବଡ଼ ବିଷୟ।

ଜ୍ଞାନାମୃତ

## ଶେଷ ବିଶ୍ୱାସ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିଙ୍କୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରନ୍ତେ ସେହି ମହିଳା ବାବାଙ୍କ୍ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିବା କଥା ସୂଚାଇଦେଲେ। ଯାହାକି ବାବାଙ୍କ ଉପରେ ତାଙ୍କର ଶେଷ ବିଶ୍ୱାସ ଥିବା କଥା ସୂଚାଇଦେଲା।

# କ୍ରୀଡ଼ା ଦିବସ



ଅକ୍ଷୟ କୁମାର ରାଉତ



ପ୍ରକୃତିର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ମଣିଷ ଯେତେବେଳେ ଆତ୍ମବିଭୋର ହୋଇପଡେ, ସବୁଜ ଶସ୍ୟ କ୍ଷେତ୍ର, ନିର୍ଝରିଣୀର କୁଳୁକୁଳୁ ସ୍ୱନ, ବିହଙ୍ଗମାନଙ୍କର କାକଳି, ଆକାଶର କମନୀୟ ରୂପ, ଏହି ସବୁ ଯେତେବେଳେ ଜୀବନର ସ୍ୱାଦ ରୂପେ ଉପଭୋଗ କରେ। ଯୁଗେ ଯୁଗେ ପ୍ରକୃତିର ଶାନ୍ତ କାନ୍ତ କମନୀୟ ରୂପମାଧୁରୀ କବି, ଦର୍ଶକ, ଭାବୁକ, କଳାକାର ଓ ଲେଖକମାନଙ୍କୁ ବିମୋହିତ କରୁଥାଏ। ତଥାପି କର୍ମକ୍ଳାନ୍ତ ମଣିଷ ଜୀବନରେ ଅଣନିଃଶ୍ୱାସୀ ହୋଇ ଖୋଜେ ଚିତ ବିନୋଦର ବିବିଧ ମାଧ୍ୟମ। ମନୁଷ୍ୟର ମନୋରଞ୍ଜନ ନିମିତ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ କ୍ରୀଡା ଅନ୍ୟତମ। କିଏ ଖେଳରେ ଅଂଶ ଗ୍ରହଣକରି ଆନନ୍ଦ ଲାଭ କରେ ତ କିଏ ଖେଳ ଦେଖି ତାକୁ ଉପଭୋଗ କରେ। ବର୍ତମାନ ବିଦ୍ୟା, ବୁଦ୍ଧି, କୌଶଳ, କାର୍ଯ୍ୟ ଓ ଦକ୍ଷତା ପ୍ରଭୃତିରେ ପରସ୍ପରକୁ ଅତିକ୍ରମ କରିବା ପାଇଁ ମାନବ ସମାଜ ମଧ୍ୟରେ ଯେଉଁ ପ୍ରଚେଷ୍ଟା ଦୃଷ୍ଟିଗୋଚର ହୁଏ ତାହା ହିଁ ପ୍ରତିଯୋଗିତା ନାମରେ ପରିଚିତ। ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ସବୁଶ୍ରେଣୀ ମଧ୍ୟରେ ଉଚ୍ଚ, ନୀଚ, ବଡ, ସାନ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗିତାର ପରାକାଷ୍ଠା ମୁଣ୍ଡ ଟେକିଛି। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ଖେଳକୁଦରେ ପ୍ରତିଯୋଗିତାର ଯୁଗ ଆରମ୍ଭ ହୋଇଯାଇଛି। ଜାତୀୟ, ଆନ୍ତର୍ଜାତୀୟ ଓ ଆଂଚଳିକ ସ୍ତରରେ ହେଉଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତି ଉତ୍ସାହିତ କରିବାରେ ଲାଗିପଡିଛନ୍ତି। କ୍ରୀଡାଭୂମିରୁ ବଡ ବଡ ରାଜନୀତିଜ୍ଞ ଓ ଶାସକ ଗଢ଼ିଉଠନ୍ତି। ମନୁଷ୍ୟର ଶାରୀରିକ ମାନସିକ ଓ ନୈତିକ ସ୍ୱାସ୍ଥ୍ୟର ଉନ୍ନତି ନିମିତ କ୍ରୀଡା ଆବଶ୍ୟକ ଜରୁରୀ ହୋଇପଡିଛି।ପ୍ରାଚୀନ କାଳରୁ ଆଦିମ ମନୁଷ୍ୟ ଶିକାର କରିବାର କୌଶଳକୁ ପର ଅବସ୍ଥାରେ କିଛିଟା ନିଜ ବୁଦ୍ଧି ବଳରେ ଖେଳରେ ଲଗାଇଥିଲା। ପ୍ରକାର ଭେଦରେ କେତେକ ଖେଳକୁ ଶାରୀରିକ କ୍ରୀଡା ଓ କେତେକ ଖେଳକୁ ମାନସିକ କ୍ରୀଡାର ପର୍ଯ୍ୟାୟଭୁକ୍ତ କରାଯାଇପାରେ। କେତେକ କ୍ରୀଡା ଗୃହ ମଧ୍ୟରେ ଅନୁଷ୍ଠିତ ହୁଏ ଏବଂ କେତେକ କ୍ରୀଡା ବାହାରେ କରାଯାଇଥାଏ। ଯେତେ ପ୍ରକାର କ୍ରୀଡା ଅଛି ସେ ସବୁଗୁଡିକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛେ। ପ୍ରଥମତଃ ଦେଶୀୟ କ୍ରୀଡା ଏବଂ ଦ୍ୱିତୀୟତଃ ବିଦେଶୀୟ କ୍ରୀଡା। ଦେଶୀୟ କ୍ରୀଡା କହିଲେ କବାଡି, ବୋହୂଚୋରି, ଚୋର ପୁଲିସ୍, ଖୋଖୋ, ହକି, ତାସ୍ ଓ ଲୁଡୋ ଆଦି କେତେକ ଖେଳକୁ ବୁଝାଏ। ବିଦେଶୀୟ କ୍ରୀଡା କହିଲେ ଫୁଟ୍‌ବଲ୍, ଭଲିବଲ, କ୍ରିକେଟ, ନେଟବଲ୍, ଟେନିସ୍, ଗଲ୍ଫ ଓ ବାସ୍କେଟବଲ ଆଦିକୁ ସୂଚାଇଥାଏ।

କ୍ରୀଡା ଏକ ଶାରୀରିକ ବ୍ୟାୟାମ, ଯିଏ ମନକୁ ପ୍ରଫୁଲ୍ଲତା ଆଣେ ଓ ଶାରୀରିକ ଶକ୍ତି ବଢ଼ାଏ। କ୍ରୀଡା ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ। ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। କ୍ରୀଡା ସମୟନିଷ୍ଠ, ନିୟମାନୁବର୍ତୀତା, ଏକାଗ୍ରତା ଓ ନେତୃତ୍ୱ ଦେବାର କଳା ଶିଖାଏ। ଅନେକ ସମୟରେ ଖେଳାଳିମାନେ ଖେଳାଳି ମନୋବୃତି ଭୂଲିଯାଇ ପ୍ରତିପକ୍ଷର ବିଜୟରେ ଅସହିଷ୍ଣୁ ହୋଇପଡନ୍ତି ଫଳରେ ଭୟାନକ ପରିସ୍ଥିତି ଦେଶ ଦେଶ ମଧ୍ୟରେ ସୃଷ୍ଟି ହୁଏ। ଦର୍ଶକ ହୁଅନ୍ତୁ ବା ଖେଳାଳି ସମସ୍ତେ ଅସହିଷ୍ଣୁତା ତ୍ୟାଗ କରି ନୈତିକ ପ୍ରତିଯୋଗିତାରେ ମନ ନିବେଶ କରିବା ବିଧେୟ। କ୍ରୀଡା ପ୍ରତିଯୋଗିତାର ମଧ୍ୟସ୍ଥ ବ୍ୟକ୍ତି ଉଭୟ ପକ୍ଷ ଖେଳାଳିମାନଙ୍କର ବିଶ୍ୱାସଭାଜନ ହେବା ଉଚିତ।କ୍ରୀଡା ପ୍ରତିଯୋଗିତାର ଇତିହାସ ବହୁ ପୁରାତନ। ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା ସବୁଠାରୁ ପ୍ରାଚୀନ ଓ ବିଶ୍ୱପ୍ରସିଦ୍ଧ। ଏହି କ୍ରୀଡା ପ୍ରତିଯୋଗିତା ଗ୍ରୀସ୍ ଦେଶର ଅଲମ୍ପିଆ ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା କୁହାଯାଏ (ଅଲମ୍ପିକ୍ ଶବ୍ଦଟି ଅଲମ୍ପିଆ ଶବ୍ଦରୁ ଆସିଅଛି)। ଗ୍ରୀକ୍‌ମାନଙ୍କର ପ୍ରଧାନ ଦେବତା ଜୀୟସ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡା ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ପୂର୍ବେ ଗ୍ରୀକ୍ ବହୁ ନଗର ଓ ରାଜ୍ୟରେ ବିଭକ୍ତ ହୋଇ ଯୁଦ୍ଧରେ ମାତି ରହୁଥିଲା। ଅଲମ୍ପିକ୍ କ୍ରୀଡା ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱର ବାର୍ତା ସୃଷ୍ଟି କରୁଥିଲା। ଅଲମ୍ପିକ୍ କ୍ରୀଡା ଯୋଗୁ ସେମାନେ ଏକାଠି ସୂତ୍ରରେ ବାନ୍ଧି ହୋଇ ରହିପାରୁଥିଲେ। ଅଲମ୍ପିକ୍ କ୍ରୀଡାରେ ପ୍ରଥମେ ଗ୍ରୀକ୍ ନଗର ରାଜ୍ୟର ଖେଳାଳିମାନେ ଯୋଗ ଦେଉଥିଲେ। ଏହି ଖେଳରେ ନାରୀମାନଙ୍କୁ ଖେଳିବାକୁ ଅନୁମତି ମିଳୁନଥିଲା।କିନ୍ତୁ ସମୟ କ୍ରମେ ବିଭିନ୍ନ ଦେଶର ଖେଳାଳିମାନେ ଏହି ଖେଳରେ ଅଂଶ ଗ୍ରହଣ କରିବାକୁ ଲାଗିଲେ। ଗ୍ରୀସ୍ ଓ ରୋମ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଖ୍ରୀଷ୍ଟପୂର୍ବ ୭୭୬ରୁ ଆରମ୍ଭ ହୋଇଥିବା ଏହି ଖେଳ ୧୩୯୪ ଖ୍ରୀଷ୍ଟାବ୍ଦରେ ବନ୍ଦ ହୋଇଯାଇଥିଲା। ଫରାସୀ ଯୁବକ ବ୍ୟାରେନ୍ ପ୍ୟାରିଡଙ୍କ ଚେଷ୍ଟା ଫଳରେ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା ୧୮୯୬ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆରମ୍ଭ ହେଲା। କିନ୍ତୁ ଏହି କ୍ରୀଡା ଅଲମ୍ପିଆଠାରେ ନ ହୋଇ ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଅଛି। ୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ କ୍ରୀଡା ପ୍ରତିଯୋଗିତା ବନ୍ଦ ଥିଲା। ୧୯୨୮ ମସିହାଠାରୁ ଭାରତବର୍ଷ ଅଲମ୍ପିକ୍ କ୍ରୀଡାରେ ଅଂଶ ଗ୍ରହଣ କରି ଆସୁଅଛି। ଏହି ପ୍ରତିଯୋଗିତାରେ ଭାରତ ତାର ଜାତୀୟ ଖେଳ ହକିରେ ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା। ଅଲମ୍ପିକ କ୍ରୀଡା ପ୍ରତିଯୋଗିତା ହେଉଛି, ଆଧୁନିକ ଜଗତର ସର୍ବପ୍ରଥମ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ସଂଗଠନ। ଏହି ପ୍ରତିଯୋଗିତାରେ ଏବେ ପୁରୁଷ ଓ ନାରୀ ଉଭୟ ଯୋଗଦେଉଛନ୍ତି।ଅଲମ୍ପିକ୍ କ୍ରୀଡା ବ୍ୟତୀତ ଅନ୍ୟାନ୍ୟ ବହୁବିଧ କ୍ରୀଡା ପ୍ରତିଯୋଗିତା ସଂଗଠନମାନ ସୃଷ୍ଟି କରାଯାଇଅଛି, ଯଥା - ଏସିଆଡ୍, ଡେଭିସ୍ କପ୍, ଡର୍ବିରେସ୍, ଏମ୍ପାୟାର ଗେମ୍ସ, ଗ୍ରାଂଟ ପ୍ରିକସ୍, ମାରାଥନ୍ ରେସ୍, ଆଗା ଖାଁ କପ୍, ରଣଜିତ୍ ଟ୍ରଫି, ମହାରାଜା ସନ୍ତୋଷ ସ୍ମୃତି କପ୍, ରୋଭର୍ସ କପ୍, ସେଫିଲ୍‌ଡ ସିଲ୍‌ଡ, ୱାଇଟ୍ ମ୍ୟାନ୍ କପ୍, ଏଫ.ଏ.କପ୍, ବିଟନ୍ କପ୍, କ୍ୟାଲ୍‌କାଟା କପ୍, କର୍ବିଲିଆନ୍ କପ୍, ଦିଲ୍ଲୀ କ୍ଲଥ୍ ମିଲିସ୍ କପ୍, ଡୁରାଣ୍ଡ କପ୍, ନ୍ୟାସନାଲ ଆଇ.ଏଫ୍.ଏ.ସିଲ୍‌ଡ, ବିଜୟ ଲକ୍ଷ୍ମୀ କ୍ଲବ୍ ୱାକର କପ୍, ଟେଷ୍ଟମ୍ୟାନ୍ ଓ ରଙ୍ଗସ୍ୱାମୀ କପ୍ ଆଦି ବହୁ ଆଂଚଳିକ କ୍ରୀଡା ସଂଗଠନ ଭାରତ ଓ ପୃଥିବୀରେ ରହିଅଛି।କ୍ରୀଡାବିତ୍, କ୍ରୀଡା ପ୍ରେମୀ ବ୍ୟକ୍ତି ଏବଂ ସରକାର କ୍ରୀଡାର ଗୁଣାତ୍ମକମାନ ବୃଦ୍ଧି ପାଇଁ ପ୍ରୟାସ କରିବା ବିଧେୟ। ଖେଳାଳୀମାନେ କୌଣସି ଖେଳରେ ପରାଜିତ ହେଲେ ହତୋତ୍ସାହ ନହୋଇ ଅଧିକ ନିଷ୍ଠାର ସହିତ ଖେଳିଲେ ନିଜର ସୁନାମ ସହିତ ଦେଶ ପାଇଁ ଗୌରବ ଅର୍ଜନ କରିପାରିବେ। କ୍ରୀଡା ପ୍ରତିଯୋଗିତାରେ କେବଳ ଦେଶର ହିତ ହୋଇଥାଏ। ତା ନୁହେଁ ବରଂ ବିଶ୍ୱରୁ ଯୁଦ୍ଧ ବିଭୀଷିକାକୁ ଏଡାଇ ଦିଆଯାଇପାରେ। ସେଥିପାଇଁ ଆମେ ଅଗଷ୍ଟ ମାସର ଅଣତିରିଶ ତାରିଖକୁ କ୍ରୀଡା ଦିବସ ରୂପେ ପାଳନ କରିଥାଉ। ଏହି କ୍ରୀଡା ଦିବସ ଆମକୁ ଚରିତ୍ର, ନୈତିକତା, ଶୃଙ୍ଖଳା ଜ୍ଞାନ, ଭାତୃଭାବ ତଥା ସ୍ନେହ ସଦ୍‌ଭାବର ଶିକ୍ଷା ଦେଇଥାଏ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

# ଅନନ୍ତ ଯାତ୍ରାରେ କିମ୍ବଦନ୍ତୀର ଅମୃତ ସନ୍ତକ 'ଆତ୍ମନ୍'



ବାଦଲ ଭୂୟାଁ

ଏମିତିରାତି ସେ ଯେ ଅଭୁଲା ସ୍ମୃତି... ମାଝୀରେ ସେ ତ ଶ୍ରାବଣ ପୁରୁବା ପବନ...ରେ ଆତ୍ମନ ନିଦ୍ରା ପରିହରି ...... ଏହି ଜୀବନଟା ଏକ ନାଟକ। ସବୁଦିନ ପାଇଁ ଏଇ ଜୀବନ ନାଟକରେ ଯବନିକା ଟାଣି ଶ୍ରାବଣକୁ ସାକ୍ଷୀ କରି ସେଇ ଶେଷ ଶ୍ରାବଣରେ ମାଝୀ ଚାଲିଗଲେ ଅଫେରା ନାଆରେ। ସୀମାହୀନ ଦରିଆ, ସାଥୀହୀନ ଦୁନିଆକୁ....... ଯେଉଁଠି ଶୁଭୁଛୁ.......ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ଉଆଁସ ରାତି ପାହିଲା ମାଝୀ... ଯାରେ ମାଝୀ ଯା ତୁ ନୌକା ବାହି ଯା....। ଶେଷ ହୋଇନଥିଲା ଶ୍ରାବଣ, ଥମି ବି ନଥିଲା ପୁବେଇ ପବନ ସଂଗୀତ ନାମକ ସାଗରରେ ନିଜ ଡ଼ଙ୍ଗା ସଜିଲ କରି ସରଗମ୍ ଲହରେଇ ପୁଣି ଲହରେଇ ଆମକୁ କିମିଆ କରିଥିବା ସେ ମାଝୀ କିନ୍ତୁ ଫେରାର। କାତ ଥାଇ ବା କ'ଣ ଲାଭ ଯେଉଁ ମାଝୀ ଦିନେ ଅକାତ କାତ ଦରିଆକୁ ଆଦରି ନେଇଛନ୍ତି ଯେଉଁଠି କେହି ବି ଆଉ ଫେରିପାରନ୍ତି ନାହିଁ। ତାଙ୍କ ସଂଗୀତରେ ଭରି ରହିଥିଲା ଜୀବନ ବଞ୍ଚିବାର କିମିଆ କରୁଥିଲା, ଗମ୍ଭୀର କରୁଥିଲା ଆତ୍ମାର ସ୍ୱର ପରି । ସେ ଥିଲେ ବାସ୍ତବରେ ପ୍ରଣବ ହିଁ ପ୍ରଣମ। ପ୍ରଣବ ବାବୁଙ୍କ ବ୍ୟକ୍ତିଗତ ଜୀବନ ଓ ପ୍ରେମ କାହାଣୀ ସର୍ବଦା ବହୁତ ସରଳ ଏବଂ ଗୋପନୀୟ ରହିଥିଲା। ସେ କୌଣସି ବିବାଦୀୟ କିମ୍ବା ଚର୍ଚ୍ଚାରେ ନରହି ନିଜର ସଙ୍ଗୀତ ସାଧନାକୁ ହିଁ ପ୍ରଥମ ପ୍ରାଥମିକତା ଦେଇଥିଲେ। ତାଙ୍କ ପତ୍ନୀ କସ୍ତୁରିକା ପଟ୍ଟନାୟକ ଜଣେ ଜଣାଶୁଣା ସମାଜସେବୀ। ଯିଏ ପରିବାର ଏବଂ ସମାଜ ସେବାରେ ସର୍ବଦା ଆଗୁଆ ରହି ଆସିଛନ୍ତି। ଆଜି ମିଳନ ଇନ୍ଦ୍ରଧନୁରୁ ସପ୍ତରଙ୍ଗ। କାନ୍ଦୁଛନ୍ତି ସାତସୁର। ପଡ଼ିଗଲା ଶେଷ ଅଙ୍କର ଯବନିକା। ଚାଲିଗଲେ ସ୍ୱରର ଯାଦୁଗର। ନିରବିଗଲା ଓଡ଼ିଆ ସଙ୍ଗୀତର ଆଉ ଏକ ସୁମଧୁର ସ୍ୱର। ଚିରନିଦ୍ରାରେ କାଳଜୟୀ ଗୀତର ଗୁରୁ ଗମ୍ଭୀର କଣ୍ଠସ୍ୱର। ପରଲୋକରେ ପ୍ରବୀଣ ଓଡ଼ିଆ ପ୍ରଚ୍ଛଦପଟ୍ଟ ଗାୟକ ତଥା ସ୍ୱର କିମ୍ବଦନ୍ତୀର ଶେଷ ସନ୍ତକ ପ୍ରଣବ କିଶୋର ପଟ୍ଟନାୟକ। ଏକଦା ଏକ ଟିଭି ଚ୍ୟାନେଲକୁ ସାକ୍ଷାତ ଦେବା ସମୟରେ କିଛି ଅଜଣା ତଥ୍ୟ ପ୍ରକାଶ ପାଇଥିଲା ପ୍ରଣବ ପଟ୍ଟନାୟକଙ୍କ ସମ୍ପର୍କରେ। ୧୯୬୬ରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଓଡ଼ିଆ ସିନେମା 'କା'ରେ ଗୀତିକାର ଦେବଦାସ ଛୋଟରାୟଙ୍କ 'ତୁମେ ଜାଣନା ଜାଣନା' ଗୀତ, ଯାହାକୁ ନିର୍ମଳା ମିଶ୍ର ଓ ପ୍ରଣବ କିଶୋର ପଟ୍ଟନାୟକ ଗାଇଥିଲେ। ତା ବିଷୟରେ ଶ୍ରୀ ପଟ୍ଟନାୟକ ଯାହା କହିଥିଲେ, ଗୌରଦା'ଙ୍କ ଘରେ ରିହରସଲ୍ ହେଉଥିଲା। ଭୁବନେଶ୍ୱର ସାର ସ୍ୱର କରିଥିଲେ। ଚପାଦେଇ, ଗୌରଦା, ସାରଦା ଭାଇ, ଅକ୍ଷୟ ଏକାଠି ହେଉଥିଲୁ। 'ତୁମେ ଜାଣନା ଜାଣନା' ଗୀତଟି ମତେ ଶିଖାଇ ସାର କହିଥିଲେ ଯେ, ଏହା ଡୁଏଟ୍, ତୁମେ ଓ ସନ୍ଧ୍ୟା ମୁଖାର୍ଜୀ ନ ହେଲେ ନିର୍ମଳା ମିଶ୍ର ଗାଇବ। ସ୍ୱରଟି ରବୀନ୍ଦ୍ର ସଙ୍ଗୀତ ଆଧାରିତ ଥିଲା। ମୁଁ ପୁରା ଶିଖିନେଲି। ଯେତେବେଳେ କୋଲକାତା ଟେକ୍ନିସିଆନ୍ ଷ୍ଟୁଡ଼ିଓରେ ରେକର୍ଡ଼ିଂ ହେବା ଠିକ ହେଲା। ମୁଁ ଜାଣିନି ଯେ ନିର୍ମଳା ମୋ ସହ ଗାଇବେ। ସେ ମତେ ପେନୁ ଦା' ଡାକନ୍ତି। ଓଡ଼ିଆରେ ଅନେକ ଗୀତ ଗାଇ ସାରିଥାନ୍ତି ସେତେବେଳକୁ। ରେକର୍ଡ଼ିଂ ଆଗ ଦିନ ରିହରସଲ କଲୁ। ମୁଁ ପ୍ରଥମେ ନିର୍ମଳାଙ୍କୁ ଗୀତଟି ବୁଝାଇଦେଲି। ଭୁବନେଶ୍ୱର ସାର ତ ବେହେଲାରେ ସୁର କରନ୍ତି, ସେ ତାନ ଧରିଲେ। ମୁଁ ଆରମ୍ଭ କଲି 'ତୁମେ ଜାଣନା ଜାଣନା' ବାସ ! ଏତିକି ଗାଇବା ପରେ ନିର୍ମଳା ସଙ୍ଗେ ସଙ୍ଗେ ଧରିଲେ, 'ମୁଁ ଜାଣେନା'। ସ୍କ୍ରିପ୍ଟରେ ତ ଏହା ନଥିଲା। ମୁଁ ପ୍ରଥମ ଲାଇନ ଗାଇବା ପରେ ସେ ଗାଇବା କଥା। ମୁଁ ରହିଗଲି, ଆଶ୍ଚର୍ଯ୍ୟ ବି ହେଲି। ସାର ବି ଚୁପ୍। ତା ପରେ ସାର୍ କହିଲେ, 'ଭଲ ଲାଗୁଛି, ଯଦିଓ ନାୟକ ପୁରା ଲାଇନ ଗାଇବା ପରେ ନାୟିକା ଗାଇବା କଥା, ତେବେ ବି ଏହି ଷ୍ଟାଇଲ ଭଲ ଲାଗିବ। ଗୋଟେ କାମ କରିବା, ମଝି ମଝିରେ ଏମିତି କରିବା ନାୟକ ଗାଇବ 'ତୁମେ ଜାଣନା ଜାଣନା' ବା 'ତୁମ ଆଖିରେ ଆଖିରେ' ଆଉ ନାୟିକା ସେଠୁ ଧରିବ 'ମୁଁ ଜାଣେନା' ବା 'ମୋ ଆଖିରେ'। ଚପାଦେଇ ଓ ଗୌରଦା ସେଠି ଥିଲେ। ସେମାନେ ସମର୍ଥନ କଲେ। ତାହା ହିଁ ହେଲା। ମୋର ମନେ ହୁଏ, 'ମୁଁ ଜାଣେନା' ବା 'ମୋ ଆଖିରେ'ଲତକ ପାଇଁ ଗୀତ ବେଶି ଲୋକପ୍ରିୟ ହୋଇଥିଲା ବୋଲି ପ୍ରଣବ କିଶୋର ପଟ୍ଟନାୟକ କହିଥିଲେ। ପ୍ରଣବଙ୍କ କାଳଜୟୀ ଗୀତ ଗୁଡ଼ିକ ହେଲା 'ଏଇ ଜୀବନଟା ଏକ ନାଟକ', 'ବେଦନା ସାଗର ତୀରେ', 'ନୟନେ ସୁନୟନା', 'ତୁ କି ପରଦେଶୀ ନିଜ ଦେଶେ', 'ତୁମେ ଜାଣନା ଜଣନା', 'ରେ ଆତ୍ମନ', 'ଅନ୍ତରେ କାନ୍ଦେ ବାହାରେ ହସେ ମୁଁ', 'ମନ ରସିଆରେ', 'ସୀମାହୀନ ଦରିଆ', 'ଉର୍ମି ଅଧୀରା ରୂପସୀ ଚିଲିକା', 'ଏମିତି ରାତି ସେ ଯେ ଅଭୁଲା ସ୍ମୃତି', 'ଇନ୍ଦ୍ରଧନୁର ସପ୍ତରଙ୍ଗ'। ସବୁଠୁ ସ୍ମୃତିପୂର୍ଣ୍ଣ କଥାଟି ହେଉଛି ପ୍ରଣବଙ୍କ ଜନ୍ମ ୧୯୩୮ ଜାନୁଆରୀ ୨୦ ରେ କଟକର ବକ୍ସିବଜାର ଅଞ୍ଚଳରେ ହୋଇଥିଲା। ବକ୍ସି ବଜାର ସେତେବେଳେ କଟକର ସାଂସ୍କୃତିକ, ସାହିତ୍ୟିକ ଓ ସଙ୍ଗୀତ ଚର୍ଚ୍ଚାର ଅନ୍ୟତମ ପ୍ରାଣକେନ୍ଦ୍ର ଥିଲା। ଏହି ଅଞ୍ଚଳରେ ନାଟକ, ଭଜନ, ପାଲା, ସଙ୍ଗୀତ ଆସର ଓ ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମର ପରମ୍ପରା ତାଙ୍କ ଶୈଶବକୁ ପ୍ରଭାବିତ କରିଥିଲା। ତାଙ୍କ ପିତା ଲାଲମୋହନ ପଟ୍ଟନାୟକ, ଯିଏ ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ, ସଂସ୍କୃତି ଓ ଶିକ୍ଷା ପ୍ରତି ଆଗ୍ରହୀ ଥିଲେ। ଏପରି ଏକ ସଂସ୍କୃତସଂପନ୍ନ ପରିବାର ଓ ବକ୍ସିବଜାରର ସାଂସ୍କୃତି ପରିବେଶ ପ୍ରଣବଙ୍କ ସଙ୍ଗୀତ ପ୍ରତିଭାକୁ ଅଳ୍ପ ବୟସରୁ ହିଁ ବିକଶିତ କରିଥିଲା। ଏହି ବକ୍ସିବଜାରର ଗଳିରୁ ଆରମ୍ଭ ହୋଇଥିବା ତାଙ୍କର ସଙ୍ଗୀତ ଯାତ୍ରା ପରେ ଆକାଶବାଣୀ କଟକ, ଓଲିଉଡ ଏବଂ ସମଗ୍ର ଓଡ଼ିଶାର ସଙ୍ଗୀତ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଥିଲା। ଆଜି ତାଙ୍କ ଅବର୍ତ୍ତମାନରେ ପ୍ରଣବଙ୍କ ପାର୍ଥିବ ଶରୀର କଟକ ଖାନନଗର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଗାର୍ଡ଼ ଅଫ ଅନର୍ ଦେଇ ପ୍ରଶାସନ ତରଫରୁ ଦିଂବଗତ କଣ୍ଠଶିଳ୍ପୀଙ୍କୁ ବିଦାୟ ଦିଆଯାଇଛି। ଖାନନଗରରେ ଜଳିଛି ପ୍ରଣବଙ୍କ ଚିତା। ମାତ୍ର ପାଞ୍ଚ ବର୍ଷ ବୟସରୁ ତାଙ୍କ ପ୍ରତିଭାର ବାସ୍ନା ସୁରଭିତ ହୋଇଥିଲା। ନାଟ୍ୟକାର ସୁରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆଖିରେ ପ୍ରବଳ ନିଦ ଥାଇ ବି ସେ ନିଦୁଆ ଆଖି ଓ ଅଳସ କଣ୍ଠରେ ଗାଇ ଥିଲେ ଏକ ଆବେଗପୂର୍ଣ୍ଣ ଭଜନ - 'ଭଗବାନ ତୁମେ ଭକତ ବାନ୍ଧବ'।

ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୭୪୮୮୯୯୮୫୩୨

# 'ରକ୍ଷାବନ୍ଧନ'



କାଳୀ ଦାସ

ଭାଇ ଭଉଣୀଙ୍କ ସ୍ନେହର ନିଦର୍ଶନ ହେଲା ରକ୍ଷାବନ୍ଧନ।ସମୟର ସ୍ରୋତରେ ଭାଇ ଭଉଣୀ ନିଜ ନିଜର ସଂସାରର ଦୁଃଖ ସୁଖ ଭିତରେ ବୁଡ଼ିଯାଇଛନ୍ତି।ପରିଚୟ ବଦଳିଯାଇଛି,ଆବଶ୍ୟକତା ମଧ୍ୟ ଅଲଗା ହୋଇଯାଇଛି,ଅନେକ ସମସ୍ୟା ଦେଇ ଗତିକରିଛନ୍ତି।ବୟସର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି ।"ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହିଶୈଶବ,ଯେତେବେଳେ ସେମାନେ ଏକାଠି ବଢିଛନ୍ତି,ଖାଇଛନ୍ତି,ଖେଳିଛନ୍ତି ଝଗଡା ମଧ୍ୟ କରିଛନ୍ତି।ଯେଉଁ ଜୀବନ କୁ ସେମାନେ ପଛ ରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତି କୁ ସାଉଣ୍ଟି ନେଇ ରାକ୍ଷୀ ର ରଙ୍ଗୀନ ସୂତାରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ । ଚତୁର୍ମାସ୍ୟାର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସର ପୂର୍ଣ୍ଣିମା କୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ।ଶ୍ରାବଣ ପୂର୍ଣ୍ଣିମା କୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ୍ୟ କହିଥାଉ।ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ।ବଳଦେବ ଙ୍କୁ ହଳଧର ମଧ୍ୟ କୁହାଯାଏ।ଶ୍ରାବଣ ପୂର୍ଣ୍ଣିମାରେ ହଳଲଙ୍ଗଳ କୁ ପୂଜା କରାଯାଏ।ଭଗବାନ ଶ୍ରୀ କୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାରରେ ଗାଈ ସହିତ ଜଡିତ ଥିଲେ।ବୃନ୍ଦାବନରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବାର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ , ବାଛୁରି ଓ ବଳଦ କୁ ଏହି ଦିନରେ ପୂଜା କରାଯାଇଥାଏ ପିଠା ଖୁଆ ଯାଇଥାଏ।ଭାରତୀୟ ସଂସ୍କୃତିରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି।ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁ ରୁ ବହୁରିଥିବା ଗାଈ ପଲ ଓ ଗୋଧୂଳି ବେଳା ରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ବା ବାଡି ଧରି ଓଡଉଥିବା ଗୌଡ଼।ଗାଁର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତିରେ ଗାଈ ଓ କୃଷିର ମହତ୍ୱ ସବୁ ଦିନ ରହିଛି ।

ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବ ରୁ ଦୋକାନ ବଜାରରେ ରଙ୍ଗ ବେରଙ୍ଗର ରାକ୍ଷୀ ଦେଖିବା କୁ ମିଳିଥାଏ ।ଦୂରରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି।ଭଉଣୀ ପଠାଇଥିବା ରାକ୍ଷୀ କୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତରେ ବାନ୍ଧିଥାନ୍ତି ।ରାକ୍ଷୀ ବାନ୍ଧିବା ପଛରେ ଭହୁଣୀର ଭାଇ ପାଇଁ ରହି ଥିବା ସ୍ନେହ ଜଣା ପଡେ। ଭଉଣୀ ଭାଇର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀର ରକ୍ଷା ପାଇଁ ଭାଇ ମଧ୍ୟ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ ।ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇଥିଲେ ।ରାଣୀ କର୍ଣ୍ଣବତି ଚିତୋରର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ ।ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟର ଶାସକ ସୁଲତାନ ବାହାଦୁର ସାହା ଚିତୋର କୁ ଆକ୍ରମଣ କରିଥିଲେ। ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋରର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇ ଜଣେ ଭଉଣୀର ଧର୍ମ ପାଳନ କରିଥିଲେ। ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀର ରାଜ୍ୟ କୁ ବଞ୍ଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଞ୍ଚିବା ଡେରି ହୋଇଯାଇଥିଲା ।ଚିତୋରର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରିସାରିଥିଲେ। ଏହି ପରମ୍ପରା କୁ ଆଖିରେ ରଖି ଆଜି ମଧ୍ୟ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ,ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧି ଥାନ୍ତି । ରାକ୍ଷୀ ପର୍ବ କୁ ମୁଖ୍ୟତଃ ଜୈନ ଧର୍ମର ଲୋକ ଏବଂ ହିନ୍ଦୁ ଧର୍ମର ଲୋକମାନେ ପାଳନ କରିଥାନ୍ତି ।ସହର ବଜାରର ମିଠା ଦୋକାନ,ଫଳ ଦୋକାନ ଗୁଡିକରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ। ଲୋକମାନେ ମିଠା ଓ ଫଳ ନେଇ ଘର କୁ ଯାଇଥାନ୍ତି । ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତରେ ରାକ୍ଷୀ ବାନ୍ଧିଥାନ୍ତି ଆଳତିର ଥାଳି ଧରି ଭାଇଙ୍କୁ ଅଳତି ମଧ୍ୟ କରିଥାନ୍ତି ।ରାକ୍ଷୀ ଅବସରରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି ।ପୁରୀଜଗନ୍ନାଥ ମନ୍ଦିରରେ ମଧ୍ୟ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ ।ପାଟରା ବିଶୋଇ ସେବାୟତ,ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ। ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି ।ଭଗବାନ ବଳଭଦ୍ରଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ ।ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ। ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ ।ଓଡିଶାରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମାରେ ମଣ୍ଡା ମିଠା ତିଆରି କରାଯାଇଥାଏ ।ଗଞ୍ଜାମ ଜିଲ୍ଲାର ଗାଁ ମାନଙ୍କରେ ବିଭିର୍ନ୍ନ ଖେଳର ପ୍ରତିଯୋଗୀତାର ପରମ୍ପରା ରହିଛି ।ଯେଉଁମାନେ ଖେଳର ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ୍ୟ କରାଯାଇଥାଏ। ଆମ ଜୀବନ ବିଭିର୍ନ୍ନ ସମ୍ପର୍କ କୁ ନେଇ ପରିପୂର୍ଣ୍ଣ ।ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା ।ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି,କେତେ ଖରାରେ ସିଝିଛନ୍ତି,କେତେ ବର୍ଷାରେ ଭିଜିଛନ୍ତି,ଶିତରେ ଥରିଛନ୍ତି,ହାତଧରା ଧରି ହୋଇ ବଡ ହୋଇଛନ୍ତି। ଘରର ଚାରି କାନ୍ଥ ଭିତରୁ ମିଶି କରି ବାହାର କୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ ।ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି ।ସେହି ସ୍ମୃତି ଯାହା ଭୁଲିବାର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା।

ବ୍ରହ୍ମପୁର
୭୨୦୫୧୦୦୮୩୯.



# ବନ୍ୟା ଅଞ୍ଚଳ ପରିଦର୍ଶନ କଲେ ପୂର୍ବତନ ବିଧାୟକ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଧର୍ମଗଡ଼ ବିଧାନସଭା ରାଜନୀତିରେ କଳମପୁର ବ୍ଲକ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରକୁ ଆସିଛି। ଏଥର କୌଣସି ନିର୍ବାଚନୀ ସଭା କିମ୍ବା ଦଳୀୟ ଶକ୍ତି ପ୍ରଦର୍ଶନ ପାଇଁ ନୁହେଁ; ବନ୍ୟା ପରେ ଲୋକଙ୍କ ଦୁଃଖଦୁର୍ଦ୍ଦଶା ସମୟରେ ନେତାଙ୍କ ମଇଦାନୀ ଉପସ୍ଥିତିକୁ ନେଇ ରାଜନୀତି ଗରମ ହୋଇଛି। ବିଶେଷ କରି ବର୍ତ୍ତମାନର ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଏବଂ ପୂର୍ବତନ ବିଧାୟକ ମୌଷଧି ବାଗଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସମସ୍ୟା ପରଖୁଥିବା ଚିତ୍ର ସୋସିଆଲ ମିଡିଆରେ ଘୁରିବା ପରେ ଏହାକୁ ନେଇ ରାଜନୈତିକ ଆଲୋଚନା ତୀବ୍ର ହୋଇଛି। ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ତଥା ୨୦୨୪ ଧର୍ମଗଡ଼ ନିର୍ବାଚନରେ ପରାଜିତ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ଏହି ସମୟରେ କଳମପୁର ଅଞ୍ଚଳରେ ସେହିପରି ଦୃଶ୍ୟମାନ ଭାବେ ଦେଖିବାକୁ ନମିଳିବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## କଳମପୁର କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ

ଧର୍ମଗଡ଼ ବିଧାନସଭା ଆସନର ରାଜନୈତିକ ଗଣିତରେ କଳମପୁର ବ୍ଲକର ଗୁରୁତ୍ୱ ଦୀର୍ଘଦିନର। ନିର୍ବାଚନ ଆସିଲେ ପ୍ରମୁଖ ଦଳଗୁଡ଼ିକର ନଜର ଏହି ଅଞ୍ଚଳ ଉପରେ ରହିଥାଏ। ୨୦୧୯ରେ ବିଜେଡିର ମୌଷଧି ବାଗ ବିଜୟୀ ହୋଇଥିଲେ। ପରବର୍ତ୍ତୀ ୨୦୨୪ ନିର୍ବାଚନରେ ରାଜନୈତିକ ସମୀକରଣ ବଦଳିଗଲା ଏବଂ ବିଜେପିର ସୁଧୀର ରଞ୍ଜନ ପଟ୍ଟଯୋଶୀ ବିଜୟୀ ହେଲେ। ୨୦୨୪ର ଫଳାଫଳ ଅନୁସାରେ ସୁଧୀର ରଞ୍ଜନ ପଟ୍ଟଯୋଶୀ ୮୭,୮୯୦ ଭୋଟ ପାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ୬୮,୯୬୩ ଭୋଟ ପାଇଥିଲେ। ବିଜୟ ବ୍ୟବଧାନ ଥିଲା ୧୮,୯୨୭ ଭୋଟ। ଏହି ଫଳାଫଳ ପରେ ଧର୍ମଗଡ଼ରେ ବିଜେପି ଏକ ନୂଆ ରାଜନୈତିକ ଶକ୍ତି ଭାବେ ଉଭା ହୋଇଛି।

## ମାଷ୍ଟର ପୁଣି ମଇଦାନରେ

ମୌଷଧି ବାଗଙ୍କୁ ଅଞ୍ଚଳରେ ଅନେକେ 'ମାଷ୍ଟର' ଭାବେ ଜାଣନ୍ତି। ଶିକ୍ଷକତାରୁ ରାଜନୀତିକୁ ଆସି ୨୦୧୯ରେ ବିଜେଡି ଟିକଟରେ ବିଧାୟକ ହୋଇଥିବା ମୌଷଧିଙ୍କ ଅଞ୍ଚଳୀୟ ଜନସମ୍ପର୍କ ଏବେ ପୁଣି ଚର୍ଚ୍ଚାରେ। ବିଶେଷକରି ବନ୍ୟା ସମୟରେ ଲୋକଙ୍କ ସମସ୍ୟା ଦେଖିବାକୁ ତାଙ୍କ ଉପସ୍ଥିତିକୁ ନେଇ ତାଙ୍କ ସମର୍ଥକମାନେ ଏହାକୁ ଜନସମ୍ପର୍କର ସ୍ୱାଭାବିକ ପ୍ରକ୍ରିୟା ବୋଲି କହୁଥିବା ବେଳେ ରାଜନୈତିକ ମହଲର ଅନ୍ୟ ଏକ ଅଂଶ ଏହାକୁ ଆଗାମୀ ରାଜନୈତିକ ସମୀକରଣର ସଙ୍କେତ ଭାବେ ଦେଖୁଛି। ଏଠାରେ ହିଁ ଉଠୁଛି ମୁଖ୍ୟ ପ୍ରଶ୍ନ ମୌଷଧିଙ୍କ ଏହି ସକ୍ରିୟତା କେବଳ ଲୋକଙ୍କ ପାଖରେ ରହିବା, ନା ଏହା ପଛରେ ଆଗାମୀ ରାଜନୈତିକ ଯୋଜନା ମଧ୍ୟ ରହିଛି ?

## ବନ୍ୟା ବିପନ୍ନଙ୍କ ପାଖରେ ବିଧାୟକ

କଳମପୁରର ବନ୍ୟା ପରିସ୍ଥିତି ମଧ୍ୟରେ ବର୍ତ୍ତମାନର ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ଅଞ୍ଚଳ ପରିଦର୍ଶନ ମଧ୍ୟ ଚର୍ଚ୍ଚାରେ ରହିଛି। ବିପନ୍ନ ଲୋକଙ୍କ ସହ ଆଲୋଚନା, କ୍ଷୟକ୍ଷତି ପରଖିବା ଏବଂ ପ୍ରଶାସନିକ ସ୍ତରରେ ସମସ୍ୟା ଉଠାଇବା ଭଳି ପଦକ୍ଷେପ ଜଣେ ଜନପ୍ରତିନିଧିଙ୍କ ଦାୟିତ୍ୱର ଅଂଶ। ତେଣୁ ବନ୍ୟା ପରିସ୍ଥିତିରେ ବିଧାୟକଙ୍କ ଉପସ୍ଥିତିକୁ ନେଇ ମଧ୍ୟ ସ୍ଥାନୀୟ ରାଜନୀତିରେ ଆଲୋଚନା ଚାଲିଛି।

## ତେବେ ପୁଷ୍ପେନ୍ଦ୍ର କେଉଁଠି

ଏହି ସମଗ୍ର ଘଟଣାକ୍ରମର ସବୁଠାରୁ ଅଧିକ ଚର୍ଚ୍ଚିତ ପ୍ରଶ୍ନ ହେଉଛି ପୁଷ୍ପେନ୍ଦ୍ର ସିଂହଦେଓ କେଉଁଠି ?

୨୦୨୪ରେ ବିଜେପିରୁ ପରାଜିତ ହେବା ପରେ ଜଣେ ପୂର୍ବତନ ମନ୍ତ୍ରୀ ଭାବେ ତାଙ୍କ ରାଜନୈତିକ ପ୍ରଭାବ ଉପରେ ସ୍ୱାଭାବିକ ଭାବରେ ନଜର ରହିଛି। ବିଶେଷକରି କଳମପୁର ଭଳି ଭୋଟରେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବନ୍ୟା ସମୟରେ ତାଙ୍କ ଦୃଶ୍ୟମାନ ଉପସ୍ଥିତି ନେଇ ଆଲୋଚନା ହେବା ସ୍ୱାଭାବିକ। ତେବେ କେବଳ ସୋସିଆଲ ମିଡିଆରେ ଫଟୋ ଦେଖାଯିବା କିମ୍ବା ନଦେଖାଯିବା ଆଧାରରେ ଜଣେ ନେତା ଅଞ୍ଚଳକୁ ଯାଇନାହାନ୍ତି ବୋଲି ନିଶ୍ଚିତ କହିହେବ ନାହିଁ। ପୁଷ୍ପେନ୍ଦ୍ରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିଲେ ତାହା ମଧ୍ୟ ଖବରର ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ।

## ପୁଷ୍ପେନ୍ଦ୍ରଙ୍କ ପଛରେ ମୌଷଧି ରାଜନୈତିକ ରାସ୍ତାରେ

କଳମପୁରରେ ମୌଷଧି ବାଗଙ୍କ ସକ୍ରିୟତାକୁ ନେଇ ଏବେ ଯେଉଁ ଚର୍ଚ୍ଚା ହେଉଛି, ତାହାର ଆଉ ଏକ ପଟ ରହିଛି। କେତେକ ରାଜନୈତିକ ଆଲୋଚନାରେ ଏହାକୁ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ରାଜନୈତିକ ଶିବିର ସହ ଯୋଡ଼ାଯାଉଛି। ଅର୍ଥାତ୍ ମୌଷଧିଙ୍କୁ ମଇଦାନରେ ଅଧିକ ସକ୍ରିୟ କରି ସଂଗଠନକୁ ତଳସ୍ତରରେ ମଜବୁତ କରିବାର କୌଣସି ରଣନୀତି ଚାଲିଛି କି ସେ ନେଇ ଚର୍ଚ୍ଚା। କିନ୍ତୁ ଏହାକୁ ଏପର୍ଯ୍ୟନ୍ତ ପ୍ରମାଣିତ ରାଜନୈତିକ ରଣନୀତି ବୋଲି କହିବା ପାଇଁ ସ୍ପଷ୍ଟ ଦଳୀୟ ଘୋଷଣା କିମ୍ବା ନେତାଙ୍କ ବକ୍ତବ୍ୟ ସାମ୍ନାକୁ ଆସିନାହିଁ।

## ୨୦୧୯ର ମାଷ୍ଟର ବନାମ ୨୦୨୪ର ବିଜେପି

୨୦୧୯ରେ ମୌଷଧି ବାଗଙ୍କ ବିଜୟ ଏବଂ ୨୦୨୪ରେ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ବିଜୟ ଧର୍ମଗଡ଼ର ରାଜନୈତିକ ପରିବର୍ତ୍ତନକୁ ସ୍ପଷ୍ଟ କରେ। ୨୦୨୪ରେ ପୁଷ୍ପେନ୍ଦ୍ର ସିଂହଦେଓ ପରାଜିତ ହେବା ପରେ ବିଜେଡି ପାଇଁ ସଂଗଠନକୁ ପୁଣି ମଜବୁତ କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରି ସମୟରେ ମୌଷଧି ବାଗଙ୍କ ଭଳି ପୂର୍ବତନ ବିଧାୟକ ଯଦି ତଳସ୍ତରରେ ସକ୍ରିୟ ହୁଅନ୍ତି, ତେବେ ତାହା ବିଜେଡିର ରାଜନୈତିକ ପୁନର୍ଗଠନରେ କେତେ ପ୍ରଭାବ ପକାଇବ—ତାହା ଆଗାମୀ ଦିନରେ ଦେଖିବାକୁ ରହିଲା।

## କଳମପୁରର ଲୋକ କାହାକୁ ଗ୍ରହଣ କରିବେ

ରାଜନୀତିରେ ଶେଷ ନିଷ୍ପତ୍ତି ନେତା ନୁହେଁ, ଭୋଟର ନିଅନ୍ତି। କଳମପୁରର ଲୋକମାନେ ମଧ୍ୟ ଆଗାମୀ ଦିନରେ କେଉଁ ନେତାଙ୍କୁ କେତେ ଗୁରୁତ୍ୱ ଦେବେ, ତାହା ତାଙ୍କ ମଇଦାନୀ କାର୍ଯ୍ୟକଳାପ ଉପରେ ନିର୍ଭର କରିବ। ବନ୍ୟା ପରି ଦୁର୍ବିପାକ ସମୟରେ ଲୋକଙ୍କ ପାଖରେ ରହିବା, ଚାଷୀଙ୍କ କ୍ଷୟକ୍ଷତି ଉଠାଇବା, ରାସ୍ତା ଓ ଯୋଗାଯୋଗ ସମସ୍ୟାର ସମାଧାନ ପାଇଁ ଚାପ ପକାଇବା ଏବଂ ପ୍ରଶାସନ ସହ ସମନ୍ୱୟ କରିବା—ଏସବୁ ହେବ ଆଗାମୀ ରାଜନୈତିକ ଗ୍ରହଣୀୟତାର ପ୍ରମୁଖ ମାପକାଠି।

## ଶେଷରେ ବଡ଼ ପ୍ରଶ୍ନ

କଳମପୁରର ରାଜନୀତି ଏବେ ଏକ ଅଜବ ମୋଡ଼ରେ। ଏକପଟେ ବର୍ତ୍ତମାନର ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ନିଜ ଉପସ୍ଥିତି ଜାହିର କରୁଛନ୍ତି। ଅନ୍ୟପଟେ ପୂର୍ବତନ ବିଧାୟକ ମୌଷଧି ବାଗ ପୁଣି ଲୋକଙ୍କ ମଧ୍ୟରେ ନିଜ ସ୍ଥିତି ଜାହିର କରୁଛନ୍ତି। ଆଉ ତୃତୀୟ ପଟେ ରହିଛନ୍ତି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯାହାଙ୍କ ରାଜନୈତିକ ଭୂମିକା ଓ ଆଗାମୀ ରଣନୀତି ଉପରେ ଏବେ ନଜର। ତେବେ ମୌଷଧିଙ୍କ ଏହି ମଇଦାନୀ ସକ୍ରିୟତା ପଛରେ କେବଳ ଲୋକସେବା ଅଛି ନା ଆଗାମୀ ରାଜନୀତିର ଏକ ବଡ଼ ଚାଲ ? ପୁଷ୍ପେନ୍ଦ୍ର ପୁଣି ନିଜ ପୁରୁଣା ରାଜନୈତିକ ଦୁର୍ଗକୁ ଫେରିବା ପାଇଁ କି ନୂଆ ରଣନୀତି ପ୍ରସ୍ତୁତ କରୁଛନ୍ତି ? ନା କଳମପୁରରେ ମୌଷଧି ନିଜସ୍ୱ ଜନସମ୍ପର୍କ ଆଧାରରେ ନିଜର ରାଜନୈତିକ ଭୂମିକା ପୁଣି ମଜବୁତ କରୁଛନ୍ତି ? ଏହି ପ୍ରଶ୍ନର ଉତ୍ତର ଏବେ ସମୟ ଦେବ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ କଳମପୁରର ରାଜନୈତିକ ମାଟି ପୁଣି ଗରମ ହୋଇଛି ଏବଂ ଏହାର ତାପ ଆଗାମୀ ଦିନରେ ଧର୍ମଗଡ଼ ରାଜନୀତିର ସମୀକରଣକୁ ପ୍ରଭାବିତ କରିପାରେ।

# ମାୟାବର୍ହା ଉଚ୍ଚ ବିଦ୍ୟାଳୟରେ ଆଧାତ୍ମିକ ଶିକ୍ଷା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର (ଅମୃତ ମିଡିଆ) :** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାଠାରେ ଶ୍ରାବଣ ମାସ ଶେଷ ସୋମବାର ଅବସରରେ ଆଧାତ୍ମିକ ଶିକ୍ଷା କାର୍ଯ୍ୟକ୍ରମ ଅବସରରେ ପ୍ରବଚକ ସଂଜୀବ ସାହୁଙ୍କ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ହୋତା ମୁଖ୍ୟତିଥି, ବଂକିଘିରଡ଼ି ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଭୋଜରାଜ ଦୀପ, ପ୍ରକ୍ତନ ପ୍ରଧାନ ଶିକ୍ଷକ ନବୀନ ପଢି, ରମେଶ ଭୋଇ, ପ୍ରମୋଦ ପ୍ରଧାନ, ସମ୍ପଦ ଖମାରି ରମାକାନ୍ତ ବାରିକ, ଶିକ୍ଷକ ନନ୍ଦିଘୋଷ ବାରିକ, ପରିଚାଳନା କମିଟି ସଭାପତି ଶଙ୍କର ସାହୁ, ସଦଶ୍ୟ ବେଣୁଧର ଚୌଧୁରୀ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୃନ୍ଦତଥା ବକ୍ତା ଦୀନବନ୍ଧୁ ସାହୁ ଓ ନିଶାମାନୀ ନାଇକ ପ୍ରଭୃତି ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଶିକ୍ଷକ ରାଜୁ ମେହେର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଛାତ୍ରୀ ଜୁବୁଲି ନାଇକ ଓ ସାଥି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ନିବେଦିତା, ରୋଜି, ତିଲୋତ୍ତମା, ମନୀଷା ନୃତ୍ୟ ପରିବେଷଣ କରିଥିଲେ। ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କିରନ କୁମାର ପଟେଲ, ଲିପି ପ୍ରଧାନ, କର୍ମଚାରୀ ସଞ୍ଜୀବ ପୂଜାରୀ, ସୁରଜ୍ ଖମାରୀ, ସମୀର କଠାର,ବିଭୀଷଣ ଖମାରୀ ସହଯୋଗ କରିଥିଲେ।

# ପଲ୍ଲିଶ୍ରୀ ବିହାର ରାଧାକୃଷ୍ଣ ମନ୍ଦିରରେ ଝୁଲଣଯାତ୍ରା



ବଲାଙ୍ଗୀର (ଅମୃତ ମିଡିଆ) : ସ୍ଥାନୀୟ ସଦାଇପାଲି ପଲ୍ଲିଶ୍ରୀବିହାର ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ହେବାକୁ ଥିବା ଝୁଲଣ ଯାତ୍ରା ଗତକାଲି ଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ସାଇଟ୍ ନର୍ସିଂ କଲେଜର ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ। ସଦାଇପାଲି ରାଧେରାଧେ ମହିଳା ସଂକିର୍ତ୍ତନ ମଣ୍ଡଳୀ ତରଫରୁ ଭଜନ କୀର୍ତ୍ତନ କରାଯାଇଥିଲା । ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଦିଆଯାଇଥିଲା। ଏଥିରେ ସୁଲୋଚନା ମିଶ୍ର, ବାସନ୍ତୀ ନାଏକ, ସୁରଭା ସାଏ, ଜୟନ୍ତୀ ସାଏ, ଅଶୋକ ପଧାନ, ରାଧାକାନ୍ତ ନାଏକ ଓ ଗଣେଷ ପଟେଲ ଆଦି ବିଶେଷ ସହଯୋଗ କରିଥିଲେ।

# ଭୂଷଲାଡ଼ ଯୁବା ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟଘାଟ୍ ପାଇଁ ପ୍ରସ୍ତୁତି ବୈଠକ

**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭୂଷଲାଡ଼ ଯୁବା ମଞ୍ଚ ପକ୍ଷରୁ ଚଳିତ ବର୍ଷ ନୂଆଁଖାଇ ଭେଟଘାଟ୍ ୨୦୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ କାର୍ଯ୍ୟକାରୀ ସଭାପତି ସଞ୍ଜିତ ସାହୁ ଙ୍କ ସଭାପତିତ୍ୱ ରେ ହୋଇଥିଲା । ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟା ୬ ଘଟିକା ରେ ବଡ଼ ଧୂମଧାମ ରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକ କୁ ସାଙ୍ଗଠନିକ ସମ୍ପାଦକ ଲୋଚନ ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟବକ୍ତା ପଦ୍ମଶ୍ରୀ ହଳଧର ନାଗ ସହ ଅନ୍ୟ ବିଶିଷ୍ଟ ଅତିଥି ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସର ରେ 'ଉନ୍ଦେ' ନାମକ ଏକ ପତ୍ରିକା ମଧ୍ୟ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହେବ ବୋଲି ଜଣାପଡିଛି । ସାଂସ୍କୃତିକ ସନ୍ଧ୍ୟା ରେ ବିଶିଷ୍ଟ କଣ୍ଠଶିଳ୍ପୀ ଶର୍ବେଶ୍ୱର୍ ଭୋଇ ଓ ସଙ୍ଗୀତା ରାଉତ୍, ତୋଷରା ସାନବଡ଼ ଘୁଡ଼କା,ଲୋଇସିଂହା ଶଙ୍କର ବେହେରା ଡ୍ୟାନ୍ସ ଗ୍ରୁପ୍ ସହ ଅନ୍ୟ ସାଂସ୍କୃତିକ ଦଳ ଗୁଡିକ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମଞ୍ଚ କମ୍ପି ଉଠିବ ବୋଲି ଆୟୋଜକ ଙ୍କ ପକ୍ଷରୁ ସୂଚନା ମିଳିଛି ।

# ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ



**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ ଏବଂ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଅନାଥଙ୍କ ମାଆ ପାର୍ବତୀ ଗିରିଙ୍କ ଏକତିରିଶ ତମ ଶ୍ରାଦ୍ଧ ଉତ୍ସବ ରାଧାକୃଷ୍ଣ ମନ୍ଦିର ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ରେ ପାର୍ବଣରେ ଅବସରପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ ବିଶ୍ୱଜିତ ଦାସ ମୁଖ୍ୟ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଡ. ପ୍ରେମଚନ୍ଦ ମହାନ୍ତି ଏବଂ ଉପଦେଷ୍ଟା ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟ ରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୀବନଦର୍ଶ ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦାସ ସମାଜରୁ ଦୁର୍ନିତିକୁ ହଟାଇ ଏକ ସୁନ୍ଦର ଓ ଦୁର୍ନିତିମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ଝାଙ୍କର ଅମୃତମୟ ସମାଜ ଗଠନରେ ନାରୀ ବିଷୟରେ ବକ୍ତବ୍ୟ ରଖି କହିଥିଲେ ଯେ ନାରୀ କୁ ଆମେ ଯଥେଷ୍ଟ ସୁରକ୍ଷା ଦେଇ ପାରିଲେ ନାରୀ ନିଜେ ସ୍ୱୟଂସିଦ୍ଧା ହୋଇ ଆଗକୁ ବଢି ସମାଜକୁ ଅମୃତମୟ କରିପାରିବ ଏବଂ ନାରୀ ପ୍ରଗତି ବିନା ସମାଜ ସମୃଦ୍ଧ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥି ପାଇଁ ଅନାଥର ମାଆ ପାର୍ବତୀ ଗିରିଙ୍କୁ ବୁଝିବାକୁ ପଡିବ ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ମଦନ ମୋହନ ରଥ ସଂଗଠନର ୨୧ ବର୍ଷ ଜୟଯାତ୍ରା ସଂପକରେ କହିଥିଲେ । ସଂପାଦକ ସୁନାଧର ବନଛୋର ବାର୍ଷିକ ବିବରଣୀ ପଠନ କରିଥିଲେ । ସଭାକୁ ମଧୁ ସାହୁ ପରିଚାଳନା କରିଥିଲେ । ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା ଓ ଅତିଥି ପରିଚୟ କବି ରତ୍ନମୟ ତ୍ରିପାଠି କରିଥିଲେ । ବିଶିଷ୍ଟ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ରଙ୍କୁ ମର୍ଯ୍ୟାଦାଜନକ ବହ୍ନିକନ୍ୟା ପାର୍ବତି ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ସୁରଜିତ କୁମାର ନାଏକ, ସୌମେନ୍ଦ୍ରୀ ବାରିକ, ଡା. ଦାମୋଦର ମିଶ୍ର, ଜ୍ୟୋତି ପ୍ରକାଶ ଗଡତ୍ୟା, ରାତ୍ର ବିଶ୍ୱାଲ, ସତ୍ୟବାଦୀ ନାଏକ, ଡା. କୃଷ୍ଣ ପ୍ରସାଦ ମିଶ୍ର, ଡ. ବି.ଏନ୍. ଶ୍ରୀକାନ୍ତ ପଟ୍ଟନାୟକ, ଅଜୟ ଅମର ସିଂଦେଓ, ସୁରେନ୍ଦ୍ର କୁମାର ପଟେଲ, ଦେବୀପଚନ୍ଦ ବେହେରା, ପୁରନ୍ଦର ଗଡତ୍ୟା, ଶରତ ଚନ୍ଦ୍ର ଶତପଥି ଓ କବି ସଂଦୀପ କୁମାର କୁଅଁଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ସଭାରେ ଅତିଥିମାନେ ପାର୍ବତୀ ଗିରି ସେବା ସମ୍ମାନ ୨୦୨୬ ପୁସ୍ତକ କୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ମହାନ୍ତି, ପ୍ରଦୀପ ପଶାୟତ, କପିଳ ପତି, ଚୁଡେନ୍ଦ୍ର ବେହେରା, ଦୁର୍ଗା ସାହୁ, ଶୁଭେନ୍ଦ୍ର ନେପାକ, ସୀତାଂଶୁ ନାୟକ, ରଶ୍ମିତା ପାତ୍ର, ଅରୁଣ ଖୁଆସ, ନନ୍ଦିନୀପ୍ରଭା ଶତପଥି, ସୁରଥ ସାହୁ, ନିରୁପମା ମିଶ୍ର, ପ୍ରଶାନ୍ତ ଷଡଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଗୋପାଳଜୀ ଚୌଧୁରି, ମାଳତି ଉଦ୍‌ଗାତା, ଅର୍ଚ୍ଚନା ମିଶ୍ର, ଶାନ୍ତନୁ ମିଶ୍ର, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ସତ୍ୟବନ୍ତ ବେଦବାକ, ଡ. ଭବାନୀ ଶଙ୍କର ପଟେଲ, ସଂଯୁକ୍ତା ମିଶ୍ର, ମିନାକ୍ଷୀ ଗୁରୁ ଓ ସୌଦାମିନୀ ମିଶ୍ର ।

## ରାକ୍ଷୀରେ ଭାଇଚାରାର ବାର୍ତ୍ତା

# ସାମ୍ବାଦିକଙ୍କୁ ରାକ୍ଷୀ ବାନ୍ଧିଲେ ଛାତ୍ରୀ



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଗୁରୁବାର ଖପ୍ରାଖୋଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଭାବପୂର୍ଣ୍ଣ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ରାକ୍ଷୀର ପବିତ୍ର ସୂତାରେ ସ୍ନେହ, ଭାଇଚାରା ଓ ପାରସ୍ପରିକ ସୁରକ୍ଷାର ଭାବନାକୁ ଉଜ୍ଜୀବିତ କରିବା ସହ ଏହି କାର୍ଯ୍ୟକ୍ରମ ଏକ ନିଆରା ସାମାଜିକ ବାର୍ତ୍ତା ଦେଇଛି। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର କୁନି କୁନି ଛାତ୍ରଛାତ୍ରୀ ପରସ୍ପରକୁ ରାକ୍ଷୀ ବାନ୍ଧି ସ୍ନେହ ଓ ଭାଇଚାରାର ନିଆରା ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଗୁରୁମାମାନେ ଗୁରୁଜୀମାନଙ୍କୁ ରାକ୍ଷୀ ବାନ୍ଧି ଗୁରୁ-ଶିଷ୍ୟ ପରମ୍ପରାରେ ଥିବା ପବିତ୍ର ସମ୍ପର୍କ ଓ ପାରସ୍ପରିକ ସମ୍ମାନକୁ ଆହୁରି ଦୃଢ଼ କରିଥିଲେ। କାର୍ଯ୍ୟକ୍ରମର ସବୁଠାରୁ ଭାବପୂର୍ଣ୍ଣ ଦୃଶ୍ୟ ଥିଲା ଛାତ୍ରୀମାନେ ସ୍ଥାନୀୟ ସାମ୍ବାଦିକମାନଙ୍କୁ ରାକ୍ଷୀ ବାନ୍ଧିବା। ସମାଜର ସତ୍ୟ ଓ ସ୍ୱରକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସାମ୍ବାଦିକଙ୍କ ଭୂମିକାକୁ ସମ୍ମାନ ଜଣାଇ ଛାତ୍ରୀମାନେ ଏହି ରାକ୍ଷୀ ମାଧ୍ୟମରେ ସୁରକ୍ଷା, ଦାୟିତ୍ୱ ଓ ସାମାଜିକ ପ୍ରତିବଦ୍ଧତାର ଏକ ସୁନ୍ଦର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କମିଟି ସଭାପତି ବିକାଶ ଦାସ, ଯୁଗ୍ମ ସଚିବ ଲୁଇସ ବିଶ୍ୱାଲ, ଗୁରୁଜୀ ହୃଷିକେଶ ବେହେରା, ଅଭିଷେକ ସାହୁ, ଗୁରୁମା ବୀଣାପାଣି ପଧାନ, ମିତା ପଧାନ, କାମିନୀ ବରିହା, ରିତାଞ୍ଜଳି ପଣ୍ଡା, ହୃଦେଶ୍ୱରୀ ସାହୁ, ସ୍ୱାଗତିକା ଥନାପତିଙ୍କ ସମେତ ସାମ୍ବାଦିକ ନରେନ୍ଦ୍ର ଭୋଇ, ଅଶୋକ କୁମାର ବାଗ ଓ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାକ୍ଷୀର ଏହି ପବିତ୍ର ପର୍ବ କେବଳ ଭାଇ-ଭଉଣୀଙ୍କ ସମ୍ପର୍କକୁ ସୀମିତ ନରଖି ସମାଜରେ ସ୍ନେହ, ସମ୍ମାନ, ଭାଇଚାରା ଓ ପାରସ୍ପରିକ ସୁରକ୍ଷାର ବନ୍ଧନକୁ ମଜବୁତ କରିବାର ଏକ ସୁନ୍ଦର ଅବସର ବୋଲି ଏହି କାର୍ଯ୍ୟକ୍ରମ ପ୍ରମାଣ କରିଥିଲା।

# ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ



**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗିର ସ୍ଥିତ ଶ୍ରୀ ନୃସିଂହ ମନ୍ଦିର ପରିସରରେ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀଙ୍କ ଅଧକ୍ଷତାରେ ପାରମ୍ପରିକ ନୀତି ଅନୁଯାୟୀ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସଭାପତି ଶ୍ରୀ ତ୍ରିପାଠି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ଓ ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ପୂର୍ବ ବୈଠକର ବିବରଣୀ ପଠନ କରିସାରିବା ପରେ ତାହା ସର୍ବ ସମ୍ମତିକ୍ରମେ ଅନୁମୋଦିତ ହୋଇ ବିଭିନ୍ନ ଦିଗ ଉପରେ ସମାଜ ବାବଦରେ ଦିଗ ଦର୍ଶନ ଦେବା ସହିତ ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିରେ ପ୍ରଶାସନ ଏବଂ ପ୍ରତ୍ୟେକ କ୍ଷେତ୍ରରେ ବ୍ରାହ୍ମଣ ତଥା ସୁବର୍ଣ୍ଣମାନଙ୍କ ଉପରେ ଆରକ୍ଷଣ, ଆଇନଗତ ଅତ୍ୟାଚାର, ବିରୋଧାଭାସ ଏବଂ ସାରା ଭାରତ ରେ ୟୁଜିସିଓ ସରଂକ୍ଷଣ ବିଦ୍ରୋହ ଅଭିଯାନ ଉପରେ ଚର୍ଚ୍ଚା କରିଥିଲେ ଓ ୟା ଉପରେ ଏକ ସ୍ମାରକ ପତ୍ର ପ୍ରଶାସନକୁ ଦିଆଯିବ ସହିତ ଆଗାମୀ ଦିନରେ ଶିଘ୍ର ପ୍ରତ୍ୟେକ ବର୍ଗର (ସବର୍ଣ୍ଣ)ମାନଙ୍କୁ ନେଇ ପୂର୍ବ ପରି ଏକ ବୈଠକ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ତାହା ଗୃହିତ ହୋଇଥିଲା। ଦ୍ୱିତୀୟରେ ବ୍ରାହ୍ମଣ ସମାଜର ଏକ ସ୍ମରଣିକା ପ୍ରକାଶନ ପାଇଁ ପ୍ରସ୍ତାବ ଦେଇଥିଲେ ଯାହାକି ଉପସଭାପତି କିଶୋର କୁମାର ପୁରୋହିତଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇ ଆସନ୍ତା ବୈଠକରେ ସ୍ମରଣିକାର ସମ୍ପୂର୍ଣ୍ଣ ରୂପରେଖ ପ୍ରସ୍ତୁତି ପାଇଁ ନ୍ୟସ୍ତ କରାଯଇଥିଲା । ପରେ ନୁଆଁଖାଇ ଭେଟଘାଟ ଆଗାମୀ ୨୦.୦୯.୨୦୨୬ (ରବିବାର) ଓ ବାମନ ଜୟନ୍ତୀ ତା.୨୩.୦୯.୨୦୨୬ (ବୁଧବାର ଏବଂ ତା.୦୪.୧୦.୨୦୨୬ (ରବିବାର) ଦିନ ମାନଙ୍କରେ ସାମୁହିକ ପିତୃପକ୍ଷ ତିଳ ତର୍ପଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ବ୍ରାହ୍ମଣ ଏକତାକୁ ଓ ସଂଗଠନକୁ ସୁଦୃଢ଼ କରିବା ସକାଶେ ଆଲୋଚନା କରାଯାଇ ନଗର ସଭାପତି ରାକେଶ ପଣ୍ଡାଙ୍କୁ ସଭାସମିତିମାନ ଆୟୋଜନ କରିବା ପାଇଁ ଟାଉନର ବିଭିନ୍ନ ପଡା ୱାର୍ଡ ରେ ଦାୟିତ୍ୱ ଅର୍ପଣ କରାଗଲା । ଭଗବାନ ଶ୍ରୀ ପର୍ଶୁରାମ ପ୍ରତିମୁର୍ତ୍ତିର ଅନୁସଙ୍ଗିକ ବିକାଶ ଓ ପର୍ଶୁରାମ ଛକ ଉପରେ ପର୍ଶୁରାମ ବାହିନୀର ସଭାପତି ବିଧୁ ଭୂଷଣ ତ୍ରିପାଠି ଆଲୋକପାତ କରିଥିଲେ । ଗତ ପର୍ଶୁରାମ ଜୟନ୍ତୀ ଉତ୍ସବରେ ନାନାଦି ସାହାଯ୍ୟ ସହନୁଭୁତି ଦେଇଥିବା ସାମାଜିକ ଓ ଧାର୍ମିକ ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତି, ସରକାରୀ ପ୍ରଶାସନ, ରାଜନୈତିକ ନେତୃବୃନ୍ଦ, ସର୍ବଭାରତୀୟ ଓ ରାଜ୍ୟ ସ୍ତରୀୟ ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତା ଓ ପ୍ରତିନିଧିଙ୍କୁ ପତ୍ର ମାଧ୍ୟମରେ ସାଧୁବାଦ ଦେବା ପାଇଁ ଶିବ ଶଙ୍କର ଖୁଆସ ଙ୍କ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହିତ ହୋଇଥିଲେ । ସଭାପତି ଶ୍ରୀ ତ୍ରିପାଠୀଙ୍କ ଆମନ୍ତ୍ରଣ କ୍ରମେ ଆସନ୍ତା ତା.୩୦.୦୮. ୨୦୨୬ (ରବିବାର) ଦିବ ବକ୍ସିଉଡାର ଗ୍ରାମ ଠାରେ ବ୍ରାହ୍ମଣ ଏକତା ଓ ସଂଗଠନ ନିମନ୍ତେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ଗଗ୍ରହଣ କରାଗଲା । ଏହି ବୈଠକରେ ଉପଦେଷ୍ଟା ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଲୋକନାଥ ନେପାକ, ଶିବ ଶଙ୍କର ଖୁଆସ, ମନୋରଂଜନ ପୁରୋହିତ, କାର୍ଯ୍ୟକାରୀ ପରିଷଦ ଗଣ ରାଜଶ୍ରୀ ତ୍ରିପାଠି, ଉପସଭାପତି ସଙ୍କୀର୍ତ୍ତନ ତ୍ରିପାଠୀ, ସହ ସଂପାଦକ ରାଜେନ୍ଦ୍ର ମିଶ୍ର, ସଭାପତି ସୁରେଶ ମିଶ୍ର, ସମ୍ପାଦକ ପର୍ଶୁରାମ ବାହିନୀ ସଭ୍ୟ ସୁଧିର ତ୍ରିପାଠି, ଧର୍ମ ପ୍ରସାଦ ଆଚାର୍ଯ୍ୟ, ପବିତ୍ର ଦାଶ, ରବିନ୍ଦ୍ର ତ୍ରିପାଠି, ପ୍ରଦୀପ ପଣ୍ଡା ମାନ୍ୟଗଣ୍ୟ ବ୍ରାହ୍ମଣ ଦେବତା ଉପସ୍ଥିତ ଥାଇ ସଭାରେ ଅଂଶଗ୍ରହଣ କରିଥିଲେ ।





# ଏମ୍ଏମ୍‌ଡିଆର କଳା ଆଇନ- ୨୦୨୬ ରଦ୍ଦ ପାଇଁ ଦାବି

## ଇଣ୍ଡି ବ୍ଲକ୍ କଂଗ୍ରେସ, ସିପିଆଇ ଓ ସିପିଏମ୍ ପକ୍ଷରୁ ମିଳିତ ବିକ୍ଷୋଭ



ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ୨୦ ସାଂସଦଙ୍କ କୁଶପୁତ୍ତଳିକା ଦାହ

**ବାରିପଦା(ଅମୃତମିଡିଆ):** ରାଜ୍ୟର ଖଣି ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାରକୁ କବର ଦେଇ, ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ (ଏମଏମଡିଆର) ସଂଶୋଧନ ଆଇନ -୨୦୨୬ ପ୍ରଣୟନ କରି ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ଗର୍ଭକୁ ଚିରି ଖଣିଜ ସମ୍ପଦର ମାଲିକାନା ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ବିଜେପି ସରକାର ଛଡାଇ ନେବାକୁ ଯୋଜନା କରିଛନ୍ତି । ସୁପ୍ରିମକୋର୍ଟଙ୍କ ୯ ଜଣିଆ ଡିଭିଜନ ବେଞ୍ଚଙ୍କ ଜୁଲାଇ ୨୦୨୪ ନିର୍ଦ୍ଦେଶ ଅନୁସାରେ ଓଡ଼ିଶାକୁ ପିଛିଲା ଖଣିଜ ଟିକସରୁ ଅନ୍ୟୁନ ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ଓ ଆଗକୁ ମିଳିବାକୁ ଥିବା ବାର୍ଷିକ ଅନ୍ୟୁନ ୧୨ ହଜାର କୋଟି ଟଙ୍କାର ଟିକସ ନିର୍ଦ୍ଦେଶକୁ ଅକାମୀ କରି ଲୁଟ କରିବା ପାଇଁ ଏ କଳା ଆଇନର ବ୍ୟବସ୍ଥା କରାଯାଇଛି । ରାଜ୍ୟର ବିଜେପି ସରକାର ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ବିଲ ବିରୋଧରେ ମୁହଁ ଖୋଲିବା ପରିବର୍ତ୍ତେ ଓଡ଼ିଶାରୁ ସଂସଦକୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ସ୍ୱାର୍ଥ ବିରୋଧୀ ବିଜେପି ସାଂସଦମାନେ ଖଣି ଲୁଣ୍ଠନର ଭାଗିଦାରୀ ହୋଇଛନ୍ତି । ଏଣୁ ବିଶ୍ୱାସଘାତକ ଜନପ୍ରତିନିଧି ମାନଙ୍କୁ ରାଜ୍ୟବାସୀ କ୍ଷମା କରିବେ ନାହିଁ ବୋଲି ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇଣ୍ଡି ବ୍ଲକ କଂଗ୍ରେସ, ସିପିଆଇ ଓ ସିପିଏମ ପକ୍ଷରୁ ମିଳିତ ବିକ୍ଷୋଭ ସମାବେଶ ରେ କୁହାଯାଇଛି । କଂଗ୍ରେସ (ପୂର୍ବ) ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଂକ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିରୋଧ ସଭାରେ କଂଗ୍ରେସ ( ପଶ୍ଚିମ ) ସଭାପତି ଭୁବନବିହାରୀ ସାହୁ, ଜ୍ୟୋତି ପ୍ରକାଶ ରଥ, ନାରାୟଣ ପଟ୍ଟନାୟକ, ଚୈତନ୍ୟ ହାଁସଦା, ସବିତା ସୋରେନ, ସୁନିତା ନାଏକ, ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ, ସିପିଏମ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ରବି ଗୋସ୍ୱାମୀ, ଅମଲ ଦେ କଳା ଆଇନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କଂଗ୍ରେସର ଶାନ୍ତନୁ ପାଲ ସଭା ପରିଚାଳନା କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ସମେତ ରାଜ୍ୟ ସ୍ୱାର୍ଥ ବିରୋଧୀ ୨୦ ସାଂସଦ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଶେଷରେ କଂଗ୍ରେସର ମହିଳା ନେତ୍ରୀ ସୁସ୍ମିତା ଘୋଷାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିରୋଧ ସଭାରେ କଂଗ୍ରେସ, ସିପିଆଇ ଏବଂ ସିପିଏମ ପକ୍ଷରୁ ବହୁ ସଂଖ୍ୟାରେ ନେତା ଓ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ଲୁଟ୍ ଗହଣା ଜବତ, ଡକାୟତ ଗ୍ୟାଙ୍ଗ୍ ମୁଖ୍ୟ ଗିରଫ

## ଘଟଣାର ଖୁଲାସା କଲେ ଏସ୍‌ପି



**ବାରିପଦା(ଅମୃତମିଡିଆ):** ଏକ ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗର ମୁଖିଆକୁ ଧରିବା ସହିତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ଜବତ କରିବା ଘଟଣାକୁ ନେଇ ଗୁରୁବାର ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଗତ ୨୨ ତାରିଖ ଦିନ ଅପରାହ୍ନ ୧ଟା ସମୟରେ ଉକ୍ତ ଥାନା ଅଧୀନ ସାନମୁଣ୍ଡାବଣି ସାପ୍ତାହିକ ହାଟରୁ ତପନ କୁମାର ପରିଡା ନାମକ ଜଣେ ଗହଣା ବ୍ୟବସାୟୀ କାର ଯୋଗେ ଘରକୁ ଫେରୁଥିବା ସମୟରେ ନୂଆଗାଁ ପୋଖରୀ ନିକଟରେ ଦୁଇଟି ବାଇକରେ ଚାରି ଜଣ ଯୁବକ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା ଲୁଟ୍ କରି ଘଟଣାସ୍ଥଳରୁ ଗୋଟିଏ ବାଇକକୁ ଛାଡି ଚମ୍ପଟ ମାରିଥିଲେ । ଏ ନେଇ ତପନ, ମୋରଡା ଥାନାରେ ଅଭିଯୋଗ କରିବା ପରେ ଥାନା କେଶ ନଂ ୩୩୪/ ୨୬ମୂଳେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଘଟଣାକୁ ବେତନଟି ଏସଡିପିଓ ମିନତି ବିଶ୍ୱାଳ ଗୁରୁତର ସହିତ ନେବା ପରେ ମୋରଡା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ମୋରଡା ପୋଲିସ ଓ ସାଇବର ସେଲକୁ ନେଇ ଗଠିତ ଟିମ୍ ଗଞ୍ଜାମ ଜିଲାର ଆସ୍କା ଅଞ୍ଚଳକୁ ଯାଇ ନରେଶ ପ୍ରଧାନ ନାମକ ଜଣେ ଲୁଟେରାକୁ



କାବୁ କରିଥିଲା । ପୋଲିସ ନରେଶଙ୍କ ନିକଟରୁ ୭ କେଜି ୫୦୦ଗ୍ରାମର ରୁପା ଓ ୬୦ ଗ୍ରାମର ସୁନା ଗହଣା, ଏକ ମୋବାଇଲ ଫୋନ ଓ ଦୁଇଟି ବାଇକକୁ ଜବତ କରିଛି । ନରେଶଙ୍କ ନାମରେ ପୂର୍ବରୁ ଭୁବନେଶ୍ୱର, ଯାଜପୁରର ଧର୍ମଶାଳା, ବଡ଼ଚଣା, ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର, କୁଳିଅଣା, ଝାରପୋଖରିଆ, ମୋରଡା ଥାନାରେ ବିଭିନ୍ନ ମାମଲା ରୁଜୁ ହୋଇଥିବାର ସୂଚନା ମିଳିଛି । ଏଥି ସହିତ ଘଟଣାରେ ସମ୍ପୃକ୍ତ ଅନ୍ୟ ଚାରି ଜଣ ଅପରାଧୀଙ୍କୁ ଚିହ୍ନଟ ମଧ୍ୟ କରିଛି ପୋଲିସ । ତେବେ ଗତ ଜୁଲାଇ ମାସରେ ମୋରଡା ଥାନା ଅଧୀନ ପାଟପୁର ଖେଳ ପଡିଆ ନିକଟରେ ଅନିରୁଦ୍ଧ ରଣା ନାମକ ଗହଣା ବ୍ୟବସାୟୀଙ୍କୁ କିଛି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ଗହଣା ଲୁଟ କରିଥିବାର ଥାନାର ଅଭିଯୋଗ ହୋଇଥିଲା । ପୋଲିସ ଉକ୍ତ ଗହଣା ବ୍ୟବସାୟୀଙ୍କୁ ଆଜି ଥାନାକୁ ଡାକି ଜବତ ହୋଇଥିବା ଗହଣାକୁ ଚିହ୍ନଟ ପାଇଁ ଦେଖାଇଥିଲେ । କିନ୍ତୁ ଉକ୍ତ ଗହଣା ଅନିରୁଦ୍ଧଙ୍କର ନୁହେଁ ବୋଲି କହିଛନ୍ତି ଅନିରୁଦ୍ଧ । ସୂଚନାଯୋଗ୍ୟଯେ, ଗତ କିଛି ଦିନ ତଳେ ରାସଗୋବିନ୍ଦପୁର ପୋଲିସ ଡକାୟତି ଘଟଣାରେ ଚାରିଜଣଙ୍କୁ ଗିରଫ କରିବା ସହିତ ଲକ୍ଷାଧିକ ଟଙ୍କାର ଗହଣା ଜବତ କରିଥିବାର ସୂଚନା ଦେଇଥିଲେ ଏସଡିପିଓ ମିନତି ବିଶ୍ୱାଳ ଓ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ । ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ମୋରଡା ଥାନା ଅଧିକାରୀ ସୁମିତ ସୋରେନ ଗତକାଲି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ଏ ବିଷୟରେ ଖବର ଦେବାରୁ ଉକ୍ତ ଘଟଣା ପ୍ରକାଶିତ ହୋଇ ସାରିବା ଫଳରେ ଆଜିର ଉକ୍ତ ସାମ୍ବାଦିକ ସମ୍ମିଳନୀ ଏକ ପ୍ରହସନ ପାଲଟିଛି । ଯାହାକୁ ନେଇ ଥାନା ଅଧିକାରୀଙ୍କ ଉପରେ ଗଣମାଧ୍ୟମ ପ୍ରତିନିଧିଗଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ଏସଡିପିଓ ମିନତି ବିଶ୍ୱାଳଙ୍କୁ ପଚାରିବାରୁ ଏପରି କରିବା ଠିକ ନୁହଁ ସେ ବୋଲି କହିଛନ୍ତି ।

# ଓଡ଼ିଶା ଜନତା କଂଗ୍ରେସର ପ୍ରସ୍ତୁତି ବୈଠକ

## ଆଗାମୀ ଦିନରେ ଲୋକଙ୍କ ଅଧିକାର ପାଇଁ ଲଢ଼େଇ କରିବ ଓଜେସି

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜରେ ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ପ୍ରସ୍ତୁତି ବୈଠକ ଦଳର ରାଜ୍ୟ ସଭାପତି ତଥା ବାରବାଟି କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସମ୍ପାଦକ ଅଂଶୁମାନ ଦାସଙ୍କ ନେତୃତ୍ୱରେ ବାରିପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦଳର ବରିଷ୍ଠ ନେତା ତଥା ରାଜ୍ୟ ଉପ-ସଭାପତି ନିକୁଞ୍ଜ



ପଷାୟତ, ରାଜ୍ୟ ଉପ-ସଭାପତି ପ୍ରଦୀପ ପ୍ରଧାନ ଏବଂ ଓଡ଼ିଶା ଯୁବ ଜନତା କଂଗ୍ରେସର ରାଜ୍ୟ ସଭାପତି ଆର୍ଯ୍ୟବୀର ଲେଙ୍କା ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟା, ଆଗାମୀ ଦିନରେ ସଂଗଠନକୁ କିଭଳି ମଜବୁତ କରାଯିବ ତଥା ଆଗାମୀ ଦିନରେ ଲୋକଙ୍କର ଅଧିକାର ପାଇଁ, ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ଏକତ୍ରିତ ହେଇ ଲଢେଇ କରାଯିବା ବିଷୟରେ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମରେ ଓଡିଶା ଜନତା କଂଗ୍ରେସ ମୟୂରଭଞ୍ଜରୁ ନରୋତ୍ତମ ମହାନ୍ତ, ଧନୁର୍ଜୟ ସିଂ, ସେକ ସିଦ୍ଦିକି, ମନୋରଞ୍ଜନ ସିଂ, ମୋନାଲିଶା କବାଟ, ସୁମିତ୍ରା ରାଉତ, ମୋନାଲିସା ଗିରି ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ସଂଗଠନକୁ କିଭଳି ମଜବୁତ କରାଯିବା ସହ ୱାର୍ଡ ସ୍ତରରେ ଲୋକଙ୍କ ପାଖକୁ ଦଳ ପହଞ୍ଚିବ ସେ ଦିଗରେ ମତ ରଖିଥିଲେ । ବୈଠକରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ନେତା କର୍ମୀ ଯୋଗଦେଇଥିଲେ ।

# ଥାନାରେ ରକ୍ତଦାନ ଶିବିର: ୫୨ ୟୁନିଟ୍ ସଂଗୃହୀତ

**ବାରିପଦା(ଅମୃତମିଡିଆ):** ଯଶିପୁର ପୋଲିସ ଓ ଯଶିପୁର ଘରୋଇ ବସ ମାଲିକ ସଂଘର ମିଳିତ ସହଯୋଗ ରେ ଯଶିପୁର ଥାନା ପରିସର ରେ ଅଗଷ୍ଟ ୨୭ ତାରିଖ ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୂଖ୍ୟ ଅତିଥି ଭାବେ ରାଜ୍ୟସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ତଥା ଯଶିପୁର ବିଧାୟକ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ଏକ ବୃକ୍ଷ ରୋପଣ କରିବା ସହ ଫିତା କାଟି ଶିବିର କୁ ଉଦଘାଟନ କରିଥିଲେ ଏବଂ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ



ରାଇରଙ୍ଗପୁର ଜିଲ୍ଲା ପୋଲିସ ଏସ୍ ପି ସୁରେଶ ଚନ୍ଦ୍ର ପାତ୍ର, ଏଏସପି ଯଦୁମଣି ଜେନା, କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାୟକ, ଯଶିପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବ ଚନ୍ଦ୍ର ବିରୁଆ ,ତହସିଲଦାର ମୋହିନୀ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କରଞ୍ଜିଆ ବ୍ଲଡ ବ୍ୟାଙ୍କ ର ଡାକ୍ତର ଶୁଭେନ୍ଦୁ କୁମାର ସଞ୍ଜନା ଓ ଟେକନିସିଆନଗଣ ରକ୍ତ ନମୁନା ପରୀକ୍ଷା କରିବା ସହ ସ୍ୱେଚ୍ଛାକୃତ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ । ଯଶିପୁର ଥାନା ଅଧିକାରୀ ରାଜେଶ କୁମାର ସେଠୀ, ଅନ୍ୟ ଥାନା କର୍ମଚାରୀ, ଯଶିପୁର ଘରୋଇ ବସ ମାଲିକ ସଂଘ ର ସଭାପତି ବିଜୟ କୁମାର ସାହୁ, କର୍ମଚାରୀ ବଳଭଦ୍ର ବେହେରାଙ୍କ ସମେତ ବସଷ୍ଟାଣ୍ଡର କର୍ମକର୍ତ୍ତାଗଣ ଶିବିର ପରିଚାଳନା କରିଥିଲେ ।

# ଠାକୁରମୁଣ୍ଡାରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ



**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା ବ୍ଲକ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ତଥା ଇଦ୍ ମିଲାଦୁନ ନବୀ ଧୁମଧାମ ତଥା ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ସକାଳ ୮ ଟା ସମୟରେ ବିଭିନ୍ନ ଗ୍ରାମର ମୁସଲମାନ ଭାଇମାନେ ବଜାର ମସଜିଦ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ସକାଳ ପ୍ରାୟ ୮. ୩୦ ମିନିଟ ସମୟରେ ଠାକୁରମୁଣ୍ଡା ସୁନ୍ନି ଜାମା ମସଜିଦ କମିଟି ପକ୍ଷରୁ ଆୟୋଜିତ ଏକ ବିରାଟ ଶୋଭାଯାତ୍ରାରେ ହାଫିଜ୍ ତାହିର୍ ସାହେବ ଏବଂ ମୌଲାନା ଅବଦୁଲ ସାତାର୍ ସାହେବ ଡାକବାଜି ଯନ୍ତ୍ର ଦ୍ୱାରା ନାତ୍ ପଢ଼ିବା ସହ ମହାପୁରୁଷ ମହମ୍ମଦଙ୍କ ନାରା ଦେଇ ଠାକୁରମୁଣ୍ଡା ବଜାର, ମୁସଲମାନ ବସ୍ତି, ଖୁଣ୍ଟାପୋଷି, ବେଣ୍ଟକାରପଡା ଗ୍ରାମ ପରିକ୍ରମା କରିବା ପରେ ବେଣ୍ଟକାରପଡା ସ୍ଥିତ କବରସ୍ଥାନ ନିକଟରେ ଅଟକି ଥିଲେ । ସେଠାରେ ଧୂପ ଦେଇ ଦୋଆ ଦରୁଦ କରିବା ପରେ ପୁଣି ଶୋଭାଯାତ୍ରାରେ ମସଜିଦ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ଫାତେହା କରିବା ପରେ ଶୋଭାଯାତ୍ରା ଶେଷ ହୋଇଥିଲା । ଶୋଭାଯାତ୍ରାକୁ ସୁନ୍ନି ଜାମା ମସଜିଦ କମିଟିର ସର୍ଦ୍ଦାର ସେକ୍ ସବିରଙ୍କ ସମେତ ସେକ୍ ଫରିଦ୍, ସେକ ମେହେମୁଦ, ସେକ୍ ରାଜୁ, ସେକ୍ ଟୁକୁ , ସେକ୍ ଫିରୋଜ, ସେକ୍ ବାବୁଲୁ, ସେକ ଇରଫାନ, ସେକ ରିଆଜ, ସେକ ଗ୍ୟାଶୁଦ୍ଦିନ, ଏମଡି ଆରିଫ, ଆକ୍ରମ ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଉପସ୍ଥିତ ସମସ୍ତ ମୁସଲମାନ ଭାଇମାନେ ସହଯୋଗ କରିଥିଲେ । ଠାକୁରମୁଣ୍ଡା ଥାନା ଅଧିକାରୀ ଶରତ କୁମାର ମହାଳିକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଅମେରେଶ ବାରିକ ନିଜ ପୋଲିସ ଟିମ୍ ସହ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

# କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା ଶିବିର

**ବାରିପଦା /କରଞ୍ଜିଆ (ଅମୃତମିଡିଆ):** କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଛାତ୍ରୀମାନଙ୍କୁ ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ କରଞ୍ଜିଆ



ଥାନା ସବ୍-ଇନ୍ସପେକ୍ଟର ରିତାଞ୍ଜଳୀ ଦାସ ମୁଖ୍ୟ ଅତିଥି ଏବଂ ପ୍ରାର୍ଥନା ଟିଭି ପ୍ରବଚିକା କଳ୍ପନା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଭାରତୀୟ ଦଣ୍ଡ ସଂହିତା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ନିବାରଣ ଆଇନ, ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ (ପୋକ୍ସୋ) ଏବଂ ରାଗିଂ ବିରୋଧୀ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ଘଟଣାରେ ଅଭିଯୋଗ ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଭୂମିକା, ୧୮ ବର୍ଷରୁ କମ୍ ଶିଶୁଙ୍କ ସୁରକ୍ଷା ଏବଂ ଶିକ୍ଷାନୁଷ୍ଠାନରେ ରାଗିଂ, ଭୟଭୀତ କରିବା, ଅପମାନିତ କରିବା ଓ ଶାରୀରିକ ନିର୍ଯାତନା ଭଳି କାର୍ଯ୍ୟ ଦଣ୍ଡନୀୟ ହୋଇଥିବା ନେଇ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ଛାତ୍ରୀମାନେ ସହନଶୀଳତା, ଶୃଙ୍ଖଳା ଓ ସକାରାତ୍ମକ ଚିନ୍ତାଧାରାରେ ଜୀବନ ଗଢ଼ିଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ଅତିଥିମାନେ କହିଥିଲେ । ଶକ୍ତିଶ୍ରୀ ସଂଯୋଜିକା ଶ୍ରଦ୍ଧାଞ୍ଜଳି ନାଏକ କାର୍ଯ୍ୟକ୍ରମ ପରିଚାଳନା ସହ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ବହୁ ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବୁଦ୍ଧେଶ୍ୱର ମହାଦେବ ମନ୍ଦିରର ହୁଣ୍ଡି ଭାଙ୍ଗି ଲୁଟ୍

**ବାରିପଦା(ଅମୃତମିଡିଆ):** ରାସଗୋବିନ୍ଦପୁର ବ୍ଲକ,ଦେବଶୋଳ ସ୍ଥିତ ପ୍ରସିଦ୍ଧ ବୁଦ୍ଧେଶ୍ୱର ମହାଦେବ ମନ୍ଦିରରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ମନ୍ଦିରର ଦୁଇଟି ଗେଟ୍‌ର ତାଲା ଭାଙ୍ଗି ଭିତରକୁ ପଶିବା ସହ ଦାନ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି । ଏଥିସହ ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ପାଇଁ ଥିବା ଏଲସିଡି ମଧ୍ୟ ଦୁର୍ବୃତ୍ତମାନେ ନେଇଯାଇଥିବାର ଜଣାପଡ଼ିଛି । ଫଳରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି । ଘଟଣା ଜଣାପଡ଼ିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏନେଇ



ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କରାଯାଇଛି । ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ପ୍ରଫୁଲ୍ଲ କୁମାର ଦଲେଇ ଥାନାରେ ଅଭିଯୋଗ କରି ଘଟଣାର ତଦନ୍ତ ସହ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବାକୁ ଦାବି କରିଛନ୍ତି । ଅଭିଯୋଗ ପରେ ରାସଗୋବିନ୍ଦପୁର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ତେବେ ଦୁର୍ବୃତ୍ତ ମାନଙ୍କ ମଧ୍ୟରେ ଜଣେ ମୁଣ୍ଡରେ ହେଲମେଟ ବିନ୍ଧିଥିବା ଅନ୍ୟ ଜଣେ ମୁହଁ ରେ ଗାମୁଛା ଘୋଡାଇଥିବା ସିସିଟିଭି ଫୁଟେଜ ରୁ ଜଣାପଡିଛି । ପ୍ରସିଦ୍ଧ ଶୈବପୀଠରୁ ଏଭଳି ଚୋରି ଘଟଣା ଘଟିବାକୁ ନେଇ ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଘଟଣାରେ ସମ୍ପୃକ୍ତ ଚୋରଙ୍କୁ ଶୀଘ୍ର ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ମୟୂରଭଞ୍ଜ ଜିଲ୍ଲାରେ ଉଲ୍ଲାସ ପ୍ରଶିକ୍ଷଣ ଅନୁଷ୍ଠିତ




**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲାରେ ଉଲ୍ଲାସ- ୨୬ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣରେ ଜିଲ୍ଲାର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଓ କମ୍ପ୍ୟୁଟର ପ୍ରୋଗ୍ରାମର ମାନଙ୍କୁ ନେଇ ମୋଟ ୬୫ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଆଇ.ଇ.ଟିର ଅଧକ୍ଷ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀ ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଏଡିଇଓ ବିନୋଦ ସିଂ, ଏକାଡେମିକ୍ସ ଅନୁଜା ମାଧୁରୀ ଦାସ, ବାରିପଦା ବିଇଓ ଏବଂ ଶ୍ୟାମାଖୁଣ୍ଟା ବିଇଓଙ୍କ ଦ୍ୱାରା ବିଷୟଭିତ୍ତିକ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଲ୍ଲାସ- ୨୦୨୬ର ପରିଚୟାତ୍ମକ ଅଧିବେଶନ, ସିଆରସିସିଙ୍କ ଭୂମିକା, ସ୍କୁଲର ପ୍ରଧାନଶିକ୍ଷକଙ୍କ ଭୂମିକା, ବିଇଓଙ୍କ ଭୂମିକା ଓ ଦାୟିତ୍ୱ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା. ଏଥିସହିତ ଉଲ୍ଲାସ ପୋର୍ଟାଲରେ କ୍ରେଡେନ୍ସିଆଲ୍ସର ବ୍ୟବହାର ଓ ପ୍ରକ୍ରିୟା, ପୋର୍ଟାଲ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ସର୍ଟଲିଷ୍ଟ କରିବାର ପ୍ରକ୍ରିୟା, ଅନୁଦାନର ସୁଚାରୁ ବିନିଯୋଗ, ଡାଉଟ କ୍ଲିୟରିଂ କ୍ଲାସ ପରିଚାଳନା ଏବଂ ବ୍ଲକ ସ୍ତରରେ କାର୍ଯ୍ୟ ମଡ୍ୟୁଲ ପ୍ରସ୍ତୁତି ସମ୍ପର୍କରେ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ ଅଧକ୍ଷୀୟ ଅଭିଭାଷଣରେ ଉଲ୍ଲାସ- ୨୦୨୬ର ସଫଳ ରୂପାୟଣ ପାଇଁ ବ୍ଲକ ଓ ବିଦ୍ୟାଳୟ ସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ମୋମିତା ଚୌଧୁରୀ ମୟୂରଭଂଜ- ୨ ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି

**ବାରିପଦା (ଅମୃତମିଡିଆ):** ମୟୂରଭଂଜ - ୨ ଜିଲ୍ଲାର ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ମୋମିତା ଚୌଧୁରୀ ମନୋନୀତ ହୋଇଛନ୍ତି । ସେ ଜଣେ ଦକ୍ଷ ମହିଳା,ପରୋପକାରୀ, ସାମାଜିକ କର୍ମୀ ,ସମାଜସେବିକା, ସୁସଂଗଠିକା, ଦକ୍ଷା ନାରୀନେତ୍ରୀ । ଜଣେ ଅଣ କଂଗ୍ରେସ ଓ ଅଣ ବିଜେପି ସଦସ୍ୟା । ରାଇରଙ୍ଗପୁର ପୌର ପାଳିକା ତରଫରୁ ୩ ଥର ପାରିଷଦ ସଦସ୍ୟା ଭାବେ ବିଜେଡି ତରଫରୁ ନିର୍ବାଚିତ ହୋଇଥିବାବେଳେ ଅଧୁନା ପୌରପାଳିକା ରେ ଉପାଧ୍ୟକ୍ଷା ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଉଛନ୍ତି । ଦୀର୍ଘ ୩୫ ବର୍ଷ ଧରି ବିଜୁ ପଟ୍ଟନାୟକଙ୍କ ଜନତା ଦଳ ଏବଂ ନବିନ ପଟ୍ଟନାୟକଙ୍କ ବିଜେଡି ଦଳ ସହିତ ଜଡିତ ହୋଇ ଦଳ ଯେଉଁ ଦାୟିତ୍ୱ ଦିଏ ନିଷ୍ଠାର ସହ ତୁଲାଉଛନ୍ତି । ତେଣୁ ତାଙ୍କର ସମାଜସେବା,



ନିର୍ଭୀକତା, ସଚ୍ଚୋଟତା ଏବଂ ଦଳ ପ୍ରତି ଗଭୀର ଆନୁଗତ୍ୟ ଯୋଗୁଁ ବିଜେଡି ସଭାପତି ଓ ନେତୃବୃନ୍ଦ ତାଙ୍କୁ ନୂତନ ଦାୟିତ୍ୱ ଦେଇ ଥିବାରୁ ସେ ଦଳୀୟ ହାଇକମାଣ୍ଡଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ପଲିଥିନ୍ ତଳେ ଖାଦ୍ୟ ସୁରକ୍ଷାରୁ ବଂଚିତ ପରିବାର



**ବାରିପଦା /ଉଦଳା (ଅମୃତମିଡିଆ):** କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଟୁଲୁକବାଡ଼ି ଗ୍ରାମର ବାସିନ୍ଦା ବାସୁଦେବ ସିଂ ଓ ତାଙ୍କର ସହଧର୍ମିଣି ଗାଙ୍ଗି ସିଂଙ୍କ ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ମୋଟ ସଦସ୍ୟ ୬ଜଣ ଅଟନ୍ତି । ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କଥା କହିଛନ୍ତି । ଆବାସ ଯୋଜନାରେ ଘର ମିଳିନଥିବାରୁ ପଲିଥିନ ତଳେ ରାତି କଟାଇବାକୁ ପରିବାରର ସଦସ୍ୟ ମାନେ ବାଧ ହୋଇଥିବାର କହିଛନ୍ତି । ସେହିପରି ପାଇଖାନା ଓ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁ ନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି

# ଶିମିଳିପାଳିଆ ହାତୀପଲରେ ନୂଆ ଅତିଥି, ବନ ବିଭାଗର କଡ଼ା ନଜର

**ବାରିପଦା /କରଞ୍ଜିଆ(ଅମୃମିଡିଆ):** କରଞ୍ଜିଆ ବନାଞ୍ଚଳ ଅନ୍ତର୍ଗତ ସିଙ୍ଗଡ଼ା ସେକ୍ସନର ପୋଖରୀଆ ସଂରକ୍ଷିତ ଜଙ୍ଗଲ (୨)ରେ ରହୁଥିବା ୩ ଟିକିଆ ଶିମିଳିପାଳିଆ ହାତୀପଲରେ ଏକ ଛୁଆ ହାତୀର ଜନ୍ମ ହୋଇଛି । ଏହି ଖବର ପ୍ରକାଶ ପାଇବା ପରେ ଅଞ୍ଚଳରେ ଆନନ୍ଦର ପରିବେଶ ସୃଷ୍ଟି ହେବା ସହ ହାତୀ ଛୁଆକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଉକ୍ତ ସଂରକ୍ଷିତ ଜଙ୍ଗଲରେ ୩ଟି ହାତୀ ରହୁଥିଲେ । ସେମାନଙ୍କ ମଧ୍ୟରେ ଗୋଟିଏ ଦନ୍ତା ଓ ଦୁଇଟି ମାଈ ହାତୀ ରହିଥିଲେ । ତେବେ ଏହି ହାତୀପଲରେ ଏକ ଛୁଆ ହାତୀ ଜନ୍ମ ନେବା ପରେ ପଲର ସଦସ୍ୟ ସଂଖ୍ୟା ୪କୁ ବୃଦ୍ଧି ପାଇଛି ।

# ଗ୍ରାମ ଜଙ୍ଗଲରେ ରକ୍ଷା ବନ୍ଧନ ଉତ୍ସବ



**ବାରିପଦା(ଅମୃତମିଡିଆ):** ଶିମିଳିପାଳ ଜୈବ ମଣ୍ଡଳ ମଧ୍ୟରେ ରହିଥିବା ଶାଳଚୁଆ ଗ୍ରାମ ପଞ୍ଚାୟତର ମଶାଘାଟି ଜଙ୍ଗଲ ଗ୍ରାମରେ ଜଙ୍ଗଲ ମଧ୍ୟରେ ଭାଇ ଭଉଣୀଙ୍କ ପବିତ୍ର ବନ୍ଧନକୁ ଗଛରେ ପ୍ରତିଫଳିତ ହୋଇଛି । ବୃକ୍ଷରୁ ଆଦିବାସୀ ମହିଳାମାନେ ସବୁ ପ୍ରକାର ସହାୟତା ପାଉଥିବାରୁ ଆଜି ବୃକ୍ଷ ଦେବତାକୁ ପୂଜା ଅର୍ଚ୍ଚନା କରି ଭାଇ ପରି ସାହାଯ୍ୟ କରୁଥିବାରୁ ଗଛରେ ମହିଳା ମାନେ ରାକ୍ଷୀ ବାନ୍ଧିଥିଲେ । ସୂଚନା ଯୋଗ୍ୟ, ଏହି ଅଞ୍ଚଳର ବିଭିନ୍ନ ଗ୍ରାମ ଗୁଡିକରେ ସ୍ୱେଚ୍ଛାସେବୀ ସଂଗଠନ ଆର୍‌ସିଡିସି ସଂଯୋଜନା ଦ୍ୱାରା ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ରେ ପର୍ଦ୍ମିନୀ ସେନାପତି, ମଞ୍ଜୁ ସେନାପତି, କୁନି ସେନାପତି, ଅର୍ଚ୍ଚିତା କପୁଣ୍ଡିଆ, ବାସନ୍ତୀ ଶୁଳିଆ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଚଉକାଠ ବୋଝେଇ ପିକଅପ୍ ଜବତ

**ବାରିପଦା(ଅମୃତମିଡିଆ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଘଣ୍ଟିଆଦର ସାଳନ୍ଦୀ ନଦୀ ସେତୁ ନିକଟରୁ ଏକ ଚଉକାଠ ବୋଝେଇ ପିକଅପ୍ ଜବତ କରିଛି ଠାକୁରମୁଣ୍ଡା ବନବିଭାଗ । କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ବିଶେଷ ସୂତ୍ରରୁ ଖବର ପାଇ ଜରକ ଗ୍ରାମ ପଞ୍ଚାୟତ ଘଣ୍ଟିଆଦର ସାଳନ୍ଦୀ ନଦୀ ସେତୁ ନିକଟରେ ଛକି ରହିଥିଲେ । ମଙ୍ଗଳବାର ରାତି ପ୍ରାୟ ୧,୪୫ ମିନିଟ୍ ସମୟରେ ଏକ ପିକ୍‌ଅପ (ଓ ଆର ୦୨ବିଟି୫୦୧୩) କୁ ଅଟକାଇ ତଲାସୀ କରିବାରୁ କାଠ ବୋଝେଇ ହୋଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଗାଡ଼ି ଛାଡ଼ି ଚାଳକ ଦୌଡ଼ି ପଳାଇଥିଲା । ବନବିଭାଗ କର୍ମଚାରୀ ପିକଅପ୍‌କୁ ଜବତ କରି ଠାକୁରମୁଣ୍ଡା ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ । ପିକଅପ୍ ରେ ୭୮ ପିସ୍ ଶାଳ ଚଉକାଠ (୬୮.୪୬ ସିଫ୍ଟି) ଲୋଡ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଏକ ୮୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ସୂଚନା ଦେଇଛନ୍ତି । ଏହି ଚଢ଼ାଉ କାର୍ଯ୍ୟକ୍ରମରେ ବନପାଳ ବିଦ୍ୟାଧର ମହାନ୍ତ, ବିଶ୍ୱଜିତ ମହାନ୍ତ,ବନରକ୍ଷୀ ମନୋଜ କୁମାର ବେହେରା,ତପନେଶ୍ୱର ପାଲ୍ ଏବଂ ସମସ୍ତ ବନ କର୍ମଚାରୀ ସାମିଲ ହୋଇଥିଲେ ।



# ହିନ୍ଦୋଳରେ ହାତୀ ମୃତ୍ୟୁ ଘଟଣା...

# ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରି ବନବିଭାଗ ଚୁପ୍




**ହିନ୍ଦୋଳ (ଅମୃତ ମିଡିଆ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଅଧିନରେ ପ୍ରାୟ ୨୮୦ରୁ ଉର୍ଦ୍ଧ୍ୱ ଜଙ୍ଗଲୀ ହାତୀମାନେ ବିଚରଣ କରୁଥିବାବେଳେ ଅନେକ ସମୟରେ ବ୍ୟାପକ ଧନଜୀବନ ହାନୀ ଘଟୁଛି। ମାତ୍ର ବନବିଭାଗ ପକ୍ଷରୁ କୌଣସି ହେଲେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାନଯାଇ ଅନେକ ସମୟରେ ଦେଖାଯାଉଛି ମୃତକ ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ଆର୍ଥିକ ଅନୁକମ୍ପା ରାଶି ଏବଂ ତଳିଆ କର୍ମଚାରୀମାନଙ୍କୁ ନିଲମ୍ବିତ କରିଦେଇ ବନବିଭାଗ ନିଜ ଦୋଷକୁ ଘୋଡ଼ାଇ ଦେଉଛି। କିଭଳି ଭାବେ ହାତୀ ଆକ୍ରମଣ ଫଳରେ ଧନଜୀବନ ହାନୀ ବ୍ୟାପକ ଫସଲ ହାନୀ, ଘର ଦ୍ୱାର ନଷ୍ଟ କରିବା ସହିତ ଅନେକ କ୍ଷତି ସହୁଛନ୍ତି। ସଞ୍ଜନଇଁଲେ ଲୋକମାନେ ଅତି ଜରୁରୀ କାମରେ ମଧ ଘରୁ ପଦାକୁ ବାହାରିବା ଏକରକମ ମୁସ୍କିଲ୍ ହୋଇପଡୁଛି। ଯଦ୍ୱାରା ଅନେକ ସମୟରେ ସାପ କାମୁଡା, ଗର୍ଭବତୀ ଅବା ରୋଗୀ ମାନଙ୍କୁ ମେଡିକାଲ୍ ନେବା ମଧ ଅସମ୍ଭବ ହୋଇପଡୁଛି। ଫଳରେ ହାତୀମାନଙ୍କ ଦାଉରୁ କେବଳ ଧନଜୀବନ ହାନୀ ନୁହେଁ ଅନେକ କାର୍ଯ୍ୟରେ ମଧ ଯାତାୟାତ କରିବାରେ ବାଧା ସୃଷ୍ଟି ହେଉଛି। ଅନେକ ଜଙ୍ଗଲ ତଳି ଅଞ୍ଚଳରେ ରହିଥିବା ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପାଠପଢ଼ି ଯିବା ଏବଂ ଫେରିବା ଏକରକମ ଦୁର୍ବିସହ ହୋଇପଡୁଛି।

ଏଠାରେ ପ୍ରକାଶ ଥାଉକି ଗତ ୫ବର୍ଷ ମଧରେ ହିନ୍ଦୋଳ ଫରେଷ୍ଟ୍ ରେଞ୍ଜରେ ପ୍ରାୟ ୧୩୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ପାଖାପାଖି ୮୦ରୁ ଉର୍ଦ୍ଧ୍ୱ ହାତୀ ମାନଙ୍କର ମୃତ୍ୟୁ ମଧ ଘଟିଛି। ହିନ୍ଦୋଳ ବନାଞ୍ଚଳ ଅଧିକାରୀ ଅଥବା ଜିଲ୍ଲା ବନଖଣ୍ଡ ଅଧିକାରୀ କେବଳ ନିଜର ଦୋଷ ଘୋଡାଇବାକୁ ଅନୁକମ୍ପା ରାଶି ପ୍ରଦାନ ଏବଂ ନିରୀହ ତଳିଆ କର୍ମଚାରୀମାନଙ୍କୁ ନିଲମ୍ବିତ କରିଦେଇ ଚୁପ୍ ବସି ଯାଉଛନ୍ତି। ଫଳରେ ସମାନ ଘଟଣା କ୍ରମାଗତ ଭାବେ ସାମ୍ନାକୁ ଆସୁଛି। ଅନେକ ଧନଜୀବନ ପରିବାର ବିପନ୍ନ ହେବା ସହିତ ନିରୀହ କର୍ମଚାରୀମାନେ ବଳି ପଡୁଛନ୍ତି। ଗତ ୬ମାସ ଧରି ହାତୀ ସୁରକ୍ଷା ପାଇଁ ନିୟୋଜିତ ଥିବା ଗାଡ଼ିର ପେଟ୍ରୋଲ୍ ଖର୍ଚ୍ଚ ନ ଦିଆଯାଇ ସେମାନଙ୍କୁ ହାତୀଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଉଛି। ଯାହାଦ୍ୱାରା କି ସେହି କର୍ମଚାରୀମାନେ କିଭଳି ଭାବେ କାର୍ଯ୍ୟ କରୁଥିବା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଅନେକ ସମୟରେ ହାତୀ ମଣିଷ ଲଢ଼େଇ ଦେଖିବାକୁ ମିଳିଛି। ଏଠାରେ ସ୍ପଷ୍ଟ ଥାଉକି ନିକଟରେ ଖଳିବୋରେଇ ସେକ୍ସନ୍ ଈଶ୍ୱରାପାଳ ଶାଳବଣି ନିକଟରେ ଗୋଟିଏ ଦନ୍ତାହାତୀର ଏକ ସପ୍ତାହ ତଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସଂପୃକ୍ତ ବନପାଳ ଏବଂ ବିଦ୍ୟୁତ୍ ପ୍ରହରୀଙ୍କୁ ଗତକାଲି କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସଂପୃକ୍ତ ଫରେଷ୍ଟ୍ ଗାର୍ଡଙ୍କୁ ନିଲମ୍ବିତ କରାନଯାଇ କେଉଁ ତଥ୍ୟ ଆଧାରରେ ସଂପୃକ୍ତ ଫରେଷ୍ଟର ଓ ବିଦ୍ୟୁତ୍ ପ୍ରହରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଗଲା ତାହା ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଠିକା ଭାବେ ନିଯୁକ୍ତ ବିଦ୍ୟୁତ୍ ପ୍ରହରୀଙ୍କୁ ନିଲମ୍ବିତ କରି ଚର୍ଚ୍ଚାରେ ହିନ୍ଦୋଳ ବନବିଭାଗ। ଏହା କେବଳ ବିଭାଗୀୟ ପାରଦର୍ଶୀତା, ନା ବିଭାଗର ଅପାରଗତା ତାହା ସ୍ପଷ୍ଟ ହୋଇପାରୁନାହିଁ। କେବଳ ନିଲମ୍ବିତ କଲେ ଏହାର ସ୍ଥାୟୀ ସମାଧାନ ନୁହେଁ। ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ମାତ୍ର ଉଚ୍ଚ ଅଧିକାରୀମାନେ କେବଳ ନିଲମ୍ବିତ କରିଦେଇ ନିଜକୁ ଦୋଷମୁକ୍ତ କରିବା ସହିତ ମୁଣ୍ଡ ଉପରୁ ଦାୟିତ୍ୱ ଏଡାଇ ଦେଉଛନ୍ତି। ଏହାପଛରେ ଅନ୍ୟ କୌଣସି କାରଣ ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। କର୍ମଚାରୀଙ୍କୁ ନିଲମ୍ବିତ କିମ୍ବା ଅନୁକମ୍ପା ରାଶି ଦେବା କୌଣସି ସ୍ଥାୟୀ ସମାଧାନ ନୁହେଁ। ଲୋକମାନଙ୍କର ଧନଜୀବନ ସୁରକ୍ଷା, ହାତୀ ମାନଙ୍କର ସୁରକ୍ଷା ଉଭୟ ଦିଗ ପ୍ରତି ବନବିଭାଗ ଆଗାମୀଦିନରେ ସଚେତନ ନହେଲେ ଜନଆନ୍ଦୋଳନ ମୁଣ୍ଡ ଟେକିବା କିଛି ଅସମ୍ଭବ ନୁହେଁ। ଯଦି ଏହାର ସ୍ଥାୟୀ ସମାଧାନ କରାନଯାଏ ତେବେ ଆଗାମୀଦିନରେ ଜନଆନ୍ଦୋଳନ ବ୍ୟାପକ ହେବବୋଲି ସାଧାରଣରେ ଆଲୋଚନା ହେଉଛି।





## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରକ୍ଷାବନ୍ଧନ



**ଛତ୍ରପୁର (ଅମୃତ ମିଡିଆ):** ସ୍ଥାନୀୟ ଶ୍ରୀରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରକ୍ଷା ବନ୍ଧନ ଉତ୍ସବ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରକୃତି ପୂଜନ, ଗୋପୂଜନ ଓ ରାକ୍ଷୀ ବନ୍ଧନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଅଜୟ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ଷା ବନ୍ଧନର ମହତ୍ତ୍ୱ ଓ ପ୍ରକୃତି ପୂଜନର ମହାତ୍ମ୍ୟ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଇଥିଲେ। ପ୍ରଧାନାଚାର୍ଯ୍ୟ ଟି. ସୁରେଶ କୁମାର ଆଚାରୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ପଦ୍ମଚରଣ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

ଏଥିରେ ଉପସଭାପତି ଗୀତା ପାଢ଼ୀ, ସମ୍ପାଦକ ସନ୍ତୋଷ କୁମାର ସାହୁ, ସହସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, କୋଷାଧକ୍ଷ ସୀମାଞ୍ଚଳ ପାତ୍ର, ସଦସ୍ୟ ରାମପ୍ରସାଦ ପଟ୍ଟନାୟକ ଓ ସଦସ୍ୟା ସୁନିତା ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ରକ୍ଷା ବନ୍ଧନର ମହତ୍ତ୍ୱ ଓ ବଳରାମଙ୍କ ଜନ୍ମବୃତ୍ତାନ୍ତ ସମ୍ପର୍କରେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ।

ଉତ୍ସବରେ ଶିଶୁ ଭାଇ ଓ ଭଉଣୀମାନେ ପରସ୍ପରକୁ ରାକ୍ଷୀ ବାନ୍ଧି ଭାଇ-ଭଉଣୀର ପବିତ୍ର ସମ୍ପର୍କ ଓ ସ୍ନେହର ବାର୍ତ୍ତା ଦେଇଥିଲେ। ଏଥିସହ ପ୍ରକୃତି ପୂଜନ ଓ ଗୋପୂଜନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଆଚାର୍ଯ୍ୟ ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଅନୁଷ୍ଠାନର ଗୁରୁଜୀ, ଗୁରୁମା, ମଉସା, ମାଉସୀ ଓ ଶିଶୁ ଭାରତୀର ଶିଶୁମାନେ ସ୍ଥାନୀୟ ମେଡିକାଲ, ବିଭିନ୍ନ ଅନୁଷ୍ଠାନ, ସାହି ଏବଂ ଛତ୍ରପୁର ଉପକାରାଗାରର ଅନ୍ତେବାସୀମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହା ମାଧ୍ୟମରେ ଭ୍ରାତୃତ୍ୱ, ସ୍ନେହ ଓ ସାମାଜିକ ସମରସତାର ବାର୍ତ୍ତା ପ୍ରସାର କରାଯାଇଥିଲା।

## ପିପୁଲ୍ସ କଲେଜରେ ପୋଷଣ, ରତୁସ୍ରାବ ଓ ରକ୍ତହୀନତା ବିଷୟରେ ସଚେତନତା




**ପୋଲସରା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡ଼ା ପିପୁଲ୍ସ କଲେଜର 'ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ' କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ପ୍ରକୋଷ୍ଠ ସଂଯୋଜିକା ଅଧାପିକା ଡକ୍ଟର ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୋଷଣ, ମାସିକ ରତୁସ୍ରାବ ଓ ରକ୍ତହୀନତା ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ପ୍ରିନ୍ସିପାଲ ଭଗବାନ ଶତପଥୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ସିଡ଼ିପିଓ ବବିତା କୁମାରୀ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ କଲେଜର ପ୍ରଶାସନିକ ଅଧିକାରୀ ଅଧାପକ ମନୋଜ କୁମାର ଦାଶ ଓ ପ୍ରାଣୀବିଜ୍ଞାନ ସହାୟକ ରାମକୃଷ୍ଣ ନାୟକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ପଣ୍ଡା ପୋଷଣ, ମାସିକ ରତୁସ୍ରାବ ଓ ରକ୍ତହୀନତା ବିଷୟରେ ପୃଷ୍ଟିସାର ଯୁକ୍ତ ଘରୋଇ ଖାଦ୍ୟ, ମାସିକ ରତସ୍ରାବ ସମୟ ଅସମତା ହେଲେ ଡାକ୍ତରଙ୍କ ସହ ପରାମର୍ଶ ଓ ରକ୍ତହୀନତା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ସହ ଲୌହଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲା। ଏହି ତିନୋଟି ସମସ୍ୟା ପ୍ରତି ଯୁବ ଛାତ୍ରୀମାନେ ସର୍ବଦା ସଚେତନତା ରହିଲେ ସୁସ୍ଥ ସ୍ୱାସ୍ଥ୍ୟ ବାତାବରଣ ସୃଷ୍ଟି ହୋଇପାରିବ। ଶେଷରେ ସଂଯୋଜିକା ଅଧାପିକା ଡକ୍ଟର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେପଶି ଚାଉଳ ଖାଇଲା ଦନ୍ତା

## ➲ଅଳ୍ପକେ ବର୍ତ୍ତିଲେ ପରିବାର
## ➲ହାତୀ ଉପଦ୍ରବରେ ରାସ୍ତା ଅବରୋଧ



**ଘଟଗାଁ (ଅମୃତ ମିଡିଆ):** ଘରର କବାଟ ଭାଙ୍ଗି ଘରେ ପଶିଲା ଦନ୍ତା ହାତୀ। ଘରେ ଥିବା ଚାଉଳ ଖାଇବା ସହ ଆତଙ୍କ ସୃଷ୍ଟି କଲା ହାତୀ। ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ। ଏଭଳି ଘଟଣା ଘଟିଛି ଘଟଗାଁ ରେଞ୍ଜ ଅନ୍ତର୍ଗତ କେତାଙ୍ଗ ଗ୍ରାମରେ। ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ କେତାଙ୍ଗ ଗ୍ରାମର ବାବୁଲି ମହାନ୍ତଙ୍କ ଘରେ ପଶିଥିଲା ଏକ ଦନ୍ତା ହାତୀ। ହାତୀଟି ପ୍ରଥମେ ଘରର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ଘରେ ଥିବା ଚାଉଳ ଖାଇବା ସହ ଘର ଭିତରେ ଆତଙ୍କ ସୃଷ୍ଟି କରିଥିଲା। ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ପରିବାର ସଦସ୍ୟ। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଛି। କିଛି ଦିନ ହେବ ଅଞ୍ଚଳରେ ହାତୀପଲଙ୍କ ବ୍ୟାପକ ଉପଦ୍ରବ ଯୋଗୁ ଏଥିରେ ଅତିଷ୍ଠ ହୋଇ ଆଜି ସକାଳ ସମୟରେ କପାସପଡା ନିକଟରେ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ।ଯାହା ଫଳରେ ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଖବର ପାଇ ଆଜି ଘଟଣାସ୍ଥଳରେ ପହଞ୍ଚିଥିଲେ ଏସିଏଫ ସୁଦୀପ୍ତ ପଣ୍ଡା, ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଘଟଗାଁ ରେଞ୍ଜର ବାବୁବାହାନ ସାହୁ, ଏବଂ ଆଇଆଇସି ଶୁଭ୍ରାନ୍ତ ଜେନା ଲୋକଙ୍କୁ ବହୁ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା । ଅନ୍ୟପକ୍ଷରେ ବାବୁଲି ମହାନ୍ତଙ୍କ ଘରେ ଯାଇ ଅଧିକାରୀମାନେ ପରିସ୍ଥିତି ସମ୍ପର୍କରେ ଅନୁଧାନ କରିଥିଲେ। ବାରମ୍ବାର ହାତୀ ଗାଁ ମୁହାଁ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ବଢୁଛି ଭୟ। ହାତୀ ଉପଦ୍ରବରୁ ଲୋକଙ୍କ ଧନଜୀବନ ସୁରକ୍ଷିତ ରଖିବା ସହ ହାତୀକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ବନବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।



## ବଦଳି ଆଦେଶ ମାନୁ ନାହାଁନ୍ତି ସହକାରୀଯନ୍ତ୍ରୀ



**ବେଗୁନିଆପଡା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲାର ବେଗୁନିଆପଡା ବ୍ଲକର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କ ବଦଳି ଆଦେଶ ହୋଇଥିଲେ ମଧ ଗାଦି ମୋହ ଛାଡୁନି । ବେଗୁନିଆପଡା ବ୍ଲକରେ ମହୁ ଝରୁଛି ବୋଲି ରାସ୍ତାଘାଟ ଚର୍ଚ୍ଚା । ସର୍ଭିସ ଆକ୍ଟ ଅନୁଯାଇ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ତିନି ବର୍ଷ କାର୍ଯ୍ୟ କରିପାରିବ । କିନ୍ତୁ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସହକାରୀ ଯନ୍ତ୍ରୀ ଶ୍ରୀ ସାହୁ କାର୍ଯ୍ୟରତ । ନେଇ ଆଣି ଥୋଇ ପାରିବା ବିଦ୍ୟା ଯନ୍ତ୍ରୀ ଶ୍ରୀ ସାହୁଙ୍କୁ ବେଶ ଭଲ ଜଣା । ଯନ୍ତ୍ରୀ ଶ୍ରୀ ସାହୁଙ୍କ ବିରୁଦ୍ଧରେ ଦୁର୍ନୀତିକୁ ନେଇ ପ୍ରଶାସନ ଓ ସରକାରଙ୍କ ନିକଟରେ ଅଭିଯୋଗ ହୋଇଛି । ଜିଲ୍ଲା ପରିଷଦ,ଗଞ୍ଜାମ ଚିଠି ନମ୍ବର ୬୨୪୭,ତା-୦୫/୦୮/୨୦୨୬ ଅନୁଯାଇ ୩୫ ଜଣ ଯନ୍ତ୍ରୀଙ୍କୁ ବିଭିନ୍ନ ବ୍ଲକକୁ ବଦଳି ହୋଇଛି । ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କୁ ବେଗୁନିଆପଡା ବ୍ଲକରୁ ବୁଗୁଡା ବ୍ଲକକୁ ବଦଳି ହୋଇ ଥିଲେ ମଧ ସେ ଏପର୍ଯ୍ୟନ୍ତ ରିଲିଭ ହୋଇ ନାହାଁନ୍ତି । ଯନ୍ତ୍ରୀ ଶ୍ରୀ ସାହୁ ଜଣେ ପାରିବାର ଲୋକ । ବିଧାୟକ,ସାଂସଦ ଓ ଜିଲ୍ଲାପାଳଙ୍କୁ କିଭଳି ମନ ଖୁସି କରି ନିୟନ୍ତ୍ରଣ କରି ବଦଳି ବାତିଲ ହେବ ସେଥିପାଇଁ ଉଦ୍ୟମ କରୁଥିବା ନେଇ ଚର୍ଚ୍ଚା ଶୁଣିବାକୁ ମିଳୁଛି ।କେବଳ ସେତିକି ନୁହଁ ମହାଶୟ ପୁଣି କୋଦଳା ଏନଏସି ର ଅଧିକ୍ଷଣ ଯନ୍ତ୍ରୀ ଦାଇତ୍ୱ ରେ ଅଛନ୍ତି,ବ୍ଲକ ଏବଂ ଏନଏସି ଦୁଇ ଦୁଇଟି କାର୍ଯ୍ୟାଳୟ ର କାର୍ଯ୍ୟ ମୁଖ୍ୟ, ବିନା ଦସ୍ତଖତ ରେ ଫାଇଲ ଘୁଞ୍ଚୁନାହିଁ, ଗତ ବ୍ଲକ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେ ବହୁ ପଞ୍ଚାୟତ ପ୍ରତିନିଧି ଖୋଲାଖୋଲି ବିଭିନ୍ନ କାର୍ଯ୍ୟ ର ଅଭିଯୋଗ କରିଥିଲେ, ଏତେ ସବୁ ଶୁଣିସାରିବା ପରେ ମଧ କାହିଁକି ବଦଳି ହୋଇଯିବାକୁ ଇଚ୍ଛା କରୁନାହାନ୍ତି ତାକୁ ନେଇ ବିଭିନ୍ନ ସ୍ଥାନ ରେ ଚର୍ଚ୍ଚା, ପ୍ରକୃତ ରେ ଅଧିକାରୀଙ୍କ ଦୁଇ ଦୁଇଟି ଦୁଧିଆଳୀ ବିଭାଗ ଛାଡି ଯିବାକୁ ଇଚ୍ଛା ନାହିଁ ନା ଉଚ୍ଚ ପଦସ୍ତ ଅଧିକାରୀ ତାଙ୍କୁ ଅନ୍ୟତ୍ର ଯିବାକୁ ଦେଉନାହାନ୍ତି,ସମୟ କହିବ ଯନ୍ତ୍ରୀ ଶ୍ରୀ ସାହୁ କେତେ ପ୍ରଭାବଶାଳୀ ।

## ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ମୋହନା (ଅମୃତ ମିଡିଆ):** ଗଜପତି ଜିଲା ଏକ ପ୍ରକାର ଗଞ୍ଜେଇ ଚୋରାଚାଲାଣର ଚରାଭୂଇଁ ପାଲଟିଛି । ବିଭିନ୍ନ ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳରୁ ବାରମ୍ବାର ବିପୁଳ ପରିମାଣର ଗଞ୍ଜେଇ ଜବତ ହେଉଥିବା ଘଟଣା ଦେଖିବାକୁ ମିଳିଛି । ମୋହନା ପୋଲିସ ଜଙ୍ଗଲର ନିଛାଟିଆ ସ୍ଥାନରୁ ଶହେ କିଲୋ ଗଞ୍ଜେଇ ଜବତ କରିଛି। ମୋହନା ଥାନା ଏସଆଇ ପଙ୍କଜ ଦାଶଙ୍କ ନେତୃତ୍ୱରେ କର୍ମଚାରୀମାନେ ଚାନ୍ଦିପୁଟ ପଞ୍ଚାୟତ ଅଧିନ ରାଣୀଖମା ଗାଁ ନିକଟରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ୪ଟି ଜରି ବସ୍ତାରେ ରହିଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଓଜନ ୧୦୦ କିଲୋ ବୋଲି ଜଣାପଡ଼ିଛି । ଦୂରରୁ ପୋଲିସକୁ ଦେଖି ମାଫିଆମାନେ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ। ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବୋଲି ଥାନା ଅଧିକାରୀ ଓମ ନାରାୟଣ ପାତ୍ର ସୂଚନା ଦେଇଛନ୍ତି । ପୋଲିସ ତଦନ୍ତ ଜାରି ରଖିଛି।

# ଅପହଞ୍ଚ ଗାଁ ପାଣିଖିଆ
## ମୌଳିକ ସୁବିଧାରୁ ବଞ୍ଚିତ ଲୋକେ



**ମହାକାଳପଡା (ଅମୃତ ମିଡିଆ):** ୮୦ ବର୍ଷ ହେଲା ସ୍ୱାଧୀନତା ମିଳିଲାଣି। ହେଲେ ଏବେବି ଅନେକ ନିପଟ ମଫସଲ ଗାଁରେ ସ୍ୱାଧୀନତା ଅପହଞ୍ଚ ପାଲଟିଛି। ଲୁଣା ହେନ୍ତାଳ ଘେରା ଗାଁରେ ବନ୍ୟପ୍ରାଣୀ, ବିଷାକ୍ତ ସରୀସୃପ ପ୍ରବେଶ କରି ଧନ ଜୀବନ, ଜୀବିକା ନଷ୍ଟ କରୁଥିବା ଅଭିଯୋଗ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ପାନୀୟଜଳ ଗମନାଗମନ ଭଳି ମୌଳିକ ସୁବିଧା ଅପହଞ୍ଚ ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ନାଞ୍ଜୁରା ପଞ୍ଚାୟତ ସାନ୍ତାଳୀ ଗାଁ ପାଣିଖିଆ। ବର୍ଷା ହେଲେ ଶିଶୁ , ମହିଳା ଓ ଗୁରୁତର ରୋଗୀଙ୍କୁ ବାଉଁଶ ଦୋଳି ଭାରରେ କାଦୁଅ ପଚ ପଚ ରାସ୍ତାରେ ମେଡିକାଲକୁ ନେବାକୁ ପଡୁଥିବା ଅଭିଯୋଗ ହେଉଛି। ଏଠାରେ ୫୦ ପରିବାର ୩ ଶହ ଲୋକ ବାସ କରନ୍ତି। ଜନପ୍ରତିନିଧି ଓ ପ୍ରଶାସନକୁ ଲିଖିତ ଅଭିଯୋଗ ଦେଇଥିଲେ ମଧ ଅଦ୍ୟାବଧି ଏହି ସାନ୍ତାଳୀ ଗାଁ ପ୍ରତି କାହାର ଦୃଷ୍ଟି ପଡୁ ନ ଥିବା କହିଛନ୍ତି, ଗୁରୁଭା ହାଁସଦା, ସୁନା ମାରାଣ୍ଡି , ରମେଶ ମାରାଣ୍ଡି, ଲବ ମାରାଣ୍ଡି , ଗଜେନ୍ଦ୍ର ମାରାଣ୍ଡି , ଚରଣ ଟୁଡୁ ଓ ପୂର୍ଣ୍ଣ ଟୁଡୁଙ୍କ ସମେତ ଅନ୍ୟମାନେ । ଚାଷବାସ ସରିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବୁ ବୋଲି ଗାଁ ଲୋକ କହିଛନ୍ତି ।

ଏ ସମ୍ପର୍କରେ ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ମତାମତ ନେବାରେ ଉକ୍ତ ଗାଁର କି କି ସମସ୍ୟା ରହିଛି। ସରଜମିନ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦୁଇହାତ ନାହିଁ ତଥାପି ଅତୁଟ ଭାଇ-ଭଉଣୀର ବନ୍ଧନ
## ଜଗନ୍ନାଥଙ୍କୁ ନିଆରା ଭାବେ ରାକ୍ଷୀ ବାନ୍ଧିଲେ

**ଚାନ୍ଦବାଲି (ଅମୃତ ମିଡିଆ):** ଚାନ୍ଦବାଲି ବ୍ଲକ ନୂଆଗାଁ ପଞ୍ଚାୟତରେ ଦେଖିବାକୁ ମିଳିଛି ଭାଇ-ଭଉଣୀର ଅତୁଟ ସ୍ନେହର ଏକ ନିଆରା ଚିତ୍ର। ଜନ୍ମରୁ ଦୁଇ ହାତ ନ ଥିବା ସତ୍ତ୍ୱେ ମଧ ଭିନ୍ନକ୍ଷମ ଜଗନ୍ନାଥ ନାହି ନିଆରା ଢଙ୍ଗରେ ପାଳନ କରିଛନ୍ତି ରାକ୍ଷୀ ବନ୍ଧନ ଉତ୍ସବ। ଦୁଇ ହାତ ନଥିଲେ ମଧ ଭଉଣୀଙ୍କ ସ୍ନେହ ଓ ଭଲପାଇବାର ପ୍ରତୀକ ରାକ୍ଷୀକୁ ସେ ଆନନ୍ଦର ସହ ଗ୍ରହଣ କରିଛନ୍ତି। ଭାଇ-ଭଉଣୀର ଏହି ଅତୁଟ ବନ୍ଧନ ଏବେ ସମସ୍ତଙ୍କୁ ଭାବବିହ୍ୱଳ କରିଛି।



ଜନ୍ମରୁ ସିନା ଜଗନ୍ନାଥଙ୍କର ଦୁଇ ହାତ ନାହିଁ, ହେଲେ ଜୀବନ ସଂଗ୍ରାମରେ ସେ କେବେ ହାର ମାନିନାହାନ୍ତି। ନିଜର ନିଷ୍ଠା ଓ ଦୃଢ଼ ମନୋବଳ ବଳରେ ସେ ଉଚ୍ଚଶିକ୍ଷିତ ହୋଇପାରିଛନ୍ତି। ଜଗନ୍ନାଥ ପୂର୍ବରୁ ସରକାରୀ ଚାକିରିରେ ନିଯୁକ୍ତି ପାଇଥିଲେ ମଧ କୌଣସି କାରଣରୁ ବର୍ତ୍ତମାନ ଚାକିରିରୁ ବିଛିନ୍ନ ହୋଇଛନ୍ତି। ତେବେ ପୁନଃନିଯୁକ୍ତି ପାଇଁ ସେ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି।

ରାକ୍ଷୀ ବନ୍ଧନ ଅବସରରେ ଜଗନ୍ନାଥ ନିଜ ଭଉଣୀଙ୍କ ଘରକୁ ପହଞ୍ଚିଥିଲେ। ଉଟୁକୁଡ଼ା ପଞ୍ଚାୟତର ବୁଡ଼ଜାଲ ଗାଁରେ ଭଉଣୀଙ୍କ ସ୍ନେହଭରା ହାତରୁ ରାକ୍ଷୀ ପିନ୍ଧିଥିଲେ ଜଗନ୍ନାଥ। ଶରୀରରେ ଦୁଇ ହାତ ନଥିଲେ ମଧ ତାଙ୍କ ମନରେ ରହିଛି ଭଉଣୀ ପ୍ରତି ଅସୀମ ସ୍ନେହ ଓ ଭଲପାଇବା। ତାଙ୍କ ଏହି ନିଆରା ରାକ୍ଷୀ ବନ୍ଧନ ଦେଖି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ।

ରାକ୍ଷୀ ବନ୍ଧନ କେବଳ ଏକ ସୂତା ନୁହେଁ, ଏହା ଭାଇ-ଭଉଣୀର ଅତୁଟ ପ୍ରେମ, ସ୍ନେହ ଓ ଆତ୍ମୀୟତାର ବନ୍ଧନ। ଆଉ ଶରୀରର ଅସମର୍ଥତା କେବେବି ମନର ସ୍ନେହ ଓ ଭଲପାଇବାକୁ ଦୁର୍ବଳ କରିପାରେ ନାହିଁ—ତାହାକୁ ପୁଣିଥରେ ପ୍ରମାଣ କରିଛନ୍ତି ଭିନ୍ନକ୍ଷମ ଜଗନ୍ନାଥ ଓ ତାଙ୍କ ଭଉଣୀ।

### ୧୪୯ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

# ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା, ହୃଦୟରେ ଆସ୍ଥା ଓ ପାଦରେ ସଂଘର୍ଷ







**ପୁରୀ (ବ୍ୟୁରୋ):** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ରେ ମଧ୍ୟ ଥମିନି ପୁରୀବାସୀଙ୍କ ନୀରବ ସତ୍ୟାଗ୍ରହ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ ଓ ପୂର୍ବରୁ ରହିଥିବା ସୁବିଧା ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ସଚେତନତା ପଦଯାତ୍ରା ଆଜି ୧୪୯ତମ ଦିନରେ ପହଞ୍ଚିଛି। ୧୪୯ ଦିନ ଧରି ଖରା, ବର୍ଷା, ପର୍ବପର୍ବାଣୀ ଓ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସତ୍ୟାଗ୍ରହୀମାନଙ୍କ ପାଦ ଅଟକିନାହିଁ କି ସଂକଳ୍ପ ଦୁର୍ବଳ ହୋଇନାହିଁ। ନୀରବତାକୁ ପ୍ରତିବାଦର ଭାଷା କରି, ହାତରେ ଦାବି ସମ୍ବଳିତ ପ୍ଲାକାର୍ଡ ଧରି ସତ୍ୟାଗ୍ରହୀମାନେ ପ୍ରତିଦିନ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରୁଛନ୍ତି। ଆଜି ମଧ୍ୟ ଭକ୍ତ ସାଲବେଗ ପୀଠରୁ ପଦଯାତ୍ରା ବାହାରି ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ପତିତପାବନଙ୍କ ଦର୍ଶନ କରାଯାଇଥିଲା। ଏହାସହ ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୂର୍ବରୁ ରହିଥିବା ସୁବିଧା ପୁନଃସ୍ଥାପନ ପାଇଁ ଭକ୍ତି ଓ ଶ୍ରଦ୍ଧାର ସହ ପ୍ରାର୍ଥନା କରାଯାଇଥିଲା।ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୪୯ ଦିନ ଧରି ଆମର ନୀରବ ପଦଯାତ୍ରା ଅବିରତ ଭାବେ ଜାରି ରହିଛି। ଆମର ପାଦ ଅଧିକାର ପାଇଁ ଚାଲୁଛି, ଆମର ନୀରବତା ନ୍ୟାୟର କଥା କହୁଛି ଏବଂ ଆମର ହୃଦୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରୁଛି। ଏହା କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧରେ ନୁହେଁ; ଏହା ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଶାନ୍ତିପୂର୍ଣ୍ଣ ଅହିଂସାମୂଳକ ସଂଘର୍ଷ।" ସେ ଆହୁରି କହିଛନ୍ତି, "ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଥମିବ ନାହିଁ। ଆମର ସଂକଳ୍ପ ନଇଁବ ନାହିଁ। ରାକ୍ଷୀ ପୂର୍ଣ୍ଣିମା ଭାଇ-ଭଉଣୀଙ୍କ ସ୍ନେହ ଓ ସୁରକ୍ଷାର ପବିତ୍ର ବାର୍ତ୍ତା ବହନ କରୁଥିବା ବେଳେ, ଏହି ପବିତ୍ର ଦିନରେ ପୁରୀବାସୀଙ୍କ ସତ୍ୟାଗ୍ରହ ମଧ୍ୟ ନିଜ ଆସ୍ଥା ଓ ଅଧିକାରର ସୁରକ୍ଷା ପାଇଁ ଏକ ଦୃଢ଼ ପ୍ରତିବାଦର ସନ୍ଦେଶ ଦେଇଛି। ନୀରବତାରେ ଚାଲୁଥିବା ଏହି ପଦଯାତ୍ରାର ପ୍ରତ୍ୟେକ ପାଦଚିହ୍ନ ଯେପରି ପ୍ରଶ୍ନ କରୁଛି—ମହାପ୍ରଭୁଙ୍କ ସହରର ଲୋକେ ନିଜ ଆସ୍ଥାର ଅଧିକାର ପାଇଁ ଆଉ କେତେ ଦିନ ଅପେକ୍ଷା କରିବେ ? ୧୪୯ ଦିନର ଏହି ଯାତ୍ରା ପ୍ରମାଣ କରିଛି ଯେ ସତ୍ୟ ଓ ଅହିଂସାର ପଥ ଦୀର୍ଘ ହୋଇପାରେ, କିନ୍ତୁ ଦୃଢ଼ ସଂକଳ୍ପର ପାଦ କେବେ ଅଟକି ରହେ ନାହିଁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ପୁରୀବାସୀଙ୍କ ଏହି ନୀରବ ସ୍ୱର ଦିନେ ନା ଦିନେ ନ୍ୟାୟର ଦ୍ୱାର ଖୋଲିବ—ଏହି ଆଶା ଓ ଆସ୍ଥା ସହ ସତ୍ୟାଗ୍ରହୀ ପଦଯାତ୍ରୀମାନେ ଆଜି ମଧ୍ୟ ଆଗକୁ ବଢ଼ିଛନ୍ତି।ଗୁରୁବାର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ମହାନ୍ତି, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ମମତା ଦାସ, ମନୀଷା ପାତ୍ର, ସାଲିନୀ ପ୍ରଧାନ, ରୁବି ମଲ୍ଲିକ, ମମତା ସ୍ୱାଇଁ, କିଶୋର ଚନ୍ଦ୍ର ଦାସ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଜଗଦାନନ୍ଦ ରାୟ, ଲିଙ୍ଗରାଜ ସାହୁ, ଅଭିମନ୍ୟୁ ରାୟଗୁରୁ, ସୁବାଷ ପଟ୍ଟନାୟକ, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ।

# ଉତ୍କଳ ବଚପନ୍ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ








**ପୁରୀ (ବ୍ୟୁରୋ):** ଶ୍ରାବଣ ମାସ ପୂର୍ଣ୍ଣିମା ଗୁରୁବାର ପବିତ୍ର ରକ୍ଷାବନ୍ଧନ । ପୁରୀ ଦଉଡୋଟା ସ୍ଥିତ ଉତ୍କଳ ବଚପନ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ ଆନନ୍ଦ ଉଲ୍ଲାସର ସହ ମହାସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର ପରଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀଙ୍କ ରକ୍ଷାବନ୍ଧନ ଉତ୍ସବରେ ଭାଇ ହାତରେ ଭଉଣୀ ରାକ୍ଷୀବାନ୍ଧି ତା'ର ସୁରକ୍ଷା କାମନା ସମେତ ଭଗବାନଙ୍କ ନିକଟରେ ଭାଇର ଦୀର୍ଘାୟୁ କାମନା କରିଥିଲେ । ନର୍ସରୀ ଠାରୁ ଷ୍ଟାଣ୍ଡାର୍ଡ ଫାଇଭ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ରକ୍ଷାବନ୍ଧନରେ କୁନି କୁନି ଛାତ୍ରୀ ସ୍କୁଲର ଛାତ୍ରଙ୍କୁ ପ୍ରଥମେ ଚନ୍ଦନ, ସିନ୍ଦୁର ଅରୁଆ ଚାଉଳ ମୁଣ୍ଡରେ ଲଗାଇବା ପରେ ଫୁଲ ପକାଇ ସ୍ୱାଗତ କରି ଡାହାଣ ହାତରେ ରାକ୍ଷୀ ବାନ୍ଧି ପୂଜାର୍ଚ୍ଚନା କରିଥିଲେ । ରାକ୍ଷୀ ବାନ୍ଧିବା ପରେ ମିଠା ଖୁଆଇ ଶୁଭମନାସୀ ଦୀର୍ଘାୟୁ କାମନା କରିଥିଲେ। ସେହିପରି କୁନି କୁନି ଛାତ୍ର ମଧ୍ୟ ଛାତ୍ରୀ ମାନଙ୍କୁ ମିଠା ଖୁଆଇ ଭଉଣୀର ଶୁଭମନାସୀ ସୁରକ୍ଷା କବଚ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏହି ନିଆରା ଦୃଶ୍ୟ ବେଶ ଆନନ୍ଦ ଓ ଉତ୍ସାହିତ ପରିବେଶ ସୃଷ୍ଟି ହୋଇଥିଲା । ରାକ୍ଷୀରେ ମୟୂର ପୁଚ୍ଛରୁ ହୋଇଥିବା ଜଗନ୍ନାଥ ରାକ୍ଷୀ ଏବଂ ଧାନ ଓ ଅରୁଆ ଚାଉଳରୁ ଜଗନ୍ନାଥ ରାକ୍ଷୀ। ସେହିପରି ମୋଟୁପତଲୁ ରାକ୍ଷୀ, ଲାଇଟ ରାକ୍ଷୀ, ସୂତା, ବ୍ରେସଲେଟ, ମୋ ଭାଇ ବ୍ରେସଲେଟ, ଆମେରିକାନ ଡାଇମଣ୍ଡ, ଷ୍ଟୋନ ରାକ୍ଷୀ, ଷ୍ଟୋନ, ଫ୍ୟାନସି,ଲାଜଟ୍ମ୍ୟାଜିକ୍, ହ୍ୱାଟସ୍ ?ପ୍ ରାକ୍ଷୀ, ଫେସବୁକ୍ ରାକ୍ଷୀ, କଲିକତା ଲୁମ୍ବା, ଦିଲୀ ଲୋରା, ବମ୍ବେର ବ୍ରେସଲେଟ, ଡ଼ୋରି, ଫଟୋ ପ୍ରିଣ୍ଟ ରାକ୍ଷୀ,କିଡସ ସୂତା ରାକ୍ଷୀ,ଜଗନ୍ନାଥ ରାକ୍ଷୀ, ଡୋରି ଆଦି ରାକ୍ଷୀକୁ ଛାତ୍ରୀମାନେ ଆନନ୍ଦ ସହ ଛାତ୍ର ମାନଙ୍କୁ ବାନ୍ଧିବା ଦୃଶ୍ୟ ବେଶ ଭାବପୂର୍ଣ୍ଣ ହୋଇଥିଲା । ଛାତ୍ରଛାତ୍ରୀମାନେ ରକ୍ଷାବନ୍ଧନ ଉତ୍ସବରେ ଉତ୍ସାହିତ ହୋଇଥିବା ପରିଲକ୍ଷିତ ହୋଇଥିଲା । ଚନ୍ଦନ ସିନ୍ଦୁର, ଫୁଲ, ମିଠେଇ ଓ ସବୁ ରାକ୍ଷୀକୁ ସ୍କୁଲ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା । ସ୍କୁଲର ପ୍ରିନସିପାଲ ରୀନା ରାୟ ରକ୍ଷାବନ୍ଧନ ଉତ୍ସବକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରାଜକୁମାରୀ କୁଣ୍ଡୁ, ସୁପ୍ରଭା ମହାନ୍ତି, କବିତା ଦାସ, ମୀନାରାଣୀ ବିଶ୍ୱାଳ ଉତ୍ସବରେ ସହଯୋଗ କରିଥିଲେ। ଶେଷରେ ପ୍ରିନସିପାଲ ରୀନା ରାୟ ରକ୍ଷାବନ୍ଧନ ଉତ୍ସବର ଶୁଭକାମନା ଓ ଶୁଭେଚ୍ଛା ଅଭିଭାବକ ଓ ଅଭିଭାବିକା ସମେତ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହ ପିଲାମାନଙ୍କୁ ଭାଇଭଉଣୀ ର ପବିତ୍ର ସମ୍ପର୍କ ରେଶମ ଡୋରୀ ରକ୍ଷାବନ୍ଧନ ଏକ ନିଆରା ପବିତ୍ର ଉତ୍ସବ କହିବା ସହ ସେମାନଙ୍କ ଦୀର୍ଘାୟୁ କାମନା ଓ କ୍ୟାରିୟର ନିଶ୍ଚିତ ଆଗକୁ ଯିବ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତେ ଏକତ୍ରିତ ହୋଇ ପରସ୍ପର ଭିତରେ ମିଠା ଖୁଆଇ ଆନନ୍ଦ ଉଲ୍ଲାସର ସହ ଘରକୁ ଫେରିଥିଲେ ।

### ବିକଶିତ ଭାରତ ଯୁବ ସମ୍ବାଦ କାର୍ଯ୍ୟକ୍ରମ

# ଯୁବଶକ୍ତିର ଉନ୍ମେଷ ହିଁ ବିକଶିତ ଭାରତର ପରିଚୟ ହେବ: ସାଂସଦ ଡ. ତରାଇ



**ପୁରୀ (ବ୍ୟୁରୋ):** ଯୁବବର୍ଗ ମଧ୍ୟରେ ଭରି ରହିଛି ଅଫୁରନ୍ତ ପ୍ରତିଭା।ସେହି ପ୍ରତିଭାର ଉନ୍ମେଷ ହେଲେ ବିକଶିତ ଭାରତ ଗଠନ ରେ ଏହା ସହାୟକ ହେବ ବୋଲି କହିଛନ୍ତି ଜଗତସିଂହପୁର ଲୋକସଭା ସାଂସଦ ଡ ବିଭୁ ପ୍ରସାଦ ତରାଇ।ଆଜି ପୂର୍ବାହ୍ନରେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରୀ ମେରା ଯୁବା ଭାରତ,ଏନ ଏସ ଏସ ଓ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ର ମିଳିତ ସହଯୋଗରେ ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟ୍ସ ଏଡିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଯୁବବର୍ଗ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ହୋଇ ଯୁବ ଶକ୍ତି ର ବିକାଶ ଓ କ୍ରିଡା ର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।ଯୁବବର୍ଗ ଆମ ଦେଶର ମୁଖ୍ୟ ସମ୍ବଳ।ସେମାନଙ୍କ ମଧ୍ୟରେ ଯେଉଁ ପ୍ରତିଭା ର ଉତ୍ସ ରହିଛି ତାହାର ବିକାଶ ଆମ ସମସ୍ତ ଙ୍କ ଉତ୍ତର ଦାୟିତ୍ୱ ବୋଲି କହିଥିଲେ। ନିମାପଡା ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ ତରାଇ କ୍ରୀଡାର ବିକାଶ, ଭିତ୍ତିଭୂମି ର ବିକାଶ, ପ୍ରେରଣା ପାଇଁ ସରକାର ବଜେଟରେ ୩୬ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ।ଆଉ ଦୁଇ ଦିନ ପରେ ହକି ଯାଦୁକର ତଥା ଭାରତର ଶ୍ରେଷ୍ଠ କ୍ରୀଡାବିତ ମେଜର ଧ୍ୟାନଚାନ୍ଦ ଙ୍କ ଜନ୍ମ ଦିନ।ସେ ଆମ ଦେଶର ସାମଗ୍ରିକ କ୍ରୀଡାର ମହାନାୟକ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ନେତୃତ୍ୱ ସୃଷ୍ଟି, ପ୍ରତିଭାର ବିକାଶ, କ୍ରୀଡାବିତ ସୃଷ୍ଟି,ସାମାଜିକ ପ୍ରଗତିରେ ଭାଗିଦାର,ଶୃଙ୍ଖଳା ଓ ଚରିତ୍ର ଗଠନ ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ବେଶ ପ୍ରେରଣାଦାୟୀ। ଆଜିର ଯୁବବର୍ଗ ବେଶ ଶିକ୍ଷିତ, ବୈଷୟିକ ଜ୍ଞାନ ରେ ସମୃଦ୍ଧ, ନୂଆ ନୂଆ ସମ୍ଭାବନା ରେ ପରିପୂର୍ଣ୍ଣ।ସେମାନେ ଉପଯୁକ୍ତ ମାର୍ଗଦର୍ଶନ ଓ ପଥ ପ୍ରଦର୍ଶନ ପାଇପାରିଲେ ସମଗ୍ର ବିଶ୍ୱ ରେ ଆମ ଦେଶକୁ ଶ୍ରେଷ୍ଠ ରାଷ୍ଟ୍ର ରେ ପରିଣତ କରିପାରିବେ ବୋଲି କହିବା ସହ ଆମେ ପ୍ରତ୍ୟେକ ଙ୍କ ସମ୍ମିଳିତ ଉଦ୍ୟମ ରେ ବିକାଶ କୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ।ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ ରାଜକିଶୋର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ,ପୁରୀ ଜିଲ୍ଲା ଯୁଥ ଅଫିସର ସଂଗୀତା ମହାପାତ୍ର, ଏନଏସଏସ ର ଜିଲ୍ଲା ପ୍ରୋଜେକ୍ଟ ଅଧିକାରୀ ଗୋଲକ ବିହାରୀ ପଲେଇ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ନିମାପଡା ବିଧାୟିକା ଙ୍କ ଏନଏସି ପ୍ରତିନିଧି ଜତିନ୍ଦ୍ର କୁମାର ସ୍ୱାଇଁ, ନୀରୋଦ ଖୁଣ୍ଟିଆ,ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ ରବୀନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଯୁବବର୍ଗ ଙ୍କ ସାମାଜିକ ଦାୟିତ୍ୱ ଓ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ପରେ ମୁଖ୍ୟ ଅତିଥି ବିଭିନ୍ନ କ୍ରୀଡା ରେ କୃତିତ୍ୱ ହାସଲ କରିଥିବା କ୍ରୀଡାବିତ ଙ୍କୁ ସମ୍ମାନିତ କରିଥିଲେ।ଏହି ଅବସରରେ ନିଶାମୁକ୍ତ ଶପଥପାଠ କରାଯିବା ସହ କାର୍ଯ୍ୟକ୍ରମ ଶେଷରେ ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲା।ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ରାଜଗୁରୁ ପ୍ରିୟଦର୍ଶନୀ ମୁନି, ସନ୍ଦୀପ ପାତ୍ର, ସ୍ୱପ୍ନାରାଣୀ ମିଶ୍ର, ଡ ନନ୍ଦିନୀ ପଟ୍ଟନାୟକ,ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତି, ପ୍ରବୀର ବେହେରା ପ୍ରଭୃତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡ ବିଷ୍ଣୁ ପ୍ରସାଦ ସାହୁ ପରିଚାଳନା କରିଥିଲେ।

### ନେପାଳ ପାଇଁ ପ୍ରାର୍ଥନା

# ମାନବିକତା ପାଇଁ ଏକ ବାଲୁକା ଆନିମେସନ

**ପୁରୀ (ବ୍ୟୁରୋ):** ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପୁରୀସ୍ଥିତ ନିଜ ଷ୍ଟୁଡିଓରେ ଏକ ହୃଦୟସ୍ପର୍ଶୀ ବାଲୁକା ଆନିମେସନ ସୃଷ୍ଟି କରି ଭୟାବହ ବନ୍ୟାରେ ପ୍ରଭାବିତ ନେପାଳବାସୀଙ୍କ ପାଇଁ ପ୍ରାର୍ଥନା ଓ ଏକତାର ବାର୍ତ୍ତା ଦେଇଛନ୍ତି। ମାତ୍ର ୧୫ ମିନିଟ୍ ?ରେ ସୃଷ୍ଟି ହୋଇଥିବା ଏହି ବାଲୁକା ଆନିମେସନ ମାଧ୍ୟମରେ କରୁଣା, ଏକତା ଓ ମାନବିକତାର ଏକ ଶକ୍ତିଶାଳୀ ବାର୍ତ୍ତା ଦିଆଯାଇଛି । ନେପାଳ ପାଇଁ ପ୍ରାର୍ଥନା । ଆସନ୍ତୁ, ମାନବିକତା ପାଇଁ ଏକାଠି ଠିଆ ହେବା । ଏହି କଠିନ ସମୟରେ ନେପାଳବାସୀଙ୍କ ସହ ଠିଆ ହେବା ସହିତ ପ୍ରଭାବିତ ଲୋକମାନଙ୍କ ପାଇଁ ପ୍ରାର୍ଥନା, ସହଯୋଗ ଓ ମାନବିକତାର ହାତ ବଢ଼ାଇବାକୁ ମାନସ ସାହୁ ସମଗ୍ର ବିଶ୍ୱବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।




# ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ



**ପୁରୀ (ବ୍ୟୁରୋ):** ରକ୍ଷାବନ୍ଧନ ଉତ୍ସବ ପୁରୀ ହରଚଣ୍ଡୀ ସାହି ସ୍ଥିତ ଶିଶୁମନ୍ଦିର ପରିସର ରେ ଶିଶୁ ଭାଇ ଓ ଭଉଣୀ ମାନେ ମହାଆଡମ୍ବରରେ ପାଳନ କରିଛନ୍ତି । ଅନେକ ଉତ୍ସାହ ସହିତ ଭଉଣୀ ମାନେ ନିଜ ସହପାଠୀ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ଓ ଦୀପ ପ୍ରଜ୍ୱଳନ କରି ଭାଇ ମାନ ବନ୍ଦାଇ ଥିଲେ ସେହିପରି ଛୋଟ ଭଉଣୀ ମାନେ ବଡ଼ ଭାଇମାନଙ୍କୁ ରାକ୍ଷୀ ବାନ୍ଧି ସେମାନଙ୍କଠୁ ଆର୍ଶୀବାଦ ଗ୍ରହଣ କରିଥିଲେ । ଉତ୍ସବ ର ପ୍ରାରମ୍ଭ ରେ ବ୍ରହ୍ମଗିରି ମହାବିଦ୍ୟାଳୟ ର ଓଡ଼ିଆ ପ୍ରାଧ୍ୟାପକ ତଥା ରାମାୟଣ ଓ ଭାଗବତ ର ବିଶିଷ୍ଟ ପ୍ରବଚକଶ୍ରୀଯୁକ୍ତ ପ୍ରମୋଦ କୁମାର ଦଳେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଧାନ କରିଥିଲେ ।ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକଶ୍ରୀଯୁକ୍ତ ଜନ୍ମେଶ୍ୱର ଖୁଣ୍ଟିଆ ତଥା ଅନ୍ୟାନ୍ୟ ଅତିଥି ମାନେ ରକ୍ଷାବନ୍ଧନ ଉତ୍ସବ ର ବୈଶିଷ୍ଟ୍ୟ ପିଲାମାନ ଙ୍କୁ ବୁଝାଇଥିଲେ। ସର୍ବଶେଷ ରେ ଶିଶୁମାନେ ପରସ୍ପର କୁ ମିଠା ଖୁଆଇବା ସହିତ ଗୁରୁଜୀ ଗୁରୁମା ମାନେ ନିକଟସ୍ଥ ସାହି , ଭି.ଆଇ.ପି , ଅନାଥାଶ୍ରମ, ଗୋଶାଳା ଆଦି ରେ ରକ୍ଷାବନ୍ଧନ କରିଥିଲେ ।

# ପାର୍ବଣ ଋତୁରେ ପରିବା ଦର ଆକାଶଛୁଆଁ

**ପୁରୀ (ବ୍ୟୁରୋ):** ହୁ ହୁ ହୋଇ ବଢୁଛି ବଜାର ଦର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ଖାଦ୍ୟ ସାମଗ୍ରୀ ନିୟମିତ ବଢ଼ିବାରେ ଲାଗିଛି। ପନିପରିବା ଦର ମଧ୍ୟ ଆକାଶଛୁଆଁ ହୋଇଛି ପ୍ରଶାସନ ଏହି ଦରଦାମ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇଛି। ଯାହାକୁ ନେଇ ଏବେ ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ିଛି। ମଧ୍ୟବିତ୍ତ ଓ ଗରିବ ପରିବାରର ମାସିକ ବଜେଟ୍ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ବଜାର ଦର ବୃଦ୍ଧିର ସିଧାସଳଖ ପ୍ରଭାବ ପୁରୀକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଓ ଭକ୍ତଙ୍କ ଉପରେ ପଡୁଛି। ଯେଉଁ ସାଦା ଥାଳି ୬୦ ଟଙ୍କାରେ ମିଳୁଥିଲା, ଏବେ ତାହା ୯୦ରୁ ୧୦୦ ଟଙ୍କାରେ ପହଞ୍ଚିଛି । ଆମିଷ ଥାଳି ଦେଢ଼ଶହରେ ପହଞ୍ଚିଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଏତେ ବଢ଼ିଯାଇଛି ଯେ, ଖାଦ୍ୟ ଦର ବଢ଼ାଇବାକୁ ଆମେ ବାଧ୍ୟ ହେଉଛୁ ବୋଲି ଭୋଜନାଳୟ ମାଲିକମାନେ କହିଛନ୍ତି। ପରିବା ବଜାରରେ ନିଆଁ ଲାଗିଛି। ଲଗାଣ ବର୍ଷା ଯୋଗୁ ମାସ ମାସ ଧରି ପାଣି ଜମି ରହିବାରୁ ପରିବା ଚାଷ ବରବାଦ ହୋଇଯାଇଛି। ଖୁଚୁରା ବଜାରରେ ଆଳୁକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ସବୁଜ ପରିବା ଦର ୫୦ ଟଙ୍କା ଅତିକ୍ରମ କରିଛି।ବାଇଗଣ ୬୫-୭୫ ଟଙ୍କା, ଟମାଟୋ ୫୦-୬୦ ଟଙ୍କା, କାଙ୍କଡ଼ ୬୦-୮୦ ଟଙ୍କା, ଦେଶୀ କାଙ୍କଡ଼ ୧୦୦-୧୨୦ ଟଙ୍କା, ଗାଜର ୪୦-୫୦, ବିନ୍୮୦-୧୦୦, ଝୁଡ଼ଙ୍ଗ ୬୦-୭୦, ଭେଣ୍ଡି ୭୦-୮୦, ପୋଟଳ ୮୦-୯୦, ଜହ୍ନି୮୦-୯୦, ପିଆଜ ୬୦-୭୦, ବନ୍ଧାକୋବି ୫୦-୬୦, କାଶ୍ମୀର ଲଙ୍କା ୧୦୦-୧୨୦, ସାରୁ ୬୦-୭୦, ଅଦା ୧୪୦-୧୬୦, ରସୁଣ ୧୪୦-୧୫୦ ଟଙ୍କା ଦର ରହିଛି ବଜାରକୁ ଗଲେ ୫୦୦ ଟଙ୍କାରେ ବ୍ୟାଗ୍ ଭର୍ତ୍ତି ହେଉନି। ଚାଉଳ, ଡାଲି, ତେଲ ମଧ୍ୟ ମହଙ୍ଗା ହୋଇଛି। ଅରୁଆ ସରୁ ଚାଉଳ କେଜି ୬୨ରୁ ୬୫ ଟଙ୍କା ରହିଥିବା ବେଳେ ମୋଟା ଚାଉଳ ୪୦ରୁ ୪୫, ଉଷୁନା ଚାଉଳ ୩୫ରୁ ୬୦ ଟଙ୍କା ରହିଛି।ଚିନି ୪୫ରୁ ୭୦ ଟଙ୍କାରେ ପହଞ୍ଚିଥିବା ବେଳେ ପାମୋଲିନ୍ ତେଲ ୧୦୫ରୁ ୧୧୫, ସୋରିଷ ତେଲ ୧୭୦ରୁ ୧୯୫ ଟଙ୍କା ରହିଛି। ବିଭିନ୍ନ ସଂସ୍ଥାର ଅଟା ୫ କେଜିକୁ ୨୨୫ରୁ ୨୪୫ ଟଙ୍କା ବିକ୍ରି ହେଉଛି।ବିରି ଡାଲି ୪୫ରୁ ୫୫ ଟଙ୍କା ରହିଥିବା ବେଳେ ହରଡ଼ ଡାଲି ୧୨୦ରୁ ୧୪୦, ମୁଗ ଡାଲି ୧୨୦ରୁ ୧୩୫, ବୁଟ ଡାଲି ୭୦ରୁ ୯୦ ଟଙ୍କା ରହିଛି। ଗୁଡ଼ ୪୦ରୁ ସିଧା ୮୦ ଟଙ୍କାରେ ପହଞ୍ଚିଥିବା ବେଳେ ବେସନ ୫୫ରୁ ୭୦ ଟଙ୍କା ରହିଛି। ଡ୍ରାଏ ଫ୍ରୁଟସ୍ ମଧ୍ୟରେ କାଜୁ ୬୫୦ରୁ ୯୦୦, କିସମିସ ୨୦୦ରୁ ୪୫୦, ବାଦାମ ୭୦୦ରୁ ୯୬୦, ଖଜୁର ୮୦ରୁ ୧୫୦ ଟଙ୍କା ରହିଛି। ଏ ସବୁର ନୂଆ ପ୍ୟାକେଟ୍ ଯେବେ ବି ବଜାରକୁ ଆସୁଛି ସେଥିରେ କିଛି ଦର ବଢ଼ିଯାଉଛି। ଏସବୁ ଖୋଲାବଜାରରେ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇ ପାରୁନାହିଁ ବଜାର ଦର ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ।

### ପୁରୀ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ

# ଦେଢ଼କ୍ୱିଣ୍ଟାଲ ପନୀର୍‌ମିଠା ନଷ୍ଟ






**ପୁରୀ (ବ୍ୟୁରୋ):** ଭେଜାଲ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ଓ ବିକ୍ରି ଉପରେ ରୋକ ଲଗାଇବା ସହ ଖାଦ୍ୟର ମାନ ନିଶ୍ଚିତ କରିବାକୁ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗତ ୩ ଦିନ ଧରି ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ମିଳିତ ଚଢ଼ଉ ଓ ଯାଞ୍ଚ କରାଯାଉଛି । ବିଶେଷକରି ପୁରୀ ମହାନଗର ଅଞ୍ଚଳ, ନିମାପଡ଼ା, ଗୋପ, କୋଣାର୍କ ଅଞ୍ଚଳର ପ୍ରମୁଖ ଛେନା, ପନିର ଓ ମିଠା ପ୍ରସ୍ତୁତି କେନ୍ଦ୍ରଗୁଡ଼ିକ ଉପରେ ଟିମ ନଜର ରଖିଥିଲା । ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍‌ର ଫୁଡ୍ ସେଫଟି ଅଫିସର ତପସ୍ୱିନୀ ବେହେରା, ବେଦଶ୍ରୀ ସାହୁ ଓ ପ୍ରତ୍ୟୁଷ ରଞ୍ଜନ ତରଣିଆଙ୍କ ନେତୃତ୍ୱରେ ଏହି ମିଳିତ ଯାଞ୍ଚ ଓ ଚଢ଼ଉ କରାଯାଇଥିଲା। ଯାଞ୍ଚ ସମୟରେ ଖାଦ୍ୟରେ ଭେଜାଲ ଚିହ୍ନଟ ପାଇଁ ପ୍ରାୟ ୪୦ଟି ତୁରନ୍ତ ଆଇଓଡିନ୍ ପରୀକ୍ଷା କରାଯାଇଥିଲା। ଏଥିରୁ ପରୀକ୍ଷାରେ ବିଫଳ ହୋଇଥିବା ଖାଦ୍ୟ ସାମଗ୍ରୀକୁ ଘଟଣା ସ୍ଥଳରେ ହିଁ ନଷ୍ଟ କରାଯାଇଥିଲା। ଏହାସହିତ ବିଭିନ୍ନ ସ୍ଥାନରୁ ୧୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଅଧିକ ବିଶ୍ଳେଷଣ ପାଇଁ ଏସ୍‌ଏଫଟିଏଲ୍ ଟିମର ଯାଇଥିଲେ। ଚଢ଼ଉ ସମୟରେ ପ୍ରାୟ ଦେଢ଼ କ୍ୱିଣ୍ଟାଲ ଭେଜାଲ ପନିର,ମିଠା ଓ ଚିନି ସିରା ଜବତ କରାଯାଇ ନଷ୍ଟ କରାଯାଇଥିଲା । ଖାଦ୍ୟ ସୁରକ୍ଷା ଆଇନର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁସାରେ ନିୟମ ଉଲଂଘନକାରୀଙ୍କ ଉପରେ ମୋଟ ୧୫ ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଛି। ଜନସାଧାରଣଙ୍କୁ ସୁରକ୍ଷିତ ଓ ଗୁଣାତ୍ମକ ଖାଦ୍ୟ ଯୋଗାଣ ନିଶ୍ଚିତ କରିବା ସହ ଭେଜାଲ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରିକୁ ରୋକିବା ପାଇଁ ଜିଲ୍ଲାରେ ଏଭଳି ଖାଦ୍ୟ ସୁରକ୍ଷା ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଅଧିକାରୀ କହିଛନ୍ତି ।

# ଉଦୟନାଥ ଏକାଡେମୀରେ ରକ୍ଷାବନ୍ଧନ ଉତ୍ସବ

**ପୁରୀ (ବ୍ୟୁରୋ):** ରକ୍ଷା କରିବା ପାଇଁ ବନ୍ଧାଯାଉଥିବା ପବିତ୍ର ସୂତାକୁ ରାକ୍ଷୀ ପୂର୍ଣ୍ଣିମା କୁହାଯାଏ । ଏହି ପର୍ବକୁ କେବଳ ଓଡିଶା ନୁହେଁ ବରଂ ସାରା ଦେଶରେ ପାଳନ କରାଯାଏ । ଏହାକୁ ଶ୍ରାବଣ ମାସ ଶୁକ୍ଲ ପକ୍ଷ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ । ଓଡିଆ ମାନେ ଏହାକୁ ପ୍ରଭୁ ବଳଭଦ୍ରଙ୍କର ଜନ୍ମ ତିଥି ଭାବରେ ମଧ୍ୟ ପୂଜା କରନ୍ତି । ଶ୍ରୀମନ୍ଦିରରେ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ଭଉଣୀ ସୁଭଦ୍ରା ରାକ୍ଷୀ ବାନ୍ଧନ୍ତି । ପରମ୍ପରା ଅନୁସାରେ ଭଉଣୀର ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ବାନ୍ଧିଥାଏ ରାକ୍ଷୀ ।ଏହି ପବିତ୍ର ଉତ୍ସବକୁ ସର୍ବତ୍ର ଧୂମଧାମ ରେ ପାଳିତ ହେଉଥିବା ବେଳେ ପୁରୀ ବାଲିଘାଟ ସ୍ଥିତ ଉଦୟନାଥ ଏକାଡେମୀ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏହି ଉତ୍ସବ ପାଳିତ ହୋଇଛି। ଛାତ୍ର ଛାତ୍ରୀ ମାନେ ରାକ୍ଷୀ ବନ୍ଧନ କରିବା ସହ ଉଭୟଙ୍କ ମଧ୍ୟରେ ମିଠା ଖୁଆଇ ପବିତ୍ର ଦିନକୁ ପାଳନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ସ୍ୱାଇଁ,ସସ୍ମିତା ସ୍ୱାଇଁ,ଶିକ୍ଷକ ଚନ୍ଦ୍ର ଶେଖର ପାଢ଼ୀ,ପୁଷ୍ପାଞ୍ଜଳି ପ୍ରଧାନ,ବିଷ୍ଣୁ ପ୍ରିୟା ସାହୁ,ଶୁରେଖା ଜେନା,ସସ୍ମିତା ମହାପାତ୍ର,ଗାୟତ୍ରୀ ଚିନରା,ସୌଦାମିନୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।



# ଭାରତୀୟ ସଂସ୍କୃତିରେ ରକ୍ଷାବନ୍ଧନ ମହତ୍ୱ



ଲଳିତ ମୋହନ ମିଶ୍ର

ରକ୍ଷାବନ୍ଧନ ଉତ୍ସବ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳିତ ହୋଇଥାଏ । ଏହି ପର୍ବଟି ହିନ୍ଦୁ ପରିବାରରେ ଭାଇ ଭଉଣୀଙ୍କ ପ୍ରେମର ବନ୍ଧନ ଭାବରେ ପାଳିତ ହୋଇଥାଏ । ଦେଖିବାକୁ ଗଲେ ଏହି ଦୁନିଆରେ ସବୁଠୁ ନିଆରା ସମ୍ପର୍କ ହେଉଛି ଭାଇ ଭଉଣୀର ସମ୍ବନ୍ଧ । ଯାହା ମାନବ ସମାଜରେ ଗୋଟିଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ଅନେକ ବର୍ଷରୁ ରକ୍ଷାବନ୍ଧନ ପର୍ବ ଗୋଟିଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହିଦିନ ଟିରେ ଭଉଣୀ ନିଜ ଭାଇର ହାତରେ ରାକ୍ଷୀ ପିନ୍ଧାଇ ଥାଏ ଓ ଭାଇ ତା ଭଉଣୀକୁ ରକ୍ଷା କରିବାର ପ୍ରତିଶୃତି ଦେଇଥାଏ କିନ୍ତୁ ଏହିଦିନଟିର ମହତ୍ୱ ଏହାଠାରୁ ଖୁବ ଅଧିକ ଅଟେ । ରକ୍ଷାବନ୍ଧନ ପର୍ବ ହିନ୍ଦୁ ପୁରାଣ ସହିତ ସାମଞ୍ଜସ୍ୟ ରହିଛି । ଯେତେବେଳେ ମହାଭାରତ ଯୁଦ୍ଧ ଚାଲିଥିଲା ଯୁଧିଷ୍ଠିର ଭଗବାନ କୃଷ୍ଣଙ୍କୁ ପଚାରିଥିଲେ ସମସ୍ତ ସଙ୍କଟରୁ କିଭଳି ରକ୍ଷା ମିଳିବ । ସେହି ସମୟରେ ଶ୍ରୀକୃଷ୍ଣ ନିଜର ଓ ନିଜ ସେନାର ରକ୍ଷା ପାଇଁ ରକ୍ଷା ବନ୍ଧନ ଉତ୍ସବ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସେହିଭଳି ଶିଶୁପାଳ ବଧ ସମୟରେ କୃଷ୍ଣ ଙ୍କ ହାତରେ ଆଘାତ ଲାଗିଥିଲା, ସେହି ସମୟରେ ଦ୍ରୌପଦୀ ଶ୍ରୀକୃଷ୍ଣ ରକ୍ତ ଶ୍ରାବ ଦେଖି ନିଜ ଶାଢ଼ୀ କାନି ଚିରି କୃଷ୍ଣଙ୍କ ହାତରେ ବାନ୍ଧି ଦେଇଥିଲେ । ଏହିଦିନ ଶ୍ରାବଣ ମାସର ପୁର୍ଣମାର ଦିନ ଥିଲା। ସେହିଭଳି ଦ୍ରୌପଦୀଙ୍କ ଚିର ହରଣ ସମୟରେ ତାଙ୍କ ଲଜ୍ଜା ରକ୍ଷା କରିବାକୁ ଯାଇ ତାଙ୍କୁ ଶ୍ରୀକୃଷ୍ଣ କୋଟି ବସ୍ତ୍ର ପ୍ରଦାନ କରିଥିଲେ । ରକ୍ଷା ବନ୍ଧନ ଭାଇ ଭଉଣୀ ଉଭୟ ଉଭୟଙ୍କ ରକ୍ଷା ପାଇଁ ପାଳନ କରିବାର ବିଶେଷତ୍ୱ ରହିଛି । ରାକ୍ଷୀ ହେଉଛି ଚାଖଣ୍ଡେ ରେଶମ ସୂତା । ରକ୍ଷାସୂତ୍ରର ଅର୍ଥ ହେଉଛି ରକ୍ଷା କରିବା । କେତୋଟି ପ୍ଲାଷ୍ଟିକ୍ ବା କାଚ ପୋହଳା ମାଳି ଏଥିରେ ଗୁନ୍ଥା ହୋଇଥାଏ ।

ଚକ୍ ଚକ୍ କରୁଥିବା ନାଲି ହଳଦିଆ ଓ ଧଳା ରଙ୍ଗର ଜରିର ସୂକ୍ଷ୍ମ କାର୍ଯ୍ୟରେ ଏହା ଅଧିକ ସୁନ୍ଦର ଦେଖାଯାଉଥାଏ । ଲାଲରଙ୍ଗ ଶତ୍ରୁ ଦମନ, ହଳଦିଆ ରଙ୍ଗ ସର୍ବଦା ଶାନ୍ତି ଓ ଧଳାରଙ୍ଗ ସତ୍ୟର ପ୍ରତୀକ ଅଟେ । ଏହା ଏକ ଆକର୍ଷଣୀୟ ହସ୍ତବନ୍ଧନୀ । ରାକ୍ଷୀ ବାନ୍ଧିବା ପୂର୍ବରୁ ଅଭିମନ୍ତ୍ରିତ କରାଯାଇଥାଏ । ପ୍ରାଚୀନ କାଳରେ ରକ୍ଷାବନ୍ଧନ ଖାଲି ଭାଇଭଉଣୀଙ୍କ ମଧ୍ୟରେ ସୀମିତ ନଥିଲା । ସ୍ତ୍ରୀ ସ୍ୱାମୀଙ୍କୁ, ଝିଅ ବାପାଙ୍କୁ, ମୁନିଋଷିମାନେ ସେମାନଙ୍କ ନିକଟକୁ ଆଶୀର୍ବାଦ ଭିକ୍ଷା କରିବାକୁ ଆସୁଥିବା ଲୋକମାନଙ୍କ ହାତରେ ରାକ୍ଷୀ ବାନ୍ଧୁଥିଲେ । ବ୍ରାହ୍ମଣମାନେ ସେମାନଙ୍କ ଯଜମାନଙ୍କ ଓ ସାଧୁମାନେ ନିଜ ହାତରେ ନିଜେ ରାକ୍ଷୀ ବାନ୍ଧୁଥିଲେ । ଏହା ମଣିଷ ମନର ପାପଭାବନା ଓ ଈର୍ଷା। ଅସୂୟା ଦୂରେଇ ସ୍ନେହସଂପ୍ରୀତିର ସଂଚାର କରେ ବୋଲି ଏହାକୁ ପାପତୋଡ଼କ ପୁଣ୍ୟ ପ୍ରଦାୟକ ପର୍ବ ବୋଲି କୁହାଯାଏ । ଭାବନାତ୍ମକ ଦୃଷ୍ଟିକୋଣରୁ ଏହି ପର୍ବ ଅତ୍ୟନ୍ତ ଲୋକପ୍ରିୟ । ଅନେକ ଉତ୍ସବର ସମାହାର ଏହି ପର୍ବରେ ଦେଖିବାକୁ ମିଳେ । ରାକ୍ଷୀ ବୈଦିକ ଯୁଗରୁ ବିଭିନ୍ନ ରୂପରେ ପ୍ରଚଳିତ ହୋଇ ଆସୁଛି । ଏହାକୁ ଆଧାର କରି ପୁରାଣ, ଇତିହାସ ଓ ଆମ ଜନଜୀବନରେ ବହୁ କାହାଣୀ କିଂବଦନ୍ତୀ ଓ ଘଟଣା ସବୁ ରହିଛି । ଏହାର ଆଭିମୁଖ୍ୟ ହେଉଛି ସୁରକ୍ଷା ପାଇଁ ସ୍ନେହମିଶା ବନ୍ଧନ । ଐତିହାସିକ ଦୃଷ୍ଟିକୋଣରୁ ରାକ୍ଷୀବନ୍ଧନ କେବେଠାରୁ ଆରମ୍ଭ ହୋଇଥିଲା, ତାହା ଠିକ୍ ରୂପେ ଆକଳନ କରି ହୁଏ ନାହିଁ । ତଥାପି ବେଦରୁ ଏହାର ପ୍ରଥମ ସୂଚନା ମିଳିଥାଏ । ଋଗ୍‌ବେଦରେ ଦେବତା ଓ ଅସୁରମାନଙ୍କ ମଧ୍ୟରେ ମଝିରେ ମଝିରେ ଭୟଙ୍କର ସଂଗ୍ରାମ ହୋଇଥିବାର ବର୍ଣ୍ଣନା ରହିଛି । ଏହାକୁ ଦେବାସୁର ସଂଗ୍ରାମ କୁହାଯାଏ । ଏହି ସଂଗ୍ରାମର ପ୍ରାରମ୍ଭିକ ପର୍ଯ୍ୟାୟରେ ଦେବରାଜ ଇନ୍ଦ୍ର ଓ ରାକ୍ଷସରାଜ ବୃତ୍ରଙ୍କଠାରୁ ପରାସ୍ତ ହୋଇଥିଲେ । ଇନ୍ଦ୍ର ରଣଭୂମି ଛାଡ଼ି ଅମରାବତୀ ନାମକ ତୀର୍ଥରେ ଆତ୍ମଗୋପନ କରିଥିଲେ । ଏହାପରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶରେ ଓ ବତାଇଥିବା ବିଧାନ ଅନୁସାରେ (ଶଚୀ)ଇନ୍ଦ୍ରାଣୀ ଶ୍ରାବଣ ପୂର୍ଣ୍ଣିମାର ପ୍ରାତଃକାଳରେ ରକ୍ଷାର ଡ଼ୋରି ଅଭିମନ୍ତ୍ରିତ କରି ଇନ୍ଦ୍ରଙ୍କ ଡ଼ାହାଣ ହାତରେ ବାନ୍ଧି ଦେଇଥିଲେ । ଏହି ରକ୍ଷା ଡ଼ୋରି ବାନ୍ଧି ଇନ୍ଦ୍ର ପୁନଶ୍ଚ ଦେବାସୁର ସଂଗ୍ରାମରେ ପ୍ରବୃତ୍ତ ହୋଇ ବିଜୟୀ ହୋଇଥିଲେ । ସେହି ପବିତ୍ର ସୂତ୍ର ପରେ ରାକ୍ଷୀ ନାମରେ ପରିଚିତ ହେଲା । ଏହିଠାରୁ ରାକ୍ଷୀର ଶୁଭାରମ୍ଭ ବୋଲି କୁହାଯାଏ । ପରବର୍ତ୍ତୀ ସମୟରେ ରାଜାମାନେ ରକ୍ଷାବନ୍ଧନର ମହିମା ଜାଣିଗଲା ପରେ ପୃଥିବୀ ପୃଷ୍ଠରେ ତା'ର ପ୍ରଚଳନ କରିଥିଲେ କିନ୍ତୁ ଏତିକି ପାର୍ଥକ୍ୟ ହେଉଛି ଦେବଲୋକରେ ରକ୍ଷାଡ଼ୋରିକୁ ପତ୍ନୀ ନିଜ ସ୍ୱାମୀଙ୍କ ହାତରେ ବାନ୍ଧି ଦେଉଥିବା ବେଳେ ମର୍ତ୍ତ୍ୟଲୋକରେ ରକ୍ଷାଡ଼ୋରିକୁ ଭଉଣୀ ଭାଇ ହାତରେ ବାନ୍ଧି ଦେଉଛି । ପୌରାଣିକ କଥା ଅନୁସାରେ ଭଗବାନ୍ ବିଷ୍ଣୁ ବାମନ ଅବତାରରେ ବଳିରାଜାଙ୍କ ହାତରେ ରାକ୍ଷୀ ବାନ୍ଧି ସାରିଲା ପରେ ତାଙ୍କୁ ପାତାଳକୁ ଯିବା ପାଇଁ ଆଦେଶ ଦେଇଥିଲେ ।ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଘଟଣା । ମାସିଡ଼ୋନିଆର ରାଜା ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର ଥରକୁ ଥର ଭାରତ ଆକ୍ରମଣ କରୁଥା'ନ୍ତି । ପ୍ରବଳପ୍ରତାପୀ ରାଜା ପୁରୁଙ୍କଠାରୁ ପରାସ୍ତ ହେଉଥା'ନ୍ତି । ସ୍ୱାମୀଙ୍କ ପରାଜୟରେ ଲଜ୍ଜିତ ହେଲେ ଆଲେକ୍‌ଜାଣ୍ଡରଙ୍କ ପତ୍ନୀ । ସ୍ୱାମୀଙ୍କ ସୁରକ୍ଷା ନେଇ ଚିନ୍ତିତ ଓ ଆତଙ୍କିତ ହୋଇ ପଡ଼ିଲେ । ସେଥିପାଇଁ ସେ ଏକ ଉପାୟ ପାଞ୍ଚିଲେ । ପୂର୍ବରୁ ରାକ୍ଷୀ ବିଷୟରେ ସେ ଶୁଣିଥିଲେ । ସମ୍ପର୍କ ଯୋଡ଼ିବା ପାଇଁ ସେ ରାଜା ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପଠାଇଲେ ଓ ତାଙ୍କୁ ଭଉଣୀ ରୂପେ ଗ୍ରହଣ କରିବାକୁ ଅନୁରୋଧ ଜଣାଇଲେ । ପୁରୁ ତାଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇଲେ । ଆଲେକ୍‌ଜାଣ୍ଡର କୌଣସି କ୍ଷତି କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମଣିଷର ଉତ୍ସବ ପ୍ରେମ ତାକୁ ଜୀବନର ଉଚ୍ଚତର ଆଭିମୁଖ୍ୟ ଆଡ଼କୁ ଆକୃଷ୍ଟ କରେ । ପାରସ୍ପରିକତାର ମନ୍ତ୍ର ବଳରେ ଜୀବାତ୍ମାକୁ ବିଶ୍ୱାତ୍ମା ହେବାର ବାଟ ଫିଟାଏ । ମାନବକୁ ପରମ୍ପରା ପ୍ରତି ଶ୍ରଦ୍ଧାଶୀଳ କରେ । ଶାନ୍ତି, ପ୍ରୀତି ଓ ସ୍ନେହବନ୍ଧନର ପ୍ରତୀକ ରାକ୍ଷୀ । ଏହା ନରୀ ଜାତି ପ୍ରତି ସମ୍ମାନ ଓ ଦାୟିତ୍ୱବୋଧର ଜାଗରଣ ସଞ୍ଚାର କରିଥାଏ । ସମ୍ପର୍କ, ସହୃଦୟତା ଓ ସଂହତିର ଭାବ ଉଦ୍ରେକ କରି ସାମାଜିକ ଜୀବନକୁ ସମୃଦ୍ଧ କରି ଗଢ଼ି ତୋଳେ । ପରିବାର ସୀମାକୁ ଡ଼େଇଁ ଦେଶର ସୀମାକୁ ଯାଇ ସୈନିକମାନଙ୍କ ହାତରେ ରାକ୍ଷୀ ବାନ୍ଧି ପାରିଲେ ସେମାନେ ଦେଶବାସୀଙ୍କ ଭ୍ରାତୃପ୍ରେମରେ ଉଦ୍‌ବୁଦ୍ଧ ହୁଅନ୍ତେ । ସାଧାରଣ ଜନତାଙ୍କ ହାତରେ ରାକ୍ଷୀ ବାନ୍ଧିଲେ ପରିବେଶରେ ସନ୍ତୁଳନ ଓ ରାଷ୍ଟ୍ରୀଜୀବନରେ ସମନ୍ୱୟ ଆସି ଜାତୀୟ ଜୀବନକୁ ସୁସଂହତ କରିପାରନ୍ତା । ଆଜିକାଲି ରାକ୍ଷୀ ଦେବାନେବାର ଏକ ଔପଚାରିକ ପର୍ବରେ ପରିଣତ ହୋଇଗଲାଣି । ରକ୍ଷା ବନ୍ଧନର ମୂଳ ଭାବନା ଲୁପ୍ତ ହୋଇଗଲାଣି । ଅତଏବ ଆମେ ସମସ୍ତେ ମିଳିମିଶି ଭାଇଭଉଣୀଙ୍କ ମଧ୍ୟରେ ସେହି ସ୍ନେହରକ୍ଷା ପର୍ବର ମହତ୍ତ୍ୱକୁ ବୁଝିବା ଦରକାର । ଯେପରିକି କୌଣସି ପରିସ୍ଥିତିରେ ମଧ୍ୟ ତାହା ଊଣା ନହୁଏ । ଜଣେ ଅନ୍ୟ ଜଣକର ସୁଖଦୁଃଖରେ ଭାଗୀଦାର ହୋଇ ରୁହନ୍ତୁ । ଏହି ପର୍ବରେ ଭଉଣୀ ଭାଇର କଲ୍ୟାଣ ପ୍ରାର୍ଥନା କରୁ ଓ ଭାଇ ଭଉଣୀର ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ କରୁ ।



ନୟାଗଡ଼
ମୋ:୯୪୩୭୯୮୫୮୬୬



# ପବିତ୍ର ବନ୍ଧନ ରାକ୍ଷୀ



ସର୍ବାଣୀ ଦାସ

ଆବେଗକୁ ମୋର ଫୁଲ କରିଦେଇ
ଗୁନ୍ଥି ଦେଇଛି ମୁଁ ନିରୀମାଖି
ଲକ୍ଷେ ଶୁଭେଚ୍ଛାରେ ଝଲମଲ ହୁଏ
ଏଇ ମୋର ଦୁଇ ଆଖି।
ସ୍ନେହର କୁଙ୍କୁମ ପିନ୍ଧାଇଦେବି ମୁଁ
ମଥାରେ ତୁମର ନେଇ
ବିଭୁଆଶିଷ ଝରିପଡୁ ସଦା
ତୁମ ମଥା ପରେ ଭାଇ
ନିଆରା ଭାବରେ ଛଳଛଳ ଏଇ
ପବିତ୍ର ବନ୍ଧନ ରାକ୍ଷୀ। ୧ ।
କିଛି ମାଗେନାହିଁ ରାକ୍ଷୀ ପ୍ରତିଦାନେ
ଲୋଡ଼େ ଖାଲି ଟିକେ ଶ୍ରଦ୍ଧା
ଏଇ ସୂତାଖିଅ ଟାଳିଦେଇପାରେ
ଜୀବନ ର ଯେତେ ବାଧା
ମମତା ଭରା ଏ ମଧୁର ସମ୍ପର୍କ
ସମୟ ତା ମୂକସାକ୍ଷୀ। ୨ ।

ସହକାରୀ ସରକାରୀ ଓକିଲ
*ପଥୁରିଆ ସାହି, ପୁରୀ*
*ମୋ: ୮୯୦୮୧୬୪୯୧୮*

# ସହୀଦ ଭାଇଙ୍କୁ ରାକ୍ଷୀ



ସୁଧାକର ରାଉତ୍

ତୁମେ ପରା ଭାଇ କହି ଯାଇଥିଲ
ପୂର୍ଣ୍ଣିମା ପୂର୍ବରୁ ଫେରି
ମୋ ହାତରୁ ରାକ୍ଷୀ ପିନ୍ଧିବ ନିଶ୍ଚୟ
କରିବନି ବୋଲି ଡେରି ।
ମାତ୍ର ଅକାଳରେ ବଜ୍ରପାତ ହେଲା
କି କଲା ଦାରୁଣ ବିହି
ଆତଙ୍କବାଦୀଙ୍କ ବର୍ବର କାଣ୍ଡରେ
ଗଲଟି ସହୀଦ୍ ହୋଇ ।
ହୃଦ ବିଦାରକ ସେ ସମ୍ବାଦ ଶୁଣି
ବୋଉର ଅନ୍ତର ବ୍ୟଥା
ଭାଷା ନାହିଁ ମୋ ପାଖରେ କହିବାକୁ
ଘୂରି ଯାଉଛି ମୋ ମଥା ।
ପିତାଙ୍କ ଅକାଳ ବିୟୋଗ ପରେ ତ
ତୁମେ ଥିଲ ଆମ ସାହା
ମୋର ପ୍ରେରଣାର ଉତ୍ସ ଥିଲ ଏକା
ଦେଖାଉଥିଲଟି ରାହା ।
ଆଖିରେ ଆଖିଏ ସ୍ୱପ୍ନ ଥିଲି ଭରି
ତୁମକୁ କରିଣ ଆଶା
ଅବର୍ତ୍ତମାନେ ଝୁରି ଝୁରି ମରୁଛି
ଅନ୍ଧକାର ଦିଶେ ଦିଶା ।
ବୋଉ ର ଆଖିରୁ ଅଦ୍ୟାବଧି ପରା
ବୋହୁଛି ତତଲା ଲୁହ
ତା ଅନ୍ଧଲଉଡ଼ି ତୁମ ବିନା କୁହ
କେ ବୁଝିବ ତାର କୋହ ।
ବିଧିର ବିଧାନ କେ କରିବ ଆନ
ଧୈର୍ଯ୍ୟ ଏବେ ସାଥି ଆମ..

କଟକ
ମୋ: ୮୨୪୯୯୩୨୭୯୨

# ରାକ୍ଷୀବନ୍ଧନର ମୌଳିକତା ରକ୍ଷା



ଡ.ଚନ୍ଦ୍ରକଳା ନାୟକ

ଓଡିଆ ସଂସ୍କୃତି ଓ ପରମ୍ପରା ବିଶ୍ୱରେ ମହାନ। ଧର୍ମ ବିଶ୍ୱାସ ଓଡିଆ ଜାତିର ରକ୍ତଗତ। ପ୍ରତ୍ୟେକ କାର୍ଯ୍ୟରେ ଓଡିଆ ଲୋକ ଭଗବାନଙ୍କ ଆଶୀର୍ବାଦ ଲୋଡିଥାନ୍ତି। ସେହି ନିରାକାର ପରମାତ୍ମାଙ୍କ ଅଦୃଶ୍ୟ ଶକ୍ତି ସାରା ସଂସାରକୁ ପରିଚାଳିତ କରୁଛି। ତେଣୁ ଭଗବାନ ବୋଲି ବିଶ୍ୱାସ କରୁଥିବା ସାଧାରଣ ମଣିଷର ସମସ୍ତ ଶକ୍ତି ତାଙ୍କ ନିକଟରେ ତୁଚ୍ଛ ମନେହୁଏ। ଧର୍ମ ବିଶ୍ୱାସ, ନାନା ଦେବଦେବୀଙ୍କ ପୂଜା, ପର୍ବ ପର୍ବାଣୀର ଦୃଢ଼ ବିଶ୍ୱାସ ମଣିଷକୁ ମାନସିକ ଶାନ୍ତି ପ୍ରଦାନ କରିଥାଏ। ସାହସ ଓ ଉତ୍ସାହ ମଧ୍ୟ ଦେଇଥାଏ। ଏହି ଭାବନାରେ ତ ଉତ୍କଳୀୟମାନେ ତେତିଶ କୋଟି ଦେବାଦେବୀଙ୍କୁ ପୂଜା କରିଥାନ୍ତି। ଯେଉଁ ପର୍ବପର୍ବାଣୀ ପାଳିତ ହୁଏ, ତାହାର ଅନ୍ତରାଳରେ ଓଡିଶାବାସୀଙ୍କ ଧର୍ମ ବିଶ୍ୱାସ , ଲୋକାଚାର ଓ ପରମ୍ପରା ହିଁ ମୁଖ୍ୟସ୍ଥାନ ଗ୍ରହଣ କରିଥାଏ।ଓଡିଆ ଭାଷାରେ ବ୍ରତ ଏବଂ ଓଷା ଶବ୍ଦର ବ୍ୟବହାର ପ୍ରଥମେ ଋକ୍ ବେଦରେ ଦର୍ଶାଯାଇଛି। ଏଥିରେ ୨୨୦ ଥର ବ୍ରତ ସମ୍ପର୍କରେ ଉଲ୍ଲେଖ ରହିଛି। ଯର୍ଜୁବେଦରେ ଏକଥା ଉଲ୍ଲେଖ ଅଛି। ପଦ୍ମ ପୁରାଣ ଓ ଅଗ୍ନି ପୁରାଣରେ ମଧ୍ୟ ପର୍ବ ପର୍ବାଣୀର କଥା ଉଲ୍ଲେଖ ରହିଛି। ଓଡିଆ ଭାଷାରେ ଏକ ପ୍ରବାଦ ଅଛି, ବାରମାସେ ତେର ପର୍ବ। ଏହି ପର୍ବ ପର୍ବାଣୀ ବହୁ ପ୍ରଚୀନ ଯୁଗରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ଉତ୍କଳୀୟ ଏହି ଦିବସଟିକୁ ନପବିତ୍ର ଦିବସ ରୂପେ ପାଳନ କରିଥାନ୍ତି। ଓଡିଶା ଭଳି ରାଜ୍ୟରେ ପର୍ବପର୍ବାଣୀ ଏକ ରୀତିନୀତି ବା ପରମ୍ପରା ନୁହେଁ। ବରଂ ମାନବିକତା, ଭାବପ୍ରବଣତା, ଆଧାତ୍ମିକତା, ଆତ୍ମିୟତା ଓ ସ୍ନେହ ଶ୍ରଦ୍ଧାର ଏକ ଜୀବନ୍ତ ପ୍ରତିମୂର୍ତ୍ତି। ଏହି ପର୍ବପର୍ବାଣୀ ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ। ଏହି ପୂର୍ଣ୍ଣିମା ଶ୍ରାବଣ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା ନାମରେ ସମଗ୍ର ଉତ୍କଳ ଭୂଖଣ୍ଡରେ ପରିଚିତ। ଏହି ପର୍ବ ଭ୍ରାତୃ ବନ୍ଧନର ଏକ ସାକ୍ଷୀ ରୂପେ ଗ୍ରହଣ କରାଯାଏ। ଭାଇ ଭଉଣୀ ମଧ୍ୟରେ ଥିବା ସମ୍ପର୍କକୁ ଦୃଢ଼ୀମଭୂତ କରି ଏହି ପର୍ବ ଆଧାତ୍ମିକ ଚେତନାରେ ବାନ୍ଧି ରଖିଥାଏ। ଶ୍ରାବଣ ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିବସ ଭାବେ ପାଳନ କରାଯାଏ। ଏହିଦିନ ହଳ ଲଙ୍ଗଳ, କାଙ୍କ କୋଡି, ମହୀ, କୋଦାଳ ଆଦି କୃଷି ଉପକରଣକୁ ନପବିତ୍ର ଜଳରେ ସ୍ନାନ କରାଇ ଗହାଳ ଘରେ ରଖି ପୁଷ୍ପ, ଚନ୍ଦନ, ଧୂପ, ଦୀପ ଜଳାଇ କୃଷକ ଶ୍ରଦ୍ଧାର ସହିତ ପୂଜା କରିଥାଏ। ବଡ ଠାକୁର ବଳଭଦ୍ର ଗୋମାତାଙ୍କ ଠାରୁ ଜନ୍ମ ହୋଇଥିବାରୁ ପ୍ରତ୍ୟେକ ହିନ୍ଦୁ ଧର୍ମୀ ଗାଈକୁ ମାତା ରୂପେ ସମ୍ବର୍ଦ୍ଧନା କରି ମା ଭଳି ସମ୍ମାନ ଦେଇଥାନ୍ତି। କାହିଁ କେଉଁ ଅନାଦି କାଳରୁ ଗୋମାତା ପୂଜାର ବିଧି ଓଡିଶାର ପୂରପଲ୍ଲୀରେ ପାଳିତ ହୋଇ ଆସୁଅଛି। ଏହି ରାକ୍ଷୀ ପୂର୍ଣ୍ଣିମାରେ ଗାଈକୁ ରାକ୍ଷୀ ବନ୍ଧା ଯିବାର ପରମ୍ପରା ରହିଛି। ଗୋମାତାଙ୍କ ସିଂଙ୍ଗରେ ରାକ୍ଷୀ ବନ୍ଧା ଯାଇ ଫୁଲମାଳ, ଚନ୍ଦନ ଅର୍ପଣ ପୂର୍ବକ ଅନେକ ସୁସ୍ୱାଦୁ ଖାଦ୍ୟ, ଏକ ନୂତନ କୁଲାରେ ଅର୍ପଣ କରାଯାଇ ଥାଏ। ଉତ୍କଳୀୟ ପରମ୍ପରାରେ ଏହି ଦିନ ପ୍ରତ୍ୟେକ ପରିବାରରେ ଚକୁଳି ପିଠା, ଉଷୁନା ଭାତ, ବିରିଡାଲି ପ୍ରସ୍ତୁତ କରାଯାଇ ସ୍ୱତନ୍ତ୍ର ଭାବେ ଗୋମାତା ଓ ବଳଦଙ୍କୁ ଅର୍ପଣ କରାଯାଏ। ଏହି ପର୍ବରେ ଓଡିଶାରେ ଘରେ ଘରେ ବିଭିନ୍ନ ରକମର ପିଠା, ମିଠା ତିଆରି କରାଯାଏ। ପରିବାର ସାହି ପଡିଶା ଓ ବନ୍ଧୁ ବାନ୍ଧବଙ୍କ ମ୍ଭରେ ଆନନ୍ଦ ସହକାରେ ଖାଦ୍ୟ ବ ନ କରାଯାଏ। ଉତ୍କଳର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଆଡମ୍ବର ସହକାରେ ରକ୍ଷା ବନ୍ଧନ ଓ ଝୁଲଣ ଯାତ୍ରା ଅନୁଷ୍ଠିତ ହୁଏ। ଭାରତୀୟ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମାର ମହତ୍ୱ ଓ ଶାଶ୍ୱତ ଚିନ୍ତାଧାରା ମହାଭାରତରେ ମଧ୍ୟ ଉଲ୍ଲେଖ ରହିଛି। ଶ୍ରୀକୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ ଏ ପରମ୍ପରା ଆହୁରି ଶକ୍ତିଶାଳୀ ହୋଇଛି। ଅତ୍ୟାଚାରୀ ଶିଶୁପାଳକୁ ଭଗବାନ ଶ୍ରୀକୃଷ୍ଣ ବଦ୍ଧ କଲାବେଳେ ତାଙ୍କର ଆଙ୍ଗୁଳି କଟି ଯାଇଥିଲା। ସେହି ଅଙ୍ଗୁଳିରୁ ରକ୍ତ ଦେଖି ଯାଜ୍ଞସେନୀ ନିଜର ପିନ୍ଧା ବସ୍ତ୍ରର ପଣତ କାନିରୁ ଲୁଗା ଚିରି ସେହି କ୍ଷତକୁ ଆବୃ କରି ଦେଇଥିଲେ। ଶ୍ରୀକୃଷ୍ଣଙ୍କ ପ୍ରତି ଏକ ଭଗ୍ନୀର ଭୂମିକାରେ ସେଠାରେ ନିଜକୁ ଉପସ୍ଥାପନ କରିଥିଲେ। ସେହି ପଣତ କାନିର ମାନ ରଖି ପ୍ରଭୁ କୃଷ୍ଣ ଦ୍ରୌପଦୀକୁ ବିବସନାରୁ ରକ୍ଷା କରିଥିଲେ। କୁରୁସଭାରେ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ କରି କୋଟି ବସ୍ତ୍ର ଦାନ କରିଥିଲେ। ଏହି ପରମ୍ପରା ରାକ୍ଷୀ ପୂର୍ଣ୍ଣିମାର ମାନକୁ ଅଧିକ ଗରିମାମୟ କରିଥାଏ। ଇତିହାସ ପୃଷ୍ଠାରେ ମଧ୍ୟ ଏହାର ନଜିର ରହିଛି। ଖ୍ରୀପୂ ତିନିଶହ ବର୍ଷ ତଳର କଥା। ମାସିଡୋନିଆର ସମ୍ରାଟ ବିଶ୍ୱବିଜୟୀ ଆଲେକଜାଣ୍ଡର ଭାରତ ଉପରେ ବିଜୟ କରିବାକୁ ମନ ବଳାଇଲେ। ଯେତେବେଳେ ଭାରତକୁ ଆକ୍ରମଣ କଲେ, ସେ ରାଜାଙ୍କ ପୁରୁଙ୍କର ସମ୍ମୁଖୀନ ହୋଇଥିଲେ। ପ୍ରଥମ ଥର ଆଲୋକଜାଣ୍ଡର ପୁରୁଙ୍କ ଠାରୁ ପରାସ୍ତ ହେଲେ। ଠିକ ସେତିକିବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ଭାରତୀୟ ରାଜାର ମହନୀୟତା ସ୍ୱରୂପ ରାଜା ପୁରୁ ଶତ୍ରୁର ସ୍ତ୍ରୀର ରାକ୍ଷୀକୁ ଗ୍ରହଣ କରି ତାଙ୍କୁ ନିଜ ଭଉଣୀର ସମ୍ମାନ ଦେଇଥିଲେ। ଏହି ରକ୍ଷା ବନ୍ଧନ ସମ୍ପର୍କରେ ଇତିହାସରେ ଅନେକ ପ୍ରମାଣିତ ତଥ୍ୟ ରହିଛି। ରାଜପୁତ ରମଣୀମାନେ ନାରୀ ଜାତିର ସୁରକ୍ଷା, ମର୍ଯ୍ୟାଦା ଓ ମାନ ସମ୍ମାନ ନିମନ୍ତେ ସମ୍ରାଟ ଆକବରଙ୍କ ପାଖକୁ ରାକ୍ଷୀ ପ୍ରେରଣ କରୁଥିଲେ। ଏହି ପରମ୍ପରାକ୍ରମେ ସାରା ଭାରତବର୍ଷକୁ ବ୍ୟାପିଥିଲା। ଭାଇ ଭଉଣୀର ଅତୁଟ ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କର ସ୍ୱରୂପ ଏହି ଉତ୍ସବ। କେବଳ ଇତିହାସ ନୁହେଁ ଏହାର ପୌରାଣିକତା ମଧ୍ୟ ରହିଛି। ବାମନଙ୍କ ଜନ୍ମ ପୂର୍ବରୁ ଶ୍ରାବଣ ପୂର୍ଣ୍ଣିମା ଦିନ ଦୈତଗୁରୁ ଶୁକ୍ରାଚାର୍ଯ୍ୟ ବଳୀଙ୍କର ଜୀବନ ସୁରକ୍ଷା ନିମି ରକ୍ଷା କବଚ ସ୍ୱରୂପ ରାକ୍ଷୀ ବନ୍ଧନ କରିଥିଲେ। ତାହାରି ଅନୁସତ୍ର ପରମ୍ପରା ସ୍ବରୂପ ବ୍ରାହ୍ମଣ ଓ ପୁରୋହିତମାନେ ଯଜମାନ ମାନଙ୍କ ହସ୍ତରେ ବିଭିନ୍ନ ଧରଣର ରାକ୍ଷୀ ଭିଡିଥାନ୍ତି। ଏହି ଉତ୍ସବକୁ ପର୍ଯ୍ୟାଲୋଚନା କଲେ ଏତିକି ଜଣାଯାଏ, ସମାଜରେ ସୁଖ ପ୍ରାପ୍ତି ନିମନ୍ତେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା , ମମତା ମଧ୍ୟରେ ହିଁ ପ୍ରକୃତ ମନୁଷ୍ୟତ୍ୱ ପ୍ରକଟ ହୋଇଥାଏ। ଏହା ଏକ ନିର୍ଭର ପ୍ରତିଶୃତିର ସୂତାରେ ବନ୍ଧା ଯାଇଥିବା ଜୀବନ ସାରାର ସୁରକ୍ଷା କବଚ।ସାଂପ୍ରତିକ ଆଧୁନିକ ଯୁଗରେ ଏହି ରାକ୍ଷୀ ପୂର୍ଣ୍ଣିମାର ମହତ୍ୱ ଓ ଗୁରୁତ୍ୱ ଦିଗହରା ହେଲାଭଳି ମନେ ହେଉଛି। ଆମ ଦେଶ ତଥା ରାଜ୍ୟ ସହରି କରଣ, ଉପଭୋକ୍ତାବାଦ, ଅତ୍ୟାଧୁନିକତା, ବିଜ୍ଞାନ ଓ ପ୍ରଯୁକ୍ତି ଆଡକୁ ବେଶି ମାତ୍ରାରେ ଢଳି ପଡିଛି। ସେଇଥିପାଇଁ ଆମ ସାଂସ୍କୃତିକ ଜୀବନ ନିମ୍ନତାକୁ ଖସି ଆସିଛି। ଜନସଂଖ୍ୟାମୟ ପରିବ ନ ମଧ୍ୟରେ ଭାଇ ଭଉଣୀର ପବିତ୍ର ସମ୍ପର୍କ, ରାକ୍ଷୀର ମହାତ୍ମ୍ୟ ବାଟବଣା ହେବାରେ ଲାଗିଛି। ଏହି ଉତ୍ସବ ଆଜି ହୃଦୟରେ ଏକ ପ୍ରଶ୍ନକୁ ଜନ୍ମଦିଏ। କିଏ କାହାକୁ ରାକ୍ଷୀ ବାନ୍ଧିବ ? ପରିବାର ମ୍ଭରେ ଗୋଟିଏ ସନ୍ତାନ ସୁତ୍ରୀ ହୋଇ ଥିବାରୁ ରାକ୍ଷୀ ବାନ୍ଧିବାକୁ ଭାଇ ନାହାନ୍ତି କି ରାକ୍ଷୀ ଭଡ଼ ଡ଼ ଦେବାକୁ ଭଉଣୀ ନାହାନ୍ତି। ଦିନ ଥିଲା ଏଇ ରାକ୍ଷୀ ଡାକବାଲାଟିଏ ବାଂଟି ବାଂଟି ଥକି ପଡୁଥିଲା। ଏକ ସନ୍ତାନର ଆବଶ୍ୟକତା ଆଜି ରାକ୍ଷୀ ଭଳି ଏକ ପବିତ୍ର ପର୍ବକୁ ଶୂନ୍ୟତା ଆଡକୁ ଟାଣି ନେଇଛି। ନୂଆ ଭାବେ ସୃଷ୍ଟି ହୋଇଛି ଧରମ ଭାଇର ପରମ୍ପରା। ଯେଉଁ ପରମ୍ପରାରେ ସ୍ୱଚ୍ଛତା, ନିର୍ମଳତା, ପବିତ୍ରତା, ଆପଣା ପଣିଆର ମାନନ ରକ୍ଷାର ପ୍ରତିବଦ୍ଧତା ଅଧିକାଂଶ କ୍ଷେତ୍ରରେ ନଥାଏ। ଓଡିଆ ସାଂସ୍କୃତିକ ପରମ୍ପରାରେ ମଧ୍ୟ ଗ୍ରାମାଂଚଳରେ ସାମାଜିକ ଜୀବନରେ ଗୋମାତା ପ୍ରତି ଲୋକ ମାନଙ୍କର ବିମୁଖ ଭାବ ହେତୁ ନାଁ ଗୁହାଳ ଅଛି, ନାଁ ଗାଇ ଅଛନ୍ତି। ଯେଉଁ ଗହ୍ମା ପୂର୍ଣ୍ଣିମାର ପବିତ୍ରତାକୁ ସାମାଜିକ ଜୀବନରେ ଆମେ ଅନୁଭବ କରିବା କଥା, ତାହାର ମୂଳ ଆଧାର ଗୋସମ୍ପଦର ଅଭାବ କାରଣରୁ ହିଁ ଆମଠାରୁ ଦୂରେଇ ଯାଇଛି। କୌଣସି ପର୍ବପର୍ବାଣୀର ଭବିଷ୍ୟତ ତାହା କିପରି ପାଳନ କରାଯାଏ , ତାହା ଉପରେ ହିଁ ନିର୍ଭର କରେ। ପରିବାର ମଧ୍ୟରେ ଭାଇଚାରା ଓ ପାରସ୍ପରିକ ସମ୍ପର୍କର ଅଭାବବୋଧ, ସ୍ୱାର୍ଥପରତା, ମରି ଯାଉଥିବା ମାନବିକତା ଏହି ପାରମ୍ପରିକ ଉତ୍ସବର ମହାନତା, ମାଧୂର୍ଯ୍ୟ ଓ ଆବେଗରୁ ଧୀରେ ଧୀରେ ଦୂରେଇ ଯାଉଛି। ସେଥିପାଇଁ ଆମେ ଆମର ପରମ୍ପରା ସୁତ୍ରକୁ ଆଧୁନିକତାର ଡାଞ୍ଚାରେ ପୁରାତନକୁ ଯଥା ସମ୍ଭବ ଜାବୋଡି ଧରି ପୁଣି ଜୀବନ୍ୟାସ ଦେବା ଆବଶ୍ୟକ। ଅତୀତର ପ୍ରତିଛବି ସହ ଭବିଷ୍ୟତର ନୂତନତାକୁ ଗ୍ରହଣ କରିବା ରାକ୍ଷୀ ପୂର୍ଣ୍ଣିମାର ଆଭିମୁଖ୍ୟ ହେବା ଆବଶ୍ୟକ। ଯେଉଁ ଉତ୍କଳୀୟ ସଂସ୍କୃତି ସମଗ୍ର ବିଶ୍ୱକୁ ଭାତୃ ବନ୍ଧନରେ ବାନ୍ଧି ରଖିବାର ବା । ଦେଇଥାଏ, ତାହା ଆଧ୍ୟାମବିକତା ଭିତ୍ତିରେ ସମସ୍ତଙ୍କ ମଙ୍ଗଳ କାମନା ପାଇଁ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା।



*ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ:୯୪୩୭୯୫୭୬୧୭*




# ସହରାଞ୍ଚଳ ବର୍ଜ୍ୟଜଳ ଉପରେ ବୈଷୟିକ ସମ୍ମିଳନୀ



**ଭୁବନେଶ୍ୱର(ବ୍ୟୁରୋ):** ବ୍ୟବହୃତ ଜଳର ପୁନର୍ବ୍ୟବହାର ହେବ। ଏ ଉପରେ ବୈଷୟିକ ଅଧିକାରୀମାନେ ବ୍ୟାପକ ବିଚାରବିମର୍ଶ କରିଛନ୍ତି। ଓଡ଼ିଶା ଅର୍ବାନ କନକ୍ଲେଭ୍-୨୦୨୬ ଅବସରରେ ବ୍ୟବହୃତ ଜଳ ପରିଚାଳନା ଉପରେ ବୈଷୟିକ ସମ୍ମିଳନୀ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ଶିଳ୍ପ ପ୍ରତିନିଧିମାନେ ଯୋଗଦେଇ ବର୍ଜ୍ୟଜଳ ବିଶୋଧନ, ପୁନଃବ୍ୟବହାର ଓ ସମ୍ପଦ ପୁନରୁଦ୍ଧାର ପାଇଁ ସ୍ଥାୟୀ, ନିରାପଦ ତଥା ଆର୍ଥିକ ଦୃଷ୍ଟିକୋଣରୁ ସୁଲଭ ଉପାୟ ଉପରେ ଆଲୋଚନା କରିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ବ୍ୟବହୃତ ଜଳ ପରିଚାଳନାର ବର୍ଦ୍ଧିତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶୋଧିତ ବର୍ଜ୍ୟଜଳ, କାଦୁଅ ଓ ଅନ୍ୟ ଅବଶେଷର ନିରାପଦ ପରିଚାଳନା ଉପରେ ଜୋର ଦେଇଥିଲେ। ବର୍ଜ୍ୟଜଳକୁ ଆବର୍ଜନା ପରିବର୍ତ୍ତେ ଏକ ମୂଲ୍ୟବାନ ସମ୍ପଦରେ ପରିଣତ କରିପାରୁଥିବା ସମାଧାନ ଉପରେ ଧ୍ୟାନ ଆକର୍ଷଣ କରିଥିଲେ। ସହରାଞ୍ଚଳ ବର୍ଜ୍ୟଜଳ ପରିଚାଳନା ପାଇଁ ସରକାରୀ ସଂସ୍ଥା, ବୈଷୟିକ ପ୍ରତିଷ୍ଠାନ, କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଓ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ବ୍ୟକ୍ତିବିଶେଷ ସମନ୍ୱିତ ପ୍ରୟାସ କରିବାକୁ ଆହ୍ୱାନ ଜଣାଇଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ବିଶୋଧିତ ଜଳର ଯୋଜନାବଦ୍ଧ ଓ ନିରାପଦ ପୁନଃବ୍ୟବହାର ଦିଗରେ ଗୁରୁତ୍ୱାରୋପ କରିଥିଲେ। ସିପିଏଚ୍ଇଓ ଡ. ଭି. କେ. ଚୌରାସିଆ, ବିଭାଗୀୟ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ଆଇଆଇଟି ରୁରକିର ପ୍ରଫେସର ଭାସ୍କର ଜ୍ୟୋତି ଡେକା, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ରାଜେଶ ରୋଷନ ଦାଶ, ଡ. ନୀତିନ ବାସି, ସୁବ୍ରତ ଚକ୍ରବର୍ତ୍ତୀ, ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ. ଅବିନାଶ ରାଉଳ ପ୍ରମୁଖ ବର୍ଜ୍ୟଜଳ ଓ କାଦୁଅ ପରିଚାଳନା ଦିଗରେ ବୈଷୟିକ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ମୁଖ୍ୟଯନ୍ତ୍ରୀ ଇଂ. ବିଳାସ ବେହେରା, ୱାଟ୍କୋ ପରିଚାଳନା ନିର୍ଦ୍ଦେଶକ ଇଂ. ଦେବବ୍ରତ ମହାନ୍ତି, ମୁଖ୍ୟଯନ୍ତ୍ରୀ ଇଂ. ଭାଗ୍ୟଧର ମହାନ୍ତି ସମ୍ମିଳନୀ ପରିଚାଳନା କରିଥିଲେ।

# ପାଠ ପଢ଼ିବେ ଟୁର୍ ଅପରେଟରର କର୍ମଚାରୀ, ଦିଆଯିବ ୩ ମାସିଆ ସାର୍ଟିଫିକେଟ୍ କୋର୍ସ

**ଭୁବନେଶ୍ୱର(ବ୍ୟୁରୋ):** ପାଠ ପଢ଼ିବେ ପର୍ଯ୍ୟଟନ ସେବା ପ୍ରଦାନକାରୀ ତଥା ଟୁର୍ ଅପରେଟରଙ୍କ କର୍ମଚାରୀ। ପର୍ଯ୍ୟଟକ, ପର୍ଯ୍ୟଟନ ତଥା ଆତିଥ୍ୟ ସେବା ସମ୍ପର୍କରେ ସେମାନଙ୍କୁ ସମ୍ୟକ୍ ଧାରଣା ଦେବାକୁ ୩ ମାସର ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଦାନ କରାଯିବ। ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ଯୋଜନା ମୁତାବକ ସରକାର ଏହାକୁ ପ୍ରଚଳନ କରିଛନ୍ତି। ଯାହା ଟୁର୍ ଅପରେଟରମାନଙ୍କ ପାଇଁ ବାଧ୍ୟତାମୂଳକ। ରାଜ୍ୟରେ ପର୍ଯ୍ୟଟକଙ୍କୁ ପରିବହନ ସେବା ଯୋଗାଇବା ପାଇଁ ଯେଉଁ ଟୁର୍ ଅପରେଟରମାନଙ୍କ ପାଖରେ କୌଣସି ବୃତ୍ତିଗତ/ତାଲିମପ୍ରାପ୍ତ କର୍ମଚାରୀ ନାହାଁନ୍ତି। ସେମାନଙ୍କ ପାଇଁ ଏହି ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ଟୁର୍ ଅପରେଟରମାନଙ୍କୁ ପର୍ଯ୍ୟଟନ ସେବା ପ୍ରଦାନକାରୀ ଭାବରେ ମାନ୍ୟତା ପ୍ରଦାନ କରିବା ପୂର୍ବରୁ ଏହି ପାଠ୍ୟକ୍ରମ ସେମାନଙ୍କ କର୍ମଚାରୀମାନଙ୍କୁ ପ୍ରଦାନ କରାଯିବ। ନୂତନ ଓଡ଼ିଶା ପର୍ଯ୍ୟଟନ (ସଂଶୋଧିତ) ନୀତି-୨୦୨୬ ଅଧୀନରେ ପର୍ଯ୍ୟଟନ ସେବା ପ୍ରଦାନକାରୀମାନଙ୍କ ପାଇଁ ନିକଟରେ ନୂଆ ମାର୍ଗଦର୍ଶିକା ଜାରି କରି ପର୍ଯ୍ୟଟନ ବିଭାଗ କହିଛି, ଯଦି ସେମାନଙ୍କ



ପାଖରେ କୌଣସି ତାଲିମପ୍ରାପ୍ତ କର୍ମଚାରୀ ନାହାଁନ୍ତି, ତେବେ ଅସ୍ଥାୟୀ ସ୍ୱୀକୃତି ପ୍ରଦାନ ପରେ ସମସ୍ତ ପର୍ଯ୍ୟଟନ ସେବା ପ୍ରଦାନକାରୀମାନଙ୍କ ପାଇଁ ପାଠ୍ୟକ୍ରମ ପ୍ରଦାନ କରାଯିବ। ଷ୍ଟାର୍ଟଅପ୍, ଗ୍ରୀନ୍ ସୁଟ୍ ଏବଂ ଅଭିଜ୍ଞତା ସମେତ, ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍), ଭୁବନେଶ୍ୱର କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ ମାଧ୍ୟମରେ ହାଇବ୍ରିଡ୍ ମୋଡ୍ରେ ପର୍ଯ୍ୟଟନ ସେବା ପ୍ରଦାନକାରୀ ସାର୍ଟିଫିକେସନ୍ ପାଠ୍ୟକ୍ରମ ଆୟୋଜନ କରାଯିବ। ସର୍ବନିମ୍ନ ୩ ମାସ ଅବଧିର ଏହି ପାଠ୍ୟକ୍ରମରେ ପର୍ଯ୍ୟଟନ ସମ୍ବନ୍ଧୀୟ ସମସ୍ତ ବିଷୟ ଯେପରି ଟିକେଟିଂ, ବୈଦେଶିକ ମୁଦ୍ରା ବିନିମୟ, ରହିଣିସ୍ଥଳୀ ବୁକିଂ, ପରିବହନ ଲଜିଷ୍ଟିକ୍ସ, ଗାଇଡ୍ ବ୍ୟବସ୍ଥା, ସାଧାରଣ ଇଂରାଜୀ, ଅତିଥି ଜନସମ୍ପର୍କ, କ'ଣ କରିବା ଉଚିତ୍ ଓ କ'ଣ ନୁହେଁ, ସୁରକ୍ଷା ଓ ପରିମଳ, ଦୁଃସାହସିକ କାର୍ଯ୍ୟ ସମ୍ବନ୍ଧୀୟ ମାର୍ଗଦର୍ଶିକା ଏବଂ ପର୍ଯ୍ୟଟନ ବ୍ୟବସାୟ ଚଳାଇବା ପାଇଁ ଆବଶ୍ୟକ ଅନ୍ୟ କୌଣସି କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ରହିବ। ମାର୍ଗଦର୍ଶିକାରେ କୁହାଯାଇଛି, 'ରାଜ୍ୟରେ ପର୍ଯ୍ୟଟନ ସେବା ପ୍ରଦାନକାରୀମାନଙ୍କୁ ଚୂଡ଼ାନ୍ତ ସ୍ୱୀକୃତି ପ୍ରଦାନ ପୂର୍ବରୁ ଏହି ସାର୍ଟିଫିକେସନ୍ ପୂରଣ କରିବା ବାଧ୍ୟତାମୂଳକ'। ତାଲିମ୍‌ର ଖର୍ଚ୍ଚ ଅସ୍ଥାୟୀ ଭାବେ ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନ ସେବା ପ୍ରଦାନକାରୀମାନେ ବହନ କରିବେ। ଯଦିଓ ଅନ୍ୟ କୌଣସି ପର୍ଯ୍ୟଟନ ସେବା ପ୍ରଦାନକାରୀମାନେ ଇଚ୍ଛା କଲେ ସେମାନଙ୍କ କର୍ମଚାରୀଙ୍କୁ ତାଲିମ୍ ଦେବା ପାଇଁ ସ୍ପନସର କରିପାରିବେ। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ପଠାଯାଇଥିବା ସାର୍ଟିଫିକେଟ୍ ସମେତ ସମସ୍ତ ଦଲିଲର ସମୀକ୍ଷା କରିବା ପାଇଁ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ୮ ଜଣିଆ କମିଟି ମଧ୍ୟ ଗଠନ କରାଯାଇଛି। ବିଭାଗ ପର୍ଯ୍ୟଟନ ପରିବହନ ଅପରେଟରମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସର୍ତ୍ତ ମଧ୍ୟ ଧାର୍ଯ୍ୟ କରିଛି, ଯେଉଁଥିରେ ଉଲ୍ଲେଖ ଅଛି, ଆବେଦନକାରୀଙ୍କ ପାଖରେ ଷ୍ଟାର୍ଟଅପ୍ ହୋଇଥିଲେ ସର୍ବନିମ୍ନ ୨ଟି ଏବଂ ଅଭିଜ୍ଞ ଅପରେଟର ହୋଇଥିଲେ ୪ଟି ପର୍ଯ୍ୟଟନ ଯାନ ଥିବା ଆବଶ୍ୟକ। ପର୍ଯ୍ୟଟନ ଯାନଗୁଡ଼ିକର ଡ୍ରାଇଭରମାନେ ମଧ୍ୟ ଡ୍ୟୁଟି ସମୟରେ ଉପଯୁକ୍ତ ୟୁନିଫର୍ମ ପିନ୍ଧିବା ଏବଂ ପରିଚୟ ପତ୍ର ପ୍ରଦର୍ଶନ କରିବା ଆବଶ୍ୟକ ବୋଲି କୁହାଯାଇଛି।

# ଭାଇ ହାତରେ ସ୍ନେହର ଡୋରି ବାନ୍ଧି ରାଣ ଦେଲେ ଭଉଣୀ

**ଭୁବନେଶ୍ୱର(ବ୍ୟୁରୋ):** ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା। ଭାଇ ହାତରେ ସ୍ନେହର ଡୋରି ବାନ୍ଧି ରାଣ ଦେଲେ ଭଉଣୀ। ପାଉଣା ଦେଇ ସାରା ଜୀବନ ରକ୍ଷା କରିବାର ପ୍ରତିଶ୍ରୁତି ଦେଲେ ଭାଇ। ଅତି ଉତ୍ସାହର ସହ ପୁରପଲ୍ଲୀରେ ରକ୍ଷା ବନ୍ଧନ ପର୍ବ ପାଳନ କରାଯାଉଛି। ତେବେ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରାବଣ ପୂର୍ଣ୍ଣିମାରେ ରକ୍ଷା ବନ୍ଧନ ପାଳନ ହେବ। ଏଥିପାଇଁ ସେବାୟତଙ୍କ ଦ୍ୱାରା ନାଲି, ନୀଳ, ହଳଦିଆ ଓ ବାଇଗଣୀ ରଙ୍ଗରେ ରାଖୀ ପ୍ରସ୍ତୁତ ହୋଇଛି। ଗହ୍ମା ପୂର୍ଣ୍ଣମୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ରାଖୀ ପିନ୍ଧାଇବେ ଭଉଣୀ ସୁଭଦ୍ରା। ସ୍ୱତନ୍ତ୍ର ବାସୁଙ୍ଗୀ ପାଟ ଶାଢ଼ିରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ରାଖୀ ପାଟରା ବିଶୋଇ ସେବକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଗହ୍ମା ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ନୀତି ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କଠାରେ ରାଖୀ ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ସେପଟେ ରାକ୍ଷୀ ପୂର୍ଣ୍ଣମୀ ପାଇଁ ରାଜଧାନୀର ଛୋଟ ବଡ଼ ସବୁଦୋକାନରେ ପ୍ରବଳ ଗହଳି ହୋଇଛି। ଭାଇ ହାତକୁ କେଉଁ ରାକ୍ଷୀ ମାନିବ ସେଥିପାଇଁ ଭଉଣୀ ଏଦୋକାନରୁ ସେଦାନ ଖୋଜି ସୁନ୍ଦର ରାକ୍ଷୀ କିଣି ଆଣିଛି। ବିଶେଷକରି କଉଡ଼ି ଓ ମୋତିରେ ପ୍ରସ୍ତୁତ ରାକ୍ଷୀକୁ ଭଉଣୀମାନେ ଅଧିକ ପସନ୍ଦ କରୁଛନ୍ତି। ଯାହାର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ ହେଉଛି। ଏହାବ୍ୟତୀତ ଷ୍ଟୋନ୍ ରାକ୍ଷୀ, ଇଭିଲ୍ ଆଇ ରାକ୍ଷୀ, ମୟୁର, ଜଗନ୍ନାଥ ରାକ୍ଷୀକୁ ବେଶ୍ ପସନ୍ଦ କରୁଛନ୍ତି।



କେତେକ ଭଉଣୀ ରୁପାର ରାକ୍ଷୀ ମଧ୍ୟ କିଣିଛନ୍ତି। ସେହିପରି ରାଜଧାନୀରେ ମିଠା ଦୋକାନରେ ବି ଭିଡ଼ ଦେଖିବାକୁ ମିଳିଛି। ସେହିପରି ଭାଇମାନେ ମଧ୍ୟ ଭଉଣୀ ପାଇଁ ଉପହାର କିଣୁଛନ୍ତି। ଦୂରରେ ଥିବା ଭାଇମାନେ ଭଉଣୀ ପାଇଁ ଅନ୍‌ଲାଇନ୍ ସପିଙ୍ଗ୍ ଆପ୍ ମାଧ୍ୟମରେ ଉପହାର ଆଗୁଆ ଦେଇସାରିଲେଣି।

# ବାଣୀବିହାର ଛାତ୍ରାବାସରେ ବୁଲିଲା ଖଣ୍ଡା, ଭୁଜାଲି



**ଭୁବନେଶ୍ୱର(ବ୍ୟୁରୋ):** ଛାତ୍ରାବାସରେ ରୁମ୍ ବଣ୍ଟନକୁ କେନ୍ଦ୍ରକରି ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ବିବାଦରୁ ବୁଧବାର ସନ୍ଧ୍ୟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଶାନ୍ତ ହୋଇପଡ଼ିଛି। ଗୋଟିଏ ଗୋଷ୍ଠୀର ଛାତ୍ରମାନଙ୍କ ସମର୍ଥନରେ ଆସିଥିବା କିଛି ଅଣଛାତ୍ର ଖଣ୍ଡା, ଭୁଜାଲି ଧରି ଛାତ୍ରାବାସରେ ପଶି ଆତଙ୍କରାଜ୍ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ବିରୋଧ କରିବାକୁ ଯାଇ ଅପରପକ୍ଷର ୨ ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ଲାଇବ୍ରେରି ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ର ଲକ୍ଷ୍ମଣ ମୁଣ୍ଡା ଓ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ପ୍ରଥମ ବର୍ଷର ଛାତ୍ର ଗଙ୍ଗାଧର ପାଢ଼ୀ। ଉଭୟଙ୍କ ମୁଣ୍ଡ ଓ ଆଖିରେ ଆଘାତ ଲାଗିଛି। ସହିଦନଗର ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ଚାପା ଉତ୍ତେଜନା ଲାଗି ରହିଥିବାରୁ ବାଣୀବିହାର ପରିସରରେ ଏକ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଛି। ରାତି ପ୍ରାୟ ସାଢ଼େ ୭ଟା। ୩ ନମ୍ବର ହଷ୍ଟେଲ ସମ୍ମୁଖରେ ହଠାତ୍ ହୋ-ହଲ୍ଲା ଶୁଭିଥିଲା। ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ପିଟାପିଟି ଆରମ୍ଭ ହୋଇଯାଇଥିଲା। କିଛି ଅଣଛାତ୍ର ଖଣ୍ଡା ଧରି ପ୍ରତିପକ୍ଷ ଛାତ୍ରମାନଙ୍କୁ ଗୋଡ଼ାଉଥିଲେ। ସୁରକ୍ଷାକର୍ମୀମାନେ ପ୍ରଥମେ ଗଣ୍ଡଗୋଳକାରୀଙ୍କୁ ପ୍ରତିରୋଧ କରି ଛାତ୍ରମାନଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଖଣ୍ଡା, ଭୁଜାଲିଧାରୀ ଅଣଛାତ୍ରମାନେ ସେମାନଙ୍କୁ ହାଣିବା ପାଇଁ ଗୋଡ଼ାଇବାରୁ ସେମାନେ ପ୍ରାଣ ବିକଳରେ ଦୌଡ଼ିଥିଲେ। ମାରଣାସ୍ତ୍ରଧାରୀ ଅଣଛାତ୍ରଙ୍କ ଆକ୍ରମଣରେ ଗଙ୍ଗାଧର ଓ ଲକ୍ଷ୍ମଣ ଆହତ ହୋଇଥିଲେ। ପିଟାପିଟି, ଗାଳିମନ୍ଦ ଓ ଗୋଡ଼ାଗୋଡ଼ି ଦେଖି କ୍ୟାମ୍ପସ ଭିତରେ ବୁଲୁଥିବା ଅନ୍ୟ ଛାତ୍ରଛାତ୍ରୀମାନେ ବି ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। କ୍ୟାମ୍ପସ ଭିତରେ ଏକପ୍ରକାର ଭୟର ବାତାବରଣ ଖେଳିଯାଇଥିଲା। ଏତିକିବେଳେ ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଯାଇଥିଲା। ଫଳରେ ଗଣ୍ଡଗୋଳ କରୁଥିବା ଅଣଛାତ୍ରମାନେ ପଳାଇଥିଲେ। ପୁଲିସ ଆହତ ଛାତ୍ରଦ୍ୱୟଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା। ପରେପରେ ପୁଲିସ ଫୋର୍ସ ପହଞ୍ଚିଯାଇଥିଲେ। ତେଣୁ ଗଣ୍ଡଗୋଳ ନିୟନ୍ତ୍ରଣ ହୋଇଯାଇଥିଲା। କିନ୍ତୁ ଅଣଛାତ୍ରମାନଙ୍କୁ ନେଇ କ୍ୟାମ୍ପସରେ ଆତଙ୍କ ଖେଳାଇଥିବା ଘଟଣାକୁ ନେଇ ଛାତ୍ରମାନେ ପାଟିତୁଣ୍ଡ କରିଥିଲେ। ତେଣୁ ଚାପା ଉତ୍ତେଜନା ଦେଖାଦେଇଥିଲା। ଲକ୍ଷ୍ମଣ ଓ ଗଙ୍ଗାଧରଙ୍କ ଅଭିଯୋଗ ଅନୁସାରେ ସେମାନଙ୍କୁ ହଷ୍ଟେଲ୍‌ରେ ରୁମ୍ ମିଳିଛି। କିନ୍ତୁ ଅପରପକ୍ଷର ଛାତ୍ରମାନେ ସେମାନଙ୍କୁ ହଷ୍ଟେଲରୁ ହଟାଇବାକୁ ବାରମ୍ବାର ଧମକଚମକ ଦେଇ ଆସୁଛନ୍ତି। ଏନେଇ ପୂର୍ବରୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା ଏବଂ ବିବାଦର ସମାଧାନ ହୋଇଥିଲା। କିନ୍ତୁ ଏହି ସମାଧାନରେ ଅପରପକ୍ଷର ଛାତ୍ରମାନେ ଅସନ୍ତୁଷ୍ଟ ଥିଲେ। ସେମାନେ ଆଜି ସନ୍ଧ୍ୟାରେ କିଛି ଅଣଛାତ୍ରଙ୍କୁ ଡାକି ରୁମ୍ ପାଇଥିବା ଛାତ୍ରମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

# ରାତିଅଧିଆ ଜେସିବି ଜାଳିଦେଲେ ଦୁର୍ବୃତ୍ତ, ୫୦ ଲକ୍ଷ ବଟି ଦାବି

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ରାତିଅଧିଆ ଜେସିବି ଜାଳିଦେଲେ ଦୁର୍ବୃତ୍ତ। କଣ୍ଟ୍ରାକ୍ଟରଙ୍କୁ ୫୦ ଲକ୍ଷ ଟଙ୍କା ବଟି ଦେବାକୁ ଧମକ। ମାଓବାଦୀ ନାଁରେ ଲଗାଇଲେ ଧମକପୂର୍ଣ୍ଣ ପୋଷ୍ଟର। ୟୁନିଟ ୨ ସରକାରୀ



କ୍ୱାର୍ଟର ସାମ୍ନାରେ ଘଟିଛି ଘଟଣା। ଏନେଇ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଥାନାରେ ଏତଲା ଦେବା ପରେ ତନାଘନା ତଦନ୍ତ କରୁଛି କମିଶନରେଟ ପୋଲିସ। ତିନି ଜଣ ଇନ୍ସପେକ୍ଟର ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଜେସିବିରେ ପ୍ରକୃତରେ କିଏ ଲଗାଇଲେ ? ଘଟଣା ସହ ମାଓବାଦୀଙ୍କ ସହ ସଂପର୍କ ଅଛି କି ନାହିଁ ସେ ନେଇ ତଦନ୍ତ ଚାଲିଛି। ଘଟଣା ପରେ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏତଲା ଆଧାରରେ କମିଶନରେଟ୍ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ତିନିଜଣ ଇନ୍ସପେକ୍ଟର ପହଞ୍ଚି ଜେସିବି ଏବଂ ଆଖପାଖ ଅଞ୍ଚଳର ଯାଞ୍ଚ କରିଛନ୍ତି। ଜେସିବିରେ କିଏ ନିଆଁ ଲଗାଇଲା, ଏହା ପଛରେ କାହାର ହାତ ରହିଛି ଏବଂ ଘଟଣାର ପ୍ରକୃତ ଉଦ୍ଦେଶ୍ୟ କଣ, ସେନେଇ ପୋଲିସ ତଦନ୍ତ କରୁଛି। ବିଶେଷକରି ଘଟଣାରେ ଲଗାଯାଇଥିବା ପୋଷ୍ଟରର ସତ୍ୟତାକୁ ନେଇ ମଧ୍ୟ ଖୋଳତାଡ଼ ଚାଲିଛି। ପ୍ରକୃତରେ ଏହି ଘଟଣା ସହ ମାଓବାଦୀଙ୍କ କୌଣସି ସମ୍ପର୍କ ଅଛି କି, ନା ଭୟ ସୃଷ୍ଟି କରିବା ପାଇଁ ଦୁର୍ବୃତ୍ତମାନେ ମାଓବାଦୀଙ୍କ ନାଁ ବ୍ୟବହାର କରିଛନ୍ତି, ତାହା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ତଦନ୍ତ ପରେ ଘଟଣାର ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ଆଶା ରଖିଛି।

# ପାର୍ବଣ ପୂର୍ବରୁ ଆରମ୍ଭ ହେଲାଣି ବ୍ଲକିଂ ଚେକିଂ



**ଭୁବନେଶ୍ୱର(ବ୍ୟୁରୋ) :** ପାର୍ବଣ ପୂର୍ବରୁ ଆକ୍ସନ ମୋଡରେ କମିଶନରେଟ୍ ପୋଲିସ। ଏଣିକି ରାତିରେ ମଦ୍ୟପାନ କରି ବୁଲିଲେ ଧରିବ ପୋଲିସ। ଗାଡି ସିଜ ହେବାସହ ଫୌଜଦାରି ମାମଲା ଲାଗିପାରେ। ଏଥିପାଇଁ ଆରମ୍ଭ ହେଲାଣି ବ୍ଲକିଂ ଚେକିଂ। ରାତ୍ରି କାଳୀନ ଚେକ୍ କରିଛି କମିଶନରେଟ ପୋଲିସ। ଏନେଇ ରାତି ଅଧିଆ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ବ୍ଲକିଂ ଆଉ ଚେକିଂ କରିଛି ପୋଲିସ। ଏଥିପାଇଁ ନିୟୋଜିତ ହୋଇଛନ୍ତି ୨୦୦ ନବ ନିଯୁକ୍ତ ଏସଆଇ। ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ବ୍ଲକି ଚେକି କରାଯାଇଛି। ରାତିରେ ଅସାମାଜିକ ତତ୍ତ୍ୱ କୁ ରୋକିବା। ମଦ୍ୟ ପାନ କରି ଗାଡି ଚଲାଇ ଦୁର୍ଘଟଣା ରୋକିବା ଫୋକସ ରହିଛି। ଏନେଇ ଭୁବନେଶ୍ୱରର ୩୦ଟି ଲୋକେସନରେ ଚେକ୍ କରାଯାଇଛି। ଫଳରେ ଆଗକୁ ପାର୍ବଣ ଆସୁଥିବାରୁ ସହରରେ କିପରି ଅସାମାଜିକ କାର୍ଯ୍ୟକଳାପକୁ ରୋକାଯିବ। ଲୋକଙ୍କ ମଧ୍ୟରେ ସୁରକ୍ଷିତ ବାତାବରଣ ଦିଆଯିବ ସେନେଇ ପୋଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ବ୍ଲକି ଓ ଚେକି କଡାକଡି କରିଛି ପୋଲିସ।

# ଛାତ୍ର ସଂସଦ ନିର୍ବାଚନ ଅନିଶ୍ଚିତତା: କଂଗ୍ରେସ ଓ ବିଜେଡିର ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର(ବ୍ୟୁରୋ):** ଚଳିତ ଶିକ୍ଷାବର୍ଷ(୨୦୨୬-୨୭) ଆରମ୍ଭ ହୋଇଯାଇଛି। ଉଭୟ ସ୍ନାତକ(ଯୁକ୍ତ ତିନି) ଓ ସ୍ନାତକୋତ୍ତର (ପିଜି)ରେ ମଧ୍ୟ ପାଠପଢ଼ା ହୋଇଛି। ଶିକ୍ଷା କ୍ୟାଲେଣ୍ଡର ପ୍ରକାଶ ପାଇଲା ନାହିଁ। ତେବେ ପୂର୍ବ ବର୍ଷ ପରି ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ତାର କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରୁନି ଉଚ୍ଚଶିକ୍ଷା ବିଭାଗ। ଏନେଇ ସରକାର ବିଚାର କରୁଛନ୍ତି କହି ବିଭାଗ ନିଜ ମୁଣ୍ଡରୁ ଦୋଷ ଖସାଇବାରେ ଲାଗିଛି। କିନ୍ତୁ ଅନ୍ୟପଟେ ଛାତ୍ର ସଂସଦ ନିର୍ବାଚନ ଦାବିରେ ଆଗକୁ ଆସିଛନ୍ତି ତିନି ପ୍ରମୁଖ ଛାତ୍ର ସଂଗଠନ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଛାତ୍ର ସଂସଦ ନିର୍ବାଚନ ଦାବିରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଜରିଆରେ ସରକାରଙ୍କ ପାଖେ ଦାବିପତ୍ର ପ୍ରଦାନ କରିବା ଆରମ୍ଭ କରିଛି। ସେହିପରି ଛାତ୍ର କଂଗ୍ରେସ ନିଜ ୨ଦିନିଆ ଅହୋରାତ୍ର ଧାରଣା ଦେଇଥିଲା। ଆଗକୁ ଜୋରଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଅପରପକ୍ଷେ ବିଜୁ ଛାତ୍ର ଜନତା ଦଳ ମଧ୍ୟ ସମାନ ଘଟଣା ଦୋହରାଇ କହିଛି, ଛାତ୍ର ସଂସଦ ନିର୍ବାଚନ ନହେଲେ ରାଜରାସ୍ତାକୁ ଓହ୍ଲାଇବ। ଏବର୍ଷ ଛାତ୍ର ସଂସଦ ନିର୍ବାଚନ କରିବେ କି ନାହିଁ ତାହା ମଧ୍ୟ ଅନିଶ୍ଚିତତାରେ ରହିଛି। ରାଜ୍ୟରେ ଶେଷ ଥର ପାଇଁ ୨୦୧୭ରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ଏହାପରେ ଫନି ମହାବାତ୍ୟା, କୋଭିଡ୍ ମହାମାରୀ ଆଦି ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନ



ବନ୍ଦ କରାଯାଇଛି। ବିରୋଧୀ ଦଳ ଆସନରେ ଥିବା ବେଳେ ବିଜେପି ଛାତ୍ର ସଂସଦ ନିର୍ବାଚନ ନେଇ ଦାବି ଉଠାଇ ଆସୁଥିଲା। ବିଜେପି ସରକାର ଆସିବା ପରେ ଛାତ୍ର ନିର୍ବାଚନ ହେବ ବୋଲି ଅନେକ ମନ୍ତ୍ରୀ ଖୋଲା ବୟାନ ରଖିଥିଲେ। ମାତ୍ର ୨୦୨୪ରେ ଛାତ୍ର ସଂସଦ ନିର୍ବାଚନ ହୋଇପାରିଲା ନାହିଁ। ହାତରେ ସମୟ କମ୍ ଥିବା ଦର୍ଶାଇ ସରକାର ନିର୍ବାଚନ କଲେ ନାହିଁ। ହେଲେ ଗତବର୍ଷ ନିର୍ବାଚନ ନିଶ୍ଚିତ ହେବ ବୋଲି କୁହାଯାଉଥିଲା। କିନ୍ତୁ ଏଯାଏ ଛାତ୍ର ସଂସଦ ନିର୍ବାଚନ କଲେ ନାହିଁ। ତେବେ ଏବର୍ଷ ମଧ୍ୟ କରିବେ ନାହିଁ ଭୟ କେବଳ ଛାତ୍ର ଅସନ୍ତୋଷ ଏପରି କହି ବର୍ଷିଛନ୍ତି ଉଭୟ ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ। ବୁଧବାର ଏବିଭିପି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଛାତ୍ର ସଂସଦ କରିବା ଦାବିରେ ଏକ ଦାବିପତ୍ର ପ୍ରଦାନ କରିଛି। ଏବିଭିପି କହିଛି, ବହୁ ଦିନ ଧରି ଛାତ୍ର ସଂସଦ ନିର୍ବାଚନ ନହେବା ଫଳରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ବାଧାପ୍ରାପ୍ତ ହେଉଛି। ତେଣୁ ଚଳିତ ଶିକ୍ଷାବର୍ଷ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେଉ। ଏସବୁ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତ କଲା ଭଳି ଖବର ଦେଇଛନ୍ତି ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା। ସେ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ନିଶ୍ଚିତ ହେବ। ସରକାର ଏଦିଗରେ ଯତ୍ନବାନ ଅଛନ୍ତି। ନିର୍ବାଚନ ଇସ୍ତାହାରରେ ଯାହା କୁହାଯାଇଛି, ତାହା ପାଳନ ହେବ। ଖୋଦ୍ ଶାସକ ଦଳର ଜଣେ ବରିଷ୍ଠ ଯୁବନେତାଙ୍କ ଏହି ଦୃଢ଼ୋକ୍ତି ଛାତ୍ରଛାତ୍ରୀଙ୍କ ମହଲରେ ନିର୍ବାଚନ ହେବା ଆଶା ସଞ୍ଚାର କରିଛି। ଯେଉଁ ଛାତ୍ରନେତା, ନେତ୍ରୀମାନେ କଲେଜ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ପ୍ରସ୍ତୁତି କରୁଥିଲେ, ସେମାନେ ଏବେ ସକ୍ରିୟ ହୋଇଉଠିଛନ୍ତି। ଛାତ୍ର ବିଜେଡି ରାଜ୍ୟ ସଭାପତି ଇପ୍ସିତା ସାହୁ କହିଛନ୍ତି, ଏବିଭିପି ଦିନରେ ତାରା ଦେଖାଉଛି। ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଜେପି ଜାଣିଶୁଣି ଛାତ୍ର ସଂସଦ ନିର୍ବାଚନ କରୁନି। ପ୍ରଥମ ବର୍ଷ ସରକାର ସର୍ଭେ କଲେ କ୍ୟାମ୍ପସରେ ଏବିଭିପି ଓ ବିଜେପି ଯୁବ ମୋର୍ଚ୍ଚାର ସ୍ଥିତି ଭଲ ନାହିଁ। ଦ୍ୱିତୀୟ ବର୍ଷରେ ପ୍ରାୟତଃ ସବୁ କ୍ୟାମ୍ପସର ଉଭୟ ଏବିଭିପି ଓ ଯୁବ ମୋର୍ଚ୍ଚା ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସରକାରଙ୍କ ଜାଣିଥିଲେ ଆଇନଶୃଙ୍ଖଳା ପରିସ୍ଥିତି ଭଲ ନାହିଁ ତେଣୁ ନିର୍ବାଚନ କଲେ ନାହିଁ। ଏବର୍ଷ ଛାତ୍ର ସଂସଦ ନିର୍ବାଚନ କରିବେ ନାହିଁ ବୋଲି ଗତ ଫେବ୍ରୁଆରୀ ମାସରୁ ମନସ୍ଥ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଶିକ୍ଷା କ୍ୟାଲେଣ୍ଡର ବାହାରିଲା ନାହିଁ। ବର୍ତ୍ତମାନ କଲେଜରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀମାନେ ଜେନ୍-ଜି ବର୍ଗରୁ ଆସୁଛନ୍ତି। ଏହି ଜେନ୍-ଜିମାନେ ଉଚ୍ଚ ଶିକ୍ଷିତ ସେମାନେ ଅପେକ୍ଷା କରିଛନ୍ତି, କ୍ୟାମ୍ପସର ନିର୍ବାଚନରେ ବିଜେପିକୁ ଉଚିତ୍ ଜବାବ ଦେବେ। ତେଣୁ ସରକାର ଛାତ୍ର ସଂସଦ ନିର୍ବାଚନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଛାତ୍ର ବିଜେଡି ନିର୍ବାଚନ ଦାବିରେ ରାଜରାସ୍ତାକୁ ଓହ୍ଲାଇବ। ଅନ୍ୟପଟେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନକୁ ବିଜେଡି ଡରୁଥିଲା, ବର୍ତ୍ତମାନ ବିଜେପି ମଧ୍ୟ ଡରୁଛି। ବିଜେଡି ସରକାର ସମୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା। ପ୍ରତିଶ୍ରୁତି ଦେଇ ୨୦୨୪ରୁ ୨୦୨୬ ଦୁଇବର୍ଷ ହେବ ବିଜେପି ଛାତ୍ର ସଂସଦ ନିର୍ବାଚନ ମଧ୍ୟ ବନ୍ଦ ରଖିଛି। ମାତ୍ର ଛାତ୍ର ସଂସଦ ନିର୍ବାଚନ ଦାବିରେ ବିଧାନସଭା ଛାତ୍ର କଂଗ୍ରେସ ବିଧାନସଭା ଘେରାଉ, କ୍ୟାମ୍ପସରେ କାର୍ଯ୍ୟକ୍ରମ କରିଛୁ। ଏବେ ମଧ୍ୟ ଛାତ୍ର କଂଗ୍ରେସ ଛାତ୍ର ସଂସଦ ନିର୍ବାଚନ ଦାବିରେ ଦୁଇ ଦିନିଆ ଅହୋରାତ୍ର ଧାରଣା ଦେଇଥିଲା। ଆଗକୁ ଛାତ୍ର ସଂସଦ ଦାବିରେ ବିକ୍ଷୋଭ ସହ ମନ୍ତ୍ରୀଙ୍କୁ ବିରୋଧ କରାଯିବ। ଆଗକୁ କ୍ୟାମ୍ପସରେ ପିଲାଙ୍କୁ ସଚେତନତା ସୃଷ୍ଟି କରାଯିବ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି, ଆମେ କେବେ ଅଟକିଯାଇନୁ। ନିର୍ବାଚନ ପାଇଁ କାଲି ଦାବି କରୁଥିଲୁ, ଆଜି ବି କରୁଛୁ। ଛାତ୍ରଛାତ୍ରୀମାନଙ୍କ ସହ ଯୋଡ଼ିହେବାକୁ ଆଗାମୀ ଦିନରେ ଆହୁରି ଅନେକ କାର୍ଯ୍ୟକ୍ରମ କରାଯିବ। କ୍ୟାମ୍ପସ ଚଳଚଞ୍ଚଳ କରାଯିବା ସହ ନିର୍ବାଚନ କରିବା ପାଇଁ ପୂରା ଦମ୍ ଲଗାଇବୁ ବୋଲି ସେ କହିଛନ୍ତି।

# ରାଜଧାନୀର ବିଭିନ୍ନ ମିଠା ଦୋକାନରେ ଚଢ଼ଉ

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ବିଭିନ୍ନ ମିଠା ଦୋକାନରେ ଚଢ଼ାଉ। ରାଖିପୂର୍ଣ୍ଣିମା ଅବସରରେ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗର ଚଢ଼ାଉ। ବିଏମସିର ଫୁଡ୍ ସେଫଟି ଟିମ୍ ଜାଗମରା , ଡେଲଟା ଛକ , ଶିରିପୁର ଭଳି ବିଭିନ୍ନ ଛକ ଉପରେ ଥିବା ଗହଳୀପୂର୍ଣ୍ଣ ମିଠା ଦୋକାନରେ ପଶି ଖାଦ୍ୟ ନମୁନା ଯାଞ୍ଚ କରୁଛନ୍ତି। ରାକ୍ଷୀ ପୂର୍ଣ୍ଣିମା ରେ ମିଠା କିଣିବାକୁ ଗହଳି ଚହଳି। ହେଲେ ଏହି ମୋକାରେ ମିଠା ଦୋକାନରେ ପଶୁଛି ଫୁଡ ସେଫଟି ଟିମ୍। ନକଲି ପନିର ଓ ଛେନା ବିକ୍ରି ଯାଚ ନେଇ ଚଢାଉ ଜାରି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ମିଠା ଦୋକାନ ମାନଙ୍କରେ ରେ ଘନ ଘନ ରେଡ କରୁଛନ୍ତି ଅଧିକାରି। ଫୁଡ୍ ସେଫଟି ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି।ମିଠା ଦୋକାନରେ ପଶି ମିଠାରେ ବ୍ୟବହୃତ ଛେନା ଓ ପନୀର ଜାତିୟ ସାମଗ୍ରୀ ର ଚାଲିଛି ନମୁନା ଯାଚ। ଏନେଇ ବିଏମସି ର ଫୁଡ୍ ସେଫଟି ଟିମ୍ ଜାଗମରା , ଡେଲଟା ଛକ , ଶିରିପୁର ଭଳି ସହରର ବିଭିନ୍ନ ଛକ ଉପରେ ଥିବା ଗହଳୀପୁର୍ଣ୍ଣ ମିଠା ଦୋକାନରେ ପଶି ନମୁନା ଯାଂଚ କରୁଛନ୍ତି।ଯାଚ ବେଳେ ଫୁଡ୍ ସେଫଟି ନିୟମ ଉଲଙ୍ଘନ ହେଉଥିଲେ ଫାଇନ କଷୁଛନ୍ତି ଅଧିକାରୀ।ଏନେଇ ଡେଲଟା ଛକ ମିଠାଇ ଏକ୍ସପ୍ରେସ ରେ ଯାଚ କରୁଛନ୍ତି ଫୁଡ୍ ସେଫଟି ଟିମ୍।ସେଇଭଳି ତୃପ୍ତି ଗାଙ୍ଗୁରାମ ରେ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପ୍ରସ୍ତୁତି ଏନେଇ ଚଢାଉ ହୋଇଛି।



# ବାପାମାଆଙ୍କ ସେବା କରିବା ଜ୍ୱାଇଁ, ବୋହୂଙ୍କ ଦାୟିତ୍ୱ ନୁହେଁ: ହାଇକୋର୍ଟ




**ନୂଆଦିଲ୍ଲୀ:** ପିତାମାତାଙ୍କ ସେବା କରିବା ପୁଅ ଏବଂ ଝିଅଙ୍କ ଦାୟିତ୍ୱ, ବୋହୂ ଏବଂ ଜ୍ୱାଇଁଙ୍କର ନୁହେଁ। କୌଣସି ପୁରୁଷ ତାଙ୍କ ସ୍ତ୍ରୀଙ୍କୁ ବାଧ କରିପାରିବେ ନାହିଁ କିମ୍ବା ଜଣେ ଝିଅ ତାଙ୍କ ସ୍ୱାମୀଙ୍କୁ ସେମାନଙ୍କ ପିତାମାତାଙ୍କ ସେବା କରିବାକୁ ବାଧ କରିପାରିବେ ନାହିଁ। ପୁରୁଷ ଏବଂ ମହିଳାଙ୍କ ସମସ୍ତ ଘର କାମରେ ସମାନ ଅଂଶଗ୍ରହଣ ଏବଂ ସମାନ ଦାୟିତ୍ୱ ରହିବା ଉଚିତ। ଯଦି ପିତାମାତାଙ୍କ ସେବା କରିବା ଆବଶ୍ୟକ ହୁଏ, ତେବେ ପୁତ୍ର ଏବଂ ଝିଅ ତାହା କରିବା ଉଚିତ; ମାତ୍ର ବୋହୂ ଓ ଜ୍ୱାଇଁଙ୍କୁ ଏଥିପାଇଁ ବାଧ କରାଯିବା ଉଚିତ୍ ନୁହେଁ। ଯଦି ପୁତ୍ରବଧୂ ଏବଂ ଜ୍ୱାଇଁ ନିଜ ଇଚ୍ଛା ଏବଂ ସ୍ନେହ ଭାବନାରୁ ସେବା କରନ୍ତି, ତେବେ ସେମାନଙ୍କୁ ଅଟକା ଯିବ ନାହିଁ। ସେମାନେ ନିଜ ଇଚ୍ଛାରେ କରି ପାରିବେ। ମାତ୍ର ପୁଅ ଏବଂ ଝିଅଙ୍କୁ ପ୍ରଥମେ ସେମାନଙ୍କର ଦାୟିତ୍ୱ ବୁଝିବାକୁ ପଡ଼ିବ। କର୍ଣ୍ଣାଟକ ହାଇକୋର୍ଟ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ ଏବଂ ଏକ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଅଗଷ୍ଟ ୩ ତାରିଖରେ, ବିଚାରପତି ଚିଲ୍ଲାକୁର ସୁମଲତା ନେଲାମଙ୍ଗଳା ତାଲୁକର ଜଣେ ବାସିନ୍ଦାଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନକୁ ଖାରଜ କରି ମାମଲାର ସମାଧାନ କରିଥିଲେ। ବିଚାରପତି ସୁମଲତା ରାୟ ଦେଇଥିଲେ ଯେ ଜଣେ ଜ୍ୱାଇଁ କିମ୍ବା ବୋହୂ ନିଜ ଇଚ୍ଛାରେ ସେମାନଙ୍କ ପିତାମାତାଙ୍କ ଯତ୍ନ ନେଇପାରିବେ; ଏ ସମ୍ପର୍କରେ ସେମାନଙ୍କୁ ବାଧ କରାଯାଇପାରିବ ନାହିଁ। ହାଇକୋର୍ଟ ଟୁମକୁର ପରିବାର କୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ପରିବାର କୋର୍ଟ ଆବେଦନକାରୀଙ୍କୁ ତାଙ୍କ ସ୍ତ୍ରୀଙ୍କୁ ଭରଣପୋଷଣ ପାଇଁ ୫,୦୦୦ ଏବଂ ତାଙ୍କ ନାବାଳକ ଝିଅର ଖର୍ଚ୍ଚ ପାଇଁ ୪,୦୦୦ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ନେପାଳ ବନ୍ୟା: ମୃତ୍ୟୁସଂଖ୍ୟା ୩୩୨କୁ ବୃଦ୍ଧି



**କାଠମାଣ୍ଡୁ:** ନେପାଳର ରସୁଓ୍ୱା ଅଞ୍ଚଳରେ ଗତକାଲି ଆସିଥିବା ପ୍ରଳୟକାରୀ ବନ୍ୟାରେ ଏପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ୩୩୨ରେ ପହଞ୍ଚିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ। ଏହ ବିପର୍ଯ୍ୟରେ ଏପର୍ଯ୍ୟନ୍ତ ୧୫୦୦ରୁ ଅଧିକ ଲୋକ ନିଖୋଜ ଥିବା କୁହାଯାଉଛି। ବନ୍ୟା ଯୋଗୁଁ ଅନେକ ଅଞ୍ଚଳରେ ପରିବହନ ଏବଂ ଯୋଗାଯୋଗ ଭିତ୍ତିଭୂମି ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ୩୫ଟି ପୋଲ ଧୋଇଯାଇଛି। ଫଳରେ ଯୋଗାଯୋଗ ପାଇଁ ବଡ଼ ଅସୁବିଧା ହୋଇଛି। ଏହି ଘଟଣାରେ ୧୩ଟି ଜଳବିଦ୍ୟୁତ ପ୍ରକଳ୍ପକୁ କ୍ଷତି ପହଞ୍ଚାଇଛି। ଅନେକ ଯାନବାହନ ମଧ୍ୟ ଭସାଇ ନେଇଛି। ନେପାଳ ସେନା ପ୍ରଭାବିତ ଅଞ୍ଚଳରୁ ୨୫୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ଏଥିରେ କିଛି ଭାରତୀୟ ମଧ୍ୟ ଅଛନ୍ତି। ଏହାରି ମଧ୍ୟରେ ଭାରତ ସରକାର ସତର୍କ ଅଛନ୍ତି। ଉତ୍ତରପ୍ରଦେଶ ଏବଂ ବିହାରରେ ମଧ୍ୟ ପ୍ରଶାସନ ସତର୍କ ଅଛନ୍ତି। ଗଣ୍ଡକ, ନାରାୟଣୀ ଏବଂ କୋଶୀ ନଦୀର ଜଳସ୍ତର ଉପରେ ନଜର ରଖାଯାଇଛି। ଉତ୍ତରପ୍ରଦେଶର ମହାରାଜଗଂଜ ଏବଂ କୁଶୀନଗର ସମେତ ବିହାରର ସମ୍ବେଦନଶୀଳ ଅଞ୍ଚଳରେ ପ୍ରଶାସନକୁ ଆଲର୍ଟ ରହିବା ପାଇଁ ପରାମର୍ଶ ଜାରି କରାଯାଇଛି। ଗୃହ ମନ୍ତ୍ରାଳୟ ସମେତ ଅନେକ କେନ୍ଦ୍ରୀୟ ମନ୍ତ୍ରାଳୟ ଲଗାତାର ସ୍ଥିତି ଉପରେ ନଜର ରଖୁଛନ୍ତି। ବିହାରର ୬ଟି ଜିଲ୍ଲାରେ ସତର୍କ ରହିବାକୁ ପରାମର୍ଶ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସହିତ ଫୋନ୍ ?ରେ କଥାବାର୍ତ୍ତା ହୋଇଛନ୍ତି। ନେପାଳକୁ ସହାୟତା ଯୋଗାଇବା ପାଇଁ ଭରସା ମଧ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ବିପଦ ସମୟରେ ଭାରତୀୟ ଲୋକେ ନେପାଳର ଭାଇ-ଭଉଣୀଙ୍କ ସହିତ ଅଛନ୍ତି।

## ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ | ୨ ପାଇଲଟ୍ ମୃତ



**ନୂଆଦିଲ୍ଲୀ:** ପୁଣି ଏକ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ । ଯେଉଁଥିରେ ୨ ଜଣ ପାଇଲଟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଗୁରୁବାର ଅପରାହ୍ନରେ କାନପୁର ଗଙ୍ଗା ନଦୀକୂଳରେ ଥିବା ନଟ୍ୱା ପୂର୍ବା ଗାଁ ନିକଟରେ ଏକ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ତାଲିମ ବିମାନଟି ଉଡାଣ ସମୟରେ ବିସ୍ଫୋରଣ ହୋଇ ନିୟନ୍ତ୍ରଣ ହରାଇ ତଳେ ପଡିଯାଇଥିଲା ।ବିମାନରେ ଦୁଇଜଣ ପାଇଲଟ ଥିଲେ । ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଦେଖିଥିଲେ । ସେତେବେଳେ ଜଣେ ପାଇଲଟଙ୍କ ମୃତ୍ୟୁ ହୋଇସାରିଥିଲା । ପରେ ଅଗ୍ନିଶମ କର୍ମଚାରୀ ଏବଂ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ବିମାନର ଭଗ୍ନାବଶେଷ ତଳୁ ଆଉ ଜଣେ ଗୁରୁତର ପାଇଲଟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ।ପୋଲିସ ଦୁର୍ଘଟଣାସ୍ଥଳକୁ ଘେରାବନ୍ଦୀ କରିବା ସହ ସେଠାକୁ ଯିବାକୁ ଗ୍ରାମବାସୀଙ୍କୁ ବାରଣ କରିଥିଲା । ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ହେଲେ ପ୍ରକୃତ କାରଣ କଣ ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଆମେରିକାରେ ବଡ଼ ଧରଣର ଭିସା ବାତିଲ୍ ଅଭିଯାନ
## ପ୍ରଭାବିତ ହେବେ ୨ଲକ୍ଷ ବିଦେଶୀ ନାଗରିକ

**ୱାଶିଂଟନ:** ଆମେରିକା ସରକାର ଦେଶର ଇତିହାସରେ ଏକ ବଡ଼ ଭିସା ବାତିଲ୍ ଅଭିଯାନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି, ଯାହା ଦ୍ୱାରା ପ୍ରାୟ ୨ ଲକ୍ଷ ବିଦେଶୀ ନାଗରିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଆମେରିକା ଷ୍ଟେଟ୍ ଡିପାର୍ଟମେଣ୍ଟର ମୁଖପାତ୍ର ଟମି ପିଗୋଟ୍ ସ୍ପଷ୍ଟ କରିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ




ଟ୍ରମ୍ପ ଏବଂ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ନେତୃତ୍ୱରେ ଆମେରିକା ସରକାର ଏହା ସ୍ପଷ୍ଟ କରୁଛନ୍ତି ଯେ ଭିସା କୌଣସି ଅଧିକାର ନୁହେଁ, ବରଂ ଏକ ବିଶେଷାଧିକାର ।ମୁଖପାତ୍ରଙ୍କ ଅନୁଯାୟୀ, ଆମେରିକାର ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ସହ ମିଶି ଷ୍ଟେଟ୍ ଡିପାର୍ଟମେଣ୍ଟ ଏପରି ବିଦେଶୀ ନାଗରିକମାନଙ୍କୁ ଚିହ୍ନଟ କରୁଛି, ଯେଉଁମାନେ ଅସ୍ଥାୟୀ ଭିସାରେ ଆମେରିକା ଆସି ପରବର୍ତ୍ତୀ ସମୟରେ ରାଜନୈତିକ ଆଶ୍ରୟ ଲୋଡିଛନ୍ତି କିମ୍ବା ସ୍ଥାୟୀ ଭାବେ ରହିବାକୁ ଚେଷ୍ଟା କରୁଛନ୍ତି। ଯଦି କୌଣସି ବ୍ୟକ୍ତି ଭିସା ଆବେଦନ ସମୟରେ କନସୁଲାର ଅଫିସରଙ୍କ ନିକଟରେ ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ ମିଥ୍ୟା ତଥ୍ୟ ଦେଇଥାନ୍ତି, ତେବେ ତାହାକୁ "ଭିସା ଜାଲିଆତି" ଭାବେ ଗ୍ରହଣ କରାଯାଇ ତୁରନ୍ତ ଭିସା ବାତିଲ କରାଯିବ। ଅସ୍ଥାୟୀ ଭିସା କେବଳ ନିର୍ଦ୍ଧାରିତ ସମୟ ପରେ ନିଜ ଦେଶକୁ ଫେରିବାର ସର୍ତ୍ତରେ ଦିଆଯାଇଥାଏ ବୋଲି ସେ ପ୍ରକାଶ କରିଛନ୍ତି।

## ମଟନ୍ ଖାଇବା ଜିଦ୍‌ରୁ ପୁଅକୁ ପିଟିପିଟି ହତ୍ୟା

**ମୁମ୍ବାଇ:** ମହାରାଷ୍ଟ୍ରର ପୁଣେରୁ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ଶ୍ରାବଣ ମାସରେ ମଟନ ଖାଇବାକୁ ଜିଦ୍ କରିବାକୁ ନେଇ ବାପା-ପୁଅଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହାପରେ ରାଗରେ ବାପା ନିଜ ୩୦ ବର୍ଷୀୟ ପୁଅଙ୍କୁ ନିର୍ମମ ଭାବେ ପିଟିଥିଲେ। ଏହାପରେ ପୁଅର ମୃତ୍ୟୁ ହୋଇଥିବା ନେଇ ପୋଲିସ ପକ୍ଷରୁ କୁହାଯାଇଛି । ମୃତକଙ୍କ ନାମ ମହେଶ ଗାୟକୱାଡ଼। ଏହି ଘଟଣା ପୁଣେର ୱାର୍ଜେ ମାଲୱାଡି ଅଞ୍ଚଳରେ ଘଟିଛି । ପୋଲିସର ସୂଚନା ଅନୁସାରେ, ଶ୍ରାବଣ ମାସ ଚାଲିଥିବାରୁ ପରିବାରରେ ମାଂସାହାର ଖାଦ୍ୟ ପ୍ରସ୍ତୁତ ହେଉନଥିଲା। ତେବେ ମହେଶ ଘରେ ମଟନ ଖାଇବାକୁ ଜିଦ୍ କରିଥିଲେ। ଏହାକୁ ନେଇ ତାଙ୍କର ବାପାଙ୍କ ସହ ତୀବ୍ର ଯୁକ୍ତିତର୍କ ହୋଇଥିଲା। ବିବାଦ ବଢ଼ିବା ପରେ ବାପା ରାଗିଯାଇ ମହେଶଙ୍କୁ ନିର୍ମମ ଭାବେ ପିଟିଥିଲେ। ଏଥିରେ ମହେଶ ଗୁରୁତର ଆହତ ହୋଇଥିଲେ ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ମହେଶଙ୍କ ମା' ମଧ୍ୟ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ହତ୍ୟାର ପ୍ରମାଣ ନଷ୍ଟ କରିବାରେ ସହଯୋଗ କରିଥିବା ପୋଲିସ ଅଭିଯୋଗ କରିଛି। ଘଟଣା ସମ୍ପର୍କରେ ସୂଚନା ପାଇ ୱାର୍ଜେ ମାଲୱାଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମାମଲାରେ ବାପାଙ୍କୁ ହତ୍ୟା ଅଭିଯୋଗରେ ଏବଂ ମା'ଙ୍କୁ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରିଛି। ଉଭୟଙ୍କୁ ହେପାଜତରେ ନେଇ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଚାଲିଛି।

# ନେପାଳରେ ନିଖୋଜ ଓଡ଼ିଆ ଝିଅ କୁଲସୁମ୍ ସୁରକ୍ଷିତ



**କାଠମାଣ୍ଡୁ:** ନେପାଳର ଭୟଙ୍କର ଜଳ ପ୍ରଳୟ ପରେ ନିଖୋଜ ୩ ଓଡ଼ିଆଙ୍କ ମଧ୍ୟରୁ ଜଣଙ୍କ ପତ୍ତା ମିଳିଛି। ନିଖୋଜଙ୍କ ମଧ୍ୟରେ ଥିବା ଓଡ଼ିଆ ଯୁବତୀଙ୍କ ସୂଚନା ମିଳିଛି। ନେପାଳରେ ବାରିପଦା ଝିଅ କୁଲସୁମ ନିଗାର ସୁରକ୍ଷିତ ରହିଛନ୍ତି। ସେ ସୁରକ୍ଷିତ ଥିବା ନେଇ ଘରକୁ ଫୋନ୍ କରି ଜଣାଇଛନ୍ତି। କୁଲସୁମଙ୍କ ସହ ନେପାଳ ଯାଇଥିବା ତାଙ୍କର ପୂରା ଟିମ୍ ସୁରକ୍ଷିତ ରହିଛନ୍ତି। ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କୁଲସୁମଙ୍କ ବଡ଼ ଭଉଣୀ। ୨୦ ବର୍ଷୀୟା କୁଲସୁମ ନିଗାର ନେପାଳକୁ ସାଙ୍ଗମାନଙ୍କ ସହ ଟ୍ରେକିଂରେ ଯାଇଥଲେ। ହେଲେ ବୁଧବାର ନେପାଳର ଆସିଥିବା ପ୍ରଳୟଙ୍କରୀ ବନ୍ୟା ପରେ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ତାଙ୍କର ଶେଷ ଲୋକେସନ୍ ନେପାଳର ପୋଖରା। ଶେଷ ଥର ପାଇଁ ଅଗଷ୍ଟ ୨୫ ତାରିଖ ଦିନ ୧୧ଟା ବେଳେ ତାଙ୍କ ସହିତ ପରିବାର ଲୋକ ଯୋଗାଯୋଗ କରିଥିଲେ। ବୁଧବାର ଗତକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସେ ଅନ୍‌ଲାଇନ୍‌ରେ ସକ୍ରିୟ ଥିଲେ। ହେଲେ ଦିନ ୯ଟାରେ ନେପାଳର ଉତ୍ତର ପ୍ରାନ୍ତରେ ଆସିଥିଲା ଜଳ ପ୍ରଳୟ। ପରିବାର ଲୋକ ଏହା ପରଠାରୁ ତାଙ୍କୁ ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା। ହେଲେ ଆଜି ସନ୍ଧ୍ୟାରେ କୁଲସୁମ ଫୋନ କରି ସୁରକ୍ଷିତ ଥିବା ଜଣାଇଛନ୍ତି। ସେ ନେପାଳର ଯେଉଁ ସ୍ଥାନରେ ଅଛନ୍ତି, ସେଠାରେ ବନ୍ୟାର କୌଣସି ପ୍ରଭାବ ପଡ଼ିନଥିବା ମଧ୍ୟ ପରିବାର ଲୋକଙ୍କୁ କହିଛନ୍ତି। କୁଲସୁମ ସୁରକ୍ଷିତ ଥିଲେ ହେଁ ନିଖୋଜ ଥିବା ଅନ୍ୟ ଓଡ଼ିଆ ଦମ୍ପତିଙ୍କ ପତ୍ତା ଏଯାଏ ମିଳିନି। ଏହି ଦମ୍ପତିଙ୍କ ଘର ଖୋର୍ଦ୍ଧାରେ। ସେମାନେ ହେଲେ ସନ୍ଦୀପ ମହାପାତ୍ର ଓ ତାଙ୍କ ପତ୍ନୀ ସିଦ୍ଧାର୍ଥୀ କୁମାରୀ ସାହୁ। ସେମାନଙ୍କ ସହ ଯୋଗାଯୋଗ ହୋଇପାରୁ ନଥିବାରୁ ପରିବାର ଲୋକେ ଚିନ୍ତିତ ଅଛନ୍ତି। ସନ୍ଦୀପ ମହାପାତ୍ର ଓ ସିଦ୍ଧାର୍ଥୀ କୁମାରୀ ସାହୁ ୨୨ ତାରିଖରେ ନେପାଳରେ ପହଞ୍ଚିଥିଲେ। ସେମାନେ ଖୋର୍ଦ୍ଧା ଜିଲ୍ଲାର ବାସିନ୍ଦା। କିନ୍ତୁ ୨୦୧୮ ମସିହାରୁ ଅଷ୍ଟ୍ରେଲିଆରେ ରହୁଛନ୍ତି। ବର୍ତ୍ତମାନ ସେମାନଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଛି ଓ ସେମାନଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ। ସନ୍ଦୀପ ତାଙ୍କ ସାନ ଭାଇ ସୌରଭ ମହାପାତ୍ରଙ୍କ ସହିତ ୨୫ ତାରିଖରେ ଶେଷ ଥର ପାଇଁ ଫୋନ୍‌ରେ କଥା ହୋଇଥିଲେ। ଅନ୍ୟପକ୍ଷରେ ପୁରୀ ଜିଲ୍ଲାର ରାକେଶ କୁମାର ପଣ୍ଡା ଅନ୍ୟ ଦୁଇ ଜଣଙ୍କ ସହ ନେପାଳ ଯାଇଥିବା ବେଳେ ସେମାନେ ସୁରକ୍ଷିତ ଅଛନ୍ତି। ସେମାନେ ରକ୍ସୌଲ୍ ସୀମା ଚେକ୍ ପୋଷ୍ଟ ଅତିକ୍ରମ କରି ଭାରତ ଫେରୁଥିବା ସୂଚନା ମିଳିଛି। ଓଡ଼ିଶାର ୬ ଜଣ ଫୁଟବଲ୍ ଖେଳାଳି ସେମାନଙ୍କ କୋଚ୍ ହଲିମ୍‌ଙ୍କ ସହ ନେପାଳର ପୋଖରା ଠାରେ ଏକ ଫୁଟବଲ୍ ମ୍ୟାଚ୍ ଖେଳିବା ପାଇଁ ଯାଇଥିଲେ। କୋଚ୍‌ଙ୍କ ସୂଚନା ଅନୁଯାୟୀ, ସେମାନେ ସମସ୍ତେ ସୁରକ୍ଷିତ ଅଛନ୍ତି। ନେପାଳରେ ଥିବା ଓଡ଼ିଆଙ୍କ ସମ୍ପର୍କରେ ସୂଚନା ଦେବା ଏବଂ ନିଖୋଜଙ୍କ ସମ୍ପର୍କରେ ତଥ୍ୟ ପାଇବା ପାଇଁ ଓଡ଼ିଶା ସରକାର ପକ୍ଷରୁ ହେଲ୍ପ ଲାଇନ୍ ବ୍ୟବସ୍ଥା କରାଯାଇଛି। ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ଖୋଲାଯାଇଛି। ସହାୟତା ପାଇଁ ଜାରି ହୋଇଥିବା କଣ୍ଟ୍ରୋଲ୍ ରୁମ୍ ନମ୍ବରଗୁଡ଼ିକ ହେଉଛି ୦୧୧-୨୩୦୧୨୮୦୭, +୯୧-୭୪୨୮୧୩୫୦୪୪ ଏବଂ ୮୫୨୭୫୮୦୨୪୫। ଏହାସହିତ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନେପାଳ ପାଇଁ ଜାରି ହୋଇଥିବା ହେଲପଲାଇନ୍ ନମ୍ବର +୯୭୭ ୯୮୫୧୩୧୬୮୦୭ ଏବଂ +୯୭୭ ୯୭୦ ୯୧୦୭୫୦୦ ମାଧ୍ୟମରେ ଯୋଗାଯୋଗ କରିବାକୁ ବି ପରାମର୍ଶ ଦିଆଯାଇଛି।

# ଅଙ୍କିତ ବାଲିୟାନ ମର୍ଡର ମାମଲା: ଭିନ୍ନ ଭିନ୍ନ କାରଣକୁ ନେଇ ପୋଲିସର ଛାନ୍‌ଭିନ୍



**ଚଣ୍ଡୀଗଡ଼:** ହରିୟାଣୀ ଗାୟକ ଏବଂ ୟୁଟ୍ୟୁବର ଅଙ୍କିତ ବାଲିୟାନ ଆଗାମୀ ପଞ୍ଚାୟତ ନିର୍ବାଚନରେ ନିର୍ବାଚନ ଲଢ଼ିବାକୁ ଯାଉଥିବଲେ ବୋଲି ଚର୍ଚ୍ଚା ହେଉଛି । ଅଙ୍କିତଙ୍କ ୟୁଟ୍ୟୁବରେ ୩.୬୬ ଲକ୍ଷରୁ ଅଧିକ ଫଲୋଅର୍ସ ଥିବା ବେଳେ ତାଙ୍କ ପ୍ରାୟତଃ ଭିଡିଓରେ ବନ୍ଧୁକ, ହାତହତିଆର ତଥା ଏସୟୁଭି ନଜରକୁ ଆସିଥାଏ । ତାଙ୍କୁ ତାଙ୍କ ଜିମ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା । ଦୁଇଜଣ ବାଇକ ଆରୋହୀ ଏହି ଘଟଣା ଘଟାଇଥିବା କୁହାଯାଉଛି । ସିସିଟିଭି ଫୁଟେଜ ଜରିଆରେ ପୁଲିସ ଅଭିଯୁକ୍ତଙ୍କର ଛାନବିନ କରୁଛି । ହରିୟାଣୀ ସଂଗୀତ ଦୁନିଆରେ ନିଜ ଜାଗା ବନାଇଥିବା ୟୁଟ୍ୟୁବର ତଥା ଗାୟକ ଅଙ୍କିତ ବାଲିୟାନଙ୍କୁ ବୁଧବାର ଦିନ ସନ୍ଧ୍ୟାରେ ଗୁଳିକରି ହତ୍ୟା କରାଯାଇଥିଲା । ଅଙ୍କିତ ସୋସିଆଲ ମିଡିଆରେ ମଧ୍ୟ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ସେ ନିଜ ଭିଡିଓରେ ଅଲଗା ଅଲଗା ସହଯୋଗୀଙ୍କ ସହ ଗାୟକ ତଥା କଳାକାର ଭାବରେ ମଧ୍ୟ ଦେଖାଯାଉଥିଲେ । ଏବେ ତାଙ୍କର ମୃତ୍ୟୁପରେ ତାଙ୍କର ରାଜନୈତିକ ଯାତ୍ରାକୁ ନେଇ ଚାଲିଥିବା ଚର୍ଚ୍ଚା ଭିନ୍ନ ଦିଗରେ ଗତିକରୁଛି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଅଙ୍କିତ ଠିଆହେବେ ବୋଲି ଚର୍ଚ୍ଚା ସାମନାକୁ ଆସିଥିଲା । କିନ୍ତୁ ଏହି ସୂଚନା ବିଷୟରେ ତାଙ୍କ ପରିବାର ବର୍ଗ କିମ୍ବା ତାଙ୍କ କର୍ମୀମାନେ କୌଣସି ଅଧିକାରିକ ପୃଷ୍ଟି କରିନାହାନ୍ତି । କଣ ପଞ୍ଚାୟତ ନିର୍ବାଚନ ଏହି ହତ୍ୟାକାଣ୍ଡର କାରଣ ହୋଇପାରେ ବୋଲି ଏବେ ଦ୍ୱନ୍ଦରେ ପୁଲିସ । ବର୍ତ୍ତମାନ ପୁଲିସ ଏହି ଘଟଣାରେ ଗଭୀର ତଦନ୍ତ ଅରମ୍ଭ କରିଛି । ସେ କେବଳ ସ୍ଥାନୀୟ କଳାକାର ନଥିଲେ ,ସେ ନିଜ ୟୁଟ୍ୟୁବରେ ଭିନ୍ନ ଭିନ୍ନ କଳାକାର ତଥା ସହଯୋଗୀଙ୍କ ସହ ମଧ୍ୟ ଦେଖାଯାଉଥିଲେ । ସେ ନିଜର ଗାୟନଶୈଳୀ ଜରିଆରେ ସୋସିଆଲ ମିଡିଆରେ ନିଜର ପରିଚୟ ବନାଇଥିଲେ । ତାଙ୍କ ହତ୍ୟାର ଖବର ସମନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଦୁଃଖର ବାଦଲ ଖେଳିଯାଇଛି । ପ୍ରତ୍ୟକ୍ଷଦର୍ଶୀ ଓ ପୋଲିସ ସୂତ୍ରରୁ ମିଳିଥିବା ପ୍ରାଥମିକ ସୂଚନା ଅନୁସାରେ, ଅଙ୍କିତ ଶାମଲିସ୍ଥିତ ଏକ ଜିମ୍‌ରେ ନିୟମିତ ବ୍ୟାୟାମ ସାରି ବାହାରକୁ ଆସୁଥିଲେ । ସେହି ସମୟରେ ପୂର୍ବରୁ ଛକି ବସିଥିବା ଦୁଇଜଣ ବାଇକ୍ ଆରୋହୀ ଦୁର୍ବୃତ୍ତ ତାଙ୍କ ଉପରକୁ ଅତର୍କିତ ଭାବେ ଆଖିବୁଜା ଗୁଳିଚାଳନା କରିଥିଲେ। ତାଙ୍କ ଉପରକୁ ପ୍ରାୟ ଏକାଧିକ ରାଉଣ୍ଡ ଗୁଳି ଚଳାଯାଇଥିଲା। ଗୁଳିମାଡ଼ ଏତେ ଭୟଙ୍କର ଥିଲା ଯେ ଅଙ୍କିତ ଘଟଣାସ୍ଥଳରେ ହିଁ ରକ୍ତ ଜୁଡୁବୁଡୁ ହୋଇ ଟଳି ପଡ଼ିଥିଲେ। ଆକ୍ରମଣ ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ହତ୍ୟାକାଣ୍ଡ ଘଟିବାର କିଛି ସମୟ ପରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି । ସେଥିରେ ହରିୟାଣାର କୁଖ୍ୟାତ 'ଗୋଗି ଗ୍ୟାଙ୍ଗ୍' ଏହି ହତ୍ୟାର ଦାୟିତ୍ୱ ନେଇଥିବା ଦାବି କରିଛି । ଭାଇରାଲ ପୋଷ୍ଟରେ ଅଭିଯୋଗ କରାଯାଇଛି ଯେ, ଅଙ୍କିତ ସେମାନଙ୍କ ବିରୋଧୀ ଗ୍ୟାଙ୍ଗ୍ ସହ ସମ୍ପର୍କ ରଖୁଥିଲେ ଏବଂ ଗ୍ୟାଙ୍ଗ୍ ସମ୍ପର୍କିତ ଏକ ଘଟଣା ଉପରେ ଗୀତ ଗାଇଥିଲେ । ଏଥିସହ ପୋଷ୍ଟରେ ଆଗକୁ ମଧ୍ୟ ଏପରି ଘଟଣା ଘଟାଇବା ପାଇଁ ଧମକ ଦିଆଯାଇଛି । ପୋଲିସ ଏହି ଭାଇରାଲ ପୋଷ୍ଟ ଏବଂ ସାଇବର ଲିଙ୍କ୍‌ର ଗୁରୁତ୍ୱର ସହ ଯାଞ୍ଚ ଚଳାଇଛି । ଗ୍ୟାଙ୍ଗୱାର୍ ଦିଗ ବ୍ୟତୀତ ଏହି ହତ୍ୟାକାଣ୍ଡ ପଛରେ ରାଜନୈତିକ କାରଣ ଥିବା ମଧ୍ୟ ସନ୍ଦେହ କରାଯାଉଛି । ଅଙ୍କିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଭାବେ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚା ହେଉଥିଲା । ତେଣୁ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପୁରୁଣା ଶତ୍ରୁତା ଯୋଗୁଁ ତାଙ୍କୁ ରାସ୍ତାରୁ ହଟାଇ ଦିଆଯାଇଛି , ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛି। ଘଟଣା ପରେ ଉତ୍ତେଜିତ ପରିବାରବର୍ଗ ଶବ ରଖି ରାସ୍ତାରୋକ କରିଥିଲେ ଏବଂ ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରିବାକୁ ଦାବି କରିଥିଲେ । ପୋଲିସ ପ୍ରଶାସନ ଘଟଣାସ୍ଥଳର ଆଖପାଖ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଆକ୍ରମଣକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରଖିଛି । ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।

## ମାଟି ପାଲଟୁଛି ବିଷ !
# ୫୨.୫% ଅଞ୍ଚଳର ମୃତ୍ତିକା ଖରାପ, ବଢ଼ିଲା ଚିନ୍ତା



ନୂଆଦିଲ୍ଲୀ: ବିଶ୍ୱର ଅଧାରୁ ଅଧିକ ମୃତ୍ତିକା ଖରାପ ଅବସ୍ଥାରେ ରହିଛି । ଏହା ବିଶ୍ୱର ଖାଦ୍ୟ ଯୋଗାଣ ସହ ବିଭିନ୍ନ ଉଦ୍ଭିଦ ଓ ପ୍ରାଣୀ ପ୍ରଜାତିର ଅସ୍ତିତ୍ୱ ପାଇଁ ବିପଦ ସୃଷ୍ଟି କରୁଛି । ମୃତ୍ତିକାର ଗୁଣବତ୍ତାରେ ଉନ୍ନତି ଆଣିବାର ଉପାୟ ପୂର୍ବରୁ ଜଣାଥିଲେ ମଧ୍ୟ ସେଗୁଡ଼ିକୁ ବ୍ୟାପକ ଭାବେ ଗ୍ରହଣ କରାଯାଉନାହିଁ ବୋଲି ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍ଏଓ) ବିଶ୍ୱକୁ ମୃତ୍ତିକାର ଉପଯୋଗ ଓ ସଂରକ୍ଷଣ ପ୍ରତି ଅଧିକ ଯତ୍ନବାନ ହେବାକୁ ସତର୍କ କରାଇଛି । ବିଶେଷଜ୍ଞଙ୍କ ଅନୁଯାୟୀ, ବିଶ୍ୱର ପ୍ରାୟ ୯୫ ପ୍ରତିଶତ ଖାଦ୍ୟ ମୃତ୍ତିକାରୁ ଉତ୍ପାଦିତ ହୋଇଥାଏ । ସେହିପରି ବିଶ୍ୱର ପ୍ରାୟ ୫୯ ପ୍ରତିଶତ ଉଦ୍ଭିଦ ଓ ପ୍ରାଣୀ ଖାଦ୍ୟ ପାଇଁ ମୃତ୍ତିକା ଉପରେ ନିର୍ଭରଶୀଳ। ସମୁଦ୍ର ପରେ ମୃତ୍ତିକା ବିଶ୍ୱର ଦ୍ୱିତୀୟ ବୃହତ୍ତମ କାର୍ବନ ଶୋଷକ ଭାବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ରିପୋର୍ଟ ଅନୁଯାୟୀ, ବିଶ୍ୱର ୫୨.୫ ପ୍ରତିଶତ ଅଞ୍ଚଳରେ ମୃତ୍ତିକା ପରିଚାଳନା ଖରାପ କିମ୍ବା ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି । ପ୍ରାୟ ଏକ-ତୃତୀୟାଂଶ ଅଞ୍ଚଳରେ ମୃତ୍ତିକା ପରିଚାଳନାର ସ୍ଥିତି ହାରାହାରି ଭଲ ରହିଛି । ଅପରପକ୍ଷରେ, ମାତ୍ର ୧୪ ପ୍ରତିଶତ ଅଞ୍ଚଳରେ ମୃତ୍ତିକା ପରିଚାଳନା ଅତ୍ୟନ୍ତ ଭଲ ଭାବେ କରାଯାଉଛି । ବିଶ୍ୱର ମୃତ୍ତିକା ସମ୍ପର୍କରେ ଏଫ୍ଏଓର ଏହା ଦ୍ୱିତୀୟ ରିପୋର୍ଟ। ପ୍ରଥମ ରିପୋର୍ଟ ୨୦୧୫ରେ ପ୍ରକାଶ ପାଇଥିଲା। ଏଫ୍ଏଓ ରିପୋର୍ଟ ଅନୁଯାୟୀ, ୨୦୧୫ ପରଠାରୁ ବିଶ୍ୱର ଜନସଂଖ୍ୟା ପ୍ରାୟ ୮୦ କୋଟି ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ୮ କୋଟି ହେକ୍ଟରରୁ ଅଧିକ ଜମି ଚାଷ ପାଇଁ ବ୍ୟବହୃତ ହୋଇଛି। ନୂଆ କରି ଚାଷ ହେଉଥିବା ଜମିର ପରିମାଣ ଫ୍ରାନ୍ସ ଓ ଜର୍ମାନୀର ମିଳିତ ଆକାର ସହ ପ୍ରାୟ ସମାନ । ବିଶେଷଜ୍ଞଙ୍କ ମତରେ, ମୃତ୍ତିକା ପାଇଁ ସବୁଠାରୁ ବଡ଼ ବିପଦ ହେଉଛି ମୃତ୍ତିକା କ୍ଷୟ। ଦୁର୍ବଳ ଓ ଅନୁପଯୁକ୍ତ ମୃତ୍ତିକା ପରିଚାଳନା ଯୋଗୁଁ ବର୍ଷାଜଳ ମାଟିକୁ ଧୋଇ ନେଇପାରେ କିମ୍ବା ପବନ ଦ୍ୱାରା ମାଟି ଉଡ଼ିଯାଇପାରେ । ଏହାବ୍ୟତୀତ ଜୈବ ପଦାର୍ଥର ହ୍ରାସ, ପୁଷ୍ଟିକର ପଦାର୍ଥର ଅନୁପଯୁକ୍ତ ବ୍ୟବହାର, ଉଦ୍ଭିଦ ଓ ଜୀବାଣୁର ସଂଖ୍ୟା ହ୍ରାସ, ଲବଣ ଜମା, ପ୍ରଦୂଷଣ ଓ ସହରୀକରଣ ମଧ୍ୟ ମୃତ୍ତିକା ପାଇଁ ବଡ଼ ବିପଦ ପାଲଟିଛି । ଜଳବାୟୁ ପରିବର୍ତ୍ତନ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ଅନ୍ୟପକ୍ଷରେ, ମୃତ୍ତିକାର ଅବକ୍ଷୟ ମଧ୍ୟ ଜଳବାୟୁ ପରିବର୍ତ୍ତନର ସଙ୍କଟକୁ ବଢ଼ାଉଛି । ମୃତ୍ତିକାର ସ୍ଥିତିରେ ଉନ୍ନତି ଆଣିବା ଦ୍ୱାରା ଜଳବାୟୁ ପରିବର୍ତ୍ତନର ପ୍ରଭାବ କମାଇବା ସହ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ମଧ୍ୟ ହ୍ରାସ କରାଯାଇପାରିବ । ମୃତ୍ତିକା କ୍ଷୟକୁ ରୋକିବାର ଏକ ପ୍ରମୁଖ ଉପାୟ ହେଉଛି ଚାଷ କମାଇବା କିମ୍ବା ସମ୍ଭବ ହେଲେ ସମ୍ପୂର୍ଣ୍ଣ ବନ୍ଦ କରିବା । ଚାଷ କରିବା ଦ୍ୱାରା ମୃତ୍ତିକାରେ ଥିବା ଅଣୁଜୀବ ଓ ଜୈବିକ ଉପାଦାନ କ୍ଷତିଗ୍ରସ୍ତ ହୋଇଥାଏ । ମୃତ୍ତିକାକୁ ଢିଲା କରିବା ଫଳରେ ଏହା ଜଳପ୍ରବାହ ଓ ପବନ ଦ୍ୱାରା କ୍ଷୟ ହେବା ପ୍ରତି ଅଧିକ ସମ୍ବେଦନଶୀଳ ହୋଇପଡ଼େ । ମୃତ୍ତିକାର ସୁରକ୍ଷା ଓ ଉନ୍ନତି ପାଇଁ ଅନ୍ୟାନ୍ୟ ପଦ୍ଧତି ମଧ୍ୟରେ ଡାଲି ଓ ସୋରିଷ ଭଳି ଫସଲ ଚାଷ କରିବା ମଧ୍ୟ ଉପଯୋଗୀ। ଏହି ଫସଲଗୁଡ଼ିକ ମୃତ୍ତିକାର ଉର୍ବରତା ବଜାୟ ରଖିବାରେ ସହାୟକ ହୋଇଥାଏ । ଅନ୍ୟ ଏକ ପଦ୍ଧତି ହେଉଛି କୃଷି ବନୀକରଣ ବା ଆଗ୍ରୋଫରେଷ୍ଟ୍ରି। ଏଥିରେ କୃଷି ଜମିରେ କିମ୍ବା ଜମିର ଚାରିପାଖରେ ଗଛ ଲଗାଯାଇଥାଏ । ମୃତ୍ତିକା ସଂରକ୍ଷଣ ପାଇଁ ପ୍ରାକୃତିକ ଓ ରାସାୟନିକ ସାରର ଉପଯୁକ୍ତ ବ୍ୟବହାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି। ତେବେ ଅତ୍ୟଧିକ କିମ୍ବା ଅନୁପଯୁକ୍ତ ସାର ବ୍ୟବହାର ନିଜେ ମଧ୍ୟ ପ୍ରଦୂଷଣ ସୃଷ୍ଟି କରିପାରେ । ଏଫ୍ଏଓ କହିଛି, କୃଷକମାନଙ୍କ ପାଖରେ ସୂଚନାର ଅଭାବ ମୁଖ୍ୟ ସମସ୍ୟା ନୁହେଁ। ବଡ଼ ସମସ୍ୟା ହେଉଛି ଆବଶ୍ୟକୀୟ ସମ୍ବଳର ଅଭାବ । କାରଣ ମୃତ୍ତିକା ସଂରକ୍ଷଣର ଏହି ପଦ୍ଧତିଗୁଡ଼ିକୁ ଗ୍ରହଣ କରିବା ପାଇଁ କୃଷକମାନଙ୍କୁ ଯଥେଷ୍ଟ ପ୍ରାରମ୍ଭିକ ବିନିଯୋଗ କରିବାକୁ ପଡ଼ିଥାଏ ।

## ମୁଡ୍ ଅଫ୍ ନେଶନ ସର୍ଭେ
# କମିଛି ଏନ୍‌ଡିଏ ଲୋକପ୍ରିୟତା, ତଥାପି ଜିତିବ ୩୨୬ ଆସନ



**ନୂଆଦିଲ୍ଲୀ:** ଆଜିକା ଦିନରେ ଯଦି ଦେଶରେ ଲୋକସଭା ନିର୍ବାଚନ ହେବ, ତା'ହେଲେ ବିଜେପି ନେତୃତ୍ୱାଧୀନ ଏନଡିଏ ପୁଣି କେନ୍ଦ୍ରରେ କ୍ଷମତା ଦଖଲ କରିବ। ଏନଡିଏ ୩୨୬ଟି ଆସନ ଜିତିବ ବୋଲି ଇଣ୍ଡିଆ ଟୁଡେ ଗ୍ରୁପର ମୁଡ ଅଫ ନେଶନରେ ଦାବି କରାଯାଇଛି। ତେବେ ମୁଡ ନେଶନରୁ ସ୍ପଷ୍ଟ ହୋଇଛି ଯେ ଏନଡିଏର ଲୋକପ୍ରିୟତା ହ୍ରାସ ପାଇଛି। କାରଣ ଜାନୁଆରୀ ମାସରେ ଏହି ସଂସ୍ଥା କରିଥିବା ସର୍ଭେରେ ଏନଡିଏ ୩୫୨ଟି ଆସନ ଜିତିବ ବୋଲି ଆକଳନ କରିଥିଲା। କିନ୍ତୁ ୮ ମାସ ଭିତରେ ଏନଡିଏ ଭାଗରୁ ୨୬ଟି ସିଟ୍? ଚାଲିଯିବାର ଆଶଙ୍କା ରହିଛି। ସେହିପରି ୩୨୬ ଆସନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନିର୍ବାଚନ ନାରା ୪୦୦ ପାର୍ ଠାରୁ ମଧ୍ୟ ଯଥେଷ୍ଟ କମ। ୨୦୨୪ ନିର୍ବାଚନ ବେଳେ ବିଜେପି ପକ୍ଷରୁ ୪୦୦ ପାର ନାରା ଦିଆଯାଇଥିଲା। ବିଜେପି ତଥା ଏନଡିଏ ଏବେ ଜେନ ଜି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ତଥାପି ଦଳ ୩୨୬ ଜିତିବାର ସମ୍ଭାବନା ରହିଛି। ଏନଡିଏର ଆସନ ସଂଖ୍ୟା କମିବାର ସମ୍ଭାବନା ରହିଥିଲେ ହେଁ ବିରୋଧୀ ମେଣ୍ଟ ଇଣ୍ଡିଆ ଲାଭ ପାଇବାର ଚାନ୍ସ ମଧ୍ୟ କମ। କାରଣ ଜାନୁଆରୀରେ ହୋଇଥିବା ମୁଡ ଅଫ ନେଶନରେ ବିରୋଧୀ ମେଣ୍ଟ ୧୮୨ଟି ଆସନ ଜିତିବ ବୋଲି କୁହାଯାଇଥିଲା। ଏବେ ଏହା କେବଳ ୧୮୫ରେ ପହଞ୍ଚିଛି। ୨୦୨୪ରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ୨୩୪ ଆସନ ଜିତିଥିବା ବେଳେ ଏବେ ୧୮୫ ଆସନକୁ ଖସିବାର ଆଶଙ୍କା ଥିବା ସର୍ଭେରେ ଆକଳନ କରାଯାଇଛି। ମୁଡ ଅଫ ନେଶରେ ଦଳ ୱାରୀ ତଥ୍ୟ ମଧ୍ୟ ଦିଆଯାଇଛି। ଆଜିକା ଦିନରେ ଲୋକସଭା ନିର୍ବାଚନ ହେଲେ ବିଜେପି ଏକାକୀ ୨୬୧ ଆସନ ଜିତିବ। ଅନ୍ୟାନ୍ୟ ଦଳ ୧୭୬ ଓ କଂଗ୍ରେସ ୧୦୬ଟି ଆସନ ପାଇପାରେ। ଜାନୁଆରୀ ସର୍ଭେ ବେଳେ ବିଜେପି ୨୮୭, ଅନ୍ୟାନ୍ୟ ଦଳ ୧୭୬ ଓ କଂଗ୍ରେସ ୮୦ଟି ଆସନ ପାଇବ ବୋଲି କୁହାଯାଇଥିଲା। ହେଲେ ଏବେ କଂଗ୍ରେସ ଅଧିକ ୨୬ଟି ଆସନ ପାଇପାରେ ବୋଲି ସର୍ଭେ ସଂସ୍ଥା କହିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଇଣ୍ଡିଆ ଟୁଡେ ଗ୍ରୁପ ମୁଡ ଅଫ ନେଶନ ସର୍ଭେ ବର୍ଷକୁ ଦୁଇ ଥର ପ୍ରକାଶ କରିଥାଏ। ୨୦୨୬ର ଅଗଷ୍ଟ ସଂସ୍କରଣ ରିପୋର୍ଟ ସଂସ୍ଥା ପକ୍ଷରୁ ସି ଭୋଟର ମିଶି ଜାରି କରାଯାଇଛି। ସର୍ଭେ ବେଳେ ୨୫,୧୮୪ ଜଣ ଲୋକଙ୍କ ମତାମତକୁ ସଂଗ୍ରହ କରାଯାଇଥିଲା ।ଜୁଲାଇ ୧ରୁ ଅଗଷ୍ଟ ୨୫ ମଧ୍ୟରେ ଲୋକମାନେ ସେମାନଙ୍କ ମତ ଦେଇଥିଲେ। ୨୫,୧୮୪ ଜଣ ଏହି ସମୟସୀମା ମଧ୍ୟରେ ମତ ରଖିଥିବା ବେଳେ ଗଲା ୬ ମାସ ମଧ୍ୟରେ ମତ ରଖିଥିବା ୯୧,୭୯୫ ଜଣଙ୍କ ବୟାନକୁ ମଧ୍ୟ ସମୀକ୍ଷା କରାଯାଇଥିଲା। ଏହାପରେ ମୁଡ୍ ଅଫ ନେଶନ ରିପୋର୍ଟ ପ୍ରକାଶ କରାଯାଇଛି।



# ୪୧ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ଦ୍ୱିତୀୟ ଦିନରେ ସଚେତନତା କାର୍ଯ୍ୟକ୍ରମ




**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ଥାନୀୟ ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବ ପକ୍ଷ୍ୟରୁ ୪୧ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ଦ୍ୱିତୀୟ ଦିବସରେ ଏକ ସଚେତନତା ପଦଯାତ୍ରା ଓ ପଥପ୍ରାନ୍ତ ସଭା ସ୍ଥାନୀୟ ଡୁମୁଡୁମା ବସ୍ ଷ୍ଟାଣ୍ଡ ଠାରେ କରାଯାଇଛି । ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବର ସଭ୍ୟ କେ.ନାନ୍ଦେଶୁ ସେନାପତି ବକ୍ତବ୍ୟ ରଖି କହିଥିଲେ ଯେ ଭାରତରେ କରିନିଆ ଜନିତ ସମ୍ପୂର୍ଣ୍ଣ ବା ଆଂଶିକ ଦୃଷ୍ଟି ହରାଇ ଥିବା ବ୍ୟକ୍ତି ପ୍ରାୟ ୩୦ ଲକ୍ଷ୍ୟ ଅଛନ୍ତି । ଏମାନଙ୍କୁ ଦୃଷ୍ଟି ଶକ୍ତି ଯୋଗାଇବାର ଏକମାତ୍ର ପନ୍ଥା ଅନ୍ୟ ମୃତବ୍ୟକ୍ତି ଠାରୁ ସଂଗ୍ରହ କରାଯାଇ ଥିବା କରିନିଆ ପ୍ରତିରୋପଣ ଫଳରେ ଏହା ସମ୍ଭବ ହୋଇଥାଏ ଓ ଭାରତରେ ୨୦୨୫ ମସିହାରେ କେବଳ ୫୩୭୯୭ କରିନିଆ ସଂଗ୍ରହ କରାଯାଇଥିଲା ଓ ଏହାକୁ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ପକ୍ଷ ପାଳନ କରାଯାଇ ସଚେତନତା କହିଥିଲେ ।

ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଚକ୍ଷୁ ଦାନ କରିବା ପାଇଁ ଇଚ୍ଛୁକ, ତାଙ୍କ ଦାୟାଦ ବା ବନ୍ଧୁବାନ୍ଧବ ପ୍ରଥମେ ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ତକିଆ ଦେଇ ରଖିବେ ଓ ଆଖିରେ ଓଦା ତୁଳା ବା କନାଦେଇ ଘୋଡାଇ ରଖି ଘରର ସମସ୍ତ ପଙ୍ଖା ବନ୍ଦ କରିବେ ଓ ପରେ ଚକ୍ଷୁ ବିଭାଗକୁ କିମ୍ବା ଆମ କ୍ଲବ ଜଣାଇଲେ ଚକ୍ଷୁ ବିଶେଷଜ୍ଞ ଘରକୁ ପହଂଚି ଚକ୍ଷୁ (କରିନିଆ) ବା ଆଖି ଉପରେ ଥିବା ସ୍ୱଚ୍ଛପରଳ ସଂଗ୍ରହ କରିବେ ।

ଏଠାରେ ମନେରଖିବାକୁ ପଡିବ ମୃତ୍ୟୁର ଛଅ ଘଣ୍ଟା ମଧରେ ଏହା ହେବାକୁ ପଡିବ ଓ ବ୍ରହ୍ମପୁର ଚକ୍ଷୁ ବ୍ୟାଙ୍କ୍ ଦ୍ୱାରା ଗତ ପାଞ୍ଚ ବର୍ଷରେ ୧୬୮ ଟି କରିନିଆ ସଂଗ୍ରହ ହୋଇଥିବା ବେଳେ ୧୦୮ ଜଣଙ୍କ ମଧରେ ପ୍ରତି ରୋପଣ କରାଯାଇ ପାରିଛି । ଏହି ସ୍ୱଚ୍ଛ ପରଳ ଦୁଇଟିକୁ ନେଇ ଚକ୍ଷୁ ବ୍ୟାଙ୍କରେ ରଖାଯାଏ । କରନିଆ ଯୋଗୁଁ ହୋଇଥିବା ଅନ୍ଧ ବ୍ୟକ୍ତିଙ୍କ ଠାରେ ପ୍ରତି ରୋପଣ କରାଯାଏ ଓ ବ୍ୟକ୍ତିଟି ଦୃଷ୍ଟିପାଇ ଏହି ପୃଥିବୀର ଆଲୋକ ଦେଖିପାରିବେ ଓ ବ୍ରହ୍ମପୁର ଚକ୍ଷୁ ବ୍ୟାଙ୍କ୍ ଦ୍ୱାରା ଗତ ପାଞ୍ଚ ବର୍ଷରେ ୧୬୮ ଟି କରିନିଆ ସଂଗ୍ରହ ହୋଇଥିବା ବେଳେ ୧୦୮ ଜଣଙ୍କ ମଧରେ ପ୍ରତି ରୋପଣ କରାଯାଇ ପାରିଛି ଓ ସେମାନେ ଦୃଷ୍ଟିଶକ୍ତି ପାଇ ସାଧାରଣ ଜୀବନ ଯାପନ କରୁଛନ୍ତି ।

ଜନ ସାଧାରଣ ଆଗକୁ ଆସି ମୃତ ଶରୀରକୁ ପୋତିବା ପୋଡିବା ପୂର୍ବରୁ ଚକ୍ଷୁ ଦାନ କରିବା ପରେ ସମସ୍ତ ଅନ୍ତେଷ୍ଟି କ୍ରିୟା କରିପାରିବେ ବୋଲି ଅନ୍ୟତମ ବକ୍ତା କେ. ନାଗେଶ୍ୱର ରାଓ ବକ୍ତବ୍ୟ ରଖିଥିଲେ । ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବର ସଭାପତି ଅନିଲ କୁମାର ଚୌଧୁରୀ, ସମ୍ପାଦକ ପି.କିରଣ କୁମାର, ପୂର୍ବତନ ସଭାପତି କେ. ପୁରୁଷୋତ୍ତମ ସୁବୁଦ୍ଧି, ସତ୍ୟକାମ ପାତ୍ର, ବି. ଲକ୍ଷ୍ମୀନାରାୟଣ ପାତ୍ର, କାର୍ଯ୍ୟକ୍ରମର ଅଧ୍ୟକ୍ଷ.ଶ୍ରୀନିବାସ ରାଓ, ଜାମ୍ମୁଲା ସୁରେଶ, ଜି.ମାଲେଶ୍ୱର ଗୁପ୍ତା, ଭି.ଭି. ରାଜୁ, ଏସ୍. ଶ୍ୟାମ ସୁନ୍ଦର ରାଓ , ହରେ କୃଷ୍ଣ ପାଣିଗ୍ରାହୀ ଓ ବହୁ ସଭ୍ୟ ଯୋଗଦେଇ ପ୍ରଚାର ପତ୍ର ବଣ୍ଟନ କରିଥିଲେ ।

## ଆସିକା ଶାନ୍ତି ଶକ୍ତି ଭବନରେ ଆଧ୍ୟାତ୍ମିକ ସମାରୋହ

- ଦାଦୀ ପ୍ରକାଶମଣିଙ୍କୁ ଶ୍ରଦ୍ଧା ସୁମନ
- ଉପ-କାରାଗାରରେ ଅନ୍ତେବାସୀଙ୍କୁ ରକ୍ଷାସୂତ୍ର




**ଆସିକା (ଅମୃତ ମିଡିଆ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସେବାକେନ୍ଦ୍ର ଆସିକା ଶାନ୍ତି ଶକ୍ତି ଭବନ ପରିସରରେ ପବିତ୍ର ରକ୍ଷାବନ୍ଧନ ପର୍ବ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ସେବାକେନ୍ଦ୍ରର ଭାଇ ଓ ଭଉଣୀମାନେ ଯୋଗ-ତପସ୍ୟାରେ ନିମଗ୍ନ ହୋଇ ପରମାତ୍ମାଙ୍କ ସ୍ମୃତିରେ ବିଶ୍ୱ ଶାନ୍ତି ଓ ଶକ୍ତି ପାଇଁ ପ୍ରାର୍ଥନା କରିଥିଲେ । ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦି ରକ୍ଷାବନ୍ଧନର ଆଧ୍ୟାତ୍ମିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ରକ୍ଷାସୂତ୍ର କେବଳ ପରମ୍ପରା ନୁହେଁ, ବରଂ ପରମାତ୍ମା ଶିବପିତାଙ୍କ ସ୍ମୃତିରେ ରହି ମନୋବିକାର ଓ ନକାରାତ୍ମକତାରୁ ନିଜକୁ ରକ୍ଷା କରିବାର ଏକ ଆଧ୍ୟାତ୍ମିକ ସଂକଳ୍ପ ବୋଲି ସେ କହିଥିଲେ । ଏହି ଅବସରରେ ଉପସ୍ଥିତ ଭାଇଭଉଣୀଙ୍କୁ ରକ୍ଷାସୂତ୍ର ବାନ୍ଧି ପରିବାର, ସମାଜ ଓ ବିଶ୍ୱକଲ୍ୟାଣରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଏହାପରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତତ୍କାଳୀନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ୧୯ତମ ଅବ୍ୟକ୍ତ ସ୍ମୃତି ଦିବସ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଆସିକା ବାର ଆସୋସିଏସନର ପୂର୍ବତନ ସଭାପତି ସୁଧାଂଶୁ କୁମାର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ରଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମିହିର ମହାପାତ୍ର ସମେତ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ବରିଷ୍ଠ ନାଗରିକମାନେ ଯୋଗଦେଇ ଦାଦି ପ୍ରକାଶମଣିଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଏହି ଅବସରରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସିକା ଉପକାରାଗାରରେ ମଧ୍ୟ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆସିକା ଉପ-କାରାଗାର ଅଧୀକ୍ଷକ ଖଗେଶ୍ୱର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦି ରକ୍ଷାବନ୍ଧନର ଆଧ୍ୟାତ୍ମିକ ଉଦ୍ଦେଶ୍ୟ ସମ୍ପର୍କରେ ଅନ୍ତେବାସୀମାନଙ୍କୁ ବୁଝାଇଥିଲେ । ପରେ ସମସ୍ତ ଅନ୍ତେବାସୀଙ୍କୁ ରକ୍ଷାସୂତ୍ର ବାନ୍ଧି ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ଜୀବନ ଆପଣେଇବା ପାଇଁ ସଂକଳ୍ପ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପ-କାରାଗାରର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀ ଭଉଣୀ ଅନ୍ତେବାସୀମାନଙ୍କୁ ସହଜ ରାଜଯୋଗର ଅଭ୍ୟାସ କରାଇଥିଲେ ।

## ଚମ୍ପୁଆ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ



**ଚମ୍ପୁଆ (ଅମୃତ ମିଡିଆ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ତଥା ବକ୍ତା ଭାବେ ବୁଡାମରା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତ ଯୋଗଦେଇ ପୁରାଣରେ ବର୍ଣ୍ଣିତ ରକ୍ଷା ବନ୍ଧନର ତାତ୍ପର୍ଯ୍ୟ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏହି ରକ୍ଷାବନ୍ଧନ ଉତ୍ସବ ଦେଶକୁ ରକ୍ଷା କରିବାର ପ୍ରେରଣା ଦିଏ ବୋଲି କହିଥିଲେ । ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଗୋମାତା ତଥା ବଳଦ ଓ ବୃକ୍ଷକୁ ପୂଜନ କରିବା ସହିତ ରାକ୍ଷୀ ବାନ୍ଧି ଥିଲେ । ଏହା ପରେ ନଗରର ବିଭିନ୍ନ ଗଳି, ଜେଲ୍ ଖାନା, ଡାକ୍ତର ଖାନା, ବସ୍ ଷ୍ଟାଣ୍ଡ ଆଦି ସ୍ଥାନରେ ଜନସାଧାରଣଙ୍କୁ ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମାଆ ରାକ୍ଷୀ ବାନ୍ଧିଥିଲେ ।

ଏଥିରେ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ସତ୍ୟଜିତ ପ୍ରଧାନ, ଉମେଶ ଚନ୍ଦ୍ର ମହାନ୍ତ, ଭାସ୍କର ଚନ୍ଦ୍ର ମହାକୁଡ଼ ବସନ୍ତ କୁମାର ମହାନ୍ତ, ଗୋପବନ୍ଧୁ ମହାନ୍ତ, ପବନ କୁମାର ସାହୁ, ବିନୋଦ କୁନାର ମହାନ୍ତ, ସରୋଜ କୁମାର ପାତ୍ର ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆସିକା ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ




**ଆସିକା (ଅମୃତ ମିଡିଆ):** ଆସିକା କଳିଙ୍ଗ ରୋଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ବିଦ୍ୟାଳୟ ପରିସର ସମେତ ମଣ୍ଟାପଡ଼ା-କେନ୍ଦୁପଦର ଠାରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଉପ-ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମିଶ୍ର,



ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ଦାଶରଥି ମହାପାତ୍ର ଯୋଗଦେଇ ରକ୍ଷାବନ୍ଧନର ମହତ୍ତ୍ୱ ଓ ସାମାଜିକ ଭାଇଚାରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହାପରେ ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀମାନେ ସ୍ଥାନୀୟ ଉପକାରାଗାର, ସେବାବସ୍ତି ଏବଂ ସହରର ବିଭିନ୍ନ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେହିଭଳି କେନ୍ଦୁପଦର ଠାରେ ଗ୍ରାମ ସଭାପତି କୃଷ୍ଣଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ରକ୍ଷାବନ୍ଧନ ଉତ୍ସବ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଗୌଡ଼ ମୁଖ୍ୟବକ୍ତା ଭାବେ ଯୋଗଦେଇ ରକ୍ଷାବନ୍ଧନ ସହିତ ପ୍ରକୃତି ଓ ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ମାନିୟ ଅତିଥି ଭାବେ ଗ୍ରାମର ଶଙ୍କର ପାଣିଗ୍ରାହୀ ଓ ସନ୍ନ୍ୟାସୀ ବିଶ୍ୱାଳ ଯୋଗଦେଇଥିଲେ ।

ଏହି ଅବସରରେ ଗୋ ପୂଜନ ଓ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ହୋଇଥିବାବେଳେ ପରେ ଗ୍ରାମର ପ୍ରତ୍ୟେକ ଘରେ ରକ୍ଷାବନ୍ଧନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ମା'ତାରିଣୀ ମନ୍ଦିର ପରିସରରେ ଥିବା ଏଟିଏମରେ ପଡିଛି ତାଲା



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ମା' ତାରିଣୀ ପୀଠକୁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥାଏ । ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ମନ୍ଦିର ପରିସରରେ ଥିବା ଏକମାତ୍ର ଏଟିଏମ୍ ଏବେ ଦୀର୍ଘଦିନ ହେବ ବନ୍ଦ ପଡ଼ିଛି । ଏଟିଏମ୍ ଗୃହରେ ତାଲା ଝୁଲୁଥିବାରୁ ଟଙ୍କା ଉଠାଇବା ପାଇଁ ଭକ୍ତମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମନ୍ଦିର ପରିସରରେ ଏହା ଏକମାତ୍ର ଏଟିଏମ୍ ହୋଇଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଏହା ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଦୀର୍ଘଦିନ ଧରି ଏଟିଏମ୍ ବନ୍ଦ ରହିବା ଯୋଗୁଁ ଜରୁରୀ ସମୟରେ ଟଙ୍କା ଉଠାଇବା ଭକ୍ତଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ଅନ୍ୟପକ୍ଷରେ, ଡିଜିଟାଲ୍ ପେମେଣ୍ଟ ସୁବିଧା ସବୁଠି ଉପଲବ୍ଧ ନଥିବାରୁ ନଗଦ ଟଙ୍କାର ଆବଶ୍ୟକତା ପଡୁଛି । ଏଭଳି ସ୍ଥିତିରେ ମନ୍ଦିର ପରିସରରେ ଥିବା ଏକମାତ୍ର ଏଟିଏମ୍ ଦୀର୍ଘଦିନ ଧରି ବନ୍ଦ ରହିବାକୁ ନେଇ ଭକ୍ତମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ତୁରନ୍ତ ଏଟିଏମ୍‌ଟିକୁ କାର୍ଯ୍ୟକ୍ଷମ କରିବା ସହ ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ହେଲେ ଆଉ ଏକ ଏଟିଏମ୍ ସ୍ଥାପନ କରିବାକୁ ଭକ୍ତମାନେ ଦାବି କରିଛନ୍ତି ।

## ୩୪ତମ ତାଲୁକା ବିଶ୍ୱକର୍ମା ସମାଜ ରାଜଶ୍ରୀ ଟ୍ରଷ୍ଟ ପକ୍ଷରୁ ସଭା



**ବ୍ରହ୍ମପୁର/ ହୁମ୍ମା (ଅମୃତ ମିଡିଆ):** ହୁମା ତାଲୁକା ସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ସମାଜ ଓ ୩୪ ତାଲୁକା ବିଶ୍ୱକର୍ମା ସମାଜ ରାଜଶ୍ରୀ ଟ୍ରଷ୍ଟ ମିଳିତ ଆନୁକୁଲ୍ୟରେ ରାଜଶ୍ରୀ ଟ୍ରଷ୍ଟ ଅଧକ୍ଷ ଶ୍ରୀ ପ୍ରଫୁଲ ମହାରଣା, ସଭାପତି ଶ୍ରୀ କୃଷ୍ଣ ମହାରଣା ଓ ଜିଲ୍ଲା ସଭାପତି ଶ୍ରୀ ଅଜୟ ମହାରଣା ଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ଉକ୍ତ ସଭାରେ ହୁମା ତାଲୁକା ର ସୁପରିଚାଳନା ପାଇଁ ସଭାପତି ଭାବେ ଶ୍ରୀ ଗଣେଶ ମହାରଣା ଙ୍କୁ ଚୟନ କରାଯାଇଥିଲା,ତତ୍ ସହିତ ସଂପାଦକ, କୋଷାଧ୍ୟକ୍ଷ, ଉପଦେଷ୍ଟା ମଣ୍ଡଳୀ ମଧ ଚୟନ କରିବା ସହ ସପଥ ପାଠ କରାଯାଇଥିଲା । ସଭାପତି ଶ୍ରୀ ଅଜୟ ମହାରଣା ତାଙ୍କ ବକ୍ତବ୍ୟରେ କହିଥିଲେ, ସମସ୍ତ ତାଲୁକା ପରସ୍ପର ମଧ୍ୟରେ ସୁସମ୍ପର୍କ ରଖି ସାଧାରଣ ଜାତି ଭାଇଙ୍କ ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଆଗାମୀ ୩୦/୮/୨୦୨୬ ତାରିଖ ରବିବାର ଦିନ ହେବାକୁ ଥିବା ମହାସଭା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଏହି ସଭାରେ ଅନେକ ତାଲୁକା ତଥା ସୋରଡ଼ା ,ଆସ୍କା, ଆଠଗଡ଼, ତେରସ୍ଥାନ, ପୂର୍ବଖଣ୍ଡ, ମହୁରୀ, ବିରୁଳି, ପାଲୁର,ମନସୁରକୋଟ ଅଂଶ ଗ୍ରହଣ କରିଥିଲେ । ଶେଷରେ ମହୁରୀ ତାଲୁକା ସଭାପତି ଶ୍ରୀ ତ୍ରିପତି ମହାରଣା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ୍ କରିଥିଲେ ଏବଂ ସମସ୍ତେ ପ୍ରସାଦ ସେବନ କରିଥିଲେ ।

## ବନ୍ୟାରେ ବିପର୍ଯ୍ୟସ୍ତ ଏନଏଚ୍-୨୦, ୧୦୦ ଫୁଟ ରାସ୍ତା ଧସିଲା
## ଦେଢ଼ କିମି ରାସ୍ତା ତଳେ ବନ୍ୟାଜଳ; ଯାତାୟାତ ନେଇ ବଢ଼ିଲା ଚିନ୍ତା



**ଧୂଷୁରୀ (ଅମୃତ ମିଡିଆ):** ବୈତରଣୀର ବନ୍ୟାଜଳ ଏବେ ଚାନ୍ଦବାଲି ଦେଇ ଯାଇଥିବା ଏନଏଚ୍-୨୦ ପାଇଁ ବଡ଼ ବିପଦ ସୃଷ୍ଟି କରିଛି । ଓଲଗ ପଞ୍ଚାୟତର ବୋଡକ ନିକଟରେ ବୁଧବାର ରାତିରେ ପ୍ରାୟ ୧୦୦ ଫୁଟ କଂକ୍ରିଟ ରାସ୍ତା ଧସିଯିବା ପରେ ଯାନବାହାନ ଚଳାଚଳ ନେଇ ଆଶଙ୍କା ବଢ଼ିଛି । ବନ୍ୟାଜଳର ପ୍ରଖର ସ୍ରୋତରେ ରାସ୍ତା ତଳର ମାଟି ଧୋଇଯାଉଥିବାରୁ ବୋଡକଠାରୁ ସାଠିବାଙ୍କୁଡା ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ଅଞ୍ଚଳ ବିପଦସଙ୍କୁଳ ହୋଇପଡ଼ିଛି । ପୂର୍ବରୁ ଏହି ଅଞ୍ଚଳର ପ୍ରାୟ ୫୦୦ ଫୁଟ ରାସ୍ତା ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା । ସେଠାରେ ବହ୍ଲ ପୋତି ବାଲିବସ୍ତା ପକାଇ ଅସ୍ଥାୟୀ ମରାମତି ଚାଲିଥିବାବେଳେ ନୂଆ ସ୍ଥାନରେ ଧସିବା ଘଟଣା ଚିନ୍ତା ବଢ଼ାଇଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବର୍ଷ ବର୍ଷ ଧରି ଏହି ରାସ୍ତାରେ ଦବିବା ଓ ଧସିବା ସମସ୍ୟା ରହିଛି । ବନ୍ୟା ସମୟରେ ସମସ୍ୟା ଆହୁରି ଗୁରୁତର ହେଉଛି । ରାସ୍ତାରେ ଦୈନିକ ବହୁ ସଂଖ୍ୟକ ବସ୍ ? ଓ ଭାରୀଯାନ ଚଳାଚଳ କରୁଥିବାରୁ ତୁରନ୍ତ ପଦକ୍ଷେପ ନନେଲେ ବସ୍ ? ଚଳାଚଳ ବନ୍ଦ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି । କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାଣି କହିଛନ୍ତି, ଧସିଥିବା ଅଂଶର ତୁରନ୍ତ ମରାମତି କରାଯିବ । ପରେ ବୋଡକ-ସାଠିବାଙ୍କୁଡା ମଧ୍ୟରେ ଥିବା ଦେଢ଼ କିମି ରାସ୍ତାକୁ ପ୍ରାୟ ୪ ଫୁଟ ଉଚ୍ଚ କରାଯିବ । ସ୍ଥାୟୀ ମରାମତି ଶୀଘ୍ର ହେଲେ ହିଁ ଏହି ରାଜପଥରେ ନିରାପଦ ଯାତାୟାତ ସମ୍ଭବ ବୋଲି ସାଧାରଣରେ ଦାବି ହୋଇଛି ।

## ଯୁବକଙ୍କୁ ଶୁଣ୍ଢରେ କଚାଡ଼ି ମାରିଦେଲା ବଣୁଆହାତୀ

**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଧୋବାପିଟଣା ଗ୍ରାମର ଜଣେ ୪୨ ବର୍ଷିୟ ଯୁବକଙ୍କୁ ବୁଧବାର ଅପରାହ୍ନରେ ଏକ ମାଇ ହାତୀ ଶୁଣ୍ଢରେ କଚାଡ଼ି ଦେବା ପରେ ଯୁବକଙ୍କ ପିଠିରେ ହାତୀ ଗୋଡ଼ରେ ଚାପି ଦେଇଥିଲା । ଫଳରେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ଉକ୍ତ ଗ୍ରାମର ପର୍ଶୁରାମ ଗାଗରାଇଙ୍କ ପୁଅ ମାଧବ ଗାଗାରାଇ । ସୂଚନା ଅନୁଯାୟୀ ଘଟଗାଁ ରେଞ୍ଜ ପିପିଳୀଆ ସଂରକ୍ଷିତ ଜଙ୍ଗଲ ର ଧୋବାପିଟଣା ରେ ଜଙ୍ଗଲ ମଧ୍ୟରେ ପୋଖରୀ ନିକଟରେ ୨୦ଟିକିଆ ବଣୁଆ ହାତୀ ପଲଡେରା ପକାଇ ଥିଲେ । ମାଧବସାଙ୍ଗ ସହ ଶୌଚ ହୋଇ ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ମାଇ ହାତୀଟି ମାଧବ ପ୍ରଥମେଙ୍କୁ ଶୁଣ୍ଢରେ କଚାଡି ଦେବା ପରେ ଗୋଡରେ ଚାପି ମାରିଦେଇଥିଲା ।

## ରାଜ୍ୟର ସ୍ୱାର୍ଥ ବିରୋଧୀ ଖଣି ଆଇନ ସଂଶୋଧନ - ୨୦୨୬
## ପ୍ରତ୍ୟାହାର ଦାବିରେ ବିକ୍ଷୋଭ ପ୍ରଦର୍ଶନ

**ବ୍ରହ୍ମପୁର (ଅମୃତ ମିଡିଆ):** ରାଜ୍ୟର ସ୍ୱାର୍ଥ ବିରୋଧୀ ଖଣି ଆଇନ ସଂଶୋଧନ - ୨୦୨୬ ପ୍ରତ୍ୟାହାର କରିବା ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନର ଆହ୍ୱାନ ପରିପ୍ରେକ୍ଷୀରେ ଆଜି ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡଠାରେ ଇଣ୍ଡିଆ ବ୍ଲକର ଦଳ ସମୂହ କଂଗ୍ରେସ୍, ସିପିଆଇ, ସିପିଆଇ (ଏମ୍), ଫରୱାର୍ଡ଼ ବ୍ଲକ୍ ପକ୍ଷରୁ ପ୍ରତିବାଦ ଅନୁଷ୍ଠିତ ହେଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା (ଗ୍ରାଁ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ମକ୍ସ୍ସ ନେତା ଅଲି ପଟ୍ଟନାୟକ,ପୂର୍ବତନ ଛତ୍ରପୁର ବିଧାୟକ ନାରାୟଣ ରେଡ୍ଡୀ, ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ଗୋପାଳପୁର ବିଧାୟକ ଡକ୍ଟ. ତ୍ରିନାଥ ବେହେରା, ଉପସଭାପତି ବୃନ୍ଦାବନ ଖଟାଇ, ଉପସଭାପତି ଅଶୋକ ପଟ୍ଟନାୟକ ରାଜ୍ୟ କଂଗ୍ରେସ ରୁ ଆସିଥିବା ଗଞ୍ଜାମ ପ୍ରଭାରି ତୁଳେଶ୍ୱର ନେଇକି ଫର୍ବାଦ ବ୍ଲକ ସନ୍ତୋଷ କୁମାର ସାହୁ ମହିଳା ସଭାନେତ୍ରୀ ସୁବାସିନୀ ପଟ୍ଟନାୟକ, ଦିଗୋପହଣ୍ଡି ବ୍ଲକ ସଭାପତି ଶଙ୍କର ସୁବୁଦ୍ଧି କୁକୁଡାଖଣ୍ଡି ବ୍ଲକ ସଭାପତି ପ୍ରଶାନ୍ତ ପାଣି,ପାତ୍ରପୁର ବ୍ଲକ ସଭାପତି ପ୍ରସନ୍ନ କୁମାର ପ୍ରଧାନ ରଙ୍ଗଇଲୁଣ୍ଡା ବ୍ଲକ ସଭାପତି ଗକୁଳ କର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଟାଟା ଷ୍ଟିଲ୍ କଳିଙ୍ଗନଗରରେ ସାର୍ ଦୋରାବ୍‌ଜୀ ଟାଟାଙ୍କ ଜୟନ୍ତୀ



**ଯାଜପୁର (ଅମୃତ ମିଡିଆ):** ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଗୁରୁବାର ସାର୍ ଦୋରାବଜୀ ଟାଟାଙ୍କ ୧୬୭ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି ।

ଟାଟା ଷ୍ଟିଲ୍ କଳିଙ୍ଗନଗର ଟାଉନସିପ୍ ସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ମହାନ ଦୂରଦ୍ରଷ୍ଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ଟିଏସକେର ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ ମୁଖ୍ୟ ଅତିଥି ଭାବେ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ, ୟୁନିଅନର କର୍ମକର୍ତ୍ତା ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ । ଜୟନ୍ତୀ ଉପଲକ୍ଷେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

ସେହିପରି ଏନଆଇଏନଏଲ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଏନଆଇଏନଏଲର ଏମଡି ତଥା ସିଇଓ ପଦ୍ମପାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମାନଭାବେ ବ୍ରାହ୍ମଣୀପାଳ ସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟରେ ମଧ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ସାର୍ ଦୋରାବଜୀ ଟାଟା ଥିଲେ ଟାଟା ଷ୍ଟିଲର ପ୍ରଥମ ଅଧ୍ୟକ୍ଷ । ସେ ସମୟ ପୂର୍ବରୁ କମ୍ପାନୀରେ ଉନ୍ନତ କର୍ପୋରେଟ୍ ଗଭର୍ନାନ୍ସ ଏବଂ କର୍ମଚାରୀ କଲ୍ୟାଣକାରୀ ନୀତି ପ୍ରଣୟନ କରିଥିଲେ । ଆଇନଗତ ଭାବେ ବାଧ୍ୟତାମୂଳକ ହେବା ପୂର୍ବରୁ ସେ ଦୈନିକ ୮ ଘଣ୍ଟା କାର୍ଯ୍ୟଦିବସ, ପ୍ରସୂତି ଛୁଟି, ଭବିଷ୍ୟ ନିଧି (ପିଏଫ୍), ଦୁର୍ଘଟଣା କ୍ଷତିପୂରଣ ଏବଂ ମାଗଣା ଚିକିତ୍ସା ସୁବିଧା ଭଳି ଅନେକ ଐତିହାସିକ କଲ୍ୟାଣକାରୀ ପଦକ୍ଷେପ ଆରମ୍ଭ କରିଥିଲେ । ଜଣେ ଉତ୍ସାହୀ କ୍ରୀଡ଼ାବିତ୍ ଭାବରେ ସାର୍ ଦୋରାବଜୀ ଟାଟା 'ଭାରତୀୟ ଅଲିମ୍ପିକ୍ ଆସୋସିଏସନ'ର ପ୍ରଥମ ସଭାପତି ଥିଲେ ଏବଂ ଅଲିମ୍ପିକ୍ସରେ ଭାରତର ପ୍ରବେଶ ପଛରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ।





# ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଇଚ୍ଛାପୁରସ୍ଥିତ ଯାତ୍ରୀନିବାସରେ ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦ ସଭାପତି ରାଜେଶ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଉମାଶଙ୍କର ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ବିବରଣୀ ପାଠ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁହୁରିଆ ଠାରେ ରସାବଳୀ ହବ୍ ପ୍ରତିଷ୍ଠା ପାଇଁ ପରିଷଦ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକଙ୍କ ସହ ଆଲୋଚନା ହୋଇସାରିଛି। ଖୁବଶୀଘ୍ର ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ତୁଳସୀକ୍ଷେତ୍ରର ଐତିହ୍ୟ ଓ ପରମ୍ପରା, ଶ୍ରୀବଳଦେବଜୀଉଙ୍କ ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତଙ୍କୁ ଭଲ ପାଇବାକୁ ଶ୍ରୀମା ପରାମର୍ଶ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ତଥା ଓଡିଶା ଭାଷା ସାହିତ୍ୟ ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରିହର କାନୁନଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରସାବଳୀର ପ୍ରାଚୀନତା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଲେ ୧୬୩୧ ଖ୍ରୀଷ୍ଟାବ୍ଦରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପୁରୁଣା ବସସ୍ଟାଣ୍ଡ ନିକଟରେ ଥିଲା। ଆଉରଙ୍ଗଜେବ ସେହି ମନ୍ଦିରକୁ ଭାଙ୍ଗିଦେବା ପରେ ଇଚ୍ଛାପୁରରେ ୧୭୩୧ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। ୨୦୨୩ ମସିହା ଅକ୍ଟୋବର ମାସ ୩ତାରିଖରେ କେନ୍ଦ୍ର ସରକାରକେନ୍ଦ୍ରାପଡା ରସାବଳୀକୁ ଜିଆଇ ଟ୍ୟାଗ୍ ପ୍ରଦାନ କରିଛନ୍ତି। ରସାବଳୀର ପ୍ରାଚୀନତା ଉପରେ ସେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇ.ଏ.ଏସ. ଡ. ଅଲେଖ ଚନ୍ଦ୍ର ପଢିଆରୀ, ପୂର୍ବତନ ପାଣିପାଗ ବିଭାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ଏବଂ ବଳଦେବ ସଂସ୍କୃତି ଓ ଐତିହ୍ୟ ଗବେଷକ ଡ. ବଳରାମ ଲେଙ୍କା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଡ. କାନୁନଗୋ, ଡ. ପଢିଆରୀ, ଡ. ସାହୁ ଓ ଡ. ଲେଙ୍କାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ରଥଦାଣ୍ଡରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ରସାବଳୀ ବଣ୍ଟନ କରାଯାଇଥିଲା। ଶେଷରେ ରାଜେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜୟଶ୍ରୀ ପତି ମଞ୍ଚ ପରିଚାଳନା କରିଥିବା ବେଳେ ଡା. ବିଶ୍ୱପ୍ରକାଶ କାନୁନଗୋ, ଗୋଲେଖ ପଢିଆରୀ, ଭକ୍ତପ୍ରିୟ ଦାସ, ଭାବଗ୍ରାହୀ ସାହୁ, ଟିଟିକାନ୍ତ ନାୟକ, ମହେନ୍ଦ୍ର ରାଉତ, ଜାନକୀବଲ୍ଲଭ ସାମନ୍ତରାୟ, ଆଶିଷ ମେକାପ, ଦୁର୍ଗା ପ୍ରସାଦ ପତି, ଆଦିତ୍ୟ ପତି, ପ୍ରଦୀପ ଜେନା, ପ୍ରମୋଦ ନାୟକ, ରାଜକିଶୋର ସାହୁ, ପ୍ରଭାତୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ଯୋଜନାରେ ଛାତଘର ନିର୍ମାଣ-ପ୍ରୋତ୍ସାହନ ରାଶି ପାଇବା ସମୟ ଅବଧି ବଢାଇବା ପାଇଁ ନିବେଦନ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତୋଦୟ ଗୃହ ପ୍ରଦାନ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ବି ଗୋଟିଏ ପରିବାର ଚାଳଛପର ଘରେ ନରହିବାର ଯୋଜନା କରି ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଘର ପ୍ରଦାନ ପାଇଁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ସରକାରୀ ଯୋଜନାରେ ଛାତ ଘର ନିର୍ମାଣ ପାଇଁ ବ୍ୟବସ୍ଥା କରିଛନ୍ତି। ଯୋଗ୍ୟ ହିତାଧିକାରୀ ମାନେ କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ଟଙ୍କା ପାଇବାର ୪ମାସ ମଧ୍ୟରେ ଘର ନିର୍ମାଣ କାର୍ଯ୍ୟ ଶେଷ କଲେ ରାଜ୍ୟ ସରକାରଙ୍କ ତରଫରୁ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ୬ମାସ ମଧ୍ୟରେ ଘର ନିର୍ମାଣ କାର୍ଯ୍ୟ ଶେଷ କଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ଦୁଇମାସ ହେବ ଲାଗି ରହିଛି। ଏହି ଦୁଇମାସ ପୂର୍ବରୁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଅଂଶୁଘାତରୁ ବଞ୍ଚିବା ପାଇଁ ସେତେବେଳେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ସଠିକ୍ ଭାବରେ ହୋଇପାରିନଥିଲା। ରାଜ୍ୟ ସରକାର ଯେଉଁ ହିତାଧିକାରୀ ମାନଙ୍କୁ ୪ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ବାବାଦକୁ ଅର୍ଥ ପ୍ରଦାନ କରିଥିଲେ ସେମାନେ ପ୍ରତିକୂଳ ପାଣିପାଗରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିପାରିନାହାଁନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ୪ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଲେ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ଓ ୬ମାସରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ସରକାର ଯେଉଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି ସେହି ସମୟସୀମାକୁ ଆଉ ଦୁଇ ମାସ ବଢେଇବା ପାଇଁ ହିତାଧିକାରୀ ମାନେ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

# ମହମ୍ମଦ ଜୟନ୍ତୀରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଭାଇଚାରାର ଶୀତଳ ପରସ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ପବିତ୍ର ମହମ୍ମଦ ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ସହରରେ ସୃଷ୍ଟି ହୋଇଥିଲା ଭକ୍ତି, ଉତ୍ସାହ ଓ ଭାଇଚାରାର ଏକ ଅପୂର୍ବ ପରିବେଶ। ପବିତ୍ର ଦିନଟିକୁ ସ୍ମରଣୀୟ କରିବା ପାଇଁ ହଜାର ହଜାର ମୁସଲମାନ ଭାଇ, ଭଉଣୀ ଓ କୁନି କୁନି ପିଲାଙ୍କ ଅଂଶଗ୍ରହଣରେ ଏକ ବିଶାଳ ପଟୁଆର ସହର ପରିକ୍ରମା କରିଥିଲା। ଧର୍ମୀୟ ଭାବାବେଗ ସହିତ ସମଗ୍ର ସହରରେ ଭାଇଚାରା, ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବର ମଧୁର ବାର୍ତ୍ତା ପ୍ରତିଧ୍ୱନିତ ହୋଇଥିଲା। ଏହି ପବିତ୍ର ଅବସରରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ତାଙ୍କ ବାସଭବନ ନିକଟରେ ପଟୁଆରରେ ସାମିଲ ହୋଇଥିବା ମୁସଲମାନ ଭାଇ ଓ ଭଉଣୀମାନଙ୍କ ପାଇଁ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। ଅସହ୍ୟ ଗୁଳୁଗୁଳିରେ ଏହି ଶୀତଳ ପାନୀୟ କେବଳ ତୃଷ୍ଣା ମେଣ୍ଟାଇ ନଥିଲା, ବରଂ ମାନବିକତା ଓ ଭାଇଚାରାର ଏକ ଶୀତଳ ପରଶ ଦେଇଥିଲା। ଟ୍ରଷ୍ଟର ଏହି ମାନବିକ ସେବା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଗୁରୁ ପ୍ରସାଦ ମହାନ୍ତି। ତାଙ୍କ ସହଧର୍ମିଣୀ ଗାୟତ୍ରୀ ମହାନ୍ତି, ସାନଭାଇ ସୁଜିତ୍ କୁମାର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ଶରତ କୁମାର ବେହୁରା, କାଉନସିଲର ରମେଶ ଚନ୍ଦ୍ର ଦାସ, ସୁଶୀଲ କୁମାର ସାମଲ, କୃଷ୍ଣ ପ୍ରସାଦ ଦାସ, ଦିପୁ, ରମାକାନ୍ତ, ବାବୁ ପ୍ରମୁଖ ଏହି ମହତ୍ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ଧର୍ମ ଭିନ୍ନ ହୋଇପାରେ କିନ୍ତୁ ମାନବିକତାର ଭାଷା ସମସ୍ତଙ୍କ ପାଇଁ ଏକ। ଏହି ସେବା କାର୍ଯ୍ୟ ମାଧ୍ୟମରେ ସମ୍ପ୍ରୀତି ହିଁ ଶକ୍ତି, ମାନବିକତା ହିଁ ମହତ୍ତ୍ୱ"ର ଏକ ସୁନ୍ଦର ବାର୍ତ୍ତା ସମାଜକୁ ମିଳିଛି। ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ଏଭଳି ମାନବିକ ପ୍ରୟାସ ନିଶ୍ଚିତ ଭାବେ କେନ୍ଦ୍ରାପଡ଼ାର ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରାର ପରମ୍ପରାକୁ ଆହୁରି ସୁଦୃଢ଼ କରିବ।

# ପ୍ରଜାପିତା ବ୍ରହ୍ମକୁମାରୀ ଧର୍ମାନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

## ସାମ୍ବାଦିକଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମକୁମାରୀ



**ପାରାଦୀପ (ଅମୃତ ମିଡିଆ) :** ସମାଜରେ ଶାନ୍ତି, ଶୃଙ୍ଖଳା, ମୈତ୍ରୀ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ପ୍ରଜାପିତା ବ୍ରହ୍ମକୁମାରୀ ଐଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ତେବେ ପ୍ରତ୍ୟେକ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ସେମାନଙ୍କୁ ରାକ୍ଷୀ ବାନ୍ଧିଥାନ୍ତି ବ୍ରହ୍ମକୁମାରୀ ଭଉଣୀମାନେ। ଏହି ପରିପ୍ରେକ୍ଷୀରେ ପରାଦୀପର ମଧୁବନସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଐଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କାର୍ଯ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ଏକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଭଉଣୀ ସୁମନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନିମନ୍ତ୍ରଣ ଓ ସ୍ୱାଗତ କରାଯାଇ ସେମାନଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା। ଏହି ଅବସରରେ ଭଗ୍ନୀ ସୁମନ ସମାଜର ସୁରକ୍ଷା ନିମନ୍ତେ ସାମ୍ବାଦିକଙ୍କ ଭୂମିକା ଓ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିରେ ଆୟୋଜିତ ଧାର୍ମିକ ସଭାରେ ଭଉଣୀ ସୁମନଙ୍କ ସମେତ ବ୍ରହ୍ମକୁମାରୀ ଅନୁଷ୍ଠାନର ସଦସ୍ୟ ବିବେକାନନ୍ଦ ନାୟକ ଏବଂ କ୍ୟାପଟେନ ଅମିତ ଉପସ୍ଥିତ ରହି ଆଧ୍ୟାତ୍ମିକ ବାଣୀ ପ୍ରଚାର ସହ ସାମ୍ବାଦିକ ମାନଙ୍କ ଦ୍ୱାରା ସତ୍ୟ ଓ ନିର୍ଭିକ ସମ୍ବାଦ ପରିବେଷଣ ପାଇଁ ଉତ୍ସାହିତ କରିଥିଲେ।

# ନିର୍ମାଣଧୀନ ସେତୁ କାର୍ଯ୍ୟସ୍ଥଳ ପରିଦର୍ଶନ କଲେ ମାହାଙ୍ଗା ବିଧାୟକ ଶାରଦା

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ନଗସପୁର ଚାରିରକବା ସାହୁକ୍ଷେତ ଠାରୁ ବ୍ରାହ୍ମଣଖଣ୍ଡ ସିର୍ଲୋ ପର୍ଯ୍ୟନ୍ତ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟ ସ୍ଥଳକୁ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ପରିଦର୍ଶନରେ ଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ କଟକ ଜ୍ୟୋତିରଂଜନ ପତି, ସାଲେପୁର ପୂର୍ତ୍ତବିଭାଗ ଉପଖଣ୍ଡ ଅଧିକାରୀ ଦେବଶିଷ ବେହେରା, ବିଭାଗୀୟ ଯନ୍ତ୍ରୀ ବିଶ୍ୱଜିତ୍ ସାହୁ,ସେତୁ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାସଂସ୍ଥାର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଯାତାୟତ ସୁବିଧାକୁ ଗୁରୁତ୍ୱ ଦେଇ ସେତୁ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଓ ଗୁଣାତ୍ମକ ଭାବେ ଶେଷ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ତଥା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ କଟକ ଜ୍ୟୋତିରଂଜନ ପତିଙ୍କୁ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀ ଓ ବିଧାୟକଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ।

# ଏସପିଙ୍କ କାର୍ଯ୍ୟାଳୟରେ ପୋଲିସ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଲେ ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ପବିତ୍ର ରକ୍ଷାବନ୍ଧନ ଅବସରରେ କେନ୍ଦ୍ରାପଡା ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଏକ ନିଆରା ଓ ଭାବପୂର୍ଣ୍ଣ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ଏସ୍‌ପି ଓ ଡିଏସ୍‌ପିଙ୍କ ସମେତ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଛାତ୍ରୀମାନେ ପୋଲିସ କର୍ମଚାରୀଙ୍କୁ ଭାଇ ଭାବେ ସମ୍ମାନ ଜଣାଇ ସେମାନଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। ଅନ୍ୟପକ୍ଷରେ ସମାଜର ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ପାଇଁ ପୋଲିସ ବାହିନୀ ନିରନ୍ତର କରୁଥିବା ସେବା ପାଇଁ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା। ରକ୍ଷାବନ୍ଧନ କେବଳ ଭାଇ-ଭଉଣୀର ସମ୍ପର୍କର ପର୍ବ ନୁହେଁ, ବରଂ ପରସ୍ପର ପ୍ରତି ସ୍ନେହ, ସମ୍ମାନ, ସୁରକ୍ଷା ଓ ଦାୟିତ୍ୱର ପ୍ରତୀକ। ଛାତ୍ରୀମାନଙ୍କ ଏହି ପଦକ୍ଷେପ ମାଧ୍ୟମରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ସ୍ନେହ ଓ ବିଶ୍ୱାସର ସମ୍ପର୍କ ଆହୁରି ଦୃଢ଼ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳଙ୍କ ସହ ସୁପ୍ରିୟା ବେହେରା, ଶାଶ୍ୱତୀ ଦାସ ଓ ଦୁର୍ଗେଶ୍ରୀ ବେହେରା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସହଯୋଗ କରିଥିଲେ। ଡିଏଭି ପବ୍ଲିକ ସ୍କୁଲର ଏହି ଅଭିନବ ପ୍ରୟାସକୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମଟି ସମସ୍ତଙ୍କ ମଧ୍ୟରେ ଭାଇଚାରା, ସ୍ନେହ ଓ ସାମାଜିକ ଦାୟିତ୍ୱର ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲା।

# ନିଟ୍ ସଫଳ ଦୁଇ ମେଧାବୀଙ୍କୁ ଆଦିବାସୀ ସଂଘର ସମ୍ବର୍ଦ୍ଧନା



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ଚିକିତ୍ସା ଶିକ୍ଷା ପ୍ରବେଶିକା ପରୀକ୍ଷା ନିଟ୍-୨୦୨୬ରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଥିବା ଦୁଇ ମେଧାବୀ ଛାତ୍ରଛାତ୍ରୀ ଘୁନଶର ଗ୍ରାମର ମଧୁସ୍ମିତା ମାଝୀ ଓ ସୁନାମୁଦୀ ଗ୍ରାମର ମାନସ କୁମାର ନାଏକଙ୍କୁ ଖପ୍ରାଖୋଲ ବ୍ଲକ ଆଦିବାସୀ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତେଲେନପାଲିସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦୁଇ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଖୁସି ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ, ନିଷ୍ଠା ଓ କଠିନ ପରିଶ୍ରମର ଫଳସ୍ୱରୂପ ମଧୁସ୍ମିତା ଓ ମାନସ ନିଟ୍-୨୦୨୬ରେ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନଙ୍କ ଏହି ସଫଳତା କେବଳ ପରିବାର କିମ୍ବା ବିଦ୍ୟାଳୟ ପାଇଁ ନୁହେଁ, ସମଗ୍ର ଅଞ୍ଚଳ ପାଇଁ ଗର୍ବର ବିଷୟ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ନିଜ ଲକ୍ଷ୍ୟ ପ୍ରତି ଅଟଳ ରହି ପରିଶ୍ରମ କଲେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ମଧ୍ୟ ବଡ଼ ସଫଳତା ହାସଲ କରିପାରିବେ ଏହି ଦୁଇ ମେଧାବୀଙ୍କ ସଫଳତା ତାହାର ଏକ ଉଜ୍ଜ୍ୱଳ ଉଦାହରଣ। ସେମାନଙ୍କ ସଫଳତା ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ସହ ନିଜ ସ୍ୱପ୍ନ ପୂରଣ ପାଇଁ ଅଧିକ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଡାକ୍ତରୀ ଶିକ୍ଷା ଗ୍ରହଣ କରି ଅସହାୟ, ଗରିବ ଓ ଆବଶ୍ୟକତାରେ ଥିବା ଲୋକଙ୍କ ସେବା କରିବା ସହ ସମାଜ ପ୍ରତି ନିଜର ଦାୟିତ୍ୱ ତୁଲାଇବା ପାଇଁ ଉଭୟଙ୍କୁ ଅତିଥିମାନେ ଶୁଭକାମନା ଜଣାଇଥିଲେ। ନିଟ୍‌ରେ ଏହି ସଫଳତା ଆଗାମୀ ଦିନରେ ସେମାନଙ୍କୁ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ପଥ ଦେଖାଇବ ବୋଲି ଆଶା ପ୍ରକାଶ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସଭାପତି କୁସ ମାଝୀଙ୍କ ସମେତ ଚୌବନ ମାଝୀ, ବିପ୍ର ବିଶି, ଟିକେଶ୍ୱର ଧରୁଆ, ନାରାୟଣ କିଷାନ ଓ ସତ୍ୟଭାମା ମାଝୀ ଅତିଥି ଭାବେ ଉପସ୍ଥିତ ଥିଲେ। ଗୋଲାପ ବିଶି ମଞ୍ଚ ପରିଚାଳନା କରିଥିବାବେଳେ ତୀର୍ଥ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ମେଧାବୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ ଚିକିତ୍ସକ ଜୀବନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### କାଦୁଅ...

୪୯, ପଶ୍ଚିମବଙ୍ଗର ୩୨ ଜଣ, କେରଳମର ୩୩ ଜଣ ଓ ଦେଶର ଅନ୍ୟ ରାଜ୍ୟରୁ ୬୧ ଜଣ ବନ୍ୟା ପରେ ନିଖୋଜ ହୋଇ ଯାଇଛନ୍ତି। ତେବେ ଆଜି ଦିନ ୧ଟା ସୁଦ୍ଧା ଜଳ ପ୍ରଳୟ ମଧ୍ୟରୁ ତାମିଲନାଡୁର ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ନେପାଳ ବ୍ୟତୀତ ବନ୍ୟା ପରେ ତିବ୍ବତରେ ମଧ୍ୟ ଅନେକ ଭାରତୀୟ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୨୦୦ ଜଣ ସହାୟତା ପାଇଁ ଯୋଗାଯୋଗ କରିଛନ୍ତି। ସେମାନଙ୍କୁ ଭାରତୀୟ ମିଶନ ଦ୍ୱାରା ସହାୟତା ଯୋଗାଇ ଦିଆଯାଉଛି। ଏହାବାଦ ସ୍ଥିତିକୁ ଦେଖି ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ପ୍ରତିଷ୍ଠା କରାଯାଇଛି। ଅନ୍ୟପକ୍ଷରେ ନେପାଳର ଏପରି ସ୍ଥିତିରେ ସହାୟତା କରିବାକୁ ଭାରତ ସରକାର ୪୭.୫ ଟନର ରିଲିଫ ପଠାଇଛନ୍ତି। ସି-୧୩୦ଜେ ଓ ସି-୧୭ ଏୟାରକ୍ରାଫ୍ଟ ରିଲିଫ ସାମଗ୍ରୀ ଧରି ନେପାଳରେ ପହଞ୍ଚି ସାରିଥିବା ମଧ୍ୟ ସେ ସୂଚନା ଦେଇଛନ୍ତି। ସମୟ ସହ ଲଢ଼େଇ କରୁଛନ୍ତି ଉଦ୍ଧାରକାରୀ ଟିମ। ସମୟ ଗଡ଼ିବା ସହ ବଢୁଛି ମୃତ୍ୟୁସଂଖ୍ୟା। କୋଠା ଉଚ୍ଚର ମାଟି କାଦୁଅ ଭିତରେ ଖୋଜା ଚାଲିଛି ଜୀବନ। ଖୋଜି ଖୋଜି ଉଦ୍ଧାରକାରୀ ଟିମ ନୟାନ୍ତ ହେଉଥିବା ବେଳେ ଧ୍ୱଂସବଶେଷ ତଳକୁ ମିଳୁଛି କୁଢ଼କୁଢ଼ ଶବ। କିଛି ମୃତଦେହର ମୁଣ୍ଡ ନଥିବା ବେଳେ ଆଉ କିଛି ସ୍ଥାନରୁ ମିଳିଛି କେବଳ କଟା ହାତ ଓ ଗୋଡ଼। ଚିତ୍ର ବିଚଳିତ କରୁଥିବା ବେଳେ ହଜାର ହଜାର ଲୋକ ଏବେ ବି ନିଖୋଜ। ନିଜ ପ୍ରିୟଜନକଙ୍କୁ ଆଖି ସାମ୍ନାରେ ହରାଇଥିବା ବିପନ୍ନ ବି ବୁଧବାର କଳା ଦିନର କାହାଣୀ କହିବା ଆରମ୍ଭ କରିଛନ୍ତି। ନେପାଳରେ ବୁଧବାର ଆସିଥିବା ଜଳ ପ୍ରଳୟ ଏବେ ପୂରା ବିଶ୍ୱକୁ କେବଳ ସ୍ତବ୍ଧ କରିନାହିଁ, ବରଂ ପ୍ରକୃତିର ତାଣ୍ଡବ ଆଗରେ ମଣିଷ କେତେ ନାଚାର ସେକଥା ଶିଖାଇ ଦେଇଛି। ଏହାର କିଛି ମିନିଟ ପରେ ବନ୍ୟା ପାଣି ଘୁଘୁ ଶବ୍ଦ ସହ ସମୁଦ୍ରର ଭ୍ରମ ସୃଷ୍ଟି କରି ତଳିଆ ଅଞ୍ଚଳକୁ ମାଡ଼ି ଯାଉଥିଲେ। ଆଉ ନେପାଳର ରସୁୱା, ନୁୱାକୋଟ ଓ ଧାଡିଙ୍ଗର ଅନେକ ଅଞ୍ଚଳକୁ ଆଖି ପିଛୁଳାକେ ଭସାଇ ନେଇଥିଲା। ଏବେ ବନ୍ୟା ଜଳ ଛାଡ଼ି ଯାଇଥିଲେ ହେଁ ନୁୱାକୋଟରେ ଥିବା ଘର, ରାସ୍ତା, ବ୍ରିଜ୍ ଓ ବଜାର ଗୁଡ଼ିକ ଏବେ ମାଟି କାଦୁଅ ଭିତରେ ପୋତି ହୋଇଯାଇଛି। ସେଠାରେ ପୂର୍ବରୁ ଲୋକମାନେ ଚଳାଚଳ କରୁଥିବାର କୌଣସି ଛିନ୍ନବର୍ଣ୍ଣ ନାହିଁ। ନୁୱାକୋଟର ତ୍ରିଶୁଳୀ ବଜାର ବେଶ ପରିଚିତ। ଏହି ବଜାର ମଧ୍ୟ ପ୍ରକୃତିର ତାଣ୍ଡବ ଯୋଗୁ ଛାରଖାର ହୋଇଯାଇଛି। ଏଠାରେ କପଡ଼ା ଦୋକାନ କରିଥିବା ଜଣେ ବ୍ୟକ୍ତି ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ହେଲେ ସେ ଦେଇଥିବା ତଥ୍ୟ ସମସ୍ତଙ୍କୁ ବିଚଳିତ କରିଛି। କାରଣ ବୁଧବାର ସକାଳେ ପ୍ରଶାସନର କିଛି ଲୋକ ଆସି ସ୍ଥାନୀୟ ଲୋକଙ୍କୁ କହିଥିଲେ ଯେ ତିବ୍ବତ ପାର୍ଶ୍ୱରେ ଭୋଟେ କୋଶୀ ନଦୀ ଉପରେ ଥିବା ଗୋଟିଏ ବନ୍ଧ ଭାଙ୍ଗିଯାଇଛି। ବାକି ଲୋକ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିବା ସେ କହିଛନ୍ତି। ବ୍ୟବସାୟୀଙ୍କ ଆଖି ସାମ୍ନାରେ ହିଁ ତାଙ୍କ ୧୮ ବର୍ଷୀୟ ପୁଅ ଓ ପତ୍ନୀ ଭାସି ଯାଇଥିବା ବ୍ୟବସାୟୀ ଜଣଙ୍କ କହିଛନ୍ତି। ନେପାଳରେ ଘଟିଥିବା ବିଭୀଷିକାରେ ଖୋର୍ଦ୍ଧାର ଦମ୍ପତି ନିଖୋଜ । ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜେମାଦେଇ ନିବାସୀ ପ୍ରତାପ ମହାପାତ୍ରଙ୍କ ପୁଅ ସନ୍ଦୀପ ସାହୁ ଏବଂ ତାଙ୍କ ପତ୍ନୀ ଶିଧାର୍ଥୀ ସାହୁ । ସନ୍ଦୀପ ୨୦୧୮ ମସିହାରେ ଅଷ୍ଟ୍ରେଲିଆରେ ଚାକିରୀ କରୁଥିଲେ। ୩ ଦିନ ତଳେ ସେ ଏବଂ ତାଙ୍କ ପତ୍ନୀ ନେପାଳ ବୁଲିବାକୁ ଯାଇଥିଲେ । ନେପାଳର ବନ୍ୟା ଏବଂ ଭୂସ୍ଖଳନରେ ସନ୍ଦୀପ ଯାଉଥିବା ଏକ ବସଟି ଭାସି ଯାଇଥିବାର ଅନୁମାନ କରାଯାଉଛି ।ଗୁରୁବାର ସକାଳୁ ବିଭିନ୍ନ ଗଣମାଧ୍ୟମରୁ ତାଙ୍କ ପରିବାର ଲୋକ ଖବର ପାଇବାପରେ ଭାଙ୍ଗି ପଡିଛନ୍ତି । ସନ୍ଦିପ ୨୫ ତାରିଖ ଦିନ ତାଙ୍କ ସାନ ଭାଇଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ହୋଇଥିଲେ । ନେପାଳରେ ବୁଲାବୁଲି କରୁଛନ୍ତି ବୋଲି ସୂଚନା ମଧ୍ୟ ଦେଇଥିଲେ । ସନ୍ଦୀପଙ୍କ ଏଭଳି ଖବର ପାଇବା ପରେ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ଶୁଭେଚ୍ଛୁ ସମସ୍ତେ ତାଙ୍କ ଜେମାଦେଇ ସ୍ଥିତ ବାସଭବନକୁ ଯାଇ ସନ୍ଦୀପଙ୍କ ସାନ ଭାଇଙ୍କ ସହ ତାଙ୍କ ପୈତୃକ ବାସଭବନରେ କଥା ହୋଇଥିଲେ । ଆମର ଭାଇକୁ କେନ୍ଦ୍ର ସରକାର ସୁରକ୍ଷିତ ଭାବରେ ଉଦ୍ଧାର କରି

### ଗ୍ଲେସିୟର...

ଜଳସ୍ତର ହଠାତ୍ ବଢ଼ିବାକୁ ଲାଗିଥିଲା। ପାଣି ସହ ମାଟି, ପଥର ଓ ବରଫର ବିଶାଳ ସ୍ରୋତ ତଳମୁହାଁ ହୋଇ ଆସିଥିଲା। ଏହା ପୂର୍ବରୁ ସକାଳ ୮ଟା ୩୭ରେ ନେପାଳ-ଚୀନ୍ ସୀମା ନିକଟରେ ଭୂକମ୍ପ ପରି ତୀବ୍ର କମ୍ପନ ଅନୁଭୂତ ହୋଇଥିଲା। ପରେ ଜଣାପଡ଼ିଥିଲା ଯେ, ଉଚ୍ଚ ପାର୍ବତ୍ୟ ଅଞ୍ଚଳରୁ ବରଫ ଓ ପଥରର ଏକ ବିଶାଳ ଅଂଶ ଖସି ଲେହନ୍ଦେ ଖୋଲା ନଦୀରେ ପଡ଼ିଥିଲା। ଏହି ଭୂସ୍ଖଳନ ଏତେ ଶକ୍ତିଶାଳୀ ଥିଲା ଯେ, ଏଥିରୁ ପ୍ରାୟ ୫.୨ ତୀବ୍ରତାର ଭୂକମ୍ପ ସହ ସମାନ କମ୍ପନ ସୃଷ୍ଟି ହୋଇଥିଲା। ଲେହନ୍ଦେ ଖୋଲା ଭୋଟେକୋଶୀ ନଦୀର ଏକ ଉପନଦୀ ଏବଂ ଚୀନ୍‌ରୁ ପ୍ରବାହିତ ହୋଇ ନେପାଳରେ ପ୍ରବେଶ କରିଛି।

# ଧଉଳି ଥାନାରେ ଉତ୍ତରପ୍ରଦେଶ ପୁଲିସ

**ବାଲିଅନ୍ତା (ଅମୃତ ମିଡିଆ) :** ଉତ୍ତର ପ୍ରଦେଶରେ ଏକ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କୁ ଖୋଜିବା ପାଇଁ ଆଜି ଧଉଳି ଥାନାକୁ ଆସିଥିଲା ଉତ୍ତରପ୍ରଦେଶ ପୁଲିସ । ଖବରନେବାରେ ଜଣାପଡିଛି ଗତ ୨୦୨୨ ରେ ଏକ ଗାଡି ସଡ଼କ ଦୁର୍ଘଟଣା କରିଥିଲା । ଏହି ଘଟଣାରେ ଥାନା ପୁଲିସ ଉକ୍ତ ଗାଡିକୁ ଜବତ କରିଥିଲେ । ଚାଳକ ଫେରାର ଥିଲେ । ମାତ୍ର ଉକ୍ତ ଗାଡିର ମାଲିକ ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳର ବୋଲି ଜଣାପଡିଥିଲା । ଏଠାରୁ କିଛି ସାମଗ୍ରୀ ଉକ୍ତ ଗାଡ଼ିରେ ଉତ୍ତରପ୍ରଦେଶ ଯାଇଥିଲା ବୋଲି ପୁଲିସ କହିଛି । ଏନେଇ ଧଉଳି ଥାନା ପୁଲିସ ସହାୟତାରେ ଉତ୍ତରପ୍ରଦେଶ ପୁଲିସ ଆଜି ଲିଙ୍ଗିପୁର ସ୍ଥିତ ଉକ୍ତ ମାଲିକଙ୍କ ଗୋଦାମଘରକୁ ଛାନଭିନ କରିଥିଲା । ମାତ୍ର ଗୋଦାମଘର ତାଲା ପଡିବା ସହ ମାଲିକଙ୍କ ସହ ଯୋଗାଯୋଗ ହୋଇପାରିନଥିଲା । ଫଳରେ ଖାଲି ହାତରେ ଫେରିଥିଲା ଉତ୍ତରପ୍ରଦେଶ ପୁଲିସ ।

# ଅନୁଭବ ହିଁ ସତ୍ୟର ପ୍ରକାଶକ: ପଣ୍ଡିତ ନିରଞ୍ଜନ ସାହୁ



**ନୀଳଗିରି (ଅମୃତ ମିଡିଆ) :** ଭାଗବତ ଆତ୍ମାର ଖାଦ୍ୟ। ଅନୁଭବ ହିଁ ସତ୍ୟର ପ୍ରକାଶକ। ଭାଗବତ ଆତ୍ମଶୋଧନର ମୂଳଉତ୍ସ। ବସ୍ତୁବାଦୀ ଆସନ୍ନ ମୃତ୍ୟୁ ପାଇଁ ସତର୍କ ନଥାଏ। ପ୍ରତିକର୍ମ ପାଇଁ ଭଗବାନଙ୍କ ଅନୁମତି ଲୋଡ଼ା। ବସ୍ତୁବାଦୀର ଉପଭୋଗ ଯୋଜନା ମୃତ୍ୟୁରେ ଶେଷ ହୁଏ। ପ୍ରତି ମୁହୂର୍ତ୍ତପଣ ହେଉଛି ମାୟାର ସୂଚନା। ଗ୍ୟାନାଗ୍ନିରୁ ଆତ୍ମଶୋଧନ ହୁଏ। ମାୟା ଦିବ୍ୟସ୍ଥିତିରୁ ଲକ୍ଷ୍ୟ ଭ୍ରଷ୍ଟ ହୁ କରାଏ। ଦୃଢ଼ଭକ୍ତି ବ୍ୟକ୍ତିର ସ୍ଥିତିକୁ ସୁଦୃଢ଼ କରେ। ଆତ୍ମା ଅଚିନ୍ତ୍ୟ ଶକ୍ତିର ପରିଚୟ। ଜୀବ କେବଳ ମୃତ୍ୟୁର ଅଧୀନ ଅଟେ । ରଜ ରୁ ତମ କୁ ଯିବାଅର୍ଥ ପାପାର୍ଜନ କରିବା। ଆତ୍ମୋପଲବ୍ଧି ହିଁ ପୂର୍ଣ୍ଣ ସନ୍ତୁଷ୍ଟପଣ। ଆସକ୍ତପଣରେ ଅଗ୍ରଗତି ଅତ୍ୟନ୍ତ କଷ୍ଟପ୍ରଦ। ସର୍ବୋପରି ଇନ୍ଦ୍ରିୟ ଉପଭୋଗ ଭକ୍ତ ନିକଟରେ ନାହିଁବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ୧୧୩ତମ ଆଭାସୀ ପାଠଚକ୍ରରେ ଭାଗବତର ପଞ୍ଚମ ସ୍କନ୍ଧର ଅଷ୍ଟାଦଶ ଅଧ୍ୟାୟରେ ଭାରତବର୍ଷ ବର୍ଣ୍ଣନା ଅବସରରେ ଆଲୋଚକ ପଣ୍ଡିତ ନିରଞ୍ଜନ ସାହୁ ଓ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବା ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜୟଶ୍ରୀ ପଣ୍ଡା ଓଁକାର ଧ୍ୱନି ଓ ସ୍ୱାଗତ ସଂଗୀତ ଗାନ କରିଥିଲେ। ଶେଷରେ ସଦସ୍ୟ ଶ୍ରୀଯୁକ୍ତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ। ଏପରି କାର୍ଯ୍ୟକ୍ରମକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।



# ଶ୍ରୀଲଙ୍କାର ନୂଆଷ୍ଟାର ସୋନାଲ ଦିନୁଶା

**ନୂଆଦିଲ୍ଲୀ :** ଭାରତ ବିପକ୍ଷରେ ଶ୍ରୀଲଙ୍କାର ଲଢ଼େଇ ଜାରି ରହିଛି। କଲମ୍ବୋ ଟେଷ୍ଟର ପଞ୍ଚମ ଦିନରେ ଶ୍ରୀଲଙ୍କା ପାଇଁ ଆଶାର କିରଣ ପାଲଟିଛନ୍ତି ଯୁବ ବ୍ୟାଟର ସୋନାଲ ଦିନୁଶା। ଭାରତୀୟ ବୋଲରଙ୍କ ସାମ୍ନାରେ ଧୈର୍ଯ୍ୟ ଓ ଦମ୍ଭର ସହ ବ୍ୟାଟିଂ କରି ସେ ହାସଲ କରିଛନ୍ତି ଆଉ ଏକ ଶତକ। ମାତ୍ର ଚତୁର୍ଥ ଟେଷ୍ଟ ଖେଳୁଥିବା ସୋନାଲ ଦିନୁଶା ଏବେ ଶ୍ରୀଲଙ୍କାର ଭରସାଯୋଗ୍ୟ ମଧ୍ୟକ୍ରମ ବ୍ୟାଟର ଭାବେ ଉଭା ହୋଇଛନ୍ତି। ଭାରତ ବିପକ୍ଷ ଚଳିତ ସିରିଜ୍‌ରେ ତାଙ୍କ ବ୍ୟାଟ୍ ଲଗାତାର କଥା କହୁଛି। ଲଗାତାର ଚାରିଟି ୫୦ରୁ ଅଧିକ ରନ୍‌ର ଇନିଂସ୍ ଖେଳି ସେ ଚର୍ଚ୍ଚାରେ ରହିଛନ୍ତି। ଗାଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଦିନୁଶା ଅପରାଜିତ ୧୦୦ ରନ୍ କରିଥିଲେ। ଏହା ଥିଲା ତାଙ୍କ ପ୍ରଥମ ଟେଷ୍ଟ ଶତକ। ପରେ



କଲମ୍ବୋ ଟେଷ୍ଟର ପ୍ରଥମ ଇନିଂସ୍‌ରେ ମଧ୍ୟ ସେ ଦମଦାର ବ୍ୟାଟିଂ କରି ୧୦୩ ରନ୍ କରିଥିଲେ। ଏବେ ପଞ୍ଚମ ଦିନରେ ଆଉ ଏକ ଶତକ ସହ ଶ୍ରୀଲଙ୍କାର ଆଶାକୁ ଜୀବିତ ରଖିଛନ୍ତି। ୨୫ ବର୍ଷୀୟ ଦିନୁଶା ୨୦୨୫ ଜୁନ୍ ୨୫ରେ ବାଂଲାଦେଶ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ଏପର୍ଯ୍ୟନ୍ତ ୭ଟି ଇନିଂସ୍‌ରେ ତାଙ୍କ ବ୍ୟାଟ୍‌ରୁ ଆସିଛି ୩୭୦ ରନ୍, ଯାହାର ବ୍ୟାଟିଂ ଆଭେରେଜ୍ ରହିଛି ୬୧.୬୬। ଟେଷ୍ଟ କ୍ରିକେଟ୍‌ରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ଦିନୁଶା ଏପର୍ଯ୍ୟନ୍ତ ଶ୍ରୀଲଙ୍କା ପାଇଁ ଦିନିକିଆ କିମ୍ବା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। କିନ୍ତୁ ଟେଷ୍ଟରେ ତାଙ୍କ ଲଗାତାର ପ୍ରଦର୍ଶନ ଦେଖିଲେ, ଖୁବଶୀଘ୍ର ହ୍ୱାଇଟ୍-ବଲ୍ ଦଳରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ମଧ୍ୟ ଦିନୁଶାଙ୍କ ରେକର୍ଡ ଖୁବ ମଜଭୁତ ରହିଛି। ୬୯ଟି ମ୍ୟାଚ୍‌ରେ ୩,୮୮୨ ରନ୍, ହାରାହାରି ୪୬.୨୧। ଏଥିରେ ରହିଛି ୧୨ଟି ଶତକ ଓ ୨୦ଟି ଅର୍ଦ୍ଧଶତକ।

# କଲମ୍ବୋ ଟେଷ୍ଟ ଡ୍ର, ଟେଷ୍ଟ ସିରିଜ ଜିତିଲା ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ:** କଲୋମ୍ବୋର ଏସଏସସି ମଇଦାନରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଅତି ରୋମାଞ୍ଚକ ମୋଡରେ ଡ୍ର ହୋଇଛି । ଅନ୍ତିମ ଦିନରେ ଦମଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ସିଂହଳି ବ୍ୟାଟ୍ସମ୍ୟାନ୍ । ଶ୍ରୀଲଙ୍କାର ଯୁବ ବ୍ୟାଟ୍ସମ୍ୟାନ୍ ସୋନାଲ ଦିନୁଷାଙ୍କ ଅବିଶ୍ୱସନୀୟ ଶତକ ଏବଂ ଦୃଢ଼ ବ୍ୟାଟିଂ ବଳରେ ଶ୍ରୀଲଙ୍କା ମ୍ୟାଚ୍ ବଞ୍ଚାଇବାରେ ସଫଳ ହୋଇଛି। ଏହି ମ୍ୟାଚ୍ ଡ୍ର ହେବା ସତ୍ତ୍ୱେ ଭାରତୀୟ ଦଳ ୧-୦ ବ୍ୟବଧାନରେ ସିରିଜ୍ ଜିତି ନେବାରେ ସଫଳ ହୋଇଛି । ଏହି ମ୍ୟାଚ୍ରେ ଭାରତ ପ୍ରଥମ ପାଳିରେ ୫୦୩/୯ (ଡିକ୍ଲେୟାର) ରନ୍ ର ଏକ ବିଶାଳ ସ୍କୋର୍ କରିଥିଲା ।ଶ୍ରୀଲଙ୍କାର ପ୍ରଥମ ପାଳି ମାତ୍ର ୨୯୦ ରନ୍ରେ ସୀମିତ ରହିଥିଲା, ଯାହାଫଳରେ ଭାରତ ପ୍ରଥମ ପାଳି ଆଧାରରେ ୨୧୩ ରନ୍ର ଆଗରେ ରହିଥିଲା । ଯାହାଫଳରେ ଶ୍ରୀଲଙ୍କାକୁ ଫଲୋଅନ୍



ଦେଇଥିଲା ।ପ୍ରଥମ ପାଳିରେ ପଛରେ ପଡ଼ିବା ପରେ ଶ୍ରୀଲଙ୍କା ଦ୍ୱିତୀୟ ପାଳିରେ ଅତି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା । ଫଲୋଅନ୍ ପରେ ବ୍ୟାଟିଂ କରିବାକୁ ଆସିଥିବା ଶ୍ରୀଲଙ୍କା ଆରମ୍ଭରୁ କିଛି ୱିକେଟ୍ ହରାଇଥିଲେ ମଧ୍ୟ ସୋନାଲ ଦିନୁଷା ଏକାକୀ ପାଳି ସମ୍ଭାଳିଥିଲେ ।ସେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଏହି ସିରିଜରେ ନିଜର ତୃତୀୟ ଶତକ ଅର୍ଜନ କରିଥିଲେ ।ତାଙ୍କର ଏହି ଧୈର୍ଯ୍ୟପୂର୍ଣ୍ଣ ଓ ଦାୟିତ୍ୱସମ୍ପନ୍ନ ଇନିଂସ୍ ବଳରେ ଶ୍ରୀଲଙ୍କା ମ୍ୟାଚ୍କୁ ହାରିବାରୁ ରକ୍ଷା କରିପାରିଛି । ପଞ୍ଚମ ଦିନର ଶେଷ ସୁଦ୍ଧା ଶ୍ରୀଲଙ୍କା ନିଜର ଦ୍ୱିତୀୟ ପାଳିରେ ୯ ୱିକେଟ୍ ହରାଇ ୪୨୯ ରନ୍ ସଂଗ୍ରହ କରିଥିଲା ଏବଂ ଏହାପରେ ଉଭୟ ଅଧିନାୟକ ମ୍ୟାଚ୍କୁ ଡ୍ର କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରମାନେ ମ୍ୟାଚ୍ର ଶେଷ ପର୍ଯ୍ୟନ୍ତ ପୂରା ଜୋର ଲଗାଇଥିଲେ । ରବୀନ୍ଦ୍ର ଜାଡେଜା ଏବଂ ମାନବ ସୁଥାର୍ କିଛି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଦଖଲ କରି ଭାରତକୁ ବିଜୟ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଶ୍ରୀଲଙ୍କାର ଲାଞ୍ଜୁଆ ବ୍ୟାଟିଂ ଆଗରେ ସେମାନଙ୍କ ରଣନୀତି ସମ୍ପୂର୍ଣ୍ଣ ସଫଳ ହୋଇପାରି ନଥିଲା। ଦ୍ୱିତୀୟ ପାଳିରେ ମାନବ ସୂତାର ଏବଂ ରବିନ୍ଦ୍ର ଜାଡେଜା ୩ଟି ଲେଖାଏଁ ୱିକେଟ ନେବାରେ ସଫଳ ହୋଇଥିଲେ । ମାତ୍ର ଘରୋଇ ଦଳ ବିପକ୍ଷରେ ଥିବା ମ୍ୟାଚ୍ ଶେଷରେ ଡ୍ର ହୋଇଛି ।

# ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍ କ୍ୱାଲିଫାୟର୍ସ

**କୁଆଲାଲୁମ୍ପୁର:** ଏଏଫ୍‌ସି ୧୭ ବର୍ଷରୁ କମ୍ ପୁରୁଷ ଏସୀୟ କପ୍ କ୍ୱାଲିଫାୟର୍ସ ଲାଗି ଗୁରୁବାର କୁଆଲାଲୁମ୍ପୁରଠାରେ ଡ୍ର ଅନୁଷ୍ଠିତ ହୋଇଛି। ଏଥିରେ ଭାରତ ଗ୍ରୁପ୍-ଇ'ରେ ମାଲେସିଆ, ପାଲେଷ୍ଟାଇନ୍, ସିଙ୍ଗାପୁର ଓ ଗୁଆମ୍ ସହ ରହିଛି। ରାଉଣ୍ଡ-ରବିନ୍ ଲିଗ୍ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଗ୍ରୁପ୍-ଇ'ର କ୍ୱାଲିଫାୟର୍ସ ମ୍ୟାଚ୍‌ଗୁଡ଼ିକ ମାଲେସିଆରେ ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ଆୟୋଜିତ ହେବ। କ୍ୱାଲିଫାୟର୍ସ ଡ୍ର'ରେ ୩୫ ଦଳକୁ ୭ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ ଲେଖାଏଁ ଦଳ ରହିଛନ୍ତି। ପ୍ରତି ଗ୍ରୁପ୍ ବିଜେତା ଦଳ ଉଜ୍‌ବେକିସ୍ତନରେ ଆସନ୍ତା ବର୍ଷ ମେ ୧୨ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍ ୨୦୨୭କୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ତା'ର ପ୍ରଥମ ମ୍ୟାଚ୍ ସିଙ୍ଗାପୁର ବିପକ୍ଷରେ ନଭେମ୍ବର ୧୧ ତାରିଖରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୧୪ରେ ଗୁଆମ୍, ୧୭ରେ ପାଲେଷ୍ଟାଇନ୍ ଓ ୨୦ରେ ମାଲେସିଆ ବିପକ୍ଷରେ ଖେଳିବ। ସାଉଦି ଆରବରେ ଖେଳାଯାଇଥିବା ୨୦୨୬ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିବା ଭାରତ ଲଗାତାର ଦ୍ୱିତୀୟ ଥର ଏବଂ ମୋଟ ଉପରେ ଏକାଦଶ ଥର ଲାଗି ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍ ଖେଳିବାକୁ ଲକ୍ଷ୍ୟ ରଖିଛି।

# ଏଆଇଏଫଏଫ୍ : ବ୍ରାଜିଲ୍ ପରେ କୋଲକାତାରେ ଉରୁଗୁଏ ଦଳ ସହ ଲଢ଼ିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ :** ଭାରତୀୟ ଫୁଟବଲ୍ ପ୍ରଶଂସକଙ୍କ ପାଇଁ ଗୋଟିଏ ପରେ ଗୋଟିଏ ବଡ଼ ଖବର ସାମ୍ନାକୁ ଆସୁଛି। ଭାରତୀୟ ଫୁଟବଲ୍ ଟିମ୍ ଆଗାମୀ ଦିନରେ ବିଶ୍ୱର ଅନେକ ବଡ଼ ବଡ଼ ଦଳ ସହ ମ୍ୟାଚ୍ ଖେଳିବ। ଏହି କ୍ରମରେ ଭାରତୀୟ ଫୁଟବଲ୍ ଦଳ ଉରୁଗୁଏ ସହିତ ମଧ୍ୟ ମୁହାଁମୁହିଁ ହେବ। ଏହି ଦୁଇ ଦଳ ମଧ୍ୟରେ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅକ୍ଟୋବର ୬ ତାରିଖରେ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯିବ। ସବୁଠାରୁ ବଡ଼ କଥା ହେଉଛି ଭାରତୀୟ ଦଳ ଉରୁଗୁଏ ସହିତ ମ୍ୟାଚ୍ ଖେଳିବା ପୂର୍ବରୁ ସମାନ ପଡ଼ିଆରେ ପାଞ୍ଚଥରର ବିଶ୍ୱ ଚାମ୍ପିଅନ୍ ବ୍ରାଜିଲ୍ ସହିତ ମୁହାଁମୁହିଁ ହେବ। ଏପରି ସ୍ଥଳେ ଭାରତୀୟ ଫୁଟବଲ୍ ପ୍ରେମୀମାନେ ବିଶ୍ୱ ଫୁଟବଲର ଦୁଇଟି ବଡ଼ ଶକ୍ତିଶାଳୀ ଦଳକୁ ଭାରତ ସହ ଖେଳୁଥିବାର ଦେଖିବାକୁ ସୁଯୋଗ ପାଇବେ। ସର୍ବଭାରତୀୟ ଫୁଟବଲ୍ ମହାସଂଘ ଗୁରୁବାର ଅର୍ଥାତ ୨୭ ଅଗଷ୍ଟରେ ଉରୁଗୁଏ ବିପକ୍ଷରେ ମ୍ୟାଚ୍ ଖେଳାଯିବା ନେଇ ଆଧିକାରିକ ଭାବେ ସୂଚନା ଦେଇଛି। ଫୁଟବଲ୍ ମହାସଂଘ



ଅନୁଯାୟୀ ସେପ୍ଟେମ୍ବରରୁ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଫିଫା ଅନ୍ତର୍ଜାତୀୟ ୱିଣ୍ଡୋରେ ଭାରତ ତିନିଟି ବଡ଼ ଫୁଟବଲ୍ ଦଳ ସହ ହାଇପ୍ରୋଫାଇଲ୍ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ସେପ୍ଟେମ୍ବର ୨୬ ତାରିଖରେ ବେଙ୍ଗାଲୁରୁର ଶ୍ରୀ କାନ୍ତୀରଭା ଷ୍ଟାଡିୟମରେ ପାନାମା ବିପକ୍ଷରେ ମ୍ୟାଚ୍ ଖେଳିବାକୁ ମଇଦାନକୁ ଓହ୍ଲାଇବ। ଏହିପରି ଭାବେ ଭାରତ ସହ ଖେଳିବା ପାଇଁ ଆଗାମୀ ଫିଫା ୱିଣ୍ଡୋ ମଧ୍ୟରେ ପାନାମା, ବ୍ରାଜିଲ୍ ଓ ଉରୁଗୁଏ ଭଳି ବିଶ୍ୱର ଶକ୍ତିଶାଳୀ ଦଳ ଭାରତ ଆସିବେ। କହି ରଖୁଛୁ, ଉରୁଗୁଏ ବର୍ତ୍ତମାନ ସମୟରେ ଫିଫା ବିଶ୍ୱକପ୍ ରାଙ୍କିଂର ୨୦ତମ ସ୍ଥାନରେ ରହିଛି। ଏହି ଦଳ ୧୯୩୦ ଓ ୧୯୫୦ ମସିହାରେ ଫୁଟବଲ୍ ବିଶ୍ୱକପ୍ ଜିତିଥିଲା। ଏହା ସମେତ ୧୯୫୪, ୧୯୭୦ ଓ ୨୦୧୦ ମସିହାରେ ମଧ୍ୟ ଏହି ଦଳ ବିଶ୍ୱକପ୍ ସେମିଫାଇନାଲ୍ ଖେଳିଥିଲା। ତେବେ ନିକଟ ଅତୀତରେ ଶେଷ ହୋଇଥିବା ୨୦୨୬ ଫିଫା ବିଶ୍ୱକପରେ ଉରୁଗୁଏ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ପରାଜୟ ସହିତ ବାଦ୍ ପଡ଼ିଥିଲା। ଉରୁଗୁଏ ଦଳର ବର୍ତ୍ତମାନର ମୁଖ୍ୟ କୋଚ୍ ଡିଏଗୋ ଫୋର୍ଲାନ୍ ଅଛନ୍ତି। ସେ ୨୦୧୬ ମସିହାରେ ମୁମ୍ବାଇ ସିଟି ଏଫସି ପାଇଁ ମ୍ୟାଚ୍ ଖେଳିସାରିଛନ୍ତି। ଭାରତୀୟ ଦଳର ପାନାମା ବିପକ୍ଷ ମ୍ୟାଚ୍ ମଧ୍ୟ ବିଶେଷ ହେବାକୁ ଯାଉଛି। ବେଙ୍ଗାଲୁରୁରେ ଭାରତୀୟ ଦଳ ୨୦୨୩ ସାଫ୍ ଚାମ୍ପିଅନସିପ୍ ପରେ ପ୍ରଥମ ଥର ଖେଳିବାକୁ ଯାଉଛି। ଏହି ପଡ଼ିଆରେ ହିଁ କୁୱେତକୁ ହରାଇ ଭାରତ ସାଫ୍ ଚାମ୍ପିଅନସିପ୍ ଟ୍ରଫି ନିଜ ନାମରେ କରିଥିଲା। ଏହି ସମସ୍ତ ମ୍ୟାଚ୍ ପରେ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଏଠାରେ ଭାରତୀୟ ଦଳ ୧୨ ଓ ୧୫ ନଭେମ୍ବରରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ।

# ଡିସେମ୍ବର ୨୭ରୁ ଆଫ୍‌ଗାନିସ୍ତାନ ପ୍ରିମିୟର ଲିଗ୍




**ଦୁବାଇ :** ଫ୍ରାଞ୍ଚାଇଜି ଭିତ୍ତିକ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଫ୍‌ଗାନିସ୍ତାନ ପ୍ରିମିୟର ଲିଗ୍ (ଏପିଏଲ୍) ଡିସେମ୍ବର ୨୭ରୁ ଆରମ୍ଭ ହେବ। ଏଥିରେ ୩ଟି ଦଳ ଭାଗନେବେ। ଏହି ୩ଟି ଦଳ ହେଲେ ଆକ୍ୱେଲ୍ ୟୁନାଇଟେଡ୍ କାବୁଲ, ବଲ୍‌ଖ ଜ୍ୱାନାନ୍ ଓ କାନ୍ଦାହାର ୱାରିଅର୍ସ। ତେବେ ଏପିଏଲ୍‌ର ସମସ୍ତ ମ୍ୟାଚ୍ ୟୁଏଇରେ ଖେଳାଯିବ। ଗତବର୍ଷ ଡିସେମ୍ବରରେ ଏପିଏଲ୍ ଆୟୋଜନ ନେଇ ଆଫ୍‌ଗାନିସ୍ତାନ କ୍ରିକେଟ୍ ବୋର୍ଡ ଘୋଷଣା କରିଥିଲା। ଏବେ କେବଳ ୩ଟି ପ୍ରତିଯୋଗୀ ଦଳ ଏବଂ ଟୁର୍ଣ୍ଣାମେଣ୍ଟର ତାରିଖ ଘୋଷଣା ହୋଇଥିବା ବେଳେ ଆଗକୁ ଟୁର୍ଣ୍ଣାମେଣ୍ଟ ଖେଳସୂଚୀ ଘୋଷଣା କରାଯିବ। ମଙ୍ଗଳବାର ଏକ ସ୍ୱତନ୍ତ୍ର ଉତ୍ସବରେ ଟୁର୍ଣ୍ଣାମେଣ୍ଟ ଉନ୍ମୋଚନ କରା ଯାଇଥିଲା। ଅଗଷ୍ଟ ୩୦ରୁ ଖେଳାଳିଙ୍କ ପଞ୍ଜିକରଣ ଆରମ୍ଭ ହେବ। ସେପ୍ଟେମ୍ବର ୨୭ରେ ବିଭିନ୍ନ ଦଳରେ ଖେଳାଳିଙ୍କୁ ସାମିଲ କରାଯିବ।

# ଦୁବାଇରେ ଆରମ୍ଭ ହେବ ମହିଳା ଏସିଆ କପ୍ କ୍ରିକେଟ୍

**ଦୁବାଇ:** ମହିଳା ଏସିଆ କପ୍ କ୍ରିକେଟ୍ ଶୁକ୍ରବାରଠୁ ଦୁବାଇରେ ଆରମ୍ଭ ହେବ। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ୮ ଦଳ ଭାରତ ସହ ବିଜେତା ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ହଂକଂ, ଚୀନ୍, ୟୁଏଇ ଓ ଇଣ୍ଡୋନେସିଆ ଅଂଶଗ୍ରହଣ କରୁଛନ୍ତି। ୨୦୨୪ ଫାଇନାଲ୍‌ରେ ଶ୍ରୀଲଙ୍କାଠୁ ହାରିଥିବା ଭାରତ ଏଥର ଟ୍ରଫି



ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ସଂସ୍କରଣରେ ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ହଂକଂ ଓ ଥାଇଲାଣ୍ଡ ସହ ରହିଛି। ଭାରତ ରବିବାର ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଶୁକ୍ରବାର ଉଦ୍‌ଘାଟନୀ ମୁକାବିଲାରେ ଥାଇଲାଣ୍ଡ ଓ ହଂକଂ ମୁହାଁମୁହିଁ ହେବେ।

# ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଟିକେଟ୍ ବିକ୍ରିରେ ରେକର୍ଡ

**ଅକଲାଣ୍ଡ:** ଭାରତୀୟ କ୍ରିକେଟ୍‌ଦଳ ଆସନ୍ତା ଅକ୍ଟୋବରରେ ନ୍ୟୁଜିଲାଣ୍ଡ ଗସ୍ତ କରି ପୂର୍ଣ୍ଣ କାଳୀନ ଶୃଙ୍ଖଳା ଖେଳିବ। ଏଥିରେ ୫ ଲେଖାଏଁ ଟ୍ୱେଣ୍ଟି-୨୦ ଓ ଏକଦିବସୀୟ ଏବଂ ୨ ଟେଷ୍ଟ ରହିଛି। ଏହି ଶୃଙ୍ଖଳା ଲାଗି ଟିକେଟ୍ ବିକ୍ରି ଆରମ୍ଭର ୪୮ ଘଣ୍ଟା ଭିତରେ ୨୬୦୦୦ରୁ ଅଧିକ ଟିକେଟ୍ ସରିଗଲାଣି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଅକ୍‌ଲାଣ୍ଡର ଇଡେନ୍ ପାର୍କରେ ଖେଳାଯିବାକୁ ଥିବା ଧଳାବଲ୍ ମ୍ୟାଚ୍‌ର ସବୁଠୁ ଅଧିକ ଟିକେଟ୍ ବିକ୍ରି ହୋଇଛି। ଖ୍ରିଷ୍ଟଚର୍ଚ୍ଚର ୯୦୦୦ ସିଟ୍ ବିଶିଷ୍ଟ ହାଗ୍‌ଲେ ଓଭାଲରେ ଖେଳାଯିବାକୁ ଥିବା ଅକ୍ଟୋବର ୨୨ ଓ ୨୪ରେ ପ୍ରଥମ ଦୁଇ ଟ୍ୱେଣ୍ଟି-୨୦ ଏବଂ ନଭେମ୍ବର ୨୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଖେଳାଯିବାକୁ ଦ୍ୱିତୀୟ ଟେଷ୍ଟ ବେଳେ ପଡ଼ିଆ ପୂର୍ଣ୍ଣ ରହିବ। ଏଚ୍‌ଏନ୍‌ଆରଓ୍ୱାଇ ଷ୍ଟାଡିୟମ୍‌ରେ ଅକ୍ଟୋବର ୨୭ରେ




ତୃତୀୟ ଟ୍ୱେଣ୍ଟି-୨୦ ଏବଂ ନଭେମ୍ବର ୭ରେ ଦ୍ୱିତୀୟ ଦିନିକିଆ ଟିକେଟ୍ ମଧ୍ୟ ବହୁମାତ୍ରାରେ ବିକ୍ରି ହୋଇଥିବା ନେଇ ନ୍ୟୁଜିଲାଣ୍ଡ କ୍ରିକେଟ୍ ବିଜ୍ଞପ୍ତିରେ ସୂଚନା ଦେଇଛି।

## ୯୪ଟି ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଖେଳିଛନ୍ତି ଆସିଫ୍ ଖାନ

# ୧୫ ମାସ ପାଇଁ ବ୍ୟାନ୍ କଲା ଆଇସିସି

**ନୂଆଦିଲ୍ଲୀ :** ୟୁଏଇ ବ୍ୟାଟର ଆସିଫ୍ ଖାନଙ୍କ ଉପରେ ଆଇସିସି ୧୫ ମାସର ବ୍ୟାନ୍ ଲଗାଇଛି। ଏହାକୁ ଖେଳାଳି ଜଣକ ସ୍ୱୀକାର ମଧ୍ୟ କରିଛନ୍ତି। ଏହି ବ୍ୟାନ୍ ଅବଧି ୮ ସେପ୍ଟେମ୍ବର ୨୦୨୫ ରୁ ଲାଗୁ ହେବ ଏବଂ ଏହା ୭ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏସିଆ କପ୍‌ରେ ୟୁଏଇର ମ୍ୟାଚ୍ ୧୦ ସେପ୍ଟେମ୍ବରରେ ଭାରତ ସହିତ ଥିଲା। ଏହାର ୨ ଦିନ ପୂର୍ବରୁ ଅର୍ଥାତ୍ ୮ ସେପ୍ଟେମ୍ବରରେ ଆସିଫ୍‌ଙ୍କର ଏକ 'ଆଉଟ୍-ଅଫ୍-କମ୍ପିଟିସନ'ଟେଷ୍ଟ କରାଯାଇଥିଲା। ଯେଉଁଥିରେ ସେ ନିଷିଦ୍ଧ ପଦାର୍ଥ ପାଇଁ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଆଇସିସି ନିଜ ବୟାନରେ କହିଛି ଯେ, ୮ ସେପ୍ଟେମ୍ବର ୨୦୨୫ ରେ ହୋଇଥିବା ଏକ 'ଆଉଟ୍-ଅଫ୍-କମ୍ପିଟିସନ' ଟେଷ୍ଟରେ ନିଷିଦ୍ଧ ପଦାର୍ଥ ପାଇଁ ପଜିଟିଭ୍ ଆସିବା ପରେ ଆସିଫ୍ ଖାନ୍ ୧୫ ମାସର ବ୍ୟାନ୍‌କୁ ସ୍ୱୀକାର କରିଛନ୍ତି। ଆସିଫ୍ ଆଇସିସି ଆଣ୍ଟି-ଡୋପିଂ କୋଡ୍‌ର ଆର୍ଟିକିଲ୍ ୨.୧ ର ଉଲ୍ଲଂଘନକୁ ସ୍ୱୀକାର କରିଛନ୍ତି ଏବଂ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି ଓ ଇଣ୍ଟରନ୍ୟାସନାଲ କ୍ରିକେଟ୍ କାଉନସିଲ୍



ସହିତ ଏକ 'କେସ୍ ରିଜୋଲ୍ୟୁସନ ଏଗ୍ରିମେଣ୍ଟ' ଜରିଆରେ ଏହି ଦଣ୍ଡାଦେଶକୁ ମଞ୍ଜୁରୀ ଦେଇଛନ୍ତି। ବ୍ୟାନ୍ ଅବଧି ୮ ସେପ୍ଟେମ୍ବର ୨୦୨୫ ରୁ ଲାଗୁ ହେବ। ଯେତେବେଳେ ତାଙ୍କର ନମୁନା ଟେଷ୍ଟ କରାଯାଇଥିଲା। ଏହା ଚଳିତ ବର୍ଷ ୭ ଡିସେମ୍ବର ପର୍ଯ୍ୟନ୍ତ ବଳବତ୍ତର ରହିବ। ୩୬ ବର୍ଷୀୟ ଏହି ଖେଳାଳିଙ୍କୁ ୮ ଅକ୍ଟୋବର ୨୦୨୬ ରୁ କୌଣସି ଦଳ ସହିତ ଟ୍ରେନିଂ କରିବା କିମ୍ବା କୌଣସି କ୍ଲବ୍ କିମ୍ବା ଆଇସିସିର ଅନ୍ୟ ସଦସ୍ୟ ସଂସ୍ଥାର ସୁବିଧା ସୁଯୋଗ ବ୍ୟବହାର କରିବାକୁ ଅନୁମତି ମିଳିବ, କିନ୍ତୁ ପ୍ରତିଯୋଗିତାମୂଳକ କ୍ରିକେଟ୍‌କୁ ସେ ୮ ଡିସେମ୍ବର ପରେ ହିଁ ପ୍ରତ୍ୟାବର୍ତ୍ତନ କରିପାରିବେ। ପାକିସ୍ତାନର ଲାହୋରଠାରେ ଜନ୍ମଗ୍ରହଣ କରିଥିବା ଆସିଫ୍ ଖାନ୍ ପାକିସ୍ତାନର ଅଣ୍ଡର-୧୯ ଦଳ ପାଇଁ ମଧ୍ୟ ଖେଳିସାରିଛନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ସେ ୟୁଏଇ ଚାଲିଯାଇଥିଲେ ଏବଂ ୟୁଏଇ ଦଳ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ। ୨୦୨୨ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିବା ଆସିଫ୍ ୩୮ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରୁ ୩୭ଟି ଇନିଂସରେ ସେ ୧୨୭୦ ରନ୍ ସ୍କୋର କରିଛନ୍ତି। ଦିନିକିଆରେ ତାଙ୍କ ନାମରେ ୩ଟି ଶତକ ଏବଂ ୭ଟି ଅର୍ଦ୍ଧଶତକ ରହିଛି। ଏହା ସମେତ ଆସିଫ୍ ୫୬ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୧୩୭.୯୨ ଷ୍ଟ୍ରାଇକ୍ ରେଟ୍ ସହିତ ୧୩୦୨ ରନ୍ ସ୍କୋର କରିଛନ୍ତି। ଟି-୨୦ ରେ ସେ ୬ଟି ଅର୍ଦ୍ଧଶତକ ହାସଲ କରିସାରିଛନ୍ତି। କହି ରଖୁଛୁ ଯେ ଆସିଫ୍ ଖାନ୍ ୨୦୨୨ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ ଏବଂ ଏହା ପରଠାରୁ ସେ ୟୁଏଇ ପାଇଁ ୩୮ଟି ଦିନିକିଆ ଓ ୫୬ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ତାଙ୍କ ନିଲମ୍ବନ ଯୋଗୁଁ ୟୁଏଇ କ୍ରିକେଟ୍‌କୁ ଏକ ବଡ଼ ଝଟ୍‌କା ଲାଗିଛି। କାରଣ ସେ ଦଳର ଜଣେ ଅଭିଜ୍ଞ ଖେଳାଳିଙ୍କ ମଧ୍ୟରେ ସାମିଲ ଥିଲେ। ଏବେ ଆସିଫ୍‌ଙ୍କ ନଜର ଦଣ୍ଡାଦେଶ ଶେଷ ହେବା ପରେ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିବା ଉପରେ ରହିବ, କିନ୍ତୁ ସେ ପର୍ଯ୍ୟନ୍ତ ୟୁଏଇ ଦଳକୁ ତାଙ୍କ ବିନା ହିଁ ନିଜର ଆଗାମୀ ଯୋଜନା ପ୍ରସ୍ତୁତ କରିବାକୁ ହେବ।

# ଅଷ୍ଟ୍ରେଲିଆ ସିରିଜ୍ ପାଇଁ ଅଣ୍ଡର-୧୯ ଟିମ୍ ଘୋଷଣା

## ଭାରତୀୟ ଦଳରେ ସ୍ଥାନ ପାଇଲେ ସେହ୍ୱାଗ ଓ ଦ୍ରାବିଡଙ୍କ ପୁଅ

**ନୂଆଦିଲ୍ଲୀ :** ସିନିଅର ଇଣ୍ଡିଆ ଟିମ୍ ପାଇଁ ଏକାଠି ଖେଳିଥିବା ପୂର୍ବତନ ଖେଳାଳି ରାହୁଲ ଦ୍ରାବିଡ ଏବଂ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଏବେ ଏକାଠି ଜୁନିଅର ଇଣ୍ଡିଆ ପାଇଁ ଖେଳିବେ । ଜୁନିଅର ନ୍ୟାସନାଲ ଚୟନ ସମିତି ପକ୍ଷରୁ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍ ପାଇଁ ଭାରତୀୟ ଟିମ ଘୋଷଣା ହୋଇଛି । ଏଥିରେ ୩ଟି ଦିନିକିଆ ମ୍ୟାଚ ଏବଂ ଦୁଇଟି ବହୁ-ଦିନିଆ ମ୍ୟାଚ ଖେଳାଯିବ । ଦ୍ରାବିଡଙ୍କ ପୁଅ ଅନଭୟ ଦ୍ରାବିଡ ଏବଂ ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗଙ୍କୁ ଦିନିକିଆ ଟିମରେ ସ୍ଥାନ ମିଳିଛି । ୩ ଏକଦିବସୀୟ ମ୍ୟାଚ ଏବଂ ପ୍ରଥମ ବହୁ-ଦିନିଆ ମ୍ୟାଚ ରାଜକୋଟରେ ଖେଳାଯିବ । ଦ୍ୱିତୀୟ ବହୁତ-ଦିବସୀୟ ମ୍ୟାଚ ଅହମଦାବାଦରେ ଆୟୋଜିତ ହେବ । ବିସିସିଆଇ ସଚିବ ଦେବଜିତ ସାଇକିଆ ଏହି ଘୋଷଣା କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ଅଣ୍ଡର-୧୯ ବିରୋଧରେ ମଜବୁତ ପ୍ରଦର୍ଶନ ପାଇଁ ପ୍ରସ୍ତୁତି ହେଉଛି । ଦିନିକିଆ ମ୍ୟାଚ



ପାଇଁ ଲକ୍ଷ୍ୟ ରାୟଚନ୍ଦାନୀ ଅଧିନାୟକ ହୋଇଛନ୍ତି । ସେହିପରି ଯଶବର୍ଦ୍ଧନ ଚୌହାନ ଉପ ଅଧିନାୟକ ରହିଛନ୍ତି । ମଲ୍ଟି ଡେ ମ୍ୟାଚ୍ ପାଇଁ ଯଶବର୍ଦ୍ଧନ ଚୌହ୍ୱାନ ଅଧିନାୟକ ରହିଥିବା ବେଳେ ଲକ୍ଷ୍ୟ ରାୟଚନ୍ଦାନୀ ଉପ ଅଧିନାୟକ ରହିଛନ୍ତି । ଦିନିକିଆ ସ୍କ୍ୱାଡ୍ : ଲକ୍ଷ୍ୟ ରାୟଚନ୍ଦାନୀ, ଯଶବର୍ଦ୍ଧନ ଚୌହ୍ୱାନ, ରଜତ ବଘେଲ, ଆର୍ଯ୍ୟବୀର ସେହ୍ୱାଗ, ବିକେ ବିନୀତ, କୁଶାଗ୍ରେ ଓଝା, ଅର୍ଜୁନ ରାଜପୁତ, ମନାଲ ଚୌହ୍ୱାନ, ଅନଭୟ ଦ୍ରାବିଡ, ବି ଯଶବୀର, ରୋହିତ ଯାଦବ, ଶାବିନ ବିନୋଜ, ମୋହିତ ଉଲବା, ଚିଗୁରୁପତି ଭେଙ୍କଟା ଏବଂ କାବ୍ୟା ପଟେଲ । ମଲ୍ଟି ଡେ ସ୍କ୍ୱାଡ୍ : ଯଶବର୍ଦ୍ଧନ ଚୌହ୍ୱାନ, ଲକ୍ଷ୍ୟ ରାୟଚନ୍ଦାନୀ, ସାଗର ବିର୍କ, କୁଶାଗ୍ରେ ଓଝା, ମନାଲ ଚୌହ୍ୱାନ, କୁଶ ପଟେଲ, ମାନବ କ୍ରିଷ୍ଣା, ଅଭିପ୍ରାୟ ବିଶ୍ୱାସ, ରୋହିତ ଯାଦବ, ଇଶାନ ଓମ, ଅୟାନ ଅକ୍ରମ, ପ୍ରଣବ ରାଘବେନ୍ଦ୍ର, ପ୍ରିୟାଂଶୁ ସିଂହ, ମୋହିତ ଉଲବା ଏବଂ ଆର୍ଯ୍ୟନ ଯାଦବ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra





# ରାଜପୁର ଓଡିଶା ଆଦର୍ଶ ବିଦ୍ୟାଳୟ ରାସ୍ତା ମରଣଯନ୍ତା



**ବେଗୁନିଆପଡା (ଅମୃତ ମିଡିଆ) :** ଏହି ବ୍ଲକ ଅନ୍ତର୍ଗତ ବଡ଼ ଖଇରଖମା ପଞ୍ଚାୟତର ରାଜପୁରଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟକୁ ରାସ୍ତା ମରଣ ଯନ୍ତା ପାଲଟିଛି। ଏହି ବିଦ୍ୟାଳୟକୁ ବ୍ଲକର ବିଭିନ୍ନ ଗ୍ରାମରୁ ଦୈନିକ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଯାତ୍ରୀବାହୀ ଗାଡ଼ିରେ ଆସୁଥିବା ବେଳେ ରାସ୍ତାର ଏହି ଅବସ୍ଥା ପିଲାଙ୍କୁ ବିପଦ ଆଡକୁ ଟାଣୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ରାସ୍ତା ଆସୁଥିବା ବେଳେ ଛଚିନା ଠାରୁ ବୁରୁଝରୀ ମୁଖ୍ୟ ରାସ୍ତାରୁ ଏହି ଶାଖା ରାସ୍ତାର ଅବସ୍ଥା ଉପରେ ବାରମ୍ବାର ଅଭିଯୋଗ କଲେ ବି ରାସ୍ତା ମରାମତି କିମ୍ବା ନିର୍ମାଣ ହୋଇପାରୁନି। ଏହି ରାସ୍ତା ପାର୍ଶ୍ୱରେ କେନାଲ ଯାଇଥିବା ସହ ରାସ୍ତା ପାର୍ଶ୍ୱରେ ଲଟା ବୁଦା ମାଡିରହିଛି। ଏଣୁ ପିଲାଙ୍କ ସ୍ୱାର୍ଥ ପାଇଁ ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ସହ କେନାଲ ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ ପାଇଁ ଦାବି ହେଉଛି।

# ମହମ୍ମଦଙ୍କ ଜନ୍ମଦିବସ ମହାସମାରୋହରେ ପାଳିତ



**ଫୁଲବାଣୀ (ଅମୃତ ମିଡିଆ) :** ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଗତକାଲି ଫୁଲବାଣୀ ଜୁମା ମସଜିଦ୍ ଠାରେ ସମସ୍ତ ମୁସଲ୍‌ମାନ ଭାଇଭଉଣୀମାନଙ୍କ ଦ୍ୱାରା ଜୁମା ମସଜିଦ ସଭାପତି ଅବଦୁଲ୍ ରଜାକ୍ ଓ ସମ୍ପାଦକ ମହମ୍ମଦ ସାହିଲ୍‌ଙ୍କ ନେତୃତ୍ୱରେ ବହୁ ସମାରୋହରେ ମହମ୍ମଦଙ୍କ ଜନ୍ମ ଦିବସ ପାଳନ କରାଯାଇଥିଲ। ସେହି ସମୟରେ କୋରାନ୍ ନମାଜ ପାଠ କରାଯାଇଥିଲା। ଗତକାଲି ମହମ୍ମଦଙ୍କ ଜନ୍ମଦିବସ ପାଳନ କାର୍ଯ୍ୟକ୍ରମ ଶେଷ ପରେ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କ ପାଇଁ ପଙ୍ଗଲ ଭୋଜନର ଆୟୋଜନ ହୋଇଥିଲା। ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ଜନ୍ମଦିବସ ପାଳନ ଅବସରରେ ତା ୨୬/୮/୨୦୨୬ ରିଖ ବୁଧବାର ଦିନ ସକାଳ ୧୦ଟା ସମୟରେ ଜୁମା ମସଜିଦ ସଭାପତି ଅବଦୁଲ୍ ରଜାକ୍ ଓ ସମ୍ପାଦକ ମହମ୍ମଦ ସାହିଲଙ୍କ ନେତୃତ୍ୱରେ ଯୁବ ମୁସଲିମ୍ ଭାଇମାନଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଏକ ଜୁଲୁସ୍ ଶୋଭାଯାତ୍ରା ଯାତ୍ରା ସ୍ଥାନୀୟ ଫୁଲବାଣୀ ଅମଲପଡ଼ା ହନୁମାନ ମନ୍ଦିର ଗଉଡ଼ ସାହି ଠାରୁ ବାହାରି ଫୁଲବାଣୀ ସହର ପରିକ୍ରମା କରି ଜିରିଙ୍ଗିପଡ଼ା ରାସ୍ତା ଦେଇ ମାଦିକୁନ୍ଦା ଛକ, ପିଅନପଡ଼ା ଛକ, ଗାନ୍ଧୀ ଛକ ଠାରୁ ଜୁଲୁସ ଶୋଭାଯାତ୍ରା ଫେରି ଥିଲା। ପୂର୍ବ ଦିନ ପରି ଆଜି ଅପରାହ୍ନ ୨.୦୦ଟା ସମୟରେ ସୁସଲମାନ୍ ଭାଇଭଉଣୀମାନଙ୍କ ପାଇଁ ପଙ୍ଗଲ ଭୋଜନ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟା ୬.୩୦ ମିନିଟ୍ ସମୟରେ ହନୁମାନ ମନ୍ଦିର ଗଉଡ଼ ସାହି ଠାରେ ଆୟୋଜିତ ମହମ୍ମଦଙ୍କର ଜ୍ଞାନଅମୃତ ବାଣୀ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରବଚନ କାର୍ଯ୍ୟକ୍ରମରେ ସମସ୍ତ ମୁସାଲମାନ ଭାଇଭଉଣୀ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲାରୁ ମହମ୍ମଦଙ୍କ ବିଷୟରେ ପ୍ରବଚନ ଦେବା ପାଇଁ ଭଦ୍ରକ ସହରରୁ ଗୁରୁ ପ୍ରବଚକ ଗୁଲାମ୍ ମୁସ୍ତଫା କାଦିର ଯୋଗ ଦେଇ ମହମ୍ମଦ ଉପରେ ସନ୍ଧ୍ୟା ସମୟରେ ପ୍ରବଚନ ଦେଇଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମ ସନ୍ଧ୍ୟା ୬.୩୦ ସମୟରୁ ଆରମ୍ଭ ହୋଇ ରାତ୍ର ୧୦.୩୦ ମିନିଟ୍ ସମୟରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶେଷ ପରେ ପୂର୍ବ ପରି ପଙ୍ଗଲ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବକ ମୁସଲିମ୍ ଭାଇ ମାନେ ମହମ୍ମଦ ରାହିଲ, ମହମ୍ମଦ ହପିଜ୍, ଶେଖ୍ ଆସରଫ, ମହମ୍ମଦ ସାହା ବୁଦ୍ଦିନ, ବାବର୍ ଅଲ୍ଲୀ, ସୟଦ ମୁନିର, ଏମ୍ ଡି ଲତିଫ, ଏମ୍ ଡି ପପୁ, ଇମତିହାନ୍ ଖାନ୍, ଏସ୍ କେ ସାତାର, ଅବଦୁଲ୍ କାଦର, ସୟଦ୍ ଅବ୍‌ରାର, ମହମ୍ମଦ ୱାହିର, ମହମ୍ମଦ, ସିରାଜ୍ ଏବଂ ମହମ୍ମଦ୍ ରମିଜ୍ ପ୍ରମୁଖ ଯୁବ ଗୋଷ୍ଠୀ ଜୁଲୁସ ଶୋଭାଯାତ୍ରା ପରିକ୍ରମାରେ ସହଯୋଗ କରିଥିଲେ। ଏହି ମୁସଲମାନ ଭାଇ ଭଉଣୀମାନଙ୍କର ମହମ୍ମଦ୍ ଜୟନ୍ତୀ କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ ରେ ଫୁଲବାଣୀ ଟାଉନ୍ ଥାନା ଅଧିକାରୀ ପ୍ରଜ୍ଞା ଉତ୍ତମ୍ବରା କରଙ୍କ ତତ୍ୱାବଧାନ ରେ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ଜାଗୃତିକା ତରଫରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ



**ଚିଲିକା (ଅମୃତ ମିଡିଆ) :** ନାଚୁଣୀସ୍ଥ ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ 'ଜାଗୃତିକା' ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀ ଭବାନୀପୁରସ୍ଥ କବି କୁଟୀର ଠାରେ ପାଳିତ ହୋଇଯାଇଅଛି । ପ୍ରାରମ୍ଭରେ ଉପସ୍ଥିତ ଥିବା ସଦସ୍ୟମାନେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତୈଳ ଚିତ୍ରରେ ଧୂପପୁଷ୍ପ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଭଗବତୀ ମଣ୍ଡଳ ପାଲାଗାୟକ ପରିଷଦର ସଭାପତି ରମେଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତରେ ଅନୁଷ୍ଠିତ ଜୟନ୍ତୀ ସଭାରେ 'ଜାଗୃତିକା'ର ଉପଦେଷ୍ଟା ଗାୟକ ଦକ୍ଷୀଣ କେଶରୀ ରାମଚନ୍ଦ୍ର କର, ସଭାପତି ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ, ନାଚୁଣୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡକ୍ଟର ରାଜକିଶୋର ସାହୁ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଶିକ୍ଷକ ଦୁଃର୍ଯ୍ୟୋଧନ ପ୍ରଧାନ, ନାଚୁଣୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ପ୍ରଦୀପ କୁମାର ମିଶ୍ର, ଅଧାପକ ତନ୍ମୟ କୁମାର ସାହୁ, ସଙ୍ଗୀତଜ୍ଞ ଅଜିତ୍ କୁମାର ମିଶ୍ର ଓ ସୀତାରାମ ବେହେରା ପ୍ରମୁଖ ଯୋଗ ଦେଇ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାହିତ୍ୟକୃତି ଉପରେ ବର୍ଣ୍ଣନା କରିବା ସହ ତାଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ୱଳ୍ପ ଥିଲେ ମଧ ସ୍ୱାଧୀନ ଭାରତରେ ଆଜି ତାଙ୍କର କାବ୍ୟକବିତା ବିଶ୍ୱବିଦ୍ୟାଳୟ ସ୍ତରରେ ପଠନ କରା ଯାଉଅଛି ଓ ଓଡ଼ିଶାର ଭାଷା ଆନ୍ଦୋଳନର ସେ ଏକ ଅଗ୍ରଗାମୀ ସୈନିକ ଥିଲେ ବୋଲି ଉକ୍ତ ସଭାରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ପରିଶେଷରେ 'ଜାଗୃତିକା'ର ସଂପାଦକ ବିରଞ୍ଚିନାରାୟଣ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ରୋଗୀଙ୍କୁ ଫଳ ବଣ୍ଟନ




**ଭଦ୍ରକ (ଅମୃତ ମିଡିଆ) :** ଭଦ୍ରକ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀମାନଙ୍କୁ ଭେଟି ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଫଳ ବଣ୍ଟନ କରାଯାଇଛି। ପ୍ରଥମ ଦିବସର କାର୍ଯ୍ୟକ୍ରମ ପୁରୁଣା ବଜାର ମଲିକ ମଇଦାନ ସ୍ଥିତ ଅହମଦୀୟା ମୁସଲିମ ମସଜିଦ ଠାରେ ଭୋର ୩:୩୦ରୁ ସାମୂହିକ ବିଶେଷ ନମାଜ ତହଜୁଦ ପାଠ ସହ ଆରମ୍ଭ ହୋଇଥିଲା। ୪:୪୦ରେ ନମାଜ ଫଜର ଓ ପ୍ରବଚନ ହୋଇଥିଲା। ୪:୫୦ ରେ ସାମୂହିକ ପବିତ୍ର କୋରାନ ପାଠ ଆବୃତ୍ତି କରାଯାଇଥିଲା। ସକାଳ ୧୦:୦୦ ଘଟିକା ସମୟରେ ଜିଲ୍ଲା ଚିକିତ୍ସାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ସେକ ଅବ୍ଦୁଲ କାଦର ଯୋଗଦେଇଥିବା ବେଳେ ଅତିଥି ଭାବେ ଉପଜିଲ୍ଲା ସଭାପତି ସେକ ଗୁଲାମ ଅହମଦ, ଜିଲ୍ଲା ମୌଲାନା ଇନଚାର୍ଜ ମିର ଅବ୍ଦୁଲ ହଫିଜ, ଆଞ୍ଚଳିକ ସଭାପତି ସେକ ଜହୁର ଅହମଦ, ଉପସଭାପତି ସେକ ଏଜାଜ ଅହମଦ, ଯୁବ ସଂଗଠନର ସଭାପତି ସେକ ସୁଲତାନ ଅହମଦ ଏବଂ ଜଇମ ଅନସାର ସେକ ଜମାଲୁଦ୍ଦିନ ଯୋଗ ଦେଇଥିଲେ। ଆସନ୍ତାକାଲି ଆଦର୍ଶବାଦୀ ମହା ମାନବ ମହମ୍ମଦଙ୍କ ଜୀବନୀ ବିଷୟରେ ଏକ ଧର୍ମସଭା ହେବାର ସଂପ୍ରଦାୟର କମିଟି ତରଫରୁ ସୂଚନା ଦିଆଯାଇଛି।

# ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଦାବି

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରଙ୍ଗମୁଣ୍ଡାଇ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ,ଛାତ୍ର ଛାତ୍ରୀଙ୍କ ଅଭିଭାବକ, ଶିକ୍ଷାବିତ୍ ଓ ସ୍ଥାନୀୟ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡ଼ାକ ଯୋଗେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରର ଏକକିତା ଅବିକଳ ନକଲ ଜିଲ୍ଲା ଶିକ୍ଷାଧିକାରୀ କଟକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି । ଏହି ପ୍ରାଥମିକ ବିଦ୍ୟାଳୟ ରେ ୫ଟି ଶ୍ରେଣୀ ପାଇଁ ୩ଜଣ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିଲେ । ଗତ ତା.୩୧.୦୫.୨୦୨୬ରିଖରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାବତୀ ବଳ ଅବସର ଗ୍ରହଣ କରିଛନ୍ତି । ତା.୩୧.୦୮. ୨୦୨୬ରିଖରେ ଅନ୍ୟତମ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସାମଲ ଅବସର ଗ୍ରହଣ କରିବେ । ସହକାରୀ ଶିକ୍ଷୟିତ୍ରୀ ଅବସର ନେଲା ପରେ ଏହି ବିଦ୍ୟାଳୟରେ ଏକମାତ୍ର ଶିକ୍ଷୟିତ୍ରୀ ଭାବେ ଶ୍ରୀମତୀ ତମାଳଲତା ମହାପାତ୍ର ରହିବେ । ତେଣୁ ବିଦ୍ୟାଳୟରେ ଶିକ୍ଷାଦାନ,ବିଦ୍ୟାଳୟର ପରିଚାଳନା,ମଧ୍ୟାହ୍ନ ଭୋଜନ ର ନଥିପତ୍ର କାର୍ଯ୍ୟ ଓ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେବ । ୫ଗୋଟି ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ ଶିକ୍ଷାଦାନ କରିବା ସହ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ କରିବା ଅସମ୍ଭବ ।

# ପଳାଶୋଳ ୟୁଥ ହେଲପିଙ୍ଗ ବଏ ଚାରିଟେବଲ ଟ୍ରଷ୍ଟର ପଞ୍ଚମ ବର୍ଷିକ ରକ୍ଷାବନ୍ଧନ ଉତ୍ସବ



**ଜଗତସିଂହପୁର (ଅମୃତ ମିଡ଼ିଆ) :** ଜଗତସିଂହପୁର ବ୍ଲକ ଆନ୍ତର୍ଗତ ପଳାଶୋଳ ହେଲପିଙ୍ଗ ବଏ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପଞ୍ଚମ ବାର୍ଷିକ ରକ୍ଷାବନ୍ଧନ ଉତ୍ସବ ଆଜି (ଗୁରୁବାର) ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ରକ୍ଷା ବନ୍ଧନ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଉତ୍ସବରେ ଟ୍ରଷ୍ଟର ସଭାପତି ଅକ୍ଷୟ କମାର ମହାନ୍ତି(କାଳିଆ ସାରେ)ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମେନକା ଦାସ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ବିଜେପିର ପୂର୍ବତନ ସମ୍ପାଦକ ଜଗନ୍ନାଥ ଦାଶ ଓ ସମୀର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପ-ସଭାପତି ରିତୁରାଜ ମହାନ୍ତୀ, ସମ୍ପାଦକ ସ୍ମୃତିରଞ୍ଜନ ବେହେରା, ସହ-ସମ୍ପାଦକ ଜାମିନି କାନ୍ତ ନନ୍ଧ, ୱାର୍ଡ ସଭ୍ୟ ଝରେନ୍ଦ୍ର ବେହେରା, କବିତା ବାରିକ, କବିତା ବାରିକ, ସନ୍ତୋଷ କୁମାର ବେହେରା, ଶ୍ରୀନୀବାସ ଷଡ଼ଙ୍ଗୀ, ଚୁମକି ସେଠି, ରଞ୍ଜିତା ଦାସ, ରୁକ୍ମିଣୀ ଭୋଇ, ମମତା କାଣ୍ଡି, ଶ୍ରୀମାନ କାଣ୍ଡି, ବସନ୍ତ କାଣ୍ଡି, ପ୍ରଶାନ୍ତ କୁମାର ଭୋଇ, ଲକ୍ଷ୍ମୀ ସେଠୀ, ମାନସ ରଞ୍ଜନ ମହାନ୍ତି, ଟ୍ରଷ୍ଟର ସଦସ୍ୟ ତଥା ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ଟ୍ରଷ୍ଟର ସଦସ୍ୟ ମାନସ କାଣ୍ଡି ସୁରଜ ବେହେରା, ଲୁନା ସାହୁ ଓ ପଳାଶୋଳ ପଞ୍ଚାୟତ ର ସମସ୍ତ ଜନସାଧାରଣ ମିଳିତହୋଇ ସ୍ଥାନୀୟ ଶନି ମନ୍ଦିର ଠାରୁ ମାନ୍ୟବର ବିଧାୟକ ଶ୍ରୀ ଦାସଙ୍କୁ ଏକ ବିଶାଳ ମଟରସାଇକେଲ ଶୋଭାଯାତ୍ରାରେ ଉତ୍ସବ ନିକଟକୁ ଆଣିଥିଲେ। ପ୍ରଥମେ ବିଧାୟକଙ୍କ ହାତରେ ରକ୍ଷାବନ୍ଧନ କରାଯାଇ ଉତ୍ସବ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ବ୍ରଜବନ୍ଧୁ ବିଶ୍ୱାଳ, ଅନାମ ଚରଣ ବେହୁରା, ଆଦିକନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ପରିଚାଳନାରେ ସହଯୋଗ କରିଥିଲେ।

# ପୁଣି ଆରମ୍ଭ ହେଲା ସାପ୍ତାହିକ ହାଟରେ ଖୁଡୁ ଖୁଡି ଖେଳ

**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର କଚରା ପାରା, ମହଣ୍ଡ, ଜଳଙ୍ଗ ପାରା ଦାସପୁର, ଆଦି କେତେକ ସାପ୍ତାହିକ ହାଟ ରେ ଖୁଡୁ ଖେଳ ଆରମ୍ଭ ହେଇଥିବା ସୂଚନା ମିଳିଛି। ପ୍ରକାଶଥାଉ ନବରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ରାଇଘର ଓ କୁନ୍ଦେଇ ପୋଲିସର ଚଢ଼ାଉ ପରେ ଖେଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। କିଛି ଦିନ ପରେ ପୁଣି ଖେଳ ଆରମ୍ଭ ହୋଇଯାଇଛି। ଖେଳ ହେବା ଫଳରେ ନୀରିହ ଲୋକ ଖେଳ ରେ ପଇସା ହାରିଯାଇ ସର୍ବହରା ହୋଇ ଘରକୁ ଫେରି ଘରେ ଅଶାନ୍ତିର ପରିବେଶ ସୃଷ୍ଟି ହଉଛି। ରାଇଘର ସମେତ ଜିଲ୍ଲାର ହାଟ ବଜାରରେ ଖେଳ ବନ୍ଦ ହୋଇଯାଇଥିଲା।ବର୍ତ୍ତମାନ ରାଇଘର ବ୍ଲକର କେତେକ ହାଟରେ ଯୋଉ ଖେଳ ଆରମ୍ଭ ହୋଇଛି। ଏବଂ କାହା ଇସାରାରେ ଜୁଆ ଦଲାଲ ମାନେ ଖେଳ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଇଘର ଏବଂ କୁନ୍ଦେଇ ଏହା ଉପରେ ନଜର ଦେଇ ଚଢ଼ଉ କରିବା ସହ ଖେଳ କରୁଥିବା ଜୁଆ ଦଲାଲ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଶ୍ରୀଗୋପାଳଜିଉଙ୍କ ଝୁଲଣଯାତ୍ରା



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ବ୍ଲକର ଲାହାଖଣ୍ଡ ଭରତପୁର ଗ୍ରାମ ମକ୍କଦ୍ଦମ ପରିବାରର କୁଳଦେବତା ପ୍ରଭୁ ଶ୍ରୀଗୋପାଳଜୀଉଙ୍କ ଝୁଲଣ ଯାତ୍ରା ମହା ଆଡମ୍ବରରେ ପାଳିତ ହେଉଛି। ଶ୍ରୀଜୀଉଙ୍କ ମନ୍ଦିରରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜକ ସରୋଜକାନ୍ତ ପତିଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜିତ କରାଯାଇ ଝୁଲଣ ମଣ୍ଡପକୁ ବିଜେ କରାଯାଇଥିଲା। ଶ୍ରୀଜୀଉଙ୍କୁ ଝୁଲଣ ମଣ୍ଡପକୁ ବିଜେ କରାଯିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇ ଆଳତୀ ଓ ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଝୁଲଣଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ ଜମୁଛି। ଶ୍ରୀଜୀଉଙ୍କ ଏହି ଝୁଲଣଯାତ୍ରା ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଭଜନ, ଜଣାଣ ଓ କୀର୍ତ୍ତନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଶ୍ରୀଜୀଉଙ୍କ ଦାୟିତ୍ୱରେ ଥିବା ଅବସରପ୍ରାପ୍ତ ଆଇନୀ ଅଧିକାରୀ ପ୍ରବୋଧ କୁମାର ଦାସ ସୂଚନା ଦେଇଛନ୍ତି।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦ

## ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା



**କଟକ (ବ୍ୟୁରୋ) :** ଆଜି ସଭାପତି ପ୍ରଫେସର ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦର କର୍ମକର୍ତ୍ତାମାନେ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ତାଙ୍କ ଅଫିସରେ ଏକ ସୌଜନ୍ୟମୂଳକ ସାକ୍ଷାତ କରି ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ ଓ ଏକ ସ୍ମାରକ ପତ୍ର ଦେଇଥିଲେ। ରେଭେନ୍ସାର ବିକାଶ ପାଇଁ ଏହି ପରିଷଦ ଅଙ୍ଗୀକାରବଦ୍ଧ ବୋଲି ଅଧ୍ୟାପକମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ହଷ୍ଟେଲର ଆବଶ୍ୟକତା ରହିଛି ବୋଲି ଶିକ୍ଷକ ପରିଷଦ ମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶେଷକରି ଦ୍ୱିତୀୟ କ୍ୟାମ୍ପସରେ ଅଧିକ ଛାତ୍ରବାସ, ଶ୍ରେଣୀ ଗୃହ, ଲାବୋରେଟୋରୀର ଆବଶ୍ୟକତା ବିଷୟରେ ପରିଷଦ ଏହାର ଦାବୀ ଜଣାଇଥିଲା। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତିଯୋଗ୍ୟତା ବୃଦ୍ଧି ପାଇଁ ଶିଳ୍ପ ପ୍ରତିଷ୍ଠାନ ସହିତ ବିଶ୍ୱବିଦ୍ୟାଳୟଗୁଡିକର ସହଭାଗୀତା ବୃଦ୍ଧି ଓ କ୍ୟାରିଅର ପ୍ଲେସମେଣ୍ଟ ପାଇଁ ସରକାରଙ୍କ ଉଦ୍ୟମ ଆବଶ୍ୟକ ବୋଲି ଶିକ୍ଷକ ପରିଷଦ ମତ ରଖିଥିଲେକ୍ଷ ଛାତ୍ରଛାତ୍ରୀଙ୍କ ନିଯୁକ୍ତିଯୋଗ୍ୟତାକୁ ଆହୁରି ସୁଦୃଢ଼ କରିବା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା, କଂପୁଟର ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମଧ୍ୟ RVSP ପ୍ରସ୍ତାବ ଦେଇଛି। ଅଧ୍ୟାପକ ପଦବୀ ସୃଷ୍ଟି କରିବା ସହିତ ପରୀକ୍ଷାଗାର, ଶ୍ରେଣୀଗୃହ, ଆସବାବପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇବାକୁ ପରିଷଦ ଅନୁରୋଧ କରିଛି। ଏଥି ସହିତ ଭାରତୀୟ ଜ୍ଞାନ କୌଶଳ ଓ ପରମ୍ପରା ବିଷୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅଧ୍ୟାପକମାନେ ମତ ରଖିଥିଲେ। ଏହା ବ୍ୟତୀତ ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମର ସୁପରିଚାଳନା, ନିୟୋଜିତ ଅଧ୍ୟାପକମାନଙ୍କ ପାରିଶ୍ରମିକ ସଂଶୋଧନ ସମ୍ପର୍କରେ ମଧ ଦାବୀ କରିଛି। ଓଡ଼ିଶାର ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ଅବସର ଗ୍ରହଣ ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରିବାକୁ RVSP ମନ୍ତ୍ରୀଙ୍କୁ ଅନୁରୋଧ କରିଛି। UGCe ସୁପାରିଶ ଏବଂ ଦେଶର ଅନେକ ରାଜ୍ୟରେ ପ୍ରଚଳିତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯିବା ଉଚିତ ବୋଲି ପରିଷଦ ମତ ପ୍ରକାଶ କରିଛି। ଶିକ୍ଷକ ପରିଷଦ ପକ୍ଷରୁ ପ୍ରଫେସର ରଞ୍ଜନା ବାଜପାୟୀ, ପ୍ରଫେସର ବିକ୍ରମ କେଶରୀ ମିଶ୍ର, ପ୍ରଫେସର ଅଭିଷେକ ଶର୍ମା ଓ ପ୍ରଫେସର ମଲ୍ଲିକାର୍ଜୁନ ମିଶ୍ର ଏହି ଆଲୋଚନାରେ ଭାଗ ନେଇଥିଲେ।

# କୋରେଇ ବିଜେପିର ମିଶ୍ରଣ ପର୍ବ

## ଆକାଶଙ୍କ ନେତୃତ୍ୱକୁ ବିଶ୍ୱାସ କରି ଦଳରେ ସାମିଲ ହେଲେ ନେତା ଓ କର୍ମୀ



**କୋରେଇ (ଅମୃତ ମିଡିଆ) :** ଶାସକ ବିଜେପି ଦଳର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଂଚାୟତ ପ୍ରତିନିଧି ଏବଂ କର୍ମୀ। ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲେ। କାଚରାସାହି ଗ୍ରାମପଂଚାୟତ ସଭାପତିଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନ ତଥା ମାନନୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ କୋରେଇ ବ୍ଲକ୍ ଅନ୍ତର୍ଗତ କାଚରାସାହି ଗ୍ରାମପଂଚାୟତ ବିଜେଡିର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କାଚରାସାହି ଗ୍ରାମପଂଚାୟତର ରାଉତପଡା ୱାର୍ଡ ମେମ୍ବର ବଳରାମ ଜେନା, ଅନସୂୟା ମାଝୀ, ମାଳି ମାଝୀ, ସସ୍ମିତା ବାରିକ, ସରସ୍ୱତୀ ସାମଲ, ଅମିତା ବାରିକ, ରେଣୁ ମାଝୀ, ରଞ୍ଜୁ ମାଝୀ, ବବିତା ମାଝୀ, ମାଧୁରୀ ସାହୁ, ପପୁନା ମଲ୍ଲିକ, ଜଗନ୍ନାଥ ମଲ୍ଲିକ, କାଶିନାଥ ମଲିକ, ଶଙ୍କର ମଲ୍ଲିକ, ସିପୁନା ଜେନା, ସୁରେନ୍ଦ୍ର ମଲ୍ଲିକ, ଗୋଲି ମଲ୍ଲିକ, ସିଦ୍ଧାନ୍ତ ପେରେଇ, କୈଳାସ ଜେନା, ସନାତନ ପେରେଇ, ଶିବାନୀ ମଲ୍ଲିକ, ଅଭିରାମ ମଲ୍ଲିକ, ବାଇଧର ଖଟୁଆ, ବୀରବର ଖଟୁଆ, ଅରୁଣ ନାୟକ, ରଞ୍ଜନ ଖଟୁଆ, ସାଗର ଖଟୁଆ, ଏକନ ନାୟକ, ରବି ଖଟୁଆ, ଛବି ମଲ୍ଲିକ, ମିନତୀ ଜେନା, ରୁକ୍ମଣୀ ଜେନା, ରମାମଣି ଜେନା, ଭାନୁମତୀ ଜେନା, ଛବି ଜେନା, ଗୀତାଞ୍ଜଳୀ ଜେନା, ଛବି ଜେନା, ମାମିନା ଜେନା, ନର୍ମଦା ଜେନା, ପପୁ ଜେନା, ଚଗୁଲୁ ଜେନା, ଟୁନା ଜେନା, ସୁବାସ ଜେନା, ସିପୁନ ମଲ୍ଲିକ, ଲିପୁନ ମଲ୍ଲିକ, ଭାସ୍କର ଖଟୁଆ, କହ୍ନେଇ ପରିଡା, ସନ୍ତୋଷ ଖଟୁଆ, ସୁଶାନ୍ତ ଖଟୁଆ, ଗଦାଧର ଖଟୁଆ, କେଶବ ପରିଡା, ପ୍ରମୋଦ ଖଟୁଆ, ବଳରାମ ଖଟୁଆ, ମହେଶ୍ୱର ପରିଡା ପ୍ରମୁଖ କର୍ମକର୍ତା ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ସମସ୍ତ ଆଗନ୍ତୁକ କାଚରାସାହି ଗ୍ରାମପଂଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ। ବିଧାୟକ ଆକାଶ ଦାସନାୟକ ଏହି ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ କାଚରାସାହି ଗ୍ରାମପଂଚାୟତରେ ବିଜେପି ସ୍ଥିତି ଅଧିକ ସୁଦୃଢ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହା କେବଳ ଦଳ ପରିବର୍ତନ ନୁହେଁ ବରଂ ବିଶ୍ୱାସ ଓ କୋରେଇ ବିକାଶର ପ୍ରତିଫଳନ। ଆଜିର ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ୧ନଂ ଜୋନ୍ ଜିଲ୍ଲା ମଣ୍ଡଳ ପ୍ରତିନିଧି ଅଶୋକ ବାରିକ, ବିଧାୟକଙ୍କ ପ୍ରତିନିଧି ଧନେଶ୍ୱର ବାରିକ, ପାଟରଙ୍ଗା ସରପଂଚ ରଞ୍ଜନ କୁମାର ଦାସ, ମନ୍ମଥ ଜେନା, ଗୋପାଳ ଚନ୍ଦ୍ର ସାହୁ, ବସନ୍ତ କର, ପ୍ରଶାନ୍ତ କୁମାର ମଲ୍ଲିକ, ସରୋଜ କୁମାର ରାଉତ ପ୍ରମୁଖ କର୍ମକର୍ତା ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ପ୍ରାଥମିକ ଶିକ୍ଷା ବିଭାଗ ପଦୋନ୍ନତିରେ ବିଭ୍ରାଟ



**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କ ଜରୁରୀ ସଭାରେ ଏହା ସ୍ପଷ୍ଟ ହୋଇଛି ଯେ କେବଳ ଓଡ଼ିଶାର ଏକମାତ୍ର ଜିଲ୍ଲା କେନ୍ଦ୍ରାପଡ଼ାକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ଜିଲ୍ଲାରେ ପଦୋନ୍ନତି ତାଲିକାରେ ବ୍ୟାପକ ଜାଲିଆତି କରାଯାଉଛି । ସମ୍ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଓଟିଇଟିର ଯୋଗ୍ୟତାକୁ ବାଧ୍ୟତାମୂଳକ କରାଯାଇଥିବା ସ୍ଥଳେ ତାହାକୁ ଅଣଦେଖା କରାଯିବା ସହ ୧୯୯୭ ମସିହାର କ୍ୟାଡର ନିୟମ, ୨୦୧୪ର କ୍ୟାଡର ନିୟମ, ୨୦୧୯ ମସିହାର ସଂଶୋଧିତ କ୍ୟାଡର ନିୟମ, ଶିକ୍ଷା ଅଧିକାର ଅଧିନିୟମ ଆଇନ୍ ୨୦୧୯, ଏନ୍.ସି.ଟି.ଇ. ର ସ୍ପଷ୍ଟ ନିର୍ଦ୍ଦେଶ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁ.ପି.(ସି) ୧୭୬୨, ୧୩୬୧ ଏବଂ ବ୍ୟାଚ୍ କେସ୍‌ର ନିର୍ଦ୍ଦେଶକୁ ବଦଳାଇ ଏହାକୁ ନିଜ ସପକ୍ଷରେ କରାଇ ନେବାକୁ ଅପଚେଷ୍ଟା ଜାରି ରହିଛି । ଏହି ସବୁ ନିର୍ଦ୍ଦେଶରେ ଶିକ୍ଷାଅଧିକାର ଆଇନ୍ ଅନୁସାରେ କ୍ୟାଟେଗୋରୀ-୧ (ପ୍ରଥମରୁ ପଞ୍ଚମ) ଏବଂ କ୍ୟାଟେଗୋରୀ-୨ (ଷଷ୍ଠରୁ ଅଷ୍ଟମ ବିଷୟ ଭିତ୍ତିକ ନିର୍ଦ୍ଦିଷ୍ଟ ଶିକ୍ଷକ) ପଢ଼ାଇବା ସହ ପଦୋନ୍ନତିରେ ସେହି କ୍ୟାଟେଗୋରୀ ଅନୁସାରେ ଯିବା ଉଚିତ୍ ବୋଲି କୁହାଯାଇଛି । ରାଜ୍ୟ ସରକାରଙ୍କ ୨୦୧୯ ସଂଶୋଧିତ କ୍ୟାଡର ରୁଲ୍ ଅନୁସାରେ ଜଣେ ଓଟିଇଟି-୨ ଯୋଗ୍ୟତା ସହ ଶିକ୍ଷାଗତ ବି.ଏ./ବି.ଏସ୍‌ସି ଓ ବି.ଏଡ୍ ଯୋଗ୍ୟତାଧାରୀ କ୍ୟାଟେଗୋରୀ-୨ ଶିକ୍ଷକ ମୂଳ ପଦବୀରେ ଅନ୍ତର୍ଭୁକ୍ତ ହେବାକଥା । ମାତ୍ର ଗ୍ରାଜୁଏଟ୍ ଶିକ୍ଷକ କ୍ଷେତ୍ରରେ ଏହି ନିୟମକୁ ଅଣଦେଖା କରି ଅନେକ କ୍ୟାଟେଗୋରୀ-୧ରେ ଥିବା ଶିକ୍ଷକ ପରେ ଓଟିଇଟି ଓ ବି.ଏ/ବି.ଏସ୍‌ସି. ଯୋଗ୍ୟତା ହାସଲ କରି ସମସ୍ତଙ୍କ ତଳେ ରହିବାସ୍ଥଳେ ପୂର୍ବରୁ ଯୋଗ୍ୟତା ହାସଲ କରିଥିବା ଶିକ୍ଷକଙ୍କୁ ପଛରେ ପକାଇ ଆଗକୁ ଚାଲିଯାଇଛନ୍ତି ଓ ଯିବାକୁ ଚେଷ୍ଟିତବାନ୍ ଅଛନ୍ତି । ଯାହାକି ଆଇନର ସମ୍ପୂର୍ଣ୍ଣ ବିରୋଧ ଅଟେ । ସମଗ୍ର ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଚଳିତ ହେବା ସହ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବାପାଇଁ ଉଦ୍ୟମରତ ଥିବାବେଳେ ଢେଙ୍କାନାଳ ଜିଲ୍ଲା ଭଳି କେତେକ ଜିଲ୍ଲାରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପଦୋନ୍ନତିରେ ବଡ଼ ଦୁର୍ନୀତିର ଚେର ଦୃଢ଼ରୁ ଦୃଢ଼ତର ହେବାର ଶୁଣାଯାଏ । ୨୦୧୯ କ୍ୟାଡର ନିୟମ ଅନୁଯାୟୀ ପଦୋନ୍ନତି ପ୍ରକ୍ରିୟା ସମ୍ପନ୍ନ କରିବାକୁ ବିଭାଗୀୟ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଢେଙ୍କାନାଳ ଜିଲ୍ଲାରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଘଟୁଛି । ଇଣ୍ଟର-ସେ-ସିନିୟରିଟି କ୍ଷେତ୍ରରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରିହୋଇ ପଡୁଛି । ମାଟ୍ରିକ୍ ସିଟି ବା +୨ ସିଟି କରି କ୍ୟାଟେଗୋରୀ-୧ରେ ମୂଳ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀ ପରବର୍ତ୍ତୀ ସମୟରେ ଇନ୍-ସର୍ଭିସ୍, ଉଚ୍ଚତମ ଯୋଗ୍ୟତା ହାସଲ କରି କ୍ୟାଟେଗୋରୀ-୨ରେ କଳେବଳେ କୌଶଳେ ପଦୋନ୍ନତି ହାତେଇଛନ୍ତି ଏବଂ ହାତେଇବାର ଅପଚେଷ୍ଟା ଜାରି ରଖିଛନ୍ତି । ସବୁଠାରୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକିଯେ, କ୍ୟାଟେଗୋରୀ-୧ରେ ନିଯୁକ୍ତି ପାଇଥିବା ସଂଖ୍ୟାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି କାଳ ମଧ୍ୟରେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଭଳି ଅନୁଷ୍ଠାନରେ ରେଗୁଲାର ବୋର୍ଡ ବା ନିୟମିତ ଭାବରେ ଗ୍ରାଜୁଏସନ୍ କରି ମଧ୍ୟ ସେହି ସାର୍ଟିଫିକେଟ୍ ପ୍ରଡ୍ୟୁସ୍ କରି କ୍ୟାଟେଗୋରୀ-୧ ପରିବର୍ତ୍ତେ କ୍ୟାଟେଗୋରୀ-୨ରେ ପଦୋନ୍ନତି ହେଉଛନ୍ତି । ସମାନ ସମୟରେ ଉଭୟ ସରକାରୀ ଚାକିରି କରି ରାଜ୍ୟ ରାଜକୋଷରୁ ଦରମା ନେବା ସହ ଅପରପାର୍ଶ୍ୱରେ ଗ୍ରାଜୁଏସନ୍ ପାଠ ପଢ଼ିବା କିପରି ସମ୍ଭବ ତାହା ବୁଦ୍ଧିଜୀବୀ ମହଲରେ ଚିନ୍ତାର କାରଣ ହୋଇଛି । ଏହା କ'ଣ ରାଜ୍ୟ ସରକାରଙ୍କ ସର୍ଭିସ୍ ରୁଲ୍‌କୁ ବିଭ୍ରାନ୍ତ କରୁନାହିଁ କି ? ଏପରି ହେବାଦ୍ୱାରା କ୍ୟାଟେଗୋରୀ-୨ରେ ପଦୋନ୍ନତି ପାଇବାକୁ ଥିବା ସମସ୍ତ ଯୋଗ୍ୟତାଧାରୀ ବି.ଏଡ୍, ଓଟିଇଟି-୨ ଥିବା ମୂଳ ନିଯୁକ୍ତ ଶିକ୍ଷକ / ଶିକ୍ଷୟିତ୍ରୀ ନିଜ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ପଦୋନ୍ନତି ପାଇଁ ଓଟିଇଟି-୨ ପାସ୍ କରିବାକୁ ସର୍ବନିମ୍ନ ଯୋଗ୍ୟତା ଥିବା ଏବଂ ସେମାନେ ମୂଳ ନିଯୁକ୍ତ ଶିକ୍ଷକଙ୍କ ପଛକୁ ରହିବା ସ୍ଥିର ଥିବାବେଳେ ଇଣ୍ଟର-ସେ-ସିନିୟରିଟି କ୍ଷେତ୍ରରେ ଡେଟ୍ ଅଫ୍ ପବ୍ଲିକେସନ୍ ଅଫ୍ ରେଜଲ୍ଟ (ଓଟିଇଟି)କୁ ଫୁ କରିଦିଆଯାଇଛି । କିନ୍ତୁ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ଏଭଳି ହୀନକାର୍ଯ୍ୟରେ ଲିପ୍ତ ରହି ଷଡ଼ଯନ୍ତ୍ର ରଚୁଥିବାର ଜନରବ ହେଉଛି । ଏ ସମ୍ବନ୍ଧରେ ପୂର୍ବରୁ ବହୁବାର ତଥ୍ୟ ପ୍ରମାଣ ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବର୍ତ୍ତମାନ ସମୟରେ ହେବାକୁ ଯାଉଥିବା ଗ୍ରାଜୁଏଟ୍ ଟିଚରରୁ ଲେଭୁଲ୍-୩କୁ ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଏହି ଘଟଣାର ପୁନରାବୃତ୍ତି ହେଉଥିବାର ଶୁଣାଯାଏ । ଗତ ତା ୨୧.୦୮.୨୦୨୬ରିଖରେ ଜିଲ୍ଲା ଶିକ୍ଷାଧିକାରୀ, ଢେଙ୍କାନାଳଙ୍କ ପତ୍ରାଙ୍କ ନଂ-୭୭୮୪ ତା ୨୧.୦୮.୨୦୨୬ରିଖରେ ଇନ୍‌ସର୍ଭିସ୍ ଉଚ୍ଚଯୋଗ୍ୟତାଧାରୀ ଶିକ୍ଷକଙ୍କ ସମସ୍ତ ଡକ୍ୟୁମେଣ୍ଟ ସହ ବ୍ୟକ୍ତିଗତ ତଥ୍ୟ ପ୍ରତି ବ୍ଲକକୁ ମାଗିଥିଲେ । ମାତ୍ର ଏହାକୁ କାର୍ଯ୍ୟକାରୀ ନ କରି ଅଧିକାରୀ ମହୋଦୟଙ୍କୁ ବଦନାମ୍ କରିବା ପାଇଁ ନିଚ୍ଛକ ଷଡ଼ଯନ୍ତ୍ର କରାଯାଇଥିବାର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ପ୍ରାଥମିକ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆପଣଙ୍କୁ ବିନମ୍ର ନିବେଦନ କରୁକି, ଆପଣଙ୍କ ଦୈନିକ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମ ମାଧ୍ୟମରେ ମାନନୀୟ ମୁଖ୍ୟମନ୍ତ୍ରୀ, ଓଡ଼ିଶା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ଜିଲ୍ଲାପାଳ, ଢେଙ୍କାନାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ, ଢେଙ୍କାନାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ୨୦୧୯ ସଂଶୋଧିତ କ୍ୟାଡରର ସମସ୍ତ ନୀତି, ନିୟମକୁ ପ୍ରତିପାଳନ ସହ ସଠିକ୍ ପଦୋନ୍ନତି ତାଲିକା ପୁନଃ ପ୍ରକାଶିତ ହେଉ ଏବଂ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀ ଏକ ନିର୍ଦ୍ଦିଷ୍ଟ ସମୟରେ ଉଭୟ ରେଗୁଲାର ସର୍ଭିସ୍ କରି ସରକାରଙ୍କ ତହବିଲ୍‌ରୁ ଦରମା ନେବା ସହ ସେହି ସମୟରେ ଗ୍ରାଜୁଏସନ୍ ପାଠ ପଢିବାର ପାସ୍ ସାର୍ଟିଫିକେଟ୍ ହାତେଇଛନ୍ତି, ସେମାନଙ୍କୁ ଅବିଳମ୍ବେ ଗ୍ରେଡେସନ୍ ତାଲିକାରୁ ବାଦ୍ ଦିଆଯାଉ । ଶିକ୍ଷକ/ଶିକ୍ଷୟିତ୍ରୀଙ୍କଠାରୁ ଆରମ୍ଭ କରି କାର୍ଯ୍ୟାଳୟ କର୍ମଚାରୀ ପର୍ଯ୍ୟନ୍ତ ଯେଉଁମାନେ ଦୁର୍ନୀତିରେ ଲିପ୍ତ ରହି ଢେଙ୍କାନାଳ ଜିଲ୍ଲା ପ୍ରାଥମିକ ଶିକ୍ଷାକୁ ଦିଗହରା କରି କୋମଳମତି ଶିଶୁମାନଙ୍କର ଭବିଷ୍ୟତକୁ ନଷ୍ଟ କରୁଛନ୍ତି ତଥା ଗୁଣାତ୍ମକ ଶିକ୍ଷାରେ ବାଧକ ସାଜୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟସଂଘ ତରଫରୁ ରାଜ୍ୟସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ଦାସ, ରାଜ୍ୟସଭାପତି ଅଜୟ କୁମାର ଧଳ ଓ ରାଜ୍ୟ ସାଧାରଣ ସମ୍ପାଦକ ଡ. ଦେବେନ୍ଦ୍ର କୁମାର ନାୟକ ଦାବି ରଖିଛନ୍ତି । ଏହିଭଳି ସାରା ରାଜ୍ୟରେ ଯେପରି ପଦୋନ୍ନତି ପ୍ରକ୍ରିୟାରେ କୌଣସି ବ୍ୟତିକ୍ରମ ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ନିବେଦନ ରଖାଯାଇଛି । ଯଦି ଏଥିରେ ବ୍ୟତିକ୍ରମ ଦେଖାଦିଏ, ତେବେ ଆମେ ବାଧ ହୋଇ ମାନବିକ ଅଧିକାର ଆୟୋଗ, ଓଡ଼ିଶା ରାଜ୍ୟ ଭିଜିଲାନ୍ସ ବିଭାଗ ତଥା ରାଜ୍ୟ ଉଚ୍ଚନ୍ୟାୟାଳୟଙ୍କ ଆଶ୍ରୟ ନେବା ସହ ବାଧହୋଇ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଠପଢାରୁ ବିରତ ରହିବୁ ଏବଂ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିବୁ ।

# ଆମାଜନ ଡଟ୍ ଇନରେ ବେଷ୍ଟ୍ ଇନ ଟେକ୍ ସର୍ଭେ ଫଳାଫଳ ପ୍ରକାଶ

**ଭୁବନେଶ୍ୱର (ବ୍ୟୁରୋ) :** ଆମାଜନ ପକ୍ଷରୁ ଆଜି ଉଦ୍‌ଘାଟନୀ ବେଷ୍ଟ ଇନ ଟେକ୍ ସର୍ଭେର ଫଳାଫଳର ୨ୟ ସେଟ୍ ପ୍ରକାଶ କରାଯାଇଛି । ଏହି ସର୍ଭେ ଅନୁଯାୟୀ ସ୍ମାର୍ଟଫୋନ୍ ଫଳାଫଳ ଏଆଇକୁ ଏକ ମୌଳିକ ଆକାଂକ୍ଷା ଭାବେ ପ୍ରକାଶ କରିଥିବା ବେଳେ କମ୍ପ୍ୟୁଟିଂ ବର୍ଗ ଏଆଇ ଉତ୍ସାହୀଙ୍କ ମଧ୍ୟରେ ଶୀର୍ଷରେ ରହିଛି । ପ୍ରୋସେସର୍ କାର୍ଯ୍ୟଦକ୍ଷତା ହେଉଛି ଲାପଟପ୍ କ୍ରେତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରୟ ପରିଚାଳକ କାରଣ ୮୭% ଉତରଦାତା ଏହାକୁ ପ୍ରଥମ ସ୍ଥାନରେ ରଖିଛନ୍ତି । ଏଠାରେ ସର୍ବେକ୍ଷଣ କରାଯାଇଥିବା ଯେକୌଣସି ବର୍ଗ ଅପେକ୍ଷା ଏଆଇ ଉତ୍ସାହୀଙ୍କ ସଂଖ୍ୟା ସର୍ବାଧିକ ରହିଛି । ୫୮% ଲାପଟପ୍ କ୍ରେତା ଆଗାମୀ ଏଆଇ ଫିଚରଗୁଡ଼ିକୁ ସେମାନଙ୍କର ଉତ୍ପାଦକତା ପାଇଁ ଅତ୍ୟନ୍ତ ଉପଯୋଗୀ ବୋଲି କହିଛନ୍ତି । ଟାବଲେଟ୍ କ୍ରେତାଙ୍କ ପାଇଁ ମଧ୍ୟ ପ୍ରାଥମିକତା ସମାନ ରହିଛି ଏବଂ ୭୪% ଡିସ୍‌ପ୍ଲେ କ୍ୱାଲିଟିକୁ ପ୍ରଥମ ସ୍ଥାନରେ ରଖିଛନ୍ତି । ସମସ୍ତ ପ୍ରମୁଖ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବର୍ଗରେ ୪୦,୦୦୦ରୁ ଅଧିକ ପ୍ରତିକ୍ରିୟାରୁ ଏହି ଫଳାଫଳ ହାସଲ କରାଯାଇଛି ଏବଂ ଆମାଜନ ଡଟ୍ ଇନରେ ସିଲେକ୍ସନରେ ସାମିଲ କରାଯାଇଛି । ଏଥିସହିତ ବେଷ୍ଟ ଇନ୍ ଟେକ୍ ଆୱାର୍ଡ ପାଇଁ ମଧ୍ୟ କାର୍ଯ୍ୟସୂଚୀ ସ୍ଥିର କରାଯିବ ଯାହା ଆସନ୍ତା ସେପ୍ଟେମ୍ବର ୧୮, ୨୦୨୬ ରେ ଏହାର ଦ୍ୱିତୀୟ ସଂସ୍କରଣ ପାଇଁ ପୁଣିଥରେ ଫେରିବ । ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ ଜେବା ଖାନ୍ କହିଛନ୍ତି, ଲାପଟପ୍ ହେଉଛି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ସବୁଠାରୁ ଅଧିକ ଗବେଷଣା କରାଯାଇଥିବା ଉତ୍ପାଦ ମଧ୍ୟରୁ ଗୋଟିଏ । ଗ୍ରାହକମାନେ ଡିଭାଇସ୍ କିପରି ବ୍ୟବହାର କରିବେ ତାହା ଉପରେ ଆଧାର କରି ନିର୍ଦ୍ଦିଷ୍ଟ କନ୍‌ଫିଗରେସନ କ୍ଷମତା ଖୋଜିଥାନ୍ତି ଏବଂ ଲୋକମାନେ ଅଧିକ ସମୟ ପାଇଁ ଲାପଟପ୍ ବ୍ୟବହାର କରୁଥିବାରୁ, ସେମାନେ କ୍ରୟ ପୂର୍ବରୁ ସମ୍ପୂର୍ଣ୍ଣ ତୁଳନା କରିଥାନ୍ତି । ସର୍ଭେ ଆମେ ଜାଣିବାକୁ ପାଇଛୁ ଯେ, ଏହି କ୍ରେତାମାନଙ୍କ ପାଇଁ ସ୍ପେଶିଫିକେସନ ଏକ ବ୍ରାଣ୍ଡ ନାମ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା ପ୍ରତ୍ୟେକ ନିର୍ମାତାଙ୍କ ପାଇଁ ଏକ ରୋମାଂଚକର ସୁଯୋଗ । ଏଆଇ ମଧ୍ୟ ଏକ ସ୍ପଷ୍ଟ ଆବଶ୍ୟକତା ଭାବରେ ଉଭା ହୋଇଛି ଯାହା ଅନ୍-ଡିଭାଇସ୍ ଆସିଷ୍ଟାଂଟ ଏବଂ ଏଆଇ-ପ୍ରୋସେସିଂ ଚିପ୍ସକୁ ସେମାନଙ୍କ ୱିଶ୍ ଲିଷ୍ଟର ଶୀର୍ଷରେ ରଖିଛି । ବେଷ୍ଟ ଇନ୍ ଟେକ୍ ସର୍ଭେ ଆମକୁ ଗ୍ରାହକମାନଙ୍କଠାରୁ ସିଧାସଳଖ ସ୍ପଷ୍ଟ ତଥ୍ୟ ପ୍ରଦାନ କରିଛି ଏବଂ ବେଷ୍ଟ ଇନ୍ ଟେକ୍ ପୁରସ୍କାର ଆଗାମୀ ପାର୍ବଣ ଋତୁରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁଥିବା ବ୍ରାଣ୍ଡଗୁଡ଼ିକୁ ଚିହ୍ନଟ କରିବ ।

# ଉଦ୍ୟୋଗୀ ବିକାଶ ଅଭିଯାନ ଓ ଆଲୋଚନାଚକ୍ର




**ଭୁବନେଶ୍ୱର (ବ୍ୟୁରୋ) :** ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଓଡିଶା ଉଦ୍ୟୋଗୀ ପରିବାରର ମାସିକ ସମୀକ୍ଷା ବୈଠକ ଅଧ୍ୟକ୍ଷ ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ପରିବାରର ପ୍ରତିଷ୍ଠାତା ତଥା ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମା,ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଯୁବ ଉଦ୍ୟୋଗୀ ଅମିତାଭ ସ୍ୱାଇଁ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସମାଧାନ ସହ ଓଡିଶା ଅନନ୍ତ ପ୍ରତିଭାର ଅଧିକାରୀ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତ ଓଡ଼ିଆଙ୍କୁ ଏକତ୍ରିତ କରି ନିଷ୍ଠା, ପରିଶ୍ରମ ଓ ଉଦ୍ୟମ ଅବ୍ୟାହତ ରଖିଲେ ଉଦ୍ୟୋଗ ଶିଳ୍ପ ଆହୁରି ସମୃଦ୍ଧ ହୋଇ ପାରିବ ବୋଲି ମତ ରଖିବା ସହିତ ଯୌଥ ପରିବାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଉଦ୍ୟୋଗୀଙ୍କ ସମ୍ମାନ, ସୁରକ୍ଷା ସମୃଦ୍ଧି ଉପରେ ଅଧ୍ୟକ୍ଷ ଶ୍ରୀ ମିଶ୍ର ଗୁରୁତ୍ୱାରୋପ ସହ ପ୍ରତି ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ର ନିର୍ମାତା ବୋଲି ମତବ୍ୟକ୍ତ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ଉଦ୍ୟୋଗୀ ସମୂହ ନିଜ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ପରିବାର ସଦସ୍ୟଙ୍କ ସହିତ ଉଦ୍ୟୋଗୀ ସୀତାଂଶୁ ଶେଖର ମହାରଣା, ନୀଳୟକାନ୍ତ ନାୟକ, ବିପି ସିଂ ମନୋରଞ୍ଜନ ବାରିକ, ସତ୍ୟଜିତ ପରିଜା ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରୁ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଶୁଭାରମ୍ଭ



**ଭୁବନେଶ୍ୱର (ବ୍ୟୁରୋ) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ 'ସେବା ସଂକଳ୍ପ ଅଭିଯାନ' ସମଗ୍ର ଦେଶରେ ଆୟୋଜନ କରାଯିବ । ଆସନ୍ତା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମାସବ୍ୟାପୀ ଅଭିଯାନରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରି ବିଭିନ୍ନ ଜନକଲ୍ୟାଣ ଓ ସେବାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ମାସବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନକୁ ସଫଳ କରିବା ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମାନ୍ୟବର ମନ୍ତ୍ରୀ ରବି ନାରାୟଣ ନାଏକ, ଡ.ମୁକେଶ ମହାଲିଙ୍ଗ, ସଂପଦ ଚରଣ ସ୍ୱାଇଁଙ୍କ ସମେତ ରାଜ୍ୟ ପଦାଧିକାରୀ, ସମସ୍ତ ଜିଲ୍ଲା ସଭାପତି ଏବଂ ପ୍ରଭାରୀ, ରାଜ୍ୟ ଓ ଜିଲ୍ଲାର ସଂଯୋଜକମଣ୍ଡଳୀ ଯୋଗ ଦେଇଥିଲେ । ଏହି ଅଭିଯାନକୁ ସଫଳ କରିବା ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସଂଯୋଜକ ଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ସୀମାଂଚଳ ଖଟେଇ ଓ ବରିଷ୍ଠ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ ସହ-ସଂଯୋଜକ ଅଛନ୍ତି । ସେହିପରି କମିଟିରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଇରାସିସ ଆଚାର୍ଯ୍ୟ, ପ୍ରତାପ ନାୟକ, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ସଦସ୍ୟ ଅଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । "ସେବା ସଂକଳ୍ପ ଅଭିଯାନ" ସଂପର୍କରେ ସୂଚନା ଦେଇ ଡା.ମହାପାତ୍ର କହିଛନ୍ତି ଯେ, ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି "ସେବା ହିଁ ସଂକଳ୍ପ, ସେବା ହିଁ ସମର୍ପଣ" ଭାବନାକୁ ଜନମାନସରେ ଅଧିକ ସୁଦୃଢ଼ କରିବା । ଗରିବ, ଅସହାୟ, ମହିଳା, ଯୁବ, କୃଷକ ଓ ବଂଚିତ ବର୍ଗଙ୍କ ନିକଟରେ ସେବା ପହଁଚାଇବା ସହିତ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ସେପ୍ଟେମ୍ବର ୧୭ ତାରିଖ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସନ୍ଧ୍ୟାରେ ଘରକୁ ଯାଇ "ଆଶୀର୍ବାଦର ଦୀପ" ପ୍ରଜ୍ୱଳନ କରାଯିବ । ପ୍ରତ୍ୟେକ ଦୀପ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ଜନସେବା ପ୍ରତି କୃତଜ୍ଞତାର ପ୍ରତୀକ ହେବା ସହିତ "ବିକଶିତ ଭାରତ ୨୦୪୭" ପାଇଁ ସାମୂହିକ ସଂକଳ୍ପର ପ୍ରତୀକ ହେବ । ସେହିପରି ରାଜ୍ୟ, ଜିଲ୍ଲା ଓ ବ୍ଲକମାନଙ୍କରେ ରକ୍ତଦାନ ଶିବିର ଏବଂ ଅନ୍ୟାନ୍ୟ ସେବା କାର୍ଯ୍ୟମାନ ଆୟୋଜନ କରାଯିବ । ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା କରାଯାଇଥିବା ଜନସେବା କାର୍ଯ୍ୟ ଏବଂ ବିକଶିତ ଭାରତର ଦୃଷ୍ଟିକୋଣ ସମ୍ପର୍କିତ ସୂଚନା ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟମାନଙ୍କରେ ବିଭିନ୍ନ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯିବ । ନମୋ ସେବା ଗାଥା କାର୍ଯ୍ୟକ୍ରମ ଜରିଆରେ ବିଗତ ୨୫ ବର୍ଷର ସେବା କାର୍ଯ୍ୟ, ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଏବଂ ଦେଶରେ ଆସିଥିବା ପରିବର୍ତ୍ତନର କାହାଣୀକୁ ସରଳ, ଭାବପ୍ରବଣ ଓ ସଙ୍ଗୀତମୟ ନାଟ୍ୟ ପରିବେଷଣ ଏବଂ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ଗାଁରୁ ଗାଁକୁ ପହଁଚାଯିବ । ଏହି କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ବିଦ୍ୟାଳୟ, ମହାବିଦ୍ୟାଳୟ, ପଂଚାୟତ, ସାମୁଦାୟିକ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନମାନଙ୍କରେ ଆୟୋଜନ କରାଯିବ ।

# ନୋଭା ୨ ପାୱାର୍ ଘୋଷଣା କରିଛି ଏଆଇ+ ସ୍ମାର୍ଟଫୋନ

ଭୁବନେଶ୍ୱର (ବ୍ୟୁରୋ) : ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ମାଧ୍ୟମରେ ଏହାର ନୋଭା ୨ ସିରିଜରେ ନୂତନ ସ୍ମାର୍ଟଫୋନ ନୋଭା ୨ ପାୱାର୍‌ର ଘୋଷଣା କରାଯାଇଛି । ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ଏହାର ବଜାର ଡେବ୍ୟୁ ପୂର୍ବରୁ ଡିଭାଇସର ଡିଜାଇନ, କଲର ଓ ଚିପ୍‌ସେଟକୁ ଉନ୍ମୋଚନ କରିଛି । ଏହି କାର୍ଯ୍ୟକ୍ରମ ଉପଭୋକ୍ତାଙ୍କ ନିକଟରେ ପହଂଚିବା ପୂର୍ବରୁ ନୋଭା ୨ ପାୱାରକୁ ସ୍ୱାଧୀନ ଭାବେ ପରୀକ୍ଷଣ କରିବା ପାଇଁ ସମୀକ୍ଷକ, କ୍ରିଏଟର, ସାମ୍ବାଦିକ, ଟେକ୍ନୋଲୋଜି ଉତ୍ସାହୀ ଓ ଏଥିକାଲ ହ୍ୟାକରମାନଙ୍କୁ ଆମନ୍ତ୍ରଣ କରିଛି । ୭୦୦ରୁ ଅଧିକ ପଞ୍ଜୀକରଣ ହାସଲ କରିଥିବା ପ୍ରୋଜେକ୍ଟ ଓପନ ରିଭ୍ୟୁର ପ୍ରଥମ ସଂସ୍କରଣ ଉପରେ ଆଧାରିତ, ଓପନ ରିଭ୍ୟୁ ୨.୦ ପ୍ରଥମ ଥର ପାଇଁ ଏଥିକାଲ ହ୍ୟାକରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅଂଶଗ୍ରହଣକୁ ବିସ୍ତାର କରିଛି । ନୋଭା ୨ ପାୱାରର ଡିଜାଇନକୁ ଦୁଇଟି ଡୁଆଲ କଲର ଫ୍ୟୁଜନ ଫିନିଶ, ଗୋଲ୍ଡେନ ବ୍ଲୁ ଫ୍ୟୁଜନ ଓ ବ୍ଲ୍ୟୁ ଫ୍ୟୁଜନ ମାଧ୍ୟମରେ ଆକର୍ଷଣୀୟ କରାଯାଇଛି । ନୋଭା ୨ ପାୱାର ମିଡିଆଟେକ ଡାଇମେନସିଟି ୭୧୦୦ ଉପରେ ପରିଚାଳିତ ଏବଂ ଏକ ୬ଏନଏମ ପ୍ରୋସେସ ଉପରେ ନିର୍ମିତ ଯାହାକୁ ସ୍ଥାୟୀ କାର୍ଯ୍ୟଦକ୍ଷତା ଓ ଶକ୍ତି ଦକ୍ଷତାର ଏକ ସନ୍ତୁଳନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ଲଂଚ ଅବସରରେ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଏବଂ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠ୍ କହିଛନ୍ତି, "ନୋଭା ୨ ପାୱାର ନୋଭା ସିରିଜର ପରବର୍ତ୍ତୀ ବିବର୍ତ୍ତନର ପ୍ରତିନିଧିତ୍ୱ କରୁଛି ଯାହା କାର୍ଯ୍ୟଦକ୍ଷତା ଓ ଏକ ଡିଜାଇନ ପରିଚୟକୁ ଏକାଠି କରିଛି । ଡାଇମେନସିଟି ୭୧୦୦ ଏହାକୁ କାର୍ଯ୍ୟଦକ୍ଷତା ମୂଳଦୁଆ ପ୍ରଦାନ କରୁଥିବା ବେଳେ ଆମର ନୂତନ କଲର ଫ୍ୟୁଜନ ଫିନିଶ ଡିଭାଇସକୁ ବୈଶିଷ୍ଟ୍ୟତା ବାହାରେ ସ୍ୱତନ୍ତ୍ର ଉପସ୍ଥିତି ସୃଷ୍ଟି କରିବା ପାଇଁ ଅନୁମତି ଦେଉଛି । ଆମେ ଏହା ମଧ୍ୟ ବିଶ୍ୱାସ କରୁଛୁ ଯେ, ଏକ ଉତ୍ପାଦ ନିଜ ପାଇଁ ଉପଭୋକ୍ତା ହାସଲ କରିବା ପୂର୍ବରୁ ପ୍ରଥମେ ସେମାନଙ୍କର ବିଶ୍ୱାସ ଜିତିବା ଉଚିତ । ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ସହିତ ଆମେ ନୋଭା ୨ ପାୱାରକୁ ଉପଭୋକ୍ତାଙ୍କ ନିକଟରେ ପହଂଚିବା ପୂର୍ବରୁ ପରୀକ୍ଷଣ କରିବା ପାଇଁ ରଖିଛୁ ।

# କୃତ୍ରିମ ବୁଦ୍ଧିମତା ଓ ମାନବିକୀ ବିଜ୍ଞାନ ମଧ୍ୟରେ ସେତୁ ସ୍ଥାପନ କର୍ମଶାଳା



ଭୁବନେଶ୍ୱର (ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତଃବିଷୟକ କର୍ମଶାଳାରେ କୃତ୍ରିମ ବୁଦ୍ଧିମତା (ଏଆଇ), ମାନବିକୀ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନର ଉଦୀୟମାନ ସମନ୍ୱୟ ଓ ପାରସ୍ପରିକ ସଂପର୍କକୁ ନେଇ ବିଷଦ ଆଲୋଚନା ମାଧ୍ୟମରେ ନୂତନ ଦିଗ ଉନ୍ମୋଚିତ ହୋଇଛି । ଆଇଟିଇଆରର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗ ପକ୍ଷରୁ ଅଗଷ୍ଟ ୨୧ ଓ ୨୨ ଦୁଇ ଦିନ ଧରି ଆୟୋଜିତ 'ଏଆଇ ଆଣ୍ଡ ହ୍ୟୁମାନିଟିଜ୍: ବ୍ରିଜିଂ କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଇନ୍ ହ୍ୟୁମାନିଟିଜ୍' ଶୀର୍ଷକ କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ମାନବିକୀ ବିଜ୍ଞାନ ଓ ଡାଟା ସାଇନ୍ସ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ସହିତ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତାର ଉଦୀୟମାନ ପ୍ରଯୁକ୍ତି ସଂପର୍କରେ ପରିଚିତ କରାଇବା ଏହି କର୍ମଶାଳାର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ଶିକ୍ଷା, ଗବେଷଣା, ଭାଷା, ସାହିତ୍ୟ, ଇତିହାସ ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଏଆଇର ପ୍ରୟୋଗ ସଂପର୍କରେ ଆଲୋଚନା ହେବା ସହ ଏଆଇ ସାକ୍ଷରତା ଏବଂ ଦାୟିତ୍ୱବୋଧପୂର୍ଣ୍ଣ କୃତ୍ରିମ ବୁଦ୍ଧିମତା ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା । କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଭାରତୀୟ ବିଦ୍ୟା ଭବନର ଏମେରିଟସ୍ ପ୍ରଫେସର ପ୍ରଫେସର କେ. ସି. ମିଶ୍ର ଏବଂ ଦି ପାୟୋନିୟରର ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ଚୌଧୁରୀ କହିଥିଲେ ଯେ ମାନବୀୟ ମୂଲ୍ୟବୋଧ ଓ ସୃଜନଶୀଳତାକୁ କେବେହେଲେ କୃତ୍ରିମ ବୁଦ୍ଧିମତା ପ୍ରତିସ୍ଥାପିତ କରିପାରିବ ନାହିଁ । ବୁଦ୍ଧିମତା କେବେ କୃତ୍ରିମ ହୋଇପାରିବ ନାହିଁ ବୋଲି ମତ ଦେଇ ସେ କହିଥିଲେ ଯେ କୃତ୍ରିମ ବୁଦ୍ଧିମତା ହେଉଛି ଏକ ସାଧନ, ଯାହା ମାନବର କାର୍ଯ୍ୟକୁ ସହଜ ଓ ଦ୍ରୁତ କରିଥାଏ । ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଡକ୍ଟର ପ୍ରାଚୀଶ୍ରୀ ମିଶ୍ର ପରିଚାଳନା କରିଥିବା ବେଳେ ମୁଖ୍ୟ ସଂଯୋଜିକା ଓ କନ୍‌ଭେନର ଡକ୍ଟର ସ୍ୱୟଂପ୍ରଭା ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡକ୍ଟର ସ୍ଥିତପ୍ରଜ୍ଞା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଶିକ୍ଷାଭିତିକ ଅଧିବେଶନରେ ଆଇଆଇଟି ଖଡ଼ଗପୁରର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗର ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ ମାନବ ଆଚରଣକୁ ବୁଝିବା କ୍ଷେତ୍ରରେ ବ୍ୟବହାରଗତ ବିଜ୍ଞାନ ସହ ଏଆଇର ପ୍ରାସଙ୍ଗିକତା ଏବଂ ଏହାର ବିଭିନ୍ନ ପ୍ରୟୋଗ ସଂପର୍କରେ ଆଲୋଚନା କରିଥିଲେ । ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଶିଖା ଭରଦ୍ୱାଜ ଅନ୍ୟତମ ଅଧିବେଶନରେ ମାନବିକୀ ଗବେଷଣାରେ କଂପ୍ୟୁଟେସନାଲ ପଦ୍ଧତି ଓ ଏଆଇର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ସାହିତ୍ୟ, ଭାଷା, ଇତିହାସ, ସଂସ୍କୃତି ଓ ଯୋଗାଯୋଗ କ୍ଷେତ୍ରରେ ଏଆଇର ପ୍ରୟୋଗ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । 'ଏଥିକ୍ସ ଆଣ୍ଡ ରେସ୍‌ପନ୍ସିବଲ ଏଆଇ' ଶୀର୍ଷକ ଅଧିବେଶନରେ ଆଇଆଇଆଇଟି ଭୁବନେଶ୍ୱରର କଂପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ରାକେଶ ଚନ୍ଦ୍ର ବଳବନ୍ତରାୟ ଏଆଇ କ୍ଷେତ୍ରରେ ପକ୍ଷପାତ, ନ୍ୟାୟସଙ୍ଗତତା, ଗୋପନୀୟତା, ଶିକ୍ଷାଗତ ସତ୍ୟନିଷ୍ଠା, ହାଲୁସିନେସନ୍, ଦାୟିତ୍ୱବୋଧପୂର୍ଣ୍ଣ ବ୍ୟବହାର ଏବଂ ମାନବୀୟ ତତ୍ତ୍ୱାବଧାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତ ରଖିଥିଲେ । ଏହି କର୍ମଶାଳାର ବିଶେଷତ୍ୱ ଥିଲା ଏହାର ପ୍ରକୃତ ଆନ୍ତଃବିଷୟକ ଦୃଷ୍ଟିଭଙ୍ଗୀ । ଏଆଇକୁ କେବଳ ଏକ ପ୍ରଯୁକ୍ତିଗତ ଉଦ୍‌ଭାବନ ଭାବେ ଦେଖିବା ପରିବର୍ତ୍ତେ ଏହାର ବ୍ୟବହାର ଓ ପ୍ରଭାବକୁ ବ୍ୟବହାରଗତ ବିଜ୍ଞାନ, ସାହିତ୍ୟ, ଭାଷା, ସଂସ୍କୃତି, ଯୋଗାଯୋଗ, ନୈତିକତା, ଗବେଷଣା ଓ ଏଥ୍ନୋଗ୍ରାଫି ଭଳି ବିଭିନ୍ନ କ୍ଷେତ୍ରରେ ଅନୁଧ୍ୟାନ କରାଯାଇଥିଲା । କର୍ମଶାଳାରେ ଏଆଇର ଦାୟିତ୍ୱବୋଧପୂର୍ଣ୍ଣ ଓ ମାନବକେନ୍ଦ୍ରିକ ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଆଇକୁ କେବଳ ପ୍ରଯୁକ୍ତିଗତ ସାଧନର ସମାହାର ଭାବେ ନ ଦେଖି ଏହାକୁ ସାମାଜିକ, ସାଂସ୍କୃତିକ, ନୈତିକ ଓ ବୌଦ୍ଧିକ କ୍ଷେତ୍ରରେ ସୁଦୂରପ୍ରସାରୀ ପ୍ରଭାବ ପକାଉଥିବା ଏକ ଉଦୀୟମାନ ଶକ୍ତି ଭାବେ ବୁଝିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା । ଶେଷ ଶିକ୍ଷାଭିତିକ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କଂପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ମାନସ ରଞ୍ଜନ ପାତ୍ର 'କମ୍ପ୍ୟୁଟେସ୍‌ନାଲ୍ ଏଆଇ ଆଣ୍ଡ ଡିଜିଟାଲ୍ ଏଥନୋଗ୍ରାଫି: ଫ୍ରମ୍ ଡିଜିଟାଲ୍ ଫୁଟପ୍ରିଂଟ ଟୁ ହ୍ୟୁମାନିଟିଜ୍' ବିଷୟ ଉପରେ ଆଲୋଚନା କରିଥିଲେ । ମାନବିକୀ ଗବେଷଣାରେ କଂପ୍ୟୁଟେସନାଲ ଏଆଇର ପ୍ରୟୋଗ, ଏଆଇ ସହାୟତାପ୍ରାପ୍ତ ଏକାଡେମିକ ଯୋଗାଯୋଗ ଏବଂ ଏଥ୍ନୋଗ୍ରାଫିକ ଗବେଷଣାରେ କଂପ୍ୟୁଟେସନାଲ ପଦ୍ଧତି ସଂପର୍କରେ ସେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ଅଧିବେଶନରେ ସୋଆ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଲା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଫେସର ପାତ୍ର ସମ୍ମାନିତ ଅତିଥି ଥିଲେ । ଡକ୍ଟର ମୌସୁମୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡକ୍ଟର ସ୍ୱୟଂ ପ୍ରଭା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଚପନ୍ ସ୍କୁଲ ପରିସରରେ ରକ୍ଷାବନ୍ଧନ ଉତ୍ସବ


















## ଘୋଡ଼ା ବଜାର ସରସ୍ୱତୀ ଶିଶୁମନ୍ଦିରରେ ରକ୍ଷାବନ୍ଧନ





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.129, Friday, 28 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୯, ଶୁକ୍ରବାର, ୨୮ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


